ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧୫/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 15/2025 Page 16 ₹ 7.00
୫୧ଶ ଭାଗ ୨୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 200 ମୂଲ୍ୟ₹୭/-




ଇଂଲଣ୍ଡର ଲର୍ଡ୍ସଠାରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟ୍ରଫି ସହ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା।

# ଯାଜପୁର: ୧୧ ନମୁନାରେ ହଇଜା ପଜିଟିଭ

ଯାଜପୁର/ଭୁବନେଶ୍ୱର,୧୪।୬
(ହର୍ଷବର୍ଦ୍ଧନ ବେହେରା/ବନ୍ଦନା ସେଠୀ)

- ମୃତ୍ୟୁସଂଖ୍ୟା ୧୩ ହେଲା
- ରଜରେ ସାମୂହିକ ଭୋଜିଭାତ ଉପରେ କଟକଣା
- ପରିଦର୍ଶନରେ ଆସିବେ ୧୪ ଜଣିଆ କେନ୍ଦ୍ରୀୟ ଟିମ୍

ଯାଜପୁର ଜିଲାରେ ଡାଇରିଆ ବ୍ୟାପିଥିବାବେଳେ ମୋଟ ୬୨ ନମୁନା ମଧ୍ୟରୁ ୧୧ଟିରେ ହଇଜା (କଲେରା) ପଜିଟିଭ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଶୁକ୍ରବାର ୪୧ ନମୁନା ମଧ୍ୟରୁ ୮ଟିରେ ଏବଂ ଶନିବାର ୨୧ ନମୁନା ମଧ୍ୟରୁ ୩ଟିରେ ହଇଜା ଜୀବାଣୁ ଚିହ୍ନଟ ହୋଇଛି। ତେବେ ଲୋକେ ଭୟଭୀତ ହେବା ଆଶଙ୍କା କରି କେଉଁ ଅଞ୍ଚଳରେ ହଇଜା ପଜିଟିଭ ରୋଗୀ ଅଛନ୍ତି ସେନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଆକ୍ରାନ୍ତଙ୍କ ଝାଡ଼ା ନମୁନା ପରୀକ୍ଷା କରାଗଲେ ଆହୁରି ହଇଜା ପଜିଟିଭ ବାହାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ଡିଏମ୍‌ଓ) ପ୍ରକାଶ ଚନ୍ଦ୍ର ବଳ ସୂଚନା ଦେଇଛନ୍ତି। ଶନିବାର ଦାନଗଦି ବ୍ଲକ୍ ଉଚ୍ଚବାଲି ପଞ୍ଚାୟତ ତରଇଲୋ ଗ୍ରାମର ଗେଲେଇ ପାତ୍ର (୭୨)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ ଅଦ୍ୟାବଧି ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ସେଥିରେ କେବଳ ତରଇଲୋ ଗ୍ରାମର ୪ ଜଣ ରହିଛନ୍ତି। ଶନିବାର ସୁଦ୍ଧା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୪ ଏବଂ ଧର୍ମଶାଳାରେ ୫୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ବୃନ୍ଦା ଡି. ଯାଜପୁର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲାପାଳଙ୍କ ସହ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରିବାକୁ ଏକ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁର ଜିଲାକୁ ଆସୁଥିବା ସୂଚନା ମିଳିଛି।

ହଇଜା ସଂକ୍ରମଣ ଚିହ୍ନଟ ହେବା ପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡି କେତେକ କଟକଣା ଜାରି କରିଛନ୍ତି। ରଜପର୍ବ ପାଳନ ପାଇଁ ସାମୂହିକ ସମାବେଶରେ ଭୋଜି ନ କରିବାକୁ ଜରୁରୀ ପରାମର୍ଶ ଦିଆଯାଇଛି। ଏହାସହ ବାହାରର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନ ପିଇବାକୁ ପରାମର୍ଶ ଦିଆଯାଇଛି। ନଦୀ, ନାଳ, ପୋଖରୀ ପାଣିରେ ସ୍ନାନ, ଶୌଚ ଇତ୍ୟାଦି ନ କରିବାକୁ ନୋଟିସ ହୋଇଛି। ଡାଇରିଆ ଲକ୍ଷଣ ଦେଖାଗଲେ ଆଶା କିମ୍ବା ଅଙ୍ଗନୱାଡି ଦିଦି ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ କୁମାର ମହାପାତ୍ର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରିଛନ୍ତି। ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା କହିଛନ୍ତି, ସଂକ୍ରମିତଙ୍କ ତାଲିକା କରାଯିବ ଏବଂ ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ ଓ ଯେଉଁ ଗ୍ରାମରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବେ ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ। ପାଣି ପାଉଚ୍ ଏବଂ ବୋତଲ ମାନୁଫାକ୍ଚର ଉପରେ ତଦାରଖ କରାଯିବା ଏବଂ ପ୍ରତିଦିନ ସନ୍ଧ୍ୟାରେ ସମୀକ୍ଷା ବୈଠକ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଯାଜପୁର ଜିଲାର ବିଭିନ୍ନ ହସ୍ପିଟାଲରେ ଏବେ ସୁଦ୍ଧା ସମୁଦାୟ ୧୫୧୬ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୦୬ଜଣ ଆରୋଗ୍ୟ ହୋଇସାରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ୭ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି। ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ୪ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ପଠାଯାଇଛି। ଏହି ୩ଟି ଟିମ୍‌ରେ ସମୁଦାୟ ୧୪ଜଣ ଅଛନ୍ତି। ସ୍ୱାସ୍ଥ୍ୟ ଟିମ୍‌ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡା. ନିଲମ ସୋମାଲକର, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡା. ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡା. ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର ଡା. ଭାଗୀରଥି ଦ୍ୱିବେଦି, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡା. ସତ୍ୟଜିତ ସୁବୁଦ୍ଧି, କୋଲକାତାସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ପ୍ରେମଜିତ୍ ଘୋଷ ଏବଂ ଡା. ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି। ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତାସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡା. ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ନୟନା, ଏଫ୍‌ଏସ୍‌ଏସ୍‌ଏଆଇର ପୂର୍ବାଞ୍ଚଳ ଉପନିର୍ଦ୍ଦେଶକ ଡା. ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇର ସ୍ୱତନ୍ତ୍ର ଟିମ୍‌ରେ ନିର୍ଦ୍ଦେଶକ ସ୍ୱିଟି ବେହେରା, ସହ-ନିର୍ଦ୍ଦେଶକ ସୋନିକା ବର୍ମା, ସହ-ନିର୍ଦ୍ଦେଶକ ପ୍ରସନ୍ନ ସିଂହ ଏବଂ ଉତ୍ତରାଞ୍ଚଳ କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଅଧିକାରୀ ନନ୍ଦିତା ଦାସ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ସଦସ୍ୟମାନେ ପ୍ରଭାବିତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ।

# ଦକ୍ଷିଣ ଆଫ୍ରିକା ଚାମ୍ପିୟନ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାଥିଲା ଦଳ ପାଇଁ ପ୍ରଥମ ଆଇସିସି ଟ୍ରଫି। ଏହାପରେ ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତଠାରୁ ହାରି ନିରାଶ ହୋଇଥିଲା। ଏହା ବ୍ୟତୀତ ଅନେକ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଦୁର୍ଭାଗ୍ୟବଶତଃ ଖାଲି ହାତରେ ଫେରିବାର ମଧ୍ୟ ଅନେକ ନଜିର ରହିଛି। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ୧୯୯୨, ୧୯୯୯, ୨୦୦୭, ୨୦୧୫ ଓ ୨୦୨୩ରେ ଏହି ଦଳ ସେମିଫାଇନାଲ ଖେଳିଥିଲେ ମଧ୍ୟ ଆଗକୁ ବଢ଼ିପାରି ନ ଥିଲା। ସେହିପରି ପୁରୁଷ ଟି୨୦ ବିଶ୍ୱକପରେ ଦଳ ୨୦୦୯ ଓ ୨୦୧୪ରେ ସେମିଫାଇନାଲ ଖେଳିଥିଲା। ଏହିସବୁ ଆଇସିସି ଟୁର୍ନାମେଣ୍ଟରେ ଦଳରେ ହାନ୍ସି କ୍ରୋନିଏ, ଜଣ୍ଟି ରୋଡ୍ସ, କେପଲର ୱେସେଲ୍ସ, ଆଲାନ ଡୋନାଲ୍ଡ, ଗ୍ୟାରୀ କର୍ଷ୍ଟେନ, ହର୍ଶେଲ ଗିବ୍ସ, ଜ୍ୟାକ୍ସ କାଲିସ, ଶନ୍ ପୋଲକ, ଲାନ୍ସ କ୍ଲୁଜନର, ଗ୍ରେମ୍ ସ୍ମିଥ, ଏବି ଡିଭିଲର୍ସଙ୍କ ପରି ତାରକା ଖେଳାଳି ଥିଲେ ମଧ୍ୟ ଦଳ ଟାଇଟଲ ହାସଲ କରିପାରି ନ ଥିଲା। ଏଥର କିନ୍ତୁ ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜୟ ଦକ୍ଷିଣ ଆଫ୍ରିକାରେ ଖୁସିର ଲହରି ଖେଳାଇ ଦେଇଛି।**

ଲଣ୍ଡନ, ୧୪।୬

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦକ୍ଷିଣ ଆଫ୍ରିକା ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଛି। ଲର୍ଡ୍ସ ଟେଷ୍ଟର ୪ର୍ଥ ଦିବସରେ ବିଜୟ ପାଇଁ ଦକ୍ଷିଣ ଆଫ୍ରିକାକୁ ଆଉ ୬୯ ରନ ଆବଶ୍ୟକ ହେଉଥିଲା। ଏହା ହାସଲ ପାଇଁ ୨୭.୩ ଓଭର ଖେଳି ୩ ଉଇକେଟ ହରାଇବାକୁ ପଡ଼ିଥିଲେ ହେଁ ଧୈର୍ଯ୍ୟ ନ ହରାଇ ଦଳ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ପୂର୍ବ ଦିନର ସ୍କୋର ୨୧୩/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ଲର୍ଡ୍ସ ଗ୍ରାଉଣ୍ଡର ୧୪୧ ବର୍ଷ ଇତିହାସରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍। ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାଜିଥିଲେ କାଗିସୋ ରାବାଡ଼ା ଓ ଏଡେନ ମାରକ୍ରମ। ରାବାଡ଼ା ୨ ଇନିଂସରେ ୯ ଉଇକେଟ ନେଇଥିବାବେଳେ ମାରକ୍ରମ ଦ୍ୱିତୀୟ ଇନିଂସରେ ୧୩୬ ରନର ସ୍ମରଣୀୟ ଇନିଂସ ଖେଳି ଅଷ୍ଟ୍ରେଲିଆଠାରୁ ଟାଇଟଲ ଛଡ଼ାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨୪ ଘଣ୍ଟାରେ ୯ ମୃତ

କୋଭିଡ୍ ସକ୍ରିୟ ମାମଲା ୭,୪୦୦

ନୂଆଦିଲ୍ଲୀ,୧୪।୬

ଭାରତରେ ଶନିବାର ୨୬୯ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୭,୪୦୦କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କୋଭିଡ୍ ଆକ୍ରାନ୍ତ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କର୍ନାଟକରୁ ଗୋଟିଏ ଦିନରେ ସର୍ବାଧିକ ୧୩୨ ନୂଆ ମାମଲା ମିଳିଥିବାବେଳେ ଗୁଜରାଟରୁ ୭୯, କେରଳରୁ ୫୪ ଏବଂ ମଧ୍ୟପ୍ରଦେଶରୁ ୨୦ ମାମଲା ଚିହ୍ନଟ ହୋଇଛି। କେରଳରେ ସକ୍ରିୟ ମାମଲା ସଂଖ୍ୟା ସର୍ବାଧିକ ୨,୧୦୯ରେ ପହଞ୍ଚିଛି। ଏହା ପଛକୁ ଗୁଜରାଟ (୧,୪୩୭), ଦିଲ୍ଲୀ (୬୭୨), ମହାରାଷ୍ଟ୍ର (୬୧୩), କର୍ନାଟକ (୫୨୭) ରହିଛି। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରୁ ୪ ଜଣ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ କେରଳରୁ ୩, ରାଜସ୍ଥାନ ଓ ତାମିଲନାଡୁରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୮୭ରେ ପହଞ୍ଚିଛି।



ଦୁବାଇର 'ଟାଇଗର ଟାୱାର' ନାମରେ ପରିଚିତ ମରିନା ପିନାକଲ୍‌ରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ୬୭ ମହଲା ବିଶିଷ୍ଟ ଏହି ଟାୱାରରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ୭୬୪ ଆପାର୍ଟମେଣ୍ଟରୁ ୩,୮୨୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତକୁ ଆଣିବା ପାଇଁ ଦୁବାଇ ସିଭିଲ୍ ଡିଫେନ୍ସ ଟିମ୍‌କୁ ୬ ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି।

# ୪ ମାଓବାଦୀ ନିହତ

ଭୋପାଳ,୧୪।୬

ମଧ୍ୟପ୍ରଦେଶର ବାଲାଘାଟ ଜିଲା ଅନ୍ତର୍ଗତ ଘଞ୍ଚ ଜଙ୍ଗଲରେ ୨ଟି ଏନ୍‌କାଉଣ୍ଟରରେ ୩ ମହିଳା କ୍ୟାଡରଙ୍କ ସମେତ ୪ ସଶସ୍ତ୍ର ମାଓବାଦୀ ନିହତ ହୋଇଛନ୍ତି। ଲାଉଗୁର ଗ୍ରାମ ନିକଟ ପଚମା ଦାଦର ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ତଲାସି ଅଭିଯାନରେ ସିଆର୍‌ପିଏଫ୍‌ର କୋବ୍ରା ଟିମ୍, ରାଜ୍ୟ ପୋଲିସର ସ୍ୱତନ୍ତ୍ର ହକ୍ସ୍ ଫୋର୍ସ ଏବଂ ବାଲାଘାଟ ଓ ମାଣ୍ଡଲା ଜିଲା ପୋଲିସ ସାମିଲ ହୋଇଥିଲେ। ପ୍ରଥମ ଏନ୍‌କାଉଣ୍ଟରରେ ୩ ମହିଳା ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କ ମୃତଦେହ ମିଳିଛି। ସୁରକ୍ଷା ବଳ ଜଙ୍ଗଲର ଅଧିକ ଭିତରକୁ ଯିବା ପରେ ମାଓବାଦୀଙ୍କ ଗୁପ୍ତ ଆଡ୍ଡା ଠାବ କରିଥିଲେ। ମାଓବାଦୀ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ଜବାବ ଦେଇଥିଲା। ଏହି ଗୁଳି ବିନିମୟ ବେଳେ ଜଣେ ପୁରୁଷ ମାଓବାଦୀ କ୍ୟାଡର ନିହତ ହୋଇଛନ୍ତି।



# ସର୍ବୋଚ୍ଚ ସ୍ତରରେ ସୁନା ଦର

ଭୁବନେଶ୍ୱର,୧୪।୬



କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ବଜାରରେ ସୁନା ଦର ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିକି ଶନିବାର ଶୁଦ୍ଧ ସୁନା ଉପରେ ପ୍ରାୟ ୨୦୦୦ ଟଙ୍କା ବଢ଼ି ଦର ଲକ୍ଷେ ଅତିକ୍ରମ କରିଛି। ସେହିଭଳି ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୧,୦୧,୬୭୦ ଟଙ୍କାରେ କାରବାର ହେଉଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୨୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୨୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଜାତୀୟ ବଜାରରେ ମଧ୍ୟ ସୁନା ଦରରେ ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୧୧୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୪୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୭୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୩୦ ଟଙ୍କାରେ ପହଞ୍ଚିଛି। ଏପରିକି ମୁମ୍ବାଇରେ ସୁନା ଦର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୨୮୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୭୧୦ ଟଙ୍କା, ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୩୧୪ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୭୦ଟଙ୍କା ଏବଂ କୋଲାକାତାରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୫୭୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୭,୨୦୦ ଟଙ୍କାରେ କାରବାର ହେଉଛି।

ଗୋଟିଏ ପଟରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଭୂ ରାଜନୈତିକ ଘଟଣାବଳୀ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାରି ମଧ୍ୟରେ ସୁନା ଦର ବୃଦ୍ଧି ଉଭୟ ବଜାର ଓ ବ୍ୟବସାୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ବଜାରରେ ଉତ୍ପାଦନ ହ୍ରାସ ଓ ଦରବୃଦ୍ଧି ସାଙ୍ଗକୁ ନିବେଶକମାନେ ସୁନାରେ ଅଧିକ ନିବେଶ କରୁଥିବାରୁ ସୁନା ଦର ଉଚ୍ଚା ରହିଛୁ ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ଅଗଷ୍ଟ ଡେଲିଭରି କଣ୍ଟ୍ରାକ୍ଟ ୨,୦୧୧ ଟଙ୍କା ବୃଦ୍ଧି ପାଇ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସକାଳ କାରବାର ସମୟରେ ଏହା ୧୦ ଗ୍ରାମ ପିଛା ୧,୦୦,୪୦୩ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନାର ମୂଲ୍ୟ ୨୮.୩୦ ଡଲାର କିମ୍ବା ୦.୮୪% ବୃଦ୍ଧି ପାଇ ଆଉନ୍ସ ପ୍ରତି ୩,୪୧୫.୧୩ ଡଲାରରେ ପହଞ୍ଚିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଏକ ବ୍ୟାପକ ସଂଘର୍ଷର ଭୟ ଏବଂ ଆମେରିକାର ବାଣିଜ୍ୟ ନୀତି ଓ ମୁଦ୍ରା ଦିଗକୁ ନେଇ ବଜାର ଚିନ୍ତା ବୃଦ୍ଧି ପାଇବା ମଧ୍ୟରେ ନିରାପଦ ସ୍ଥାନ ଚାହିଦା ବୃଦ୍ଧି ଯୋଗୁ ବିଶ୍ୱସ୍ତରରେ ଏହି ବୃଦ୍ଧି ଘଟିଛି।

## ଆଇଏଫ୍‌ଏଲ୍‌କୁ ନୀତିଗତ ଅନୁମୋଦନ

ଭୁବନେଶ୍ୱର,୧୪।୬

ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍(ଆଇଏଫ୍‌ଏଲ୍) କୁ ନିକଟରେ ନୀତିଗତ ଅନୁମୋଦନ ମିଳିଛି। ଏପରିକି କମ୍ପାନୀ ରାଇଟ୍ସ ଇସ୍ୟୁକୁ ଆକର୍ଷଣୀୟ ଭାବେ ଶେୟାର ପିଛା ୧ ଟଙ୍କା ମୂଲ୍ୟ ବିଶିଷ୍ଟ କରାଯାଇଛି ଏବଂ ଏହା ଅଂଶଧାରକମାନଙ୍କୁ କମ୍ପାନୀରେ ସେମାନଙ୍କର ଇକ୍ୱିଟି ବୃଦ୍ଧି କରିବା ନିମନ୍ତେ ଏକ ସୁଯୋଗ ଯୋଗାଇଦେଉଛି। ବିଶେଷକରି କୃଷି ସାମଗ୍ରୀର ଆମଦାନୀ, ରପ୍ତାନି ଓ ଟ୍ରେଡିଂ ସହ କୃଷି ସାମଗ୍ରୀ ବ୍ୟବସାୟରେ ନିୟୋଜିତ ଥିବା ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ବିଏସ୍‌ଇ-୫୪୦୩୭୭)ର ୪୯.୧୪ କୋଟି ଟଙ୍କା ରାଇଟ୍ସ ଇସ୍ୟୁ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ସେହିଭଳି କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ ରାଇଟ୍ସ ଇସ୍ୟୁ ସମ୍ପର୍କରେ ବିଚାରକରିବା ସହ ତାହାକୁ ଅନୁମୋଦନ କରିଥିଲେ। ପୂର୍ବରୁ ୨୦୨୪ ଡିସେମ୍ବର ୩୦ ରେ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସର ନିଷ୍ପତ୍ତି ଏବଂ ୨୦୨୫ ମାର୍ଚ୍ଚ ୭ର ଚିଠା ଲେଟର ଅଫ୍ ଅଫରକୁ ପ୍ରସ୍ତାବିତ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ରାଇଟ୍ସ ଇସ୍ୟୁ ପାଇଁ 'ନୀତିଗତ ଅନୁମୋଦନ'ହାସଲ କରାଯାଇଥିଲା।

## ଗୁପ୍ତା ଡିଜିଟାଲର ନୂତନ ଷ୍ଟୋର



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ସ୍ୱତନ୍ତ୍ର ୟୁନିଟ୍ ଗୁପ୍ତା ଡିଜିଟାଲର ଏକ ଷ୍ଟୋର ଶନିବାର ଭୁବନେଶ୍ୱର ବାଣୀବିହାରସ୍ଥିତ ମେଟ୍ରୋ ହାଉସ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଷ୍ଟୋରର ଉଦ୍‌ଘାଟନୀ ଉତ୍ସବରେ ଅଭିନେତ୍ରୀ ଭୂମିକା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଭିନେତା ପ୍ରୀତିରାଜ ଶତପଥୀ, ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ଓନର ରାଜେଶ ଗୁପ୍ତା, ପ୍ରେରିତ ଗୁପ୍ତା, ବୀରେଶ ଗୁପ୍ତା ଓ ପ୍ରବୀର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜେଶ କହିଛନ୍ତି, ଏହା ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ୩୩ତମ ଷ୍ଟୋର । ଭୁବନେଶ୍ୱରରେ ଆଗାମୀ ଦିନରେ ଆଉ କିଛି ଷ୍ଟୋର ଖୋଲାଯିବା ଯୋଜନା ରହିଛି। ନୂଆ ଷ୍ଟୋର ଖୋଲାଯିବା ଅବସରରେ ସବୁ ଉତ୍ପାଦ ଉପରେ ସ୍ୱତନ୍ତ୍ର ଅଫର ରହିଛି, ଯାହା ଗ୍ରାହକ ଷ୍ଟୋରକୁ ଆସିଲେ ଜାଣିପାରିବେ। ଏଠାରେ ମୋବାଇଲ ଫୋନ୍, ଲାପ୍‌ଟପ୍, କ୍ୟାମେରା, ହେଡ୍ ଫୋନ୍, ଇୟରଫୋନ୍ ଆଦି ବ୍ୟାପକ ରେଞ୍ଜରେ ଉପଲବ୍ଧ ହେଉଛି। ସବୁ ବର୍ଗର ଗ୍ରାହକଙ୍କୁ ସୁହାଇବା ଭଳି ଉତ୍ପାଦ ରହିଥିବାରୁ ଉକ୍ତ ଷ୍ଟୋର ବେଶ୍ ବ୍ୟବସାୟିକ ସଫଳତା ହାସଲ କରିବ ବୋଲି ରାଜେଶ ଆଶାବାଦୀ ଅଛନ୍ତି।

## ବୀମା କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ

ଭୁବନେଶ୍ୱର,୧୪।୬

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ବିପଦ ବଢ଼ିବାରେ ଲାଗିଛି। ଏପରିକି ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତି କ୍ଷେତ୍ରରେ ଦ୍ରୁତ ଉନ୍ନତି ଏବଂ ଉଦ୍ୟୋଗୀକରଣ ତ୍ୱରାନ୍ୱିତ ହେବା ବୈଶ୍ୱିକସ୍ତରରେ ବିପଦ ପରିଦୃଶ୍ୟରେ ପରିବର୍ତ୍ତନ ଆଣୁଛି। ସାମ୍ପ୍ରତିକ ପରିସଂଖ୍ୟାନ ଏକ ଗମ୍ଭୀର ବିଷୟ ଉପସ୍ଥାପନ କରିଥାଏ। ୨୦୨୪ରେ ପୃଥିବୀ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ମ୍ୟାନ୍‌ମାରଠାରେ ନିକଟରେ ୭.୭ ତୀବ୍ରତାର ଏକ ବିନାଶକାରୀ ଭୂମିକମ୍ପ ଆସିଥିଲା। ଏହା ଫଳରେ ମାନବ ଓ ଆର୍ଥିକ କ୍ଷେତ୍ରରେ କ୍ଷତି ହୋଇଥିଲା। ଏହା ଆମର ନିଜ ଦେଶରେ ଘଟିଥିବା ସମାନ ଘଟଣାର ସମ୍ଭାବ୍ୟ ପ୍ରଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ସୃଷ୍ଟି କରିଛି। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ କହିଛନ୍ତି, ପାରମ୍ପରିକ ବୀମା ବହୁ ସମୟ ଧରି ରିସ୍କ ମ୍ୟାନେଜମେଣ୍ଟର ମେରୁଦଣ୍ଡ ରହି ଆସିଛି, ଯାହା ବିସ୍ତୃତ କ୍ଷତି ଆକଳନ ଉପରେ ନିର୍ଭରକରିବା ସହ କ୍ଷତି ବିପକ୍ଷରେ ସଂରଚିତ କଭରେଜ୍ ପ୍ରଦାନ କରିଥାଏ। ତଥାପି ଅଭୂତପୂର୍ବ ପରିବର୍ତ୍ତନର ଯୁଗରେ ପାରମ୍ପରିକ ନୀତିଗୁଡ଼ିକ ପାଇଁ ବେଳେବେଳେ ଦ୍ରୁତ ଭାବେ ବିକଶିତ ହେଉଥିବା ବିପଦର ଚାହିଦା ପୂରଣ କରିବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଏହାର ଆବଶ୍ୟକତା ଦେଖାଯାଇଥାଏ। ଏହା ଏକ ମଡେଲ, ଯାହାକି ଦ୍ରୁତ, ପାରଦର୍ଶୀ ଏବଂ କୁଶଳ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ ହେଉଛି ଏକ ଇଣ୍ଡେକ୍ସ ଆଧାରିତ ସମାଧାନ। ଏହା ସ୍ପଷ୍ଟ, ପୂର୍ବ ପ୍ରତିଷ୍ଠିତ ମାନଦଣ୍ଡ ମାଧ୍ୟମରେ କଭରେଜ୍ ବିଷୟରେ ବ୍ୟାଖ୍ୟା କରିଥାଏ। ଏହା ଏକ ଭରସାଯୋଗ୍ୟ, ସ୍ୱାଧୀନ କର୍ତ୍ତୃପକ୍ଷ ଏହି ସୂଚକାଙ୍କଗୁଡ଼ିକ ପଲିସିହୋଲ୍ଡରଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ; ଯାହାକି ଆବଶ୍ୟକତା ସମୟରେ ବହୁ ସାହାଯ୍ୟ କରିଥାଏ। ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପଯୋଗ ଜଳବାୟୁ-ଆଧାରିତ କ୍ରପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍‌ରେ ଦେଖାଯାଏ। କୃଷକମାନେ ଅପ୍ରତ୍ୟାଶିତ ଭାବେ ପାଣିପାଗ ପରିସ୍ଥିତି ଯଥା ଅନିୟମିତ ବର୍ଷା, ହଠାତ୍ ତାପମାତ୍ରା ବୃଦ୍ଧି, ଅଧିକ ପବନ କିମ୍ବା ଅତ୍ୟଧିକ ଆର୍ଦ୍ରତା ଆଦି କାରଣରୁ ଦେଖାଦେଇଥାଏ। ଯଦି ଏହି ବିପଦଗୁଡ଼ିକର ତୀବ୍ରତା ପୂର୍ବ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ, ତେବେ ପେ-ଆଉଟ୍ ଆରମ୍ଭ ହୋଇଥାଏ ଏବଂ ଏହି ରାଶି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ୍ ହୋଇଥାଏ।

## ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ



ଶ୍ରୀଲେଦର୍ସର ନୂତନ ଷ୍ଟୋର୍‌କୁ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଶ୍ରୀଲେଦର୍ସର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୪।୬( ଅଭୟ ଦାଶ)

ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଲିଙ୍ଗିପୁରସ୍ଥିତ ନୂଆଗାଁଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲେଦର୍ସର ବ୍ରାଣ୍ଡ ପାର୍ଟନର ଶୁଭାଶିଷ ଦେଙ୍କ ସମେତ ଫ୍ରାଞ୍ଚାଇଜ ପାର୍ଟନର ଉମଙ୍ଗ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ୫୨୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ଶ୍ରୀଲେଦର୍ସର ସମସ୍ତ ଉତ୍ପାଦ ଉପଲବ୍ଧ ରହିଛି। ବିଶେଷକରି ମହିଳା, ପୁରୁଷ ଓ ପିଲାମାନଙ୍କ ପାଇଁ ଫୁଟ୍‌ୱେର, ସ୍ପୋର୍ଟସ ସୁ, ବେଲ୍ଟ, ୱାଲେଟ, ଲେଡିଜ୍ ହ୍ୟାଣ୍ଡବ୍ୟାଗ୍, ସ୍କୁଲ ବ୍ୟାଗ୍, ସୁଟ୍‌କେସ ଓ ବ୍ରିଫ୍‌କେସ ଆଦି ସାମିଲ ରହିଛି। ସେହିପରି ନୂତନ ଷ୍ଟୋରର ଶୁଭାରମ୍ଭ ଅବସରରେ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଷ୍ଟୋର ପକ୍ଷରୁ ଯୋଗାଇ ଦିଆଯାଉଛି। ଯେଉଁଥିରେ ୧୦୦୦ ରୁ ୨୫୦୦ ଟଙ୍କାର କ୍ରୟ ଉପରେ ୧୦%ର ସ୍ୱତନ୍ତ୍ର ରିହାତି ଏବଂ ୨୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ୧୫%ର ସ୍ୱତନ୍ତ୍ର ରିହାତି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ରିହାତି ଅଫର ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ରହିବ।

ଏ ନେଇ ଶୁଭାଶିଷ ଦେ କହିଛନ୍ତି, ଶ୍ରୀଲେଦର୍ସ ପ୍ରଥମେ ୧୯୫୨ରେ ୧୦୦, ସାକ୍ଚି ମାର୍କେଟ, ଜାମସେଦପୁରଠାରୁ ଯାତ୍ରା ଆରମ୍ଭ କରିଥିଲା। ଶ୍ରୀଲେଦର୍ସକୁ ତାଙ୍କର ସ୍ୱର୍ଗତ ଜେଜେ ବାପା ସୁରେଶ ଚନ୍ଦ୍ର ଦେ ସ୍ଥାପନ କରିଥିଲେ, ଯିଏ କି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟୋଗୀ ଥିଲେ। ଅପରପକ୍ଷରେ ଶ୍ରୀଲେଦର୍ସ ଲିଙ୍ଗିପୁର ଷ୍ଟୋର ଓନର (ଫ୍ରାଞ୍ଚାଇଜି ଓନର) ଉମଙ୍ଗ ଅଗ୍ରୱାଲ କହିଥିଲେ, ଆମେ ଗ୍ରାହକ ସେବାକୁ ପ୍ରାଥମିକତା ଦେବା ସହିତ ବିକ୍ରି ପରବର୍ତ୍ତୀ ସେବାଗୁଡ଼ିକୁ ବିଶେଷ ଭାବେ ଧ୍ୟାନ ଦେବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଜୟଆଲୁକ୍କାସ୍‌ର ଆକର୍ଷଣୀୟ ରିହାତି ଅଫର

ଭୁବନେଶ୍ୱର,୧୪।୬ (ଅଭୟ ଦାଶ)




ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଅଫର ତଥା ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଫର ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସୀମିତ ଅବଧିର ଅଫର ସମୟରେ ଗ୍ରାହକମାନେ ସୁନା, କଟ୍ ଏବଂ ଅନ୍‌କଟ୍ ହୀରା, ପ୍ଲାଟିନମ୍, ରୁପା ଏବଂ ମୂଲ୍ୟବାନ୍ ପଥର ଅଳଙ୍କାରର ଏକ ଚମତ୍କାର ଶ୍ରେଣୀ ଉପରେ ଆକର୍ଷଣୀୟ ଏବଂ ମେକିଂ ଚାର୍ଜ ଉପରେ ଏକ ଅସାଧାରଣ ଫ୍ଲାଟ୍ ୫୦% ରିହାତି ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ସର୍ବଦା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ପ୍ରକୃତ ଆନନ୍ଦଦାୟକ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଆମର ଲକ୍ଷ୍ୟ । ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସହ ଆମେ ଆମର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଏବଂ ଡିଜାଇନ ବିକ୍ରୟ ପ୍ରଦାନକରି ଅତ୍ୟନ୍ତ ଆନନ୍ଦିତ। ଆମର ଶୋ'ରୁମ୍ ରେ ଉପଲବ୍ଧ ଏହି ସ୍ୱତନ୍ତ୍ର ଅଫରର ସର୍ବାଧିକ ଲାଭ ଉଠାଇବା ପାଇଁ ଆମେ ସମସ୍ତ ଅଳଙ୍କାରପ୍ରେମୀଙ୍କୁ ସ୍ୱାଗତ କରୁଛୁ। ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ବୈଧ ରହିଛି। ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନେ ଜୟଆଲୁକ୍କାସ୍‌ରୁ ପ୍ରତ୍ୟେକ କ୍ରୟ ସହିତ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଗୋଟିଏ ବର୍ଷର ମାଗଣା ବୀମା ଏବଂ ବାଏବ୍ୟାକ୍ ନିଶ୍ଚିତତା ମଧ୍ୟ ପାଆନ୍ତି। ସେହିଭଳି ୧୦ ଲକ୍ଷରୁ ଅଧିକ ଅନନ୍ୟ ଡିଜାଇନର ଏକ ସଂଗୃହୀତ ପୋର୍ଟଫୋଲିଓ ସହିତ ଜୟଆଲୁକ୍କାସ୍ ଭାରତୀୟ କ୍ଲାସିକ୍‌ଠାରୁ ଆରମ୍ଭକରି ବିଶ୍ୱରେ ପ୍ରଭାବ ବିସ୍ତାର କରିଥିବା ସମସାମୟିକ ଇଟାଲୀୟ, ତୁର୍କୀ ଏବଂ ଜାତିଗତ ଆଧୁନିକ ଶୈଳୀ ପର୍ଯ୍ୟନ୍ତ ସମସ୍ତ ପାରମ୍ପରିକ ସୌନ୍ଦର୍ଯ୍ୟକୁ ମିଶ୍ରଣ କରିଛନ୍ତି, ଯାହା ସଠିକତା ଏବଂ କଳାକୃତିର ଅପୂର୍ବ ସମନ୍ୱୟ ସହିତ ପ୍ରସ୍ତୁତ ରହିଛି।

# ଅପରାଧ

## ପହିଲି ରଜରେ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା

ନୟାଗଡ଼/ଗଣିଆ,୧୪।୬(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ଥାନା ପାରଣ୍ଡାରସିଂହ ଗାଁରେ ପହିଲି ରଜରେ ସମସ୍ତେ ଖୁସି ଥିବାବେଳେ ଜଣେ ଯୁବକ ନିଜ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତକ ହେଲେ ପାରଣ୍ଡାରସିଂହ ଗାଁର ପୁରୁଷୋତ୍ତମ ପ୍ରଧାନ(୩୭)। ତେବେ ହତ୍ୟାର କାରଣ ଜଣାପଡିନି। ଖବର ପାଇ ଗଣିଆ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ରବିବାର ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏହାକୁ ନେଇ ପୋଲିସ ଏକ ମାମଲା(ନଂ.୮୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ପାରଣ୍ଡାରସିଂହ ଗାଁର ପୁରୁଷୋତ୍ତମ ପ୍ରଧାନ(୩୭) ଓ ଗଙ୍ଗାଧର ରାଉତ(୪୨) ଦୁଇ ସାଙ୍ଗ। ସେମାନଙ୍କ ମଧ୍ୟରେ ଶନିବାର ଅପରାହ୍ନରେ କୌଣସି କାରଣରୁ ବିବାଦ ଦେଖାଦେଇଥିଲା। ଗଙ୍ଗାଧର ଉତ୍ତେଜିତ ହୋଇ ପୁରୁଷୋତ୍ତମଙ୍କ ଛାତିରେ ଛୁରି ଭୁସି ଦେଇଥିଲେ। ପୁରୁଷୋତ୍ତମଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ୧୧ ଚୋରା ବାଇକ୍ ଜବତ, ୫ ଗିରଫ





ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ସାରୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଚୋରି ହୋଇଥିବା ଗୋଟିଏ ବାଇକ୍‌କୁ ଖୋଜିବାକୁ ଯାଇ ତମାଣ୍ଡୋ ପୋଲିସ ଏକ ର୍ୟାକେଟ୍‌କୁ ଧରିବା ସହ ୧୧ ଚୋରା ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାତ୍ରପଡ଼ାର ମନୀଷ ପଟ୍ଟନାୟକ, ଭଗବାନପୁରର ବାବୁରାଓ ଆଚାର୍ଯ୍ୟ, ପାତ୍ରପଡ଼ା କ୍ରିଷ୍ଣାବିହାରର ସନ୍ତୋଷ କୁମାର ବେହେରା, କଲ୍ୟାଣୀନଗରର ସଚିନ ଗୌଡ଼ ଓ ବାଲିଆପଡ଼ାର ବିଜନ କୁମାର ସ୍ୱାଇଁ।

ପୋଲିସ ସୂଚନାନୁସାରେ, ସନ୍ତୋଷ ସାହୁଙ୍କର ଏକ ବାଇକ୍ କଳିଙ୍ଗ ବିହାରରୁ ଚୋରି ହୋଇଯାଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ତମାଣ୍ଡୋ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତ ପାତ୍ରପଡ଼ାର ମନୀଷ ଓ ଭଗବାନପୁରର ବାବୁରାଓଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା ବାଇକ୍ ଜବତ କରିଥିଲା। ତାଙ୍କୁ ଅଧିକ ପଚରାଉଚରା ପରେ ଉଭୟେ ବାଇକ୍ ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପରେ ଅଭିଯୁକ୍ତ ମନୀଷଙ୍କ ହେପାଜତରୁ ୪ଟି ଏବଂ ବାବୁରାଓଙ୍କ ହେପାଜତରୁ ୪ଟି ଚୋରି ବାଇକ୍ ଜବତ କରାଯାଇଥିଲା। ମାମଲାର ଅଧିକ ତଦନ୍ତବେଳେ ପାତ୍ରପଡ଼ା କ୍ରିଷ୍ଣାବିହାରର ସନ୍ତୋଷ କୁମାର ବେହେରା, କଲ୍ୟାଣୀନଗରର ସଚିନ ଗୌଡ଼ ଏବଂ ବାଲିଆପଡ଼ାର ବିଜନ କୁମାର ସ୍ୱାଇଁଙ୍କଠାରୁ ୩ଟି ଚୋରି ବୁଲେଟ୍ ଜବତ କରାଯାଇଥିଲା। ସେମାନଙ୍କ ଆପରାଧିକ ରେକର୍ଡ ଯାଞ୍ଚବେଳେ ଅଭିଯୁକ୍ତ ମନୀଷ ଓ ବାବୁରାଓ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନା, ମୈତ୍ରୀ ବିହାର ଥାନା ଏବଂ ପିପିଲି ଥାନାରେ ପଞ୍ଜୀକୃତ ୩ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେହିପରି ଅଭିଯୁକ୍ତ ବିଜନ ପୂର୍ବରୁ ତମାଣ୍ଡୋ ଥାନା ଅଧୀନରେ ୫ଟି ସମ୍ପତ୍ତି ଅପରାଧ ମାମଲାରେ ଜଡିତ ଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତଙ୍କ ଆପରାଧିକ କାର୍ଯ୍ୟକଳାପ ଯାଞ୍ଚ କରାଯାଉଥିବା ତମାଣ୍ଡୋ ଥାନା ମକ୍ଷରୁ ସୂଚନା ଦିଆଯାଇଛି।

## କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

ବାରିପଦା, ୧୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ସାରସକଣା ବ୍ଲକ ଯୋକା ଗ୍ରାମରେ ଜଣେ ଯୁବକ ତାଙ୍କ ବାପାଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଯୁବକ ହେଲେ ଚନ୍ଦନ ମୁଣ୍ଡା। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହ ତଦନ୍ତ ଜାରି ରଖିଛି। ମୃତକ ହେଲେ ଜଟିଆ ମୁଣ୍ଡା । ଏ ସଂକ୍ରାନ୍ତରେ ପୋଲିସ ଏକ ନରହତ୍ୟା ମାମଲା ରୁଜୁ କରି ଚନ୍ଦନଙ୍କୁ ଗିରଫ କରିଛି।

ଗୁରୁବାର ଅପରାହ୍ନରେ ଚନ୍ଦନ ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ବାପା ଜଟିଆଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦନ ଏକ କାଠଫାଳିଆରେ ଜଟିଆଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାନ ପୁଅ ଜାଣିପାରି ବାପ ଜଟିଆଙ୍କୁ ସ୍ଥାନୀୟ ଶୀର୍ଷା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସାନ ପୁଅର ଲିଖିତ ଅଭିଯୋଗ କରିବା ପରେ ଝାରପୋଖରିଆ ଥାନା ପୋଲିସ ପହଞ୍ଚି ଶବ ଜବତ କରିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ସମ୍ବଲପୁର,୧୪।୬(ପ୍ରମୋଦ ବହିଦାର)

ପୂର୍ବ ଶତ୍ରୁତାରୁ ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ କୁମ୍ଭାରପଡ଼ାରେ ଜଣେ ଯୁବକଙ୍କୁ ଶନିବାର ଛୁରିଭୁସି ହତ୍ୟା କରାଯାଇଛି। ମୃତକ ହେଲେ କଲିମ ବେଗ୍(୩୦)। ସନ୍ଧ୍ୟାରେ କୁମ୍ଭାରପଡ଼ାର କୌଣସି ଏକ ସ୍ଥାନରେ ବନ୍ଧୁମାନଙ୍କ ସହ ବସି କଥାବାର୍ତ୍ତା ହେଉଥିବା ସମୟରେ ଜଣେ ଯୁବକ ତାଙ୍କ ଛାତିରେ ଛୁରି ଭୁସି ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏକ ହତ୍ୟା ଘଟଣାରେ କିଛିଦିନ ତଳେ କଲିମ୍ ଜେଲ ଯାଇ ଜାମିନରେ ଆସିଥିଲେ। ପଡ଼ାର ଏକ ସ୍ଥାନରେ ସାଙ୍ଗମାନଙ୍କ ସହ ସେ କଥାବାର୍ତ୍ତା ହେଉଥିବା ସମୟରେ ମାୟାବଗିଚାର ଜଣେ ଯୁବକ ସେଠାକୁ ଆସି ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗତବର୍ଷ କଲିମ୍ ସମ୍ପୃକ୍ତ ଯୁବକଙ୍କ ସାନଭାଇଙ୍କ ହତ୍ୟାରେ ସାମିଲ ଥିବା ଅଭିଯୋଗ ହୋଇଥିଲା। ପ୍ରତିଶୋଧପରାୟଣ ହୋଇ ସେ କଲିମ୍‌ଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି ବୋଲି ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଡ଼ କରିଛନ୍ତି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ଧାନବିଲରୁ ଅଭିଯୁକ୍ତ ଗିରଫ

ବଳଙ୍ଗା,୧୪।୬(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୧୨ଦିନ ତଳେ ଏକ ବଳାତ୍କାର ଘଟଣା ଘଟିଥିବାବେଳେ ଶୁକ୍ରବାର ରାତିରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରବି ତ୍ରିପାଠୀଙ୍କୁ ଧାନବିଲରୁ ଲୁଚିଥିବାବେଳ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏଥିସହ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୀଡ଼ିତାଙ୍କ ପରିବାରର ସମସ୍ତ ସଦସ୍ୟ ଏକ ବିଭାଘର ଭୋଜିକୁ ଯାଇଥିଲେ। ସେହି ସମୟରେ ପୀଡ଼ିତା ଏକାକୀ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ରବି ହୁଇଲ୍ ଚେୟାରରେ ବସିରହିଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ତାଙ୍କ ମା' ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

## ଘରରୁ ମୋବାଇଲ, ଟଙ୍କା ଚୋରି: ଜଣେ ଗିରଫ

ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)

ମହିଳା ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ମୋବାଇଲ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ୍ ଶନିବାର କଳିଙ୍ଗ ଷ୍ଟୁଡିଓ ଛକ ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡୁଆଳି ବସ୍ତିର ବ୍ରଜମୋହନ କହଁର(୨୧)। ଭରତପୁର ଥାନା ଅର୍ନ୍ତଗତ ଭଗବତୀ କଲୋନୀର ବିକାଶ ନାୟକଙ୍କ ଅଭିଯୋଗ ଅନୁସାରେ, ସେ ଶୁକ୍ରବାର ଅପରାହ୍ନ ସାଢ଼େ ୨ଟାରେ ତାଙ୍କ ଭଡାଘରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ରଜ ତାଙ୍କ ଘର ଭିତରୁ ସ୍ମାର୍ଟଫୋନ୍ ସହ ନଗଦ ୨ହଜାର ଟଙ୍କା ଚୋରି କରିନେଇଥିଲେ। ସେହି ସନ୍ଧ୍ୟାରେ ବିକାଶ ଖଣ୍ଡୁଆଳ ବସ୍ତିର ବ୍ରଜ ତାଙ୍କ ଚୋରି ଫୋନ୍ ବ୍ୟବହାର କରୁଥିବା ଦେଖିଥିଲେ। ଫୋନ୍ ବିଷୟରେ ପଚାରିବାରୁ ସେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ୨୫୦୦ ଟଙ୍କାରେ କିଣିଥିବା ବ୍ରଜ କହିଥିଲେ। ଏନେଇ ବିକାଶ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଶନିବାର କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ସେ ମୋବାଇଲ୍ ଫୋନ୍ ବିକ୍ରି କରିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ଗୋଟିଏ ସ୍ମାର୍ଟଫୋନ ଏବଂ ୫୦୦ ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ବ୍ରଜ ପୂର୍ବରୁ ଖଣ୍ଡଗିରି ଓ ଭରତପୁର ଥାନାରେ ୩ଟି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧୫/୨୦୨୫ Bhubaneswar, Sunday, June 15/2025 

# ଇସ୍ରାଏଲ୍-ଇରାନ୍ ଘମାଘୋଟ ଯୁଦ୍ଧ

## ■ ତେଲ୍ ଆଭିଭ୍, ଜେରୁଜେଲମ୍‌କୁ ଟାର୍ଗେଟ କଲା ଇରାନ୍
## ■ ଆକ୍ରମଣ ଜାରି ରହିଲେ ଜଳିଯିବ ତେହରାନ୍: ଇସ୍ରାଏଲ୍

ତେଲ୍ ଆଭିଭ୍/ତେହେରାନ୍, ୧୪।୬

ଇରାନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଏବଂ ତେହରାନ୍ ପକ୍ଷରୁ ତେଲ୍ ଆଭିଭ୍ ଓ ଜେରୁଜେଲମ୍‌ରେ ପ୍ରତିଆକ୍ରମଣ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟାର ପରିସରକୁ ବ୍ୟାପକ କରିବା ଆଶଙ୍କା ଉପୁଜାଇଛି। ଜୁନ୍ ୧୩ରେ ଇସ୍ରାଏଲ୍ ପକ୍ଷରୁ ଇରାନୀୟ ସାମରିକ ଓ ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରାଯାଇଥିଲା। 'ଅପରେଶନ୍ ରାଇଜିଂ ଲାୟନ୍' ନାମରେ କରାଯାଇଥିବା ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନତାଞ୍ଜ ଓ ଇସ୍‌ଫାହାନ୍ ନ୍ୟୁକ୍ଲିୟର କମ୍ପ୍ଲେକ୍ସ ସମେତ ଶତାଧିକ ଅସ୍ତ୍ରଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି। ଇରାନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏବଂ କୁଦ୍ସ ଫୋର୍ସ କମାଣ୍ଡରଙ୍କ ସମେତ ଅନେକ ଉଚ୍ଚ ପଦାଧିକାରୀ ଓ ପରମାଣୁ ବିଜ୍ଞାନୀ ନିହତ ହୋଇଛନ୍ତି। ଏହାର ଦିନକ ପରେ ଇରାନ୍ ଇସ୍ରାଏଲ୍‌କୁ ଜବାବ ଦେବାକୁ ଯାଇ 'ଅପରେଶନ୍ ଟ୍ରୁ ପ୍ରମିଜ୍ ୩ୟ' ଜରିଆରେ ବହୁ ବାଲିଷ୍ଟିକ୍ ମିଶାଇଲ୍ ଓ ଡ୍ରୋନ୍ ଛାଡ଼ିଛି। ସେଥିରୁ କେତେକ କ୍ଷେପଣାସ୍ତ୍ର ଇସ୍ରାଏଲୀ ପ୍ରତିରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିବାବେଳେ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲ୍ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଛି। ଇରାନ୍ ଆକ୍ରମଣ ଜାରି ରଖିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପକ୍ଷରୁ ଶନିବାର କଡ଼ା ଚେତାବନୀ ଦିଆଯାଇଛି। ହେଜ୍‌ବୋଲ୍ଲା ଓ ହୁଟି ଭଳି ସଙ୍ଗଠନ ଏଥିରେ ସାମିଲ ହେଲେ ଯୁଦ୍ଧ ଆହୁରି ଘନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ ଶିପିଂ ରୁଟ୍ ହୋର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତୈଳଦର ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଏହି ଆକ୍ରମଣରେ ଆମେରିକାର ସମ୍ପୃକ୍ତି ନାହିଁ ବୋଲି ୱାଶିଂଟନ୍ କହିଛି। ଇରାନ୍ ଓ ବିଶ୍ୱ ଶକ୍ତିଗୁଡ଼ିକ ମଧ୍ୟରେ ଚାଲିଥିବା ଆଣବିକ ଆଲୋଚନା ବର୍ତ୍ତମାନ ଫସର ଫାଟିଛି। ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଥିବାରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୫)



ଇରାନର ମିଶାଇଲ ଆକ୍ରମଣ ପରେ ତେଲ୍ ଆଭିଭ୍ ଆକାଶ ଧୂଆଁମୟ ହୋଇଯାଇଛି।

## ଇରାନ୍‌ର ପ୍ରତି ସ୍ଥାନରେ ଆକ୍ରମଣ ହେବ: ନେତାନ୍ୟାହୁ

ଜେରୁଜେଲମ୍, ୧୪।୬

ଇରାନ୍‌ର ପ୍ରତ୍ୟେକ ସ୍ଥଳଭାଗକୁ ଇସ୍ରାଏଲ୍ ଆକ୍ରମଣ କରିବ। ଆକାଶମାର୍ଗରେ ଇସ୍ରାଏଲୀ ଯୁଦ୍ଧବିମାନ ଉଡ଼ିବ ବୋଲି ଶନିବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଚେତାବନୀ ଦେଇଛନ୍ତି। ଇରାନ୍ ଆକ୍ରମଣର ଜବାବ ଦେବାକୁ ଯାଇ ଏକ ଭିଡିଓ ମେସେଜ୍‌ରେ ନେତାନ୍ୟାହୁ କହିଛନ୍ତି, ତେହରାନ୍ ଆକାଶ ସାରା ଇସ୍ରାଏଲୀ ଏୟାରଫୋର୍ସର ଯୁଦ୍ଧବିମାନଗୁଡ଼ିକ ଉଡୁଥିବାର ଖୁବ୍‌ଶୀଘ୍ର ଆପଣମାନେ ଦେଖିବାକୁ ପାଇବେ। ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ଶାସନର ପ୍ରତ୍ୟେକ ସ୍ଥାନକୁ ଆମେ ଆକ୍ରମଣ କରିବୁ। ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ୍ ଯାହା ସାମ୍ନା କରିଛି ତାହା କିଛି ନୁହେଁ। ଆଗକୁ ସେମାନେ କେବେ ଦେଖି ନ ଥିବା ଚିତ୍ର ଦେଖିବାକୁ ପାଇବେ। ଇସ୍ରାଏଲୀ ଅପରେଶନ୍ ୨ଟି ଭାଗରେ ବିଭକ୍ତ। ପ୍ରଥମତଃ ଇରାନ୍‌ର ଆଣବିକ ମହତ୍ତ୍ୱାକାଂକ୍ଷାକୁ ଧୂଳିସାତ୍ କରାଯିବ। ଦ୍ୱିତୀୟରେ ଏହାର ବାଲିଷ୍ଟିକ୍ ମିଶାଇଲ୍ ପ୍ରୋଗ୍ରାମକୁ ବନ୍ଦ କରାଯିବ ବୋଲି ନେତାନ୍ୟାହୁ ଖାମେନେଇଙ୍କୁ ଧମକ ଦେଇଛନ୍ତି।

## ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହୋଇଛି: ଆଇଏଇଏ ମୁଖ୍ୟ




ରାଫେଲ ଗ୍ରୋସି

ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଇରାନ୍‌ର ନତାଞ୍ଜ ଓ ଫୋର୍ଡୋ ଆଣବିକ କେନ୍ଦ୍ର ସୀମିତ କ୍ଷତିଗ୍ରସ୍ତ ହୋଇଥିବା ଇରାନୀୟ ଗଣମାଧ୍ୟମ ସୂଚନା ଦେଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସି ୧୫ ସଦସ୍ୟବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ କହିଛନ୍ତି, ଇରାନୀୟ ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲୀ ଷ୍ଟ୍ରାଇକ୍ ଯୋଗୁ ରେଡିଓଆକ୍ଟିଭ୍ ଓ କେମିକାଲ୍ କଣ୍ଟାମିନେଶନ୍ ହୋଇଛି। ତେବେ ଏଥିରେ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟିର ଭୂତଳ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଥିବାର କୌଣସି ସଙ୍କେତ ମିଳିନାହିଁ। ଅନ୍ୟ ୨ଟି (ଫୋର୍ଡୋ ଓ ଇସ୍‌ଫାହାନ୍) ଫାସିଲିଟି ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଇରାନୀୟ କର୍ତ୍ତୃପକ୍ଷ ଆଇଏଇଏକୁ ଅବଗତ କରାଇଛନ୍ତି। ଏହି ଆଣବିକ କେନ୍ଦ୍ରଗୁଡ଼ିକର ଚତୁଃପାର୍ଶ୍ୱରେ ସାମରିକ କାର୍ଯ୍ୟକଳାପ ଜାରି ରହିଛି। ଏହାବ୍ୟତୀତ ଏନେଇ ବର୍ତ୍ତମାନ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ନାହିଁ ବୋଲି ଗ୍ରୋସି କହିଛନ୍ତି। ପ୍ରକାଶ ଯେ, ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହେଲେ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ।

## ଗୁଳିମାଡ଼ରେ ପୂର୍ବତନ ହାଉସ୍ ସ୍ପିକର, ସ୍ୱାମୀ ମୃତ

ୱାଶିଂଟନ, ୧୪।୬



ମେଲିସା ହର୍ଟମାନ୍

ଆମେରିକାର ମିନେସୋଟାରେ ଶନିବାର ଗୁଳିକାଣ୍ଡ ଘଟି ଷ୍ଟେଟ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ପୂର୍ବତନ ସ୍ପିକର ମେଲିସା ହର୍ଟମାନ୍ ଓ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏହି ହତ୍ୟାକାଣ୍ଡ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମିନେସୋଟା ଗଭର୍ନର ନିମ୍ ୱାଲ୍‌ଜ କହିଛନ୍ତି। ଗୁଳିକାଣ୍ଡରେ ମିନେସୋଟା ସିନେଟର ଜନ୍ ହୋଫ୍‌ମାନ୍ ଓ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଏହି ଟାର୍ଗେଟ ହତ୍ୟାକାଣ୍ଡ ପରେ ସନ୍ଦିଗ୍ଧଙ୍କୁ ଧରିବା ପାଇଁ ସୁରକ୍ଷା ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ଆକ୍ରମଣକାରୀ ଚିହ୍ନଟ ହୋଇ ନ ଥିଲାବେଳେ ସେ ପୋଲିସ ପୋଷାକରେ ☞ପୃଷ୍ଠା-୨




## ଏନ୍‌ଇଇଟି-ୟୁଜି: ରାଜସ୍ଥାନର ମହେଶ କୁମାର ଶୀର୍ଷରେ

ନୂଆଦିଲ୍ଲୀ, ୧୪।୬(ପି.ଟି.)



ମହେଶ କୁମାର

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଫଳାଫଳ ଶନିବାର ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଘୋଷିତ ଫଳାଫଳ ଅନୁଯାୟୀ, ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସହ ଦେଶରେ ଟପ୍ପର ହୋଇଥିବାବେଳେ ମଧ୍ୟପ୍ରଦେଶର ଉତ୍କର୍ଷ ଅୱଧିୟା ଦ୍ୱିତୀୟ ର୍‍ୟାଙ୍କ୍‌ରେ ରହିଛନ୍ତି। ଚଳିତ ବର୍ଷ ମୋଟ ୨୨.୦୫ ଲକ୍ଷ ଛାତ୍ରୀଛାତ୍ର ଏନ୍‌ଇଇଟି-ୟୁଜି ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୧୨.୩୬ ଲକ୍ଷରୁ ଅଧିକ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭.୨ ଲକ୍ଷ ଛାତ୍ରୀ ହୋଇଥିବାବେଳେ ୫.୧୪ ଲକ୍ଷ ଛାତ୍ର। ୫୨୯ ଜଣ ବିଦେଶୀ, ୪୦୫ ଜଣ ପ୍ରବାସୀ ଭାରତୀୟ ଏବଂ ୬୦୬ ଜଣ ଓସିଆଇ କାର୍ଡଧାରୀ ପରୀକ୍ଷାରେ ସଫଳ ହୋଇଛନ୍ତି। ମହାରାଷ୍ଟ୍ରର କ୍ରିଶଙ୍ଗ ଜୋଷୀ ଏବଂ ଦିଲ୍ଲୀର ମୃଣାଳ କିଶୋର ଝା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ର୍‍ୟାଙ୍କ୍‌ରେ ରହିଛନ୍ତି। ସେହିପରି ମହିଳାମାନଙ୍କ ମଧ୍ୟରେ ଦିଲ୍ଲୀର ଅଭିକା ଅଗ୍ରୱାଲ ଟପ୍ପର ହୋଇଥିବାବେଳେ ସେ ସର୍ବଭାରତୀୟ ☞ପୃଷ୍ଠା-୨

## ସ୍ନେହାଶିଷ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୧୪।୬
(ଅନୁରାଧା ମହାରଣା)



ସ୍ନେହାଶିଷ ଦାଶ

ନିଟ୍ ୟୁଜିରେ ସ୍ନେହାଶିଷ ଦାଶ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ୯୯.୯୯୭ ପର୍ସେଣ୍ଟାଇଲ୍ ସହ ସର୍ବଭାରତୀୟ ସ୍ତରରେ ୬୦ ର୍‍ୟାଙ୍କ ରଖିଛନ୍ତି। ସ୍ନେହାଶିଷ ଦିଲ୍ଲୀ ପବ୍ଲିକ ସ୍କୁଲ ଡିପିଏସ୍ କଳିଙ୍ଗର ଛାତ୍ର। ତେବେ ସେ ଭବିଷ୍ୟତରେ ନ୍ୟୁରୋଲୋଜି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସୂଚନା ଥାଉକି, ଚଳିବର୍ଷ ଓଡ଼ିଶାରୁ ୬୧,୧୧୧ଜଣ ନିଟ୍ ୟୁଜି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୯,୨୩୮ଜଣ ପରୀକ୍ଷା ଦେଇଥିବାବେଳେ ୩୧,୬୭୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସ୍‌ସି ବର୍ଗରେ ପବିତ୍ର ସେଠୀ ୯୯.୯୯୧ ପର୍ସେଣ୍ଟାଇଲ୍ ସହ ୧୮୦ ନିଟ୍ ର୍‍ୟାଙ୍କ ହାସଲ କରିଛନ୍ତି। ☞ପୃଷ୍ଠା-୨




## ଛେଳିକୁ ନେଇ ଯୁବକଙ୍କୁ ହତ୍ୟା

**ଦମ୍ପତିଙ୍କ ସମେତ ୩ ଗିରଫ, ଜଣେ ଫେରାର**

ପାଟଣା, ୧୪।୬
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଛେଳି ଚୋରିକୁ ନେଇ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଜଣେ ଯୁବକଙ୍କୁ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ସାହାରପଡ଼ା ବ୍ଲକ୍ ଶଙ୍ଖୁଆ ଗ୍ରାମର ପରମାନନ୍ଦ ନାଏକଙ୍କ ପୁଅ ବିପିନ ବିହାରୀ ନାଏକ(୪୬)। ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଶଙ୍ଖୁଆ ଗ୍ରାମର ଦେବଶ୍ରୀ ପାତ୍ର (୫୫), ତାଙ୍କ ସ୍ତ୍ରୀ ବୀଣାପାଣି ପାତ୍ର (୪୦) ଓ ପଦ୍ମିନୀ ପାତ୍ର(୫୦) ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି।

ସୂଚନା ମୁତାବକ, ବିପିନ ଶୁକ୍ରବାର ରାତିରେ ଦେବଶ୍ରୀଙ୍କ ଗୁହାଳ ଘରେ ପଶିଥିଲେ। ଅଞ୍ଚଳରେ ପୂର୍ବରୁ ଛେଳି ଚୋରି ହୋଇଥିବାରୁ ସେ ଛେଳି ଚୋରି କରିବାକୁ ଆସିଥିବା ସନ୍ଦେହ କରି ତାଙ୍କୁ କାବୁ କରିଥିଲେ। ଦେବଶ୍ରୀ, ତାଙ୍କ ସ୍ତ୍ରୀ ବୀଣାପାଣି, ପଦ୍ମିନୀ ଓ ଅନ୍ୟଜଣେ ମିଶି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ମାଡ଼ରେ ବିପିନଙ୍କ ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ ଶଙ୍ଖୁଆ ଗୋରାଣ୍ଡି ଯୋଡ଼ି ରାସ୍ତାର ଶଙ୍ଖୁଆ ହାଇସ୍କୁଲ ନିକଟରେ ପକାଇଦେଇଥିଲେ। ଶନିବାର ସକାଳେ ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସୁବିଧାବାଦର ସିଦ୍ଧାନ୍ତ

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-38: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା16.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0143/2526



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରଜ ମହୋତ୍ସବ ପାଳନ ଅବସରରେ ଘୋଡ଼ା ନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ସେବା ରତ୍ନ ସମ୍ମାନ, ସ୍ଥାନ:ଗୁରୁ କେଳୁ ଚରଣ ମହାପାତ୍ର ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୃତୀୟ ବାର୍ଷିକ ଭିଙ୍ଗାରପୁର ରଜ ମହୋତ୍ସବର କବାଡ଼ି ଓ ବିଭିନ୍ନ ଦୌଡ଼ ପ୍ରତିଯୋଗିତା, ସ୍ଥାନ: ଶ୍ରୀ ବକ୍ରେଶ୍ୱର ମନ୍ଦିର ପରିସର, ଭିଙ୍ଗାରପୁର, ବାଲିଅନ୍ତା, ସମୟ: ଅପରାହ୍ନ ୪ଟା।
- ରାମକୃଷ୍ଣ ପତିଙ୍କ ୩୯ତମ ରାଜ୍ୟସ୍ତରୀୟ ସ୍ମୃତି ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ରଜ ମହୋତ୍ସବ ଅବସରରେ ବାଦୀ ପାଲା ପରିବେଷଣ, ସ୍ଥାନ: ମେଳଣ ପଡ଼ିଆ ପରିସର, ଗଡ଼ ନହରକଣ୍ଟା, ସମୟ: ରାତି ୭ଟା।

## କଟକ

- ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ପିତୃଦିବସ ପାଳନ, ସ୍ଥାନ: ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପ, ବଡ଼ମ୍ବା, ସମୟ: ସକାଳ ୭ଟା।
- ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ୪୨ ମୌଜା କଳପଡ଼ା, ସମୟ: ସକାଳ ୯ଟା।
- ସୁନାଦୂବ ପକ୍ଷରୁ ରଜ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଶାରଦା ଶିକ୍ଷା ନିକେତନ ପ୍ରାଙ୍ଗଣ, ବଗଲା ଲେନ୍, ଭଗତପୁର, ସମୟ: ପୂର୍ବାହ୍ନ ୧୧ଟା।
- କିଶୋର ନଗରରେ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: କିଶୋର ନଗର ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସତ୍ୟବାଦୀ କଳା ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ କ୍ରେଶର ଦେବଙ୍କ ମେଳଣ ପଡ଼ିଆ, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ରଜ ଉତ୍ସବ, ସ୍ଥାନ: ଶ୍ରୀରାମ ନଗର, ସମୟ: ଅପରାହ୍ନ ୩ଟା ୩୦।
- ବରୁଣେଇ ରଜ ମହୋତ୍ସବ, ସ୍ଥାନ: ବରୁଣେଇ, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: ନାୟକାଣିଡିହୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭାବଗ୍ରାହୀ ପାଠାଗାର ପରିସର, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ, ସ୍ଥାନ: ଟିକିରା, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ନିମାପଡ଼ା କପାଳୀକ୍ଷେତ୍ର, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପୌରାଣିକ ପୀଠ ସୀତାବିଞ୍ଜିଠାରେ ମେଳା ଆରମ୍ଭ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଟିକିରା ତଳ ସାହିରେ ରଜ ମହୋତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବିକାଶ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିରର ଉଦଯାପନୀ ଉତ୍ସବ, ସ୍ଥାନ: ଶହିଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଡିଆରକେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସକାଳ ୧୦ଟା।
- ପଞ୍ଚମ ବେଦ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୧୦ଟା ଓ ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା, ସ୍ଥାନ: ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଅନ୍ୱେଷା କଳାକେନ୍ଦ୍ରର ରଜ ଉତ୍ସବ, ସ୍ଥାନ: ମୋତି ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- 'ଅକ୍ଷରେ ପ୍ରେମ' ପକ୍ଷରୁ ରଜ ମଉଜ, ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ଉତ୍କଳ ଆଶ୍ରମ ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଗୋସେବା କାର୍ଯ୍ୟକ୍ରମ, ସ୍ଥାନ: ନିଳିକଣା, ଡେରାବିଶ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ:ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୭ଟା।
- ମୁର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡା, କେନ୍ଦ୍ରାପଡା ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ନାମ ଯଜ୍ଞ, ସ୍ଥାନ: ମାଆ ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଟପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମାଆ ବୁଢ଼ୀ ମଙ୍ଗଳା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଗଳିଦାଣ୍ଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ୭୦ତମ ସର୍ବଭାରତୀୟ ମହିଳାପୁରୁଷ କବାଡ଼ି ଚାମ୍ପିୟନଶିପର ତୃତୀୟ ଦିବସ, ସ୍ଥାନ: ରସୁଲପୁର ବ୍ଲକ୍‌ର ଖଣ୍ଡିତର କବାଡ଼ି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୟାଗଡ଼

- ରଜ ମହୋସବ କମିଟି ଓ ନୟାଗଡ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ଼ ସହର ରାଜବଗିଚା , ସମୟ: ସକାଳ ୯ଟା।
- ରଜ ମଉଜ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ ପୁରୁଣା ସହର ମା ଦକ୍ଷୀଣକାଳୀଙ୍କ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ ବ୍ଲକ କଳାହାଣ୍ଡି ମୌଜାର ମା' ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ:ଅପରାହ୍ନ ୪ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା। ମେହେନ୍ଦି, ଝୋଟି ପ୍ରତିଯୋଗିତା, ସ୍ଥାନ: ମହିଳା ସଂସ୍କୃତି ଅନୁଷ୍ଠାନ, ରାୟଗଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ରଜ ଉତ୍ସବ, ସ୍ଥାନ: ଉମରକୋଟ ବ୍ଲକ ଦର୍ଗାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ମଣ୍ଡଳ ପ୍ରସ୍ତୁତି ବୈଠକ,ସ୍ଥାନ: ଜୋନ-୧ ସାଇ କଲ୍ୟାଣୀ ମଣ୍ଡପ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି

- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା ବୈଠକ ଓ ସାମ୍ବାଦିକ ସମ୍ମିଳନୀ
- ସ୍ଥାନ:ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ନାଟ୍ୟ ମହାର୍ଷି ଭଗବାନ ସାହୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ଡେରା, ସମୟ : ସକାଳ ୭ଟା୩୦।
- ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ବାର୍ଷିକ ଉତ୍ସବ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପାନ୍ଥ ନିବାସ, ସମୟ: ଅପରାହ୍ନ ୫ଟା୩୦।

## ବଲାଙ୍ଗୀର

- ଦେଓଗାଁ ଚିନିକଳ ସଂଘର୍ଷ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲକ୍ଷ୍ମଣ କୁମାର ମେହେରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ।

## ରାଉରକେଲା

- ସାଥୀ ସଙ୍ଗଠନ ପକ୍ଷରୁ ସଚେତନତା ରାଲି, ସ୍ଥାନ: ୭/୧୭ ଛକ, ସମୟ: ସକାଳ ୭ଟା ୩୦।
- ରଜ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଫିଟ୍‌ନେସ ପାର୍କ, ସେକ୍ଟର-୧୯, ସମୟ: ସକାଳ ୭ଟା।
- ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ଗୋପବନ୍ଧୁପାଲ୍ଲୀ, ସମୟ: ସକାଳ ୮ଟା।
- ପରିଚୟ ପକ୍ଷରୁ ରଜ ନୃତ୍ୟୋତ୍ସବ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡ କଲୋନି, ଫେଜ୍-୧ ଏନ୍‌ଏସି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ସେକ୍ଟର-୧୫ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ବାଟମଙ୍ଗଳା ମହିଳା ସମିତି ପକ୍ଷରୁ ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୫ଟା।
- ଶ୍ରୀଧର ଜ୍ଞାନସ୍ମୃତି କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦
- ରୋଟାରୀ କ୍ଲବ ଅଫ ରାଉରକେଲା ଅର୍ବାନ ପକ୍ଷରୁ ରଜ ସଂକ୍ରାନ୍ତି, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର-୧୯, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ସକାଳ ୭ଟା।,
- ପଦ୍ମପୁର ପ୍ରତିଭା ସମ୍ମାନ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୯ଟା।
- ବିଶ୍ୱ ବରିଷ୍ଠ ହତାଦର ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ବିରିକୋଟ ଓ ଗୋପାଳପୁର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ବିକାଶ ମେଳାର ଚତୁର୍ଥ ଦିବସ, କଟେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୮ଟା।
- ବିକାଶ ବାହନ ଯାତ୍ରା ପରିକ୍ରମା ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସହଲା, ତମାପୁରା ଓ କପାସିରା ଗ୍ରାମ ପଞ୍ଚାୟତ, ସମୟ: ସକାଳ ୯ଟା।

## ନୂଆପଡ଼ା

- ବିକାଶ ମେଳା ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମଦର ଟେରେସା ସେବାକେନ୍ଦ୍ର ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଧାରରେ ଅର୍ଥ, ବସ୍ତ୍ରଭୂଷଣ, ଉଚ୍ଚ ସମ୍ମାନ ଏବଂ ବନ୍ଧୁଙ୍କ ଆତିଥ୍ୟଯୋଗ ରହିଛି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେବା କାରଣରୁ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ବୁଝାମଣାର ଅଭାବ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ।

**ବୃଷ** କଠୋର ସତ୍ୟ ପ୍ରକାଶ ବନ୍ଧୁ ସମ୍ପର୍କକୁ ତିକ୍ତ କରିଦେଇପାରେ। ଆଲୋଚନା ପରିସରରେ ଆପଣ ସଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯିବାର ସୂଚନା ରହିଛି। କିନ୍ତୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପରୋକ୍ଷ ଶତ୍ରୁତା କାରଣରୁ ଆପଣଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତିର ଆଶା ମଉଳି ଯାଇପାରେ। ପ୍ରତିବନ୍ଧକ ଲାଗି ରହିବାରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। ପରିବାରରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନର କ୍ଷୀଣ ଆଶା ରହିଛି।

**କର୍କଟ** ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହୋଇପାରେ। ଯାହା ବହୁତ ଦିନ ହେଲା ମନେମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ରହିଆସୁଥିବା ବିବାଦର ଅନ୍ତ ଘଟିବାର ସୂଚନା ରହିଛି। ସରକାରୀ ସ୍ତରରୁ କିମ୍ବା ଆଇନର ସହାୟତାରୁ ଉପକୃତ ହେବେ।

**ସିଂହ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ପଦୋନ୍ନତିର ସୁଯୋଗ ପାଇବେ। ଏକ ଆନନ୍ଦଦାୟକ ପରିବେଶରେ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ ଅସ୍ଥିରତା ଦୂରୀଭୂତ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରେଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ସାଙ୍ଗକୁ ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟ ଲାଭ କରିବେ।

**କନ୍ୟା** ଆଜି ଅର୍ଥଲାଭ, ବସ୍ତ୍ରାଳଙ୍କାର ପ୍ରାପ୍ତି ଓ ବନ୍ଧୁଗହଣରେ ମିଷ୍ଟାନ୍ନ ଭୋଜନ ଯୋଗ ରହିଛି। ପାରିବାରିକ ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତା ପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜା ସକାଶେ ଯତ୍ନବାନ୍ ହେବେ। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଆବଶ୍ୟକ ହୋଇପାରେ।

**ତୁଳା** ଯାତ୍ରାକାଳରେ ଅନ୍ୟମନସ୍କ ଜନିତ ସମସ୍ୟା ଉପୁଜିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ସମ୍ମାନିତ ହୋଇପାରନ୍ତି। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ, କିନ୍ତୁ ବାଣିଜ୍ୟ ପାଇଁ ଦିନଟି ମନ୍ଦ ନୁହେଁ। ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ, ଆଇନ ଅଦାଲତରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ।

**ବିଛା** ଅନୁକୂଳ ଗ୍ରହଯୋଗ ପ୍ରଭାବରୁ ଅର୍ଥ, ସମ୍ମାନ, ବନ୍ଧୁପ୍ରୀତି ମାଧ୍ୟମରେ ଆନନ୍ଦ ପ୍ରାପ୍ତି ଘଟିବ। ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିନେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ଯୋଗୁ ଆଶ୍ୱସ୍ତ ହେବେ। ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ର, ସଙ୍ଗଠନ, ପ୍ରଶାସନ ଓ ପଡ଼ୋଶୀଙ୍କ ଆଦରରୁ ଖୁସି ରହିବେ। ବନ୍ଧୁମାନଙ୍କ ସହ ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମକର** ବିଜାତୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଆର୍ଥିକ, ସାଙ୍ଗଠନିକ ସହାୟତା ପ୍ରାପ୍ତି ହେବ। ଆଜି ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢ଼ିଯିବ। ଆନୁଷ୍ଠାନିକ କାମ, ସାହିତ୍ୟ, ସଭାସମିତି, ଲେଖାପଢ଼ା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ସନ୍ତାନହେତୁକ ଚିନ୍ତା ଟଳିବ।

**କୁମ୍ଭ** ବ୍ୟାଙ୍କ, ଲଟେରି, ସଞ୍ଚୟରୁ ଅର୍ଥପ୍ରାପ୍ତି ସୁଯୋଗ ମିଳିପାରେ। ଚିନ୍ତା ନ କରି କାମ କଲେ ସଫଳତା ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବାର ସମ୍ଭାବନା ରହିଛି। ଏଣୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହନ୍ତୁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମୀନ** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବ୍ୟୟବହୁଳତା ଦୁଶ୍ଚିନ୍ତାର କାରଣ ହେବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ, ବନ୍ଧୁଙ୍କ ମଧ୍ୟରେ କିମ୍ବା ସାମାଜିକ ସ୍ତରରେ ବିବାଦ ବଢ଼ିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ଭଲ ଏବଂ ବନ୍ଧୁ ମିଳନରୁ ଖୁସି ରହିପାରନ୍ତି। କର୍ମକ୍ଷେତ୍ରରେ ବିଜୟ ଲାଭର ସମ୍ଭାବନା ରହିଛି।

ଆଜି ରଜ ସଂକ୍ରାନ୍ତି, ଜୁନ୍ ୧୫ ତାରିଖ, ବିଶ୍ୱ ପିତୃ ଦିବସ (ଜୁନ୍ ତୃତୀୟ ରବିବାର), ଆଷାଢ଼ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ରବିବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୬ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୪ ଗତେ ଘ.୦୬।୨୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର, ବାନ୍ଧ, ପକା,
ଏ ତିନିହେଁ ଏକା।**

ପନ୍ଥା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା ଏବଂ ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରିଲା ମାଛ ସାନ
ଯିବା ମାଛ ବଡ଼।**

ସାଧାରଣତଃ ହାତଛଡ଼ା ବା ହଜିବା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏବର୍ଷ ଚାଷ ପାଇଁ ପାଗ ଅନୁକୂଳ ରହିବ

## ୨ଦିନରେ ମୌସୁମୀ ସକ୍ରିୟ ହେବ, ୭ଦିନ ବର୍ଷିବ

ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେବଳ ଦକ୍ଷିଣ ଓଡ଼ିଶାରେ ସକ୍ରିୟ ରହିଛି। ସେସବୁ ଅଞ୍ଚଳରେ ବର୍ଷା ହେଉଥିବାବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ଗରମ ଓ ଗୁଳୁଗୁଳି ହେଉଛି। ତେବେ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହୋଇ ବର୍ଷା କରାଇବ। ମୌସୁମୀ ଋତୁରେ ଯେତିକି ବର୍ଷା ହୁଏ, ଚଳିତବର୍ଷ ଓଡିଶାରେ ସେତିକି କିମ୍ବା ତା'ଠୁ ଅଧିକ ବର୍ଷା ହେବ। ଯାହା ଫଳରେ ଚାଷ ପାଇଁ ଅନୁକୂଳ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଏନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ପହିଲି ରଜରେ ୩୦ ଜିଲାରେ ଝଡ଼ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। କିଛି ସ୍ଥାନରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡି ସହ ଝଟ୍‌କା ପବନ ହୋଇଥିବା ସୂଚନା ମିଳିଛି। ତେବେ ରଜର ଆଉ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ବଙ୍ଗୋପସାଗରରେ ମୌସୁମୀ ବାୟୁ ସକ୍ରିୟ ହେଉଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ହେବ। ସମୁଦ୍ର ମଧ୍ୟରୁ ଜଳୀୟବାଷ୍ପ ପ୍ରବେଶ କରୁଥିବାରୁ ମୌସୁମୀ ସକ୍ରିୟ ହେବାକୁ ସକ୍ଷମ ହେଉଛି। ଆଗାମୀ ଦୁଇଦିନ ମଧ୍ୟରେ ବିଦର୍ଭ, ଛତିଶଗଡ ଏବଂ ଓଡିଶା ର ଆହୁରି କିଛି ଅଞ୍ଚଳକୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବାବେଳେ ଗୁଜରାଟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରକୁ ପରବର୍ତ୍ତୀ ୩ଦିନ ମଧ୍ୟରେ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ସହିତ ପଶ୍ଚିମ କେନ୍ଦ୍ରୀୟ ଆରବ ସାଗରରୁ ଦକ୍ଷିଣ ଓଡ଼ିଶା ଉପକୂଳ ଯାଏ ଏକ ଟ୍ରଫ ଲାଇନ ଲମ୍ବିଛି, ଯାହାକି ବର୍ଷା କରାଇବାରେ ସହାୟକ ହେବ। ଏହା ପ୍ରଭାବରେ ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ୪୨୨ କୋଟିର ପାଟନା ଫ୍ଲାଏଓଭର

# ନଟ୍ ବୋଲ୍ଟ ଖୋଲିନେଲେ ପିଲା

ପାଟନା, ୧୪।୬: ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୁନ୍ ୧୧ରେ ପାଟନାରେ ଏକ ଡବଲ ଡେକର ଫ୍ଲାଏଓଭର ଉଦ୍‌ଘାଟନ କରିଥିଲେ। ଗାନ୍ଧୀ ମଇଦାନ କାରଗିଲ ଛକ ନିକଟରେ ୪୨୨ କୋଟି ଟଙ୍କାରେ ନିର୍ମିତ ଏହି ଫ୍ଲାଏଓଭରର ନଟ୍ ବୋଲ୍ଟଗୁଡ଼ିକୁ ପିଲାମାନେ ଖୋଲିନେଇଛନ୍ତି। ତେଣୁ ଏଥିରେ ବ୍ୟବହୃତ ଯନ୍ତ୍ରପାତି କେତେ ମଜଭୁତ ବୋଲି ସୋସିଆଲ ମିଡିଆରେ ୟୁଜର୍ସ ପ୍ରଶ୍ନ କରିବା ସହ ଏହାର ଭିଡିଓ ଶେୟାର କରିଛନ୍ତି। ନଟ୍ ବୋଲ୍ଟ ଖୋଲୁଥିବା ପିଲାଙ୍କୁ ଜଣେ ୟୁଜର 'ବାଂଲାଦେଶୀ ବୋଲି ଉଲ୍ଲେଖ କରିଛନ୍ତି। ଆଉ ଜଣେ ପ୍ରଶ୍ନ କରିଛନ୍ତି, ଏହା ଯଦି ଏତେ ସହଜରେ ଖୋଲିହୋଇଯାଉଛି, ତେବେ ସମ୍ଭବତଃ ଏହାକୁ ଜାଣିଶୁଣି ଖୋଲିହେବା ଭଳି ଲଗାଯାଇଥିଲା। ଉଲ୍ଲେଖଯୋଗ୍ୟ ଏଭଳି ନିମ୍ନମାନର ପରିବହନ ନିର୍ମାଣକୁ ନେଇ ବିହାର କୁଖ୍ୟାତି ଅର୍ଜନ କରିଛି। ଗତବର୍ଷ ରାଜ୍ୟରେ ୧୫ ବ୍ରିଜ୍ ଭୁଶୁଡ଼ିପଡ଼ିଥିଲା।



## ପ୍ରଥମ ପୃଷ୍ଠାରୁ...

### ଗୁଳିମାଡ଼ରେ ପୂର୍ବତନ ...

ଏମର୍ଜେନ୍ସି ଲାଇଟ୍ ଥିବା ଏକ ଏସ୍‌ୟୁଭିରେ ଆସି ଗୁଳି ଚଳାଇଥିଲେ। ହର୍ଟମାନ୍‌ଙ୍କ ଘରର ସୁରକ୍ଷା କର୍ମୀ ଗୁଳି କରିଥିଲେ ମଧ୍ୟ ଆକ୍ରମଣକାରୀ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଉକ୍ତ ଗାଡ଼ିରୁ ଏକ ହାତଲେଖା ନୋଟ୍ ମିଳିଛି, ଯେଉଁଥିରେ ଲ' ମେକର ଏବଂ ଅଫିସରମାନଙ୍କ ନାଁ ରହିଛି। ସମସ୍ତ ପ୍ରକାର ରାଜନୈତିକ ହିଂସା ବିରୋଧରେ ମିନେସୋଟା ଓ ସମଗ୍ର ଦେଶ ଛିଡ଼ାହୋଇଛି ବୋଲି ୱାଲ୍‌ଜ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଲ'ମେକରଙ୍କୁ ଟାର୍ଗେଟେଡ୍ ଆକ୍ରମଣ ଘଟଣାର ତଦନ୍ତ ଏଫ୍‌ବିଆଇ ଏବଂ ଆଟର୍ନି ଜେନେରାଲ ପାମ୍ ବୋଣ୍ଡି କରୁଛନ୍ତି। ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ କାଠଗଡ଼ାକୁ ଅଣାଯିବ। ଆମେରିକାରେ ଏଭଳି ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ହର୍ଟମାନ୍ ରାଜ୍ୟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଶୀର୍ଷ ଡେମୋକ୍ରାଟିକ୍ ନେତ୍ରୀ ଏବଂ ପୂର୍ବତନ ସ୍ପିକର। ସେ ପ୍ରଥମେ ୨୦୦୪ରେ ନିର୍ବାଚିତ ହୋଇଥିଲେ। ହର୍ଟମାନ୍ ଓ ତାଙ୍କ ସ୍ୱାମୀଙ୍କର ୨ ପିଲା ରହିଛନ୍ତି। ଡେମୋକ୍ରାଟ୍ ଷ୍ଟେଟ୍ ସିନେଟର ହୋଫ୍‌ମାନ୍ ୨୦୧୨ରେ ପ୍ରଥମେ ନିର୍ବାଚିତ ହୋଇଥିଲେ।

### ସ୍ନେହାଶିଷ ଓଡ଼ିଶା...

ପିଡବ୍ଲ୍ୟୁବିଡି (ମହିଳା) ବର୍ଗରେ ବୈଶାଳୀ ମହାରଣା ୯୯.୦୫୯ ପର୍ସେଣ୍ଟାଇଲ୍ ସହ ୨୦,୪୯୬ ର୍‍ୟାଙ୍କ ଓ ସାଇମା ମିର୍ଜା ୯୮.୪୫୬ ପର୍ସେଣ୍ଟାଇଲ ସହ ୩୩୩୮୯ ନିଟ୍ ର୍‍ୟାଙ୍କ ପାଇଛନ୍ତି। ସେହିପରି ପିଡବ୍ଲ୍ୟୁବିଡି(ପୁରୁଷ) ବର୍ଗରେ ଦୁର୍ବଦଳ ମେହେର ୯୯.୬୭୨ ପର୍ସେଣ୍ଟାଇଲ୍ ସହ ୭୦୦୭ ନିଟ୍ ର୍‍ୟାଙ୍କ ପାଇଛନ୍ତି।

### ଏନ୍‌ଇଇଟି-ୟୁଜି: ...

ସ୍ତରରେ ୫ମ ସ୍ଥାନରେ ରହିଛନ୍ତି। ଉତ୍ତରପ୍ରଦେଶର ସର୍ବାଧିକ ୧.୭୦ ଲକ୍ଷରୁ ଅଧିକ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରୁ ୧.୨୫ ଲକ୍ଷରୁ ଅଧିକ ଏବଂ ରାଜସ୍ଥାନରୁ ୧.୧୯ ଲକ୍ଷରୁ ଅଧିକ ପ୍ରାର୍ଥୀ ରହିଛନ୍ତି। ମୋଟ ୭୨୦ ମାର୍କରୁ ୭୩ ଜଣ ପରୀକ୍ଷାର୍ଥୀ ୬୫୧ରୁ ୬୮୬ ମଧ୍ୟରେ ରଖିଥିବାବେଳେ ୧,୨୫୯ ଜଣ ୬୦୧ରୁ ୬୫୦ ମଧ୍ୟରେ ମାର୍କ ହାସଲ କରିଛନ୍ତି।

### ଛେଳିକୁ ନେଇ ...

ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିପିନଙ୍କ ବାପା ପରମାନନ୍ଦ ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୨୨/୨୫) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମହାକୁଡ଼ କହିଛନ୍ତି।




# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଏଏସ୍‌ଆଇ ମୃତ

**ବଣାଇଁ, ୧୪।୬(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ–ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ଶନିବାର ସକାଳେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଏଏସ୍‌ଆଇଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାନ କୁମାର ସିଂ। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ସିଆର୍‌ପିଏଫ୍ ୧୩୪ ନମ୍ବର ବାଟାଲିୟନରେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଭାବେ ଝାଡ଼ଖଣ୍ଡରେ ମୁତୟନ ଥିଲେ। ତାଙ୍କ ମୃତ୍ୟୁ ପରେ କୋମ୍ବିଂ ଅପରେଶନ ସ୍ଥଗିତ ରଖି ନୂଆ ରଣନୀତି ପ୍ରସ୍ତୁତ କରୁଛି ପୋଲିସ। ଏଏସ୍‌ଆଇଙ୍କ ମୃତଦେହ ଏୟାର ଲିଫ୍ଟରେ ରାଞ୍ଚି ମୁଖ୍ୟାଳୟ ନିଆଯାଇ ଗାର୍ଡ ଅଫ୍ ଅନର ଦିଆଯିବା ପରେ ପୈତୃକ ଘର ଉତ୍ତରପ୍ରଦେଶକୁ ନିଆଯାଇଥିବା ସୂଚନା ମିଳିଛି।

ଗତ ୧୨ ତାରିଖରୁ ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତ ସଂଲଗ୍ନ ଅଞ୍ଚଳରେ ତଲାସି ଅଭିଯାନ ଚାଲିଛି। ଶୁକ୍ରବାର ରାତିରେ ସିଆର୍‌ପିଏଫ୍ ଓ ପୋଲିସ ଅପରେଶନ କରୁଥିଲେ। ଶନିବାର ସକାଳେ ପୁଣି ତାହା ଆରମ୍ଭ ହୋଇଥିଲା। ବାଙ୍କୋ –ଲଙ୍ଗଲକଟା ପରେ ଥିବା ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ବିଛାଇଥିବା ଲ୍ୟାଣ୍ଡମାଇନ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଏଏସ୍‌ଆଇ ସିଂ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହସ୍ପିଟାଲ ପରିସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ।


ସତ୍ୟବାନ କୁମାର ସିଂ

ମାଓବାଦୀ ସୁପ୍ତ ହୋଇଯାଇଥିବା ପ୍ରଚାରକୁ ଚ୍ୟାଲେଞ୍ଜ କରି ଗତ ୨୭ ତାରିଖରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ସ୍ପଷ୍ଟ ଦିବାଲୋକରେ ସେମାନେ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ପରେ ଓଡ଼ିଶା ଓ ଝାଡଖଣ୍ଡ ପୋଲିସ ମିଳିତ ଅପରେଶନ କରୁଥିଲା। ସାଢ଼େ ୩ ଟନ୍ ବିସ୍ଫୋରକ ଜବତ ହୋଇଥିଲା। ହେଲେ ଏହାର ୩ ଦିନ ପରେ ମେ ୩୦ରେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ସରଣ୍ଡା ଜଙ୍ଗଲରେ ତଲାସି ଅଭିଯାନ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଥିଲେ। ୩୧ ତାରିଖରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ସାହୁ ବାର୍ଜୋ ଗୁରୁତର ଆହତ ହୋଇଥିଲେ। ଶନିବାର ଜଣେ ସିଆର୍‌ପିଏଫ ଏଏସଆଇଙ୍କ ମୃତ୍ୟୁ ଘଟିଛି। କିଛିବର୍ଷ ମାଓବାଦୀଙ୍କ ନୀରବତାକୁ ସେମାନଙ୍କ ଅନ୍ତଭାବି ଏଠାରୁ ସିଆର୍‌ପିଏଫ କ୍ୟାମ୍ପ ଉଠାଇ ଦିଆଯାଇଥିଲା। କିନ୍ତୁ ଏବେ ମାଓବାଦୀ ପୁଣି ସକ୍ରିୟ ହୋଇଉଠିଛନ୍ତି।

# ଲିଫ୍ଟରେ ଫସିଲେ ରୋଗୀଙ୍କ ସମ୍ପର୍କୀୟ

**ସନ୍ତ୍ରିଛକ,୧୪।୬(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମପ୍ରସାଦ ନିକଟସ୍ଥ ଇଏସ୍‌ଆଇ ଡାକ୍ତରଖାନା ଲିଫ୍ଟରେ ଶନିବାର ୩ ଜଣ ଫସିଯାଇଥିଲେ। ସୂଚନା ଅନୁଯାୟୀ, ଇଏସ୍‌ଆଇ୍ ମେଡିକାଲରେ ତାଳଚେର ସଇଁନାଳୀ ଅଞ୍ଚଳର ଅରୁଣ ମହାରଣାଙ୍କ ପୁଅଙ୍କ ଅପରେଶନ ହୋଇଥିଲା। ସେ ଦ୍ୱିତୀୟ ମହଲାରେ ଚିକିତ୍ସାଧୀନ ଥିଲେ। ସନ୍ଧ୍ୟାରେ ପୁଅକୁ ଦେଖା କରିବାକୁ ଅରୁଣ ଲିଫ୍ଟରେ ଯାଉଥିବା ବେଳେ ତାହା ଅଚଳ ହୋଇଯାଇଥିଲା। ଉକ୍ତ ଲିଫ୍ଟରେ ଅରୁଣଙ୍କ ସହ ଆଉ ୨ଜଣ ଯୁବକ ଦେବାନନ୍ଦ ସାହୁ, ସୁଶାନ୍ତ ବିଶ୍ୱାଳ ମଧ୍ୟ ଥିଲେ। ଲିଫ୍ଟ ବନ୍ଦ ହୋଇଯିବା ଓ ଭିତରୁ କୌଣସି ଫୋନ କଲ୍ ଲାଗୁ ନ ଥିବାରୁ ସେମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ପରେ ଘଟଣାସ୍ଥଳରେ ସୁରକ୍ଷାକର୍ମୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ କରିବା ପରେ ଲିଫ୍ଟ ଚାଲିଥିଲା। ଲିଫ୍ଟର ୟୁପିଏସ୍ କାର୍ଯ୍ୟ କରୁ ନ ଥିବା କାରଣରୁ ଅଧାବାଟରେ ଅଟକି ଯାଇଥିବା କୁହାଯାଉଛି।

# ‘ଜୁଲାଇ ୬ ସୁଦ୍ଧା ରତ୍ନଭଣ୍ଡାର କାମ ଶେଷ କର’

## ଏଏସ୍‌ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)**

ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ପତ୍ର ଲେଖିଛନ୍ତି। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି ଜୁନ୍ ୨୮ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ କରିବା ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଡ. ପାଢୀ ଏଏସ୍‌ଆଇକୁ ଅନୁରୋଧ କରିଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି। ଅରୁଣସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ଯଥା–ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାରଠାରେ ର୍‍ୟାମ୍ପ ନିର୍ମାଣ ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍‌ଆଇ ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦର୍ଶାଯାଇଛି। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସହ ସମସ୍ତ କାର୍ଯ୍ୟ ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ଡ. ପାଢୀ ସୂଚନା ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ଯେଉଁ ପତ୍ର ଲେଖାଯାଇଛି, ସେଥିରେ ସ୍ପଷ୍ଟ ଭାବେ କୁହାଯାଇଛି କି ରଥଯାତ୍ରା ପରଦିନ ଅର୍ଥାତ ୨୮ ତାରିଖଠାରୁ ଜୁଲାଇ ୬ ପର୍ଯ୍ୟନ୍ତ ସମୟ ମିଳୁଛି। ତେଣୁ ଏହି କମ୍ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଜିନିଷ ଓ କାରିଗର ଆଗୁଆ ରଖିବା ସହ କାର୍ଯ୍ୟ କରିବେ। ମୁଖ୍ୟତଃ ଭିତର ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହୋଇଛି, ଖାଲି ଚଟାଣ ପଡ଼ିବ। ବାହାର ରତ୍ନଭଣ୍ଡାର ଯାହା କାର୍ଯ୍ୟ ବାକି ଅଛି, ତୁରନ୍ତ ମରାମତି ଓ ସଂରକ୍ଷଣ କରିବାକୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସହ ପାର୍ଶ୍ୱଦେବଦେବୀ ମନ୍ଦିରର ଆଲୋକୀକରଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ଯେଉଁ ଫ୍ଲଡ୍‌ଲାଇଟ ସାହାଯ୍ୟରେ ଆଲୋକୀକରଣ କରାଯାଉଛି, ତାହାର ଆହୁରି ଅଧିକ ଉନ୍ନତୀକରଣ କରାଯିବ। ଫଳରେ ବହୁ ଦୂରରୁ ଶ୍ରୀମନ୍ଦିର ଅଧିକ ଆକର୍ଷଣୀୟ ଓ ସୁନ୍ଦର ଦେଖାଯିବ। ତେଣୁ କାର୍ଯ୍ୟ କରିବାକୁ କୁହାଯାଇଛି। ସେହିପରି ନାଟମଣ୍ଡପରେ ଏସି ବ୍ୟବସ୍ଥା ନେଇ ଯେଉଁ କାର୍ଯ୍ୟ କରାଯିବ, ସେ ନେଇ ତାଙ୍କଠାରୁ ଅନୁମତି ପାଇଁ କୁହାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ତ୍ରିରଙ୍ଗା ଯାତ୍ରା ପରେ ରୋଡ୍ ଶୋ’ କରିବେ ମୋଦି

**ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଭୁବନେଶ୍ୱରରେ ଏକ ରୋଡ୍ ଶୋ’ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ନ ୩ଟାରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ସେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ପରେ ରୋଡ୍ ଶୋ କରିବେ। ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ ସହ ଅନେକ ନୂଆ ଯୋଜନାର ଘୋଷଣା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟରେ ଭାଜପା ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୋଦି ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ଗସ୍ତର ସଫଳ ପ୍ରଭାବ କିପରି ରହିବ ତାହାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା।

**BOYS' HOSTEL ON RENT**
- 150 Students Accommodation in a single building
- Near Chandrasekharpur BPCL Petrol Pump Adjacent to Nandankanan Main Road
- No middleman

**CONTACT - 7008412355 / 9861942408**









# ସୁବିଧାବାଦର ସିଦ୍ଧାନ୍ତ



## ଆକାର ପଟେଲ

ଗାଜାରେ ଶୀଘ୍ର, ନିଃସର୍ତ୍ତ ତଥା ଏକ ଲମ୍ବା ଯୁଦ୍ଧ ବିରତି ଦାବି କରାଯାଇ ଜୁନ୍ ୧୨ରେ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କ୍ଷୁଧାକୁ ଯୁଦ୍ଧର ଏକ ଅସ୍ତ୍ର ଭାବେ ଇସ୍ରାଏଲ ବ୍ୟବହାର କରୁଛି ବୋଲି ଏଥିରେ ଦର୍ଶାଯାଇଥିଲା। ଏହା ସପକ୍ଷରେ ୧୪୯ଟି ଦେଶ ଭୋଟ ଦେଇଥିବାବେଳେ ଆମେରିକା ଓ ଇସ୍ରାଏଲ ଏହାକୁ ବିରୋଧ କରିଥିଲେ। ଭାରତ ଭୋଟଦାନରୁ ନିବୃତ୍ତ ରହିଥିଲା। ଭାରତ ବାରମ୍ବାର ଭୋଟିଂରୁ ଦୂରେଇ ରହିବା ଧାରା ଜାରି ରଖିଆସିଛି। ଏଥିରେ ଅନେକେ ଭାରତୀୟ ନିରାଶ ହୋଇଛନ୍ତି, କାରଣ ପାଲେଷ୍ଟାଇନ ଓ ତାହାର ନାଗରିକଙ୍କ ପ୍ରତି ରହି ଆସିଥିବା ଭାରତର ଦୀର୍ଘଦିନର ସମ୍ପର୍କ ତୁଟିଯାଇଛି। କିନ୍ତୁ ଏହା ଭାଜପାର ମୂଳ ହିନ୍ଦୁତ୍ୱ ବିଚାରଧାରାକୁ ଦୃଷ୍ଟିରେ ରଖି କରାଯାଉଛି। ଅନ୍ୟପଟେ ନିକଟରେ ଭାରତ-ପାକିସ୍ତାନ ଯୁଦ୍ଧରେ ବିଶ୍ୱ ଯେଉଁ ଦୃଷ୍ଟିକୋଣ ପ୍ରକାଶ କରିଆସିଛି ସେଥିରେ ସରକାରଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମେ ଦେଶଗୁଡ଼ିକୁ ଆମ ସମର୍ଥନରେ ଆଣି ପାରିଲୁ ନାହିଁ। ମୋଦିଙ୍କ ଶାସନରେ ଭାରତର ବୈଦେଶିକ ନୀତିକୁ ସମାଲୋଚନା କରିବା ସ୍ତମ୍ଭର ଉଦ୍ଦେଶ୍ୟ ନୁହେଁ, ବରଂ ଭଲ ଭାବେ ବୁଝାଇବା ପାଇଁ ଏହା ଏକ ପ୍ରୟାସ। ୧୯୫୦ ଦଶନ୍ଧିରେ ଜନସଂଘ ରୂପରେ ଭାଜପା ତାହାର ଇସ୍ତାହାରରେ ବୈଦେଶିକ ନୀତି ସିଦ୍ଧାନ୍ତ ସମ୍ପର୍କରେ ବହୁତ କମ୍ ଦର୍ଶାଇଛି। ତେବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଲେଖାର ସିଦ୍ଧାନ୍ତରେ ଯାହା ବର୍ଣ୍ଣନା କରିଛନ୍ତି ସେଥିରେ ଭାରତ ବିଶ୍ୱରେ କ'ଣ କରିବାକୁ ଚେଷ୍ଟା କରୁଛି ତାହା ଆମେ ବୁଝିପାରିବା। ଜୟଶଙ୍କର ମନେକରନ୍ତି ଯେ, ଆମ ସମୟରେ ଆମେରିକା ଓ ୟୁରୋପ ସେମାନଙ୍କ ନିଜସ୍ୱ ବିଚାରକୁ ସାମ୍ନାକୁ ଆଣିବେ ଏବଂ ଚାଇନା ଆଗକୁ ବଢ଼ି ଚାଲିବ। ଭାରତ ଭଳି ସବୁଦେଶ ବିଶ୍ୱର ଅନ୍ୟଦେଶଗୁଡ଼ିକ ସହ ସେମାନଙ୍କ ସମ୍ପର୍କ ବଢ଼ାଇ ଲାଭ ଉଠାଇବେ ଏବଂ ଏଥିପାଇଁ ସେମାନଙ୍କ ସକାଶେ କୌଣସି ମାନଦଣ୍ଡ ବା ସଙ୍ଗତି ଦରକାର ନ ଥିଲା। ଭାରତ ଏସିଆର ସବୁଦେଶ ମଧ୍ୟରେ ଏକ ଆଞ୍ଚଳିକ ନେତୃତ୍ୱର ସହଭାଗିତା ଓ ସମ୍ପର୍କ ଚାହୁଁଥିଲା, ଯେଉଁଥିରେ ଚାଇନା ସହିତ ସମାନ ବୋଲି ଦାବି କରିପାରିବ। ଜୟଶଙ୍କର ଲେଖିଛନ୍ତି, ଅନେକ ଦାୟିତ୍ୱ ଏକାବେଳକେ ତୁଲାଇବାକୁ ପଡ଼ିବ ଏବଂ ଭାରତ ସେଗୁଡ଼ିକୁ ଦକ୍ଷତାର ସହ ନିୟନ୍ତ୍ରଣ କରିବାକୁ ହେବ। ଏହା ହେଲା ସୁବିଧାବାଦ ଏବଂ ତାହା ସବୁ ଠିକ୍ ଥିଲା, କାରଣ ସୁବିଧାବାଦ ଭାରତର ସଂସ୍କୃତିରେ ହିଁ ରହିଛି ବୋଲି ସେ ଆମକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଇସ୍ରାଏଲ ଦ୍ୱାରା ଚାଲିଥିବା ଗଣହତ୍ୟା ଓ ଶିଶୁକ୍ଷୁଧା ବିରୋଧରେ ଭୋଟ ଦେବାରୁ ବିରତ ରହିବା ବିଷୟକୁ ଆମେ ବୁଝିବା ଉଚିତ। ନୀତିରେ ଅସଙ୍ଗତି ରହିବା ଭଲ ଓ ଦରକାର ମଧ୍ୟ, କାରଣ ସୁସଙ୍ଗତିକୁ ଅଧିକ ଚାହିଁବା ଯୋଗୁ ସ୍ଥିତିରେ ପରିବର୍ତ୍ତନ ହେଲା ନାହିଁ। ଏଣୁ ଏହି ସିଦ୍ଧାନ୍ତକୁ କ'ଣ କୁହାଯିବ ? ଜୟଶଙ୍କର ସୁବିଧାବାଦ ଓ ଅସଙ୍ଗତିର ସିଦ୍ଧାନ୍ତ ବିଷୟ ପ୍ରଥମେ ବୁଝାଇବା ସହ କହିଥିଲେ ଯେ, ଗୋଟିଏ ନାମ (ସିଦ୍ଧାନ୍ତର) ବିଷୟରେ ଚିନ୍ତା କରିବା କଷ୍ଟକର। ସେ 'ମଲ୍ଟି ଆଲାଇନ୍‌ମେଣ୍ଟ' ଓ 'ଇଣ୍ଡିଆ ଫାଷ୍ଟ' ଭଳି ଖଣ୍ଡବାକ୍ୟ ସାମ୍ନାକୁ ଆଣିଛନ୍ତି ଓ ଖାରଜ କରିଛନ୍ତି। ସେ 'ବିକାଶଶୀଳ ସମୃଦ୍ଧି ଓ ପ୍ରଭାବ' ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ଯାହାକୁ ଠିକ୍ କହିଛନ୍ତି, କିନ୍ତୁ ବିଚାରଗୁଡ଼ିକ ଆକର୍ଷଣୀୟ ନୁହେଁ। ସେ ବିଶ୍ୱାସ କରନ୍ତି, ଯଦି ଅଧିକ ଦିନ ପର୍ଯ୍ୟନ୍ତ ଏହା ଜାରି ରହିବ ତେବେ ଏହା ପାଇଁ କିଛି ନାମ ଧୀରେ ଧୀରେ ଆସିବ। କାରଣ ସମସ୍ୟା ହେଉଛି, ଆମେ ଏଯାବତ ଏକ ବୃହତ୍ ପରିବର୍ତ୍ତନର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛୁ।

ବାସ୍ତବରେ କୌଣସି ପ୍ରକାରେ ଏହା ଏକ ବୈଦେଶିକ ନୀତି ନୁହେଁ ବୋଲି ବିରୋଧୀ ସୂଚିତ କରିବେ। ଯାହାସବୁ ଆରମ୍ଭରୁ ଘଟି ଆସୁଥିଲା, ତାହାକୁ ଘୋଡ଼ାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ତାହାସବୁ ତାମ୍‌ସା ଓ ସମାରୋହରେ ମୋଦିଙ୍କ ଆଗ୍ରହ ଏବଂ ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରାଯାଉଥିଲା। ବିରୋଧୀ ମଧ୍ୟ ପଚାରିବେ, ଭାଜପାର ଭାଷଣବାଜିରୁ କାହିଁକି ଜୟଶଙ୍କରଙ୍କ ସିଦ୍ଧାନ୍ତ ହଟିଗଲା। ଏଠାରେ ଭାରତ ପାଇଁ କୌଣସି ଭୂମିକା ନାହିଁ। ଏଠାରେ କୌଣସି ବସୁଧୈବ କୁଟୁମ୍ବକମ୍ ଶୈଳୀ ନାହିଁ କିମ୍ବା ବିଶ୍ୱଗୁରୁ ପ୍ରକାରର ଶବ୍ଦାଡ଼ମ୍ବର ନାହିଁ। ଏହାସହ ଜୟଶଙ୍କରଙ୍କ 'ନାମହୀନ' ସିଦ୍ଧାନ୍ତ ସବୁପ୍ରକାର ନୀତିନୈତିକତାରୁ ହଟିଯାଇଛି। ଏଥିପାଇଁ ଭାରତ ବିଶ୍ୱ ସହ ଜଡ଼ିତ ହୋଇପାରୁ ନାହିଁ। ଦେଖିବାକୁ ଗଲେ, ବିଶ୍ୱ ହେଉଛି ଏକ ଦେଣନେଣର ସ୍ଥାନ ଏବଂ ଭାରତ ଏଥିରୁ ଲାଭ ନେବା ପାଇଁ ତାହାର ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପଡ଼ିବ। ଏହି ବିଚାରରେ, ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୟୁକ୍ରେନ୍ ଯୁଦ୍ଧରୁ ଏବଂ ରୁଷିଆରୁ ଶସ୍ତା ତେଲ କିଣି ଲାଭ ଉଠାଇବାର ଥିଲା। ୟୁରୋପ ଶକ୍ତି ପାଇଁ ରୁଷିଆ ଗ୍ୟାସ୍ ଉପରେ ନିର୍ଭରଶୀଳ ହୋଇଥିବାରୁ ରୁଷିଆରୁ ଏହା କିଣିବା ପାଇଁ ପ୍ରାୟତଃ ଅନ୍ୟ ଦେଶଗୁଡ଼ିକ ଉପରେ ଚାପ ପକାଇବା କଷ୍ଟକର ଥିଲା। ଏଣୁ ଚାଇନା ସହ ଭାରତ ଲାଭ ଉଠାଇବା ପାଇଁ ତେଲ କିଣିଲେ। ଏହା କେତେ ଶସ୍ତା ଥିଲା ? ଏପ୍ରିଲ-ଡିସେମ୍ବର ମଧ୍ୟରେ ଆମଦାନୀ ହେଉଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୯୯.୨ ଡଲାର ଥିଲା। ରୁଷିଆ ତେଲକୁ ଛାଡ଼ିଦେଲେ, ଅନ୍ୟ ତେଲର ହାରାହାରି ମୂଲ୍ୟ ୧୦୧.୨ ଡଲାର ଥିଲା, ଅର୍ଥାତ୍ ବ୍ୟାରେଲ ପିଛା ଲାଭ ୨ ଡଲାର ରହୁଥିଲା, ଯାହା ଆମେ ତୈଳ ମୂଲ୍ୟରେ ଦେଖୁଛୁ, ସେହି ଲାଭ ଭାରତୀୟଙ୍କ ପାଖକୁ ଆସିଲା ନାହିଁ, ବରଂ ଧନୀ ହେଲେ ପ୍ରାଇଭେଟ ରିଫାଇନରମାନେ। ଏହି ସିଦ୍ଧାନ୍ତ ଉଭୟ ପକ୍ଷରେ କାମ କରିବ ବୋଲି ଜୟଶଙ୍କର ଆକଳନ କରିଥିବା ଜଣାପଡୁନାହିଁ। ସେ ପରିକଳ୍ପନା କରିଥିବା ଏଭଳି ଏକ ବିଶ୍ୱରେ ଭାରତ ଭଳି ଲାଭ ଉଠାଇବାକୁ ଅନ୍ୟମାନେ ଚାହିଁବେ ଓ ଏହାକୁ ସୁବିଧାବାଦୀ ଶୈଳୀ ଭାବେ ଗ୍ରହଣ କରିବେ। ଆମର ବିଶ୍ୱ ସ୍ତରରେ ପହଞ୍ଚିବା ଲାଗି କାହିଁକି ଏଭଳି ଏକ ମାନ୍ଦା ପ୍ରତିକ୍ରିୟା ଗ୍ରହଣ କରିଛୁ ତାହା ବୁଝିବାରେ ଏହା ସାହାଯ୍ୟ କରିପାରେ। ଆମେ ବିଶ୍ୱ ସହ ଅଧିକ ଦେଣନେଣରେ ଜଡ଼ିତ ହେବାକୁ ଚାହୁଁଛୁ, ଯାହା ଜାତିସଂଘ ଭୋଟରୁ ସାମ୍ନାକୁ ଆସିଛି। ପ୍ରମୁଖ ଶକ୍ତିଗୁଡ଼ିକ ଏହାକୁ ବୁଝିଛନ୍ତି ଓ ଗ୍ରହଣ କରିଛନ୍ତି ଏବଂ ଏହା ବଦଳରେ ସେମାନେ ଆମ ସହ ଦେଣନେଣ କରିବେ। ଏହା ଭଲ, ଖରାପ ନା ଭିନ୍ନ ବୈଦେଶିକ ନୀତି, ତାହା ପାଠକେ ନିଷ୍ପତ୍ତି ନେବେ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 6 | | | 2 | | | | |
| 9 | | 5 | | 4 | | | 6 | |
| | | 2 | 1 | | | | | 4 |
| | | | 3 | | 7 | | 9 | |
| | | | | 9 | | 7 | | |
| | | | | | | | 5 | 2 |
| | | | | | | | | |
| 2 | 9 | | 6 | | | 4 | | |
| | | | 4 | 7 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 1 | 6 | 5 | 3 | 7 | 8 |
| 6 | 5 | 3 | 4 | 7 | 8 | 2 | 1 | 9 |
| 1 | 8 | 7 | 2 | 3 | 9 | 6 | 5 | 4 |
| 9 | 7 | 1 | 8 | 2 | 6 | 5 | 4 | 3 |
| 5 | 3 | 4 | 9 | 1 | 7 | 8 | 2 | 6 |
| 8 | 6 | 2 | 3 | 5 | 4 | 7 | 9 | 1 |
| 3 | 9 | 8 | 7 | 4 | 2 | 1 | 6 | 5 |
| 4 | 2 | 5 | 6 | 8 | 1 | 9 | 3 | 7 |
| 7 | 1 | 6 | 5 | 9 | 3 | 4 | 8 | 2 |

ଗତକାଲିର ଉତ୍ତର

# ଅବକାରୀ ନୀତିରେ ମହିଳାଙ୍କ ସହଭାଗିତା



## ଡ. ମାନସ ରଞ୍ଜନ ଶତପଥୀ

ଓଡ଼ିଶାରେ ବହୁଳ ମଦ କାରବାର ହେତୁ ନୂତନ ସରକାରଙ୍କ ଉପରେ ଏକ ମଦ ବିରୋଧୀ ନୀତି ପ୍ରବର୍ତ୍ତନ ପାଇଁ ପ୍ରବଳ ଜନମତ ସୃଷ୍ଟି ହେଉଥିଲା। ଏହାକୁ ନିର୍ଦ୍ଦିଷ୍ଟ ଭାବେ ଦୃଷ୍ଟିରେ ରଖି ନୂତନ ଅବକାରୀ ନୀତି ଆଗତ କରିବାକୁ ସରକାର ଯୋଜନା ରଖିଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶିତ ଖବର ଅନୁଯାୟୀ, ନୂତନ ନୀତି ରାଜ୍ୟର ସାମାଜିକ, ଆର୍ଥିକ ସ୍ଥିତି ତଥା ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ନିଶା କାରବାରକୁ ଅଧିକ ସୁବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ ହେବା ଲକ୍ଷ୍ୟ ରଖିଛି, ଯାହା ପ୍ରତି ତିନି ବର୍ଷରେ ପରିବର୍ତ୍ତନ ହେବ। ନୂତନ ଅବକାରୀ ନୀତିରେ ମଦ ନିଷେଧ ନିଷ୍ପତ୍ତି ଯଦି କାର୍ଯ୍ୟକାରୀ ହୁଏ ତେବେ ସରକାରୀ ସ୍ତରରେ ଆର୍ଥିକ କଠିନତା ଭଳି ଆହ୍ୱାନକୁ ସାମ୍ନା କରିବା ସ୍ପଷ୍ଟ। ଅବକାରୀ ରାଜସ୍ୱ ଆଦାୟ ପରିମାଣ ୮,୬୮୦ କୋଟି ଟଙ୍କା ୨୦୨୫ ସୁଦ୍ଧା ପହଞ୍ଚିବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଥିବା ବେଳେ ଏହା ରାଜ୍ୟ ରାଜସ୍ୱ ଆୟର ଶତକଡ଼ା ୧୪.୭ ଭାଗ କୁହାଯାଏ। ୨୦୨୨-୨୩ ବେଳକୁ ରାଜସ୍ୱ ଆଦାୟ ୬,୪୫୫ କୋଟିରେ ପହଞ୍ଚିଥିଲା। ବର୍ତ୍ତମାନ ରାଜସ୍ୱ ବୃଦ୍ଧି ଆଶାତୀତ ହେଉଥିବା ସରକାରୀ ସ୍ତରରେ ଖୁସିର ବିଷୟ ହୋଇଥିବା ବେଳେ ସାମାଜିକ ସ୍ତରରେ ବର୍ତ୍ତମାନ ଆବାଳ ବୃଦ୍ଧବନିତାଙ୍କୁ ମଦ ଗ୍ରାସ କରିବା ପରିତାପର ବିଷୟ। ଏପରି ସ୍ଥିତିରେ ମଦ ନିୟନ୍ତ୍ରଣ କ୍ଷମତା 'ମିଶନ ଶକ୍ତି' ମହିଳାମାନଙ୍କୁ ହସ୍ତାନ୍ତର କରି ଗୃହଲକ୍ଷ୍ମୀମାନଙ୍କୁ ସରକାର ଅଧିକ ବିଶ୍ୱାସକୁ ଯଦି ନିଅନ୍ତେ ତେବେ ନିଜ ଘରେ ଥିବା ମଦ୍ୟପ ପୁରୁଷଙ୍କୁ ନିୟନ୍ତ୍ରଣ କରିବା ସହ ଗାଁ ଗହଳିରେ ଅତ୍ୟଧିକ ମଦ୍ୟପ ସୃଷ୍ଟି ଉପରେ ଅବଶ୍ୟ ଅଙ୍କୁଶ ଲାଗିପାରନ୍ତା। ମିଶନ ଶକ୍ତି ସ୍ୱୟଂ ସହାୟିକା ମହିଳାମାନେ ନିଜର ଅର୍ଥ ଉପାର୍ଜନ କ୍ଷମତା ବୃଦ୍ଧିରେ ବିଶେଷ ସକ୍ଷମ ହୋଇ ବିଗତ ଦିନଗୁଡ଼ିକରେ ନିଜର ଦକ୍ଷତା ପ୍ରମାଣିତ କରିପାରିଛନ୍ତି। ଭାରତବର୍ଷରେ ଓଡ଼ିଶା ଏପରି ଅନନ୍ୟ ରାଜ୍ୟ, ଯେଉଁଠାରେ ନାରୀ ସମାଜକୁ ମିଶନ ଶକ୍ତି ମାଧ୍ୟମରେ ସରକାର ରୂପାନ୍ତରିତ କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ଯେକୌଣସି ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ପାଖରେ ପ୍ରବଳ ଭିଡ଼ ହେବା ସହିତ ପାରିପାର୍ଶ୍ୱିକ ଅବସ୍ଥା ମଦ୍ୟପଙ୍କ ଦ୍ୱାରା କଳୁଷିତ ହୋଇଉଠୁଛି। କୋଭିଡ୍ ମଦ ବନ୍ଦ ପରବର୍ତ୍ତୀ ଅବସ୍ଥାରେ ମଦ ଦୋକାନ ଖୋଲିବା କ୍ଷଣି ମାଇଲ ମାଇଲ ଲମ୍ବା ଲାଇନରେ ଠିଆ ହୋଇ ଜନସାଧାରଣ ମଦ ସଂଗ୍ରହ କରିବା, ମଦ ପ୍ରତି ଅହେତୁକ ଦୁର୍ବଳତା ପ୍ରତିପାଦିତ କରିବା କୌତୂହଳର କାରଣ ନିଶ୍ଚୟ। ସାମାଜିକ କର୍ମୀ ତଥା ବୟସ୍କ ଗୋଷ୍ଠୀ ମଦ ନିଷେଧ କରିବାକୁ ଦାବି କରିବା ପଛରେ ଅନେକ କାରଣ ରହିଛି। କୌଣସି ପାର୍କ କିମ୍ବା ମନୋରଞ୍ଜନ ସ୍ଥଳରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଦେଖାଯାଏ କିମ୍ବା ଖାଲି ମଦ ବୋତଲ ଗଡୁଥିବା ଦୃଶ୍ୟ ହୁଏ। ଏପରି ସ୍ଥଳକୁ ପରିବାର ସହିତ ଭ୍ରମଣ ଅସମ୍ଭବ ହୋଇଥାଏ। ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଏହାର କବଳିତ। ଶିକ୍ଷାନୁଷ୍ଠାନ ନିକଟ ପରିଧିରେ ମଦ ବିକ୍ରି ହେବା ଦ୍ୱାରା ଛାତ୍ରୀଛାତ୍ର ନିଶାସକ୍ତ ହୋଇ ଅନୁଷ୍ଠାନର ପବିତ୍ରତାକୁ କଳୁଷିତ କରିବା ସହ ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି। ଅନେକ ଲୁକ୍କାୟିତ କାରଣ ଯୋଗୁ ଆଜି ଓଡ଼ିଶାର ଗଳିକନ୍ଦିରେ ମାଦକ ଦ୍ରବ୍ୟ ସହଜେ ଉପଲବ୍ଧ, ଯଦ୍ୱାରା ଛାତ୍ର ଓ ଯୁବଗୋଷ୍ଠୀ ପଥଭ୍ରଷ୍ଟ।



ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ଅନୁଯାୟୀ ଓଡ଼ିଶାରେ ୧୫ ବର୍ଷରୁ ଅଧିକ ମହିଳାଙ୍କ ସଂଖ୍ୟା ମଦ୍ୟପ ଭାବେ ବୃଦ୍ଧି ପାଇବାରେ ଲାଗିଛନ୍ତି। ଗ୍ରାମାଞ୍ଚଳର ୧୫ ବର୍ଷରୁ ଅଧିକ ବୟସ ପୁରୁଷ ଓ ମହିଳା ସହରାଞ୍ଚଳ ଅପେକ୍ଷା ଅଧିକ ମଦ୍ୟପାନରେ ଲିପ୍ତ। ସେହିପରି ଶତକଡ଼ା ୩୦.୨ ପ୍ରତିଶତ ଗ୍ରାମାଞ୍ଚଳର ପୁରୁଷ ମଦ୍ୟପାନ କରୁଥିବା ବେଳେ ସହରାଞ୍ଚଳରେ ଏହା ୨୨.୭ ପ୍ରତିଶତରେ ସୀମିତ। ଦେଖାଯାଏ, କୌଣସି ବିବାହ ବା ମାଙ୍ଗଳିକ କାର୍ଯ୍ୟକ୍ରମରେ ମଦ ପରିବେଷଣ ଯୁବ ଗୋଷ୍ଠୀଙ୍କ ନିମନ୍ତେ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ମଦ୍ୟପାନ ଯେପରି ଏକ ଆଭିଜାତ୍ୟତନ୍ତ୍ରର ପରିଚୟ ଭାବେ ଏକ ଛଦ୍ମ ଭ୍ରମ ଜାଲ ସୃଷ୍ଟି କରିଛି।

୧୯୯୨ ମସିହା କଟକ ଲୋମହର୍ଷଣକାରୀ ୨୦୦ରୁ ଅଧିକ ମଦ ମୃତ୍ୟୁ ତତ୍କାଳୀନ ଜନତା ଦଳ ସରକାରକୁ ଦୋହଲାଇ ଦେଇଥିଲା। ପରେ ୨୦୦୬ ଓ ୨୦୦୯ ମସିହାରେ ବ୍ରହ୍ମପୁର ଓ ଖୋର୍ଦ୍ଧା ଜିଲାରେ ପୁନଶ୍ଚ ଅନୁରୂପ ଅଘଟଣ ସାମ୍ନାକୁ ଆସିଥିଲା, ଯେଉଁଥିରେ ଯଥାକ୍ରମେ ୨୬ ଓ ୩୦ ଜଣ ପ୍ରାଣ ହରାଇଥିଲେ। ଏବେ ବି ବଡ଼ ଆକାର ନ ହେଲେ ମଧ୍ୟ ମଦମୃତ୍ୟୁ ଖବର ସ୍ଥାୟୀ ଅନ୍ତରରେ ଖବରକାଗଜ ପୃଷ୍ଠାରେ ଦେଖିବାକୁ ମିଳେ। ମଦ ଯେ ବିଭିନ୍ନ ପ୍ରକାର ହିଂସା ଓ ଅପରାଧର କାରଣ ତାହା ପ୍ରମାଣିତ। ବିଜ୍ଞାନ କହେ ଅତ୍ୟଧିକ ମଦ୍ୟପାନ ଦ୍ୱାରା ନିରପେକ୍ଷତା, ଭଲ ମନ୍ଦ ବିଚାର କ୍ଷମତା ହ୍ରାସ ସହିତ ଉଗ୍ରତା ମଣିଷ ଶରୀରରେ ବୃଦ୍ଧିପାଏ। ଏହା ଦ୍ୱାରା ସାମୟିକ ଅନ୍ଧ ପାଲଟି ସାଧାରଣ ମଣିଷ ବିଭିନ୍ନ ଅପରାଧ କରିବା ଯୋଗୁ ଆଜି ଓଡ଼ିଶା ସମେତ ଦେଶରେ ଅପରାଧ ସୂଚକାଙ୍କ ବୃଦ୍ଧି ପାଉଛି।

ନୂତନ ସରକାରଙ୍କ ପାଇଁ ମଦ ନିଷେଧାଜ୍ଞା ଆଦେଶ ହିମାଳୟ ସଦୃଶ ବାଟ ଓଗାଳୁଛି ନିଶ୍ଚିତ। ଏହାର କାରଣ ହେଲା ପ୍ରାୟ ୯୦୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ। ଏତେ ବଡ଼ ପରିମାଣ ଅନାଦାୟ ହେଲେ ସରକାର ବିକାଶମୁଖୀ କାର୍ଯ୍ୟ ସମ୍ପାଦନ କରିବେ କିପରି! ବିତ୍ତ ଅଧିକାରୀମାନଙ୍କ ମୁଣ୍ଡବିନ୍ଧା କାରଣ ନିଶ୍ଚୟ ହେବ। ହେଲେ, ଜନମଙ୍ଗଳକାରୀ ରାଷ୍ଟ୍ରରେ ସରକାରଙ୍କ ଦାୟିତ୍ୱ ହେଲା ଜନସାଧାରଣଙ୍କ କୁଶଳ ଓ ନିରାମୟ ଜୀବନଯାପନ ସହିତ ଏକ ଭୟ ମୁକ୍ତ, ସ୍ୱାଚ୍ଛନ୍ଦ୍ୟ ଭରା ସମାଜ ଗଠନ। ନାଗରିକ ସୁସ୍ଥ ଓ ସ୍ୱଚ୍ଛ ପରିବେଶରେ ରହିଲେ ଦେଶର ଜିଡିପି ବୃଦ୍ଧିରେ ସହାୟକ ହୋଇପାରିବ, କିନ୍ତୁ ରୁଗ୍ଣ ହେଲେ ନୁହେଁ। ବିହାର ସରକାର ୨୦୧୫-୧୬ ଆର୍ଥିକ ବର୍ଷରେ ୩,୧୪୬ କୋଟି ମଦ ରାଜସ୍ୱ ପାଉଥିବା ବେଳେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ପୂର୍ଣ୍ଣ ମଦ ବନ୍ଦ ଘୋଷଣା କରିଥିଲେ। ଫଳରେ ୨୦୧୬-୧୭ରେ ତାହା ୨୯ କୋଟିକୁ ଖସି ଆସିଥିଲା। ତଥାପି ସରକାର ଜନତାଙ୍କ ପ୍ରତି ପ୍ରତିବଦ୍ଧତା ଦେଖାଇ ନିଜ ନିଷେଧାଜ୍ଞା କାଏମ ରଖିଛନ୍ତି।

ମହିଳାମାନଙ୍କୁ ଦାୟିତ୍ୱ ଦେବା ସରକାର ଚିନ୍ତା କରିପାରନ୍ତି। ନିର୍ଦ୍ଦିଷ୍ଟ କେଉଁ ବର୍ଗର ଲୋକଙ୍କୁ ମଦ୍ୟ ଯୋଗାଇ ଦିଆଯିବା ଉଚିତ ନିର୍ଦ୍ଧାରଣ କରିବାକୁ ହେବ। ୨୧ ବର୍ଷରୁ କମ୍ ବୟସ୍କଙ୍କୁ ମଦ ନିହାତି ପକ୍ଷେ ନିଷେଧ କରିବା ସହିତ ସେମାନଙ୍କ ପାଇଁ ନିଶା ସେବନ ଧର୍ତ୍ତବ୍ୟ ଅପରାଧ ଆଖ୍ୟା ଦିଆଯିବା ବିଧେୟ। ମଦ ସମ୍ପୂର୍ଣ୍ଣ ବାରଣ କରିବା ବୋଧେ ସରକାରୀ ଭାବେ ସମ୍ଭବ ନୁହେଁ,କିନ୍ତୁ ମଦ୍ୟପଙ୍କୁ ନିରୁତ୍ସାହିତ କରିବା ପାଇଁ ସଶକ୍ତ ଦଣ୍ଡ ବିଧାନ ସହିତ ଆକାଶଛୁଆଁ ଟିକସ ଦେଲେ ହୁଏତ ଆର୍ଥିକ ଦୁର୍ବଳ ଗୋଷ୍ଠୀ ଏଥିରୁ ବିରତ ହୋଇପାରନ୍ତି। ଗୃହଲକ୍ଷ୍ମୀ ଓ ମହିଳାଙ୍କ ପାଖରେ 'ପେଟେଣ୍ଟ ମେଡିସିନ' ଉପଲବ୍ଧ, ଯେଉଁଥିପାଇଁ କୌଣସି ସ୍ୱାମୀ ମାତାଲ ଅବସ୍ଥାରେ ନିଜ ସ୍ତ୍ରୀ ସାମ୍ନାକୁ ଯିବାକୁ ଭୟ କରନ୍ତି। ମିଶନ ଶକ୍ତି ମହିଳାଙ୍କୁ ମଦ୍ୟ ନିୟନ୍ତ୍ରଣ ସହିତ ସୁବ୍ୟବସ୍ଥିତ ପଦ୍ଧତି ମାଧ୍ୟମରେ ବଣ୍ଟନ କାର୍ଡ ଦ୍ୱାରା ଅନ୍‌ଲାଇନ ହିସାବ ରଖି ନିୟନ୍ତ୍ରିତ ଆକାରରେ ମଦ୍ୟ ବିକ୍ରି କରାଗଲେ ଉଦ୍ଦେଶ୍ୟ ଚରିତାର୍ଥ ହେବ। ମହିଳା ସାଧାରଣତଃ ଘରୋଇ ହିଂସାର ଶିକାର ହୋଇ ବିବାହ ବିଚ୍ଛେଦ ଓ ନିର୍ଯ୍ୟାତନାର ସର୍ବାଧିକ ଅଭିଜ୍ଞ, ତେଣୁ ସେମାନଙ୍କ ଏପରି ମହତ କାର୍ଯ୍ୟରେ ନିୟୋଜନ ମଦ ବିକ୍ରି ନିୟନ୍ତ୍ରଣରେ ସୁଧାର ନିଶ୍ଚିତ ଆଣିପାରିବ। ନାରୀଶକ୍ତି ପରିଶ୍ରମ କରିବା ବେଳେ ଛତୁଫୁଟିଲା ଭଳି ମଦ ଦୋକାନ ଖୋଲିବା ଉପରେ ଅଙ୍କୁଶ ଲାଗିବା ସହିତ ପରିଚୟ ଓ ବୟସ ପ୍ରମାଣପତ୍ର ଦେଖାଇ ମଦ ବିକ୍ରୟ କରିବା ଭଳି ଆଇନ ଜରୁରୀ। ମିଶନ ଶକ୍ତି ଉଦ୍ୟମ, ଅବକାରୀ ଓ ପୋଲିସ ବିଭାଗଙ୍କ ମିଳିତ ତ୍ୱରିତ ଓ ବିହିତ କଠୋର କାର୍ଯ୍ୟାନୁଷ୍ଠାନ ନିହାତି ସମୟୋପଯୋଗୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ-୯୪୩୭୪୭୯୦୪୫

# ତାଙ୍କ ଅନ୍ତେ



## ଶୁଭନାରାୟଣ ଶତପଥୀ

ଛୋଟ ଥିଲାବେଳେ, ତାଙ୍କ ଆଙ୍ଗୁଠି ଧରି ଚାଲିଲାବେଳେ ଲାଗୁଥିଲା ସେହି ଆଙ୍ଗୁଠିଠାରୁ ବଡ଼ ସାହାରା ଆଉ କିଛି ନାହିଁ। ତାଙ୍କ କାନ୍ଧରେ ବସି ବୁଲିଲାବେଳେ ଲାଗୁଥିଲା ଦୁନିଆର ସର୍ବୋଚ୍ଚ ଆସନରେ ବସି ଉଚ୍ଚମନା ହେବାର ଅଭିଳାଷକୁ ପୂର୍ଣ୍ଣ କରୁଥିଲି। ତାଙ୍କ ସହ ସାଇକେଲରେ ଗଲାବେଳେ ଲାଗୁଥିଲା ଜୀବନର ପ୍ରଗତି ରଥରେ ବସିଛି। ତାଙ୍କ ଦୁଇ ବାହୁ ଛାୟା ତଳେ ରହି ଉପଲବ୍ଧି କରୁଥିଲି ପୃଥିବୀର ସବୁଠାରୁ ସୁରକ୍ଷିତ ସ୍ଥାନର ମହତ୍ତ୍ୱକୁ। ଆଉ ସେ ମୋ ସାଙ୍ଗରେ ଥିଲେ ମନେହୁଏ ମୁଁ ମାର୍ଜିତ, ଶୃଙ୍ଖଳିତ, ନୀତିନିଷ୍ଠ, ଦାୟିତ୍ୱବାନ୍ ତଥା ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ତାଙ୍କ ଅନୁଶାସନର ଫଳସ୍ୱରୂପ ପ୍ରଶଂସା ମୁଁ ପାଇଛି। ସେ ମୋ ବାପା। ବାଲ୍ୟ ଚପଳାମିରେ ବେଳେବେଳେ ଭାବିନିଏ ସେ ଶୋଇପଡ଼ିଲେ କେତେ ମଜା ସତେ। ନା ଥାଏ ଆକଟ ନା ଥାଏ ଅସୁବିଧା। ତାଙ୍କ ଶୋଇବା ସମୟଟା କାଳେ ମୋ ସ୍ୱାଧୀନତାର ସ୍ୱାଦ ପାଇଁ ପ୍ରକୃଷ୍ଟ ସମୟ ବୋଧହୁଏ। କିନ୍ତୁ ଯେତେବେଳେ ବାପା ଚିର ନିଦ୍ରାରେ ଶୋଇପଡ଼ିଲେ, ତା'ପରେ ଭାବୁଛି ବାଲ୍ୟ ଚପଳାମିରେ ଭାବୁଥିବା କଥାକୁ। ସେ ତ ସ୍ୱାଧୀନତା ନ ଥିଲା, ବରଂ ଥିଲା ମୋ ସାମୟିକ ଆନନ୍ଦର ମରୀଚିକା।

ବାପା ଥିଲେ ମନରେ ଆସୁଥିବା ସବୁ ଇଚ୍ଛା ପୂରଣ ହେବାର ଦୃଢ଼ବିଶ୍ୱାସ ରୁହେ, କିନ୍ତୁ ସେ ନ ଥିଲେ ମନରେ ଆଶା ଥାଏ ସତ, କିନ୍ତୁ ଦୃଢ଼ତା କମିଯାଏ। ନିଜ ଉପରେ ଭରସା ପାଏନା। ଆହ୍ୱାନ, ପ୍ରତିବନ୍ଧକ, ଅସୁବିଧାକୁ ସାମ୍ନାରେ ଦେଖି ମନ ଭିତରଟା ଦୁର୍ବଳତାରେ ଭରି ହୋଇଯାଏ। ଏବେ ଜାଣିପାରୁଛି ଫରକ। ସେ ଥିଲାବେଳ ଆଉ ବର୍ତ୍ତମାନ ଭିତରେ। ଯେପରି ଯୋଜନା କରିବାକୁ, ତାକୁ କାର୍ଯ୍ୟକାରୀ କରିବାକୁ, ପରିବାରର ଭାର ବୋହିବାକୁ, ନିଜ କାନ୍ଧ ପର୍ଯ୍ୟାପ୍ତ ନୁହେଁ। ସାଙ୍ଗରେ ଠିଆ ହେବାକୁ ବାପା ନାହାନ୍ତି ସିନା, ସେ ଯେମିତି ଗଢ଼ିଛନ୍ତି ସେମିତି ଓ ସେତିକି ଶକ୍ତିରେ ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି। ଅନୁଭବ ହେଉଛି ବାପା ଥାଆନ୍ତେ କି ଏ ସବୁର ଚିନ୍ତା ନଥାନ୍ତା। ସେ କ'ଣ ତାହା ସେ ଥିଲାବେଳେ ଜଣାପଡୁ ନ ଥିଲା। କାରଣ ସେ ତ ସବୁ ବୁଝୁଥିଲେ। ପ୍ରତିବଦଳରେ ସେ ଚାହୁଁଥିଲେ ଟିକେ ସମ୍ମାନ ଓ ଶ୍ରଦ୍ଧା। ସନ୍ତାନଙ୍କ ଅଲିଅର୍ଦ୍ଦଳିଠାରୁ ଘରର ପ୍ରତ୍ୟେକ ଆବଶ୍ୟକତା ପୂରଣ କରୁକରୁ ନିଜକୁ ଅବହେଳିତ କରିଦେଉଥିଲେ ସିନା, କିନ୍ତୁ କିଛି କହୁନଥିଲେ କି କହିବାକୁ ଦେଉନଥିଲେ। ବରଂ ଏହା କହୁଥିଲେ ଯେ ମୋ ଅନ୍ତେ ମୋ ସନ୍ତାନମାନେ ମୋଠାରୁ ଅଧିକ ଉନ୍ନତ ଓ ବିକଶିତ ହେବେ। ସନ୍ତାନ ଭାବରେ ବୁଝି ହେଉ ନ ଥିଲା ବାପାଙ୍କ ଅନ୍ତ ଯେ ଆନ୍ତରିକ ସହାୟତା, ଶକ୍ତି, ସହଯୋଗ, ମାର୍ଗଦର୍ଶନର ଅନ୍ତ ବୋଲି। କାରଣ ଏମିତି ଲୋକଟିଏ କେହିନାହିଁ, ଯିଏ ବିନା ସ୍ୱାର୍ଥରେ, ବିନା ଅର୍ଥରେ, ବିନା ଉଦ୍ଦେଶ୍ୟରେ, ମୋ ପାଇଁ, ମୋ ପାଖରେ ଠିଆ ହେଉଥିବ ସବୁ ସମୟରେ, ସବୁ ପରିସ୍ଥିତିରେ।



ବାପାଙ୍କ ଅନ୍ତେ ତାଙ୍କୁ ବେଶି ଭାବୁଛି, ତାଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛି। ସେ ଥିଲାଯାଏ ଅନୁଭବ ହେଉ ନ ଥିଲା, ସେ କ'ଣ କରନ୍ତି, କ'ଣ ଭରନ୍ତି, କ'ଣ ଗ୍ରହଣ କରନ୍ତି। ଯେତେଲୋକ ନିଜର ହୁଅନ୍ତୁ ପଛେ ବାପାଙ୍କ ଅନ୍ତେ ତାଙ୍କ ସ୍ଥାନ ପରିପୂରଣ ହୋଇପାରେ ନାହିଁ, ଏହାହିଁ ବିଡ଼ମ୍ବନା। ସେ ଥିଲାବେଳେ ଜାଣିବାକୁ ଦିଅନ୍ତି ନାହିଁ ଯେ ସେ କେତେ କଷ୍ଟରେ ଅଛନ୍ତି, ଦୁଃଖରେ ଅଛନ୍ତି, ଦାରିଦ୍ର୍ୟକୁ ମୁକାବିଲା କରୁଛନ୍ତି ଓ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ କ'ଣ ପ୍ରୟାସ କରୁଛନ୍ତି। ଏ ସବୁର ଆଢୁଆଳରେ ବାପା କେବଳ ଶାର୍ଟପ୍ୟାଣ୍ଟ ଓ ଘଣ୍ଟାପିନ୍ଧା ମଣିଷଟିଏ। ଯାହା ସବୁ ସେ ପିନ୍ଧିଥାନ୍ତି, ତାହାର ମୂଲ୍ୟ ସନ୍ତାନ ପାଇଁ ବହୁତ ଅଧିକ, କିନ୍ତୁ ବଜାରରେ ସବୁଠାରୁ କମ୍। ତଥାପି ବାପା ପୂରଣ କରିଆସୁଥିଲେ ଅନ୍ୟମାନଙ୍କ ଡ୍ରେସ, ଜୋତା, ଘଣ୍ଟା ଇତ୍ୟାଦିର ଆବଶ୍ୟକତା। ଏବେ ଏସବୁ ମୋତେ ପସନ୍ଦ କରିବାକୁ ପଡୁଛି। ଖର୍ଚ୍ଚ ବି କରିବାକୁ ପଡୁଛି। ରୋଜଗାରର କଷ୍ଟ ଓ ମୂଲ୍ୟ ବୁଝିପାରୁଛି। ଆମେ ଏକାଠି ଥିଲୁ ଗୋଟିଏ ଛତା ତଳେ। ଖାଉଥିଲୁ, ବସୁଥିଲୁ, ଖେଳୁଥିଲୁ। ଏବେ ଏସବୁ ପରିଚାଳନା କରିବା କେତେ କଷ୍ଟ, ତାହା ବୁଝିପାରୁଛି।

ଏବେ ସେ ହାତ ଆଉ ନାହିଁ, ଯାହାକୁ ଧରି ଖୁସିରେ ଡେଇଁଡେଇଁ ଚାଲିବି। ସେ କାନ୍ଧ ଆଉ ନାହିଁ, ଯାହା ଉପରେ ବସି ଉଚ୍ଚମନା ହେବି। ତାଙ୍କ ମାର୍ଗଦର୍ଶନ ନାହିଁ, ଯାହା ବଳରେ କଣ୍ଟକିତ ପଥ ଅତିକ୍ରମ କରିବି। ତାଙ୍କ ଘଣ୍ଟା ଏଠି ସେମିତି ପଡ଼ିରହିଛି, କିନ୍ତୁ ସେ ସମୟ ଚାଲିଯାଇଛି, ଯାହାକୁ ମନେପକାଇ ଆଖି ଛଳଛଳ ହୋଇଯାଉଛି। ସେ ଶାର୍ଟପ୍ୟାଣ୍ଟ ସେମିତି ଆଲଣାରେ ପଡ଼ିଛି, କେହି ନ ଥିଲାବେଳେ ତାକୁ ଆଉଁଶି ଦେଉଛି। ସତେଯେମିତି ତାଙ୍କ ସାଇକେଲଟା ମୋତେ କହୁଛି- ଧନରେ, ମୋ ପିଠିରେ ତୁ ଟିକେ ବସିପଡ଼, ମୋତେ ଚଲାଇନେ, ତୋ ହାତରୁ ମୁଁ ତୋ ବାପାଙ୍କ ସ୍ପର୍ଶକୁ ଅନୁଭବ କରିପାରିବି। ତାଙ୍କ ଜୋତା ହଳକ ଦେଖିଲେ ନିଜ ମୁଣ୍ଡରେ ଥୋଇଦେବାକୁ ଇଚ୍ଛା ହେଉଛି। ଏମିତି ଫଟାଜୋତା ପିନ୍ଧି ସେ ଚାଲୁଥିଲେ ଆଉ ମୁଁ ତାଙ୍କ କାନ୍ଧରେ ବସି ଖୁସି ସାଉଁଟୁଥିଲି ବୋଲି ଫଟାଜୋତାରେ ପାଦର କଷ୍ଟକୁ ଅନୁଭବ କରିପାରୁନଥିଲି। ବାସ୍ତବିକ ବାପାଙ୍କ ଅନ୍ତେ ବାପାଙ୍କ ହୃଦୟ, ମନର ପୃଷ୍ଠାସବୁକୁ ପଢ଼ିବା ଭାରି ସହଜ। କିନ୍ତୁ ସେ ଥିଲାବେଳେ ଏସବୁ ଜାଣିବାରେ ମୋର ଆଗ୍ରହ ନଥିଲା। ହୁଏତ ତାଙ୍କ ଇଚ୍ଛା ମୁତାବକ ସବୁ କ୍ଷେତ୍ରରେ ନିଜକୁ ରାଜିକରାଇ ତାଙ୍କ ସହ ଚାଲିଥିଲେ ଆଜି ଏତେ ଅନୁତାପ କରୁନଥାନ୍ତି। ସେ ତ ସବୁ ମୋ ଭଲ ପାଇଁ କହୁଥିଲେ ଓ କରୁଥିଲେ। କେବଳ ମୁଁ ତାଙ୍କ ଆକଟ, ଗାଳି, କଟୁକଥାକୁ ଭୁଲ ବୁଝୁଥିଲି। ଆଜି ସମାଜରେ ବାପାମାନଙ୍କୁ ଦେଖିଲେ ମୋ ବାପାଙ୍କ ସହ କାଟିଥିବା ପୁରୁଣାଦିନଗୁଡ଼ିକ ମନେପଡ଼ିଯାଏ। ଏହା ଅଧିକାଂଶ ସନ୍ତାନଙ୍କ ଜୀବନରେ ଘଟେ ଜାଣିଲା ବେଳକୁ ନେଡ଼ିଗୁଡ଼ କହୁଣିରେ। ବେଳହୁଁ ବାପାଙ୍କୁ ବୁଝିବାର କଥା। ତାଙ୍କୁ ସମ୍ମାନ, ଶ୍ରଦ୍ଧା ଦେଇ ତାଙ୍କ ଆଶୀର୍ବାଦ ନେବା କର୍ତ୍ତବ୍ୟ ଆମର। କିଏ ଜାଣିଛି କାଲି କ'ଣ ଘଟିବ ? ତାଙ୍କ ଅନ୍ତେ ଆମକୁ କେତେ ଧୈର୍ଯ୍ୟ ରଖିବାକୁ ପଡ଼ିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ଏଇ ଭାରତରେ

ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ (ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍ ସମାଜସେବାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି କଲେଜର ଛାତ୍ରୀଛାତ୍ର ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଏହି ଟିମ୍ ୧୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିସାରିଛନ୍ତି। ଏହି ଦିବ୍ୟାଙ୍ଗମାନେ ସେମାନଙ୍କ ସମୁଦାୟ ପୋଷାକ ତିଆରି କରୁଛନ୍ତି। ଛାତ୍ରୀଛାତ୍ରମାନେ ୨୦୨୩ରେ 'ପ୍ରୋଜେକ୍ଟ ରିୟାତ' ପ୍ରୋଜେକ୍ଟ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଥମେ ଏହାର ମୁଖ୍ୟ ଥିଲେ ଅଭିଶି। ଏବେ ମିଶା ଉରୋଜ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ଟେଲରିଂ ଶିକ୍ଷା ଦେଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟ କରୁଛନ୍ତି। ପ୍ରୋଜେକ୍ଟର ୱେବ୍‌ସାଇଟରେ ପୋଷାକ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। କେବଳ ଏତିକି ନୁହେଁ, ଡିସିଏସି ଟିମ୍ ୮୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଓ ରୋଜଗାରର ପନ୍ଥା ସମ୍ପର୍କରେ ସଚେତନ କରିସାରିଲେଣି। ଏହିସବୁ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କ ସହ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍‌ଓଡି) ସାମିଲ ହୋଇଛି, ଫଳରେ ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇପାରୁଛନ୍ତି।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ-ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିଆରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି!
ମାନବ-ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର।

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମର୍ନିଂୱାକ୍‌ରେ ଫୁଲତୋଳା

ମହାଶୟ,
ଠାକୁର ପୂଜାରେ ଫୁଲର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଆଜିର ଦିନରେ ଅନେକେ ପର ବାଡ଼ିରୁ ଚୋରି କରି ଫୁଲ ଆଣିବା, ମର୍ନିଂୱାକ୍‌ରେ ବୁଲିବାକୁ ଯାଇ ଅଗାଧୁଆ ଫୁଲ ତୋଳି ଠାକୁର ପୂଜା କରୁଛନ୍ତି। ଏହିସବୁ ଫୁଲ ଠାକୁର ପୂଜାରେ ଲାଗିବା ଶୁଭ ନୁହେଁ। ଠାକୁର ଘରେ ରଖି ପୂଜା କରିବାକୁ ଚାହୁଁଥିଲେ ପ୍ରଥମେ ନିଜ ବାଡ଼ିରେ ଫୁଲଗଛ ଲଗାନ୍ତୁ। ଶୁଦ୍ଧପୂତ ଭାବରେ ସ୍ନାନ କରି ନିଜ ବାଡ଼ିରେ ଫୁଟୁଥିବା ଫୁଲ ହିଁ ତୋଳନ୍ତୁ। ପର ବାଡ଼ିରୁ ଫୁଲଗଛକୁ ଜୋର୍‌ଜବରଦସ୍ତ ଟାଣନ୍ତୁ ନାହିଁ। ଏହାସହ ଦେଖାଯାଏ ଯେ, ପରବାଡ଼ିରୁ ଫୁଲକୁ ପଲିଥିନରେ ଆଣୁଛନ୍ତି। ପଲିଥିନ ବ୍ୟବହାର ବନ୍ଦ କରନ୍ତୁ। ପରବାଡ଼ିର ଫୁଲ ଠାକୁର ପୂଜାରେ ଆଦୌ ଲଗାନ୍ତୁ ନାହିଁ। ଏପରି କରି ଠାକୁର ପୂଜା କଲେ ନିଜକୁ ଆତ୍ମସନ୍ତୋଷ ମିଳିପାରେ, କିନ୍ତୁ ଠାକୁର ଖୁସି ହେବେ ନାହିଁ।

**-ଅଶୋକ ରାଉଳ,**
**ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

## ଏବେଠୁ ମାସ୍କ ପିନ୍ଧିବା

ଦ୍ୱିତୀୟ ପର୍ଯ୍ୟାୟରେ ଚାଇନାରୁ ଆସି କରୋନା ଆମ ଦେଶରେ କାୟା ବିସ୍ତାର କଲାଣି। ବର୍ତ୍ତମାନ ଦିଲ୍ଲୀ, ଗୁଜରାଟ ଓ ମହାରାଷ୍ଟ୍ରରେ ଅଧିକ ବ୍ୟାପୁଛି। ସଂକ୍ରମଣ ଅଧିକ ହେଲେ ତାକୁ ସହଜରେ ଆୟତ୍ତ କରିହେବନି। ସାମାନ୍ୟ ଥଣ୍ଡାରୁ କାଶ, ଜ୍ୱର ଆଦି ହୋଇ ପରିବାରରୁ ପରିବାର ସମଗ୍ର ଗ୍ରାମକୁ ବ୍ୟାପିବ। ହାଟ, ବଜାର ଓ ଲୋକଙ୍କ ଗହଳି ହେଲେ ଏହା ଅତି ମାତ୍ରାରେ ବ୍ୟାପିବ। ଛୋଟ ପିଲା, ବୃଦ୍ଧ, ବୃଦ୍ଧା ଓ ରୋଗୀମାନଙ୍କୁ ବେଶି ଆକ୍ରାନ୍ତ କରିବ। ସୁତରାଂ ହାତକୁ ସାବୁନରେ କିମ୍ବା ଉଷୁମ ପାଣିରେ ମଝିରେ ମଝିରେ ପରିଷ୍କାର କରି ଧୋଇବା ସହ ପୂର୍ବଭଳି ମାସ୍କ ବ୍ୟବହାର କରିବା ଆବଶ୍ୟକ। ସରକାର ସତର୍କ କରାଇବା ପୂର୍ବରୁ ଆମେ ନିଜେ ସତର୍କ ହୋଇଯିବା ଉଚିତ।

**- ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହିଜ୍‌ବୁତ୍-ତହରିର୍ ବିରୋଧରେ ଏନ୍‌ଆଇଏ ତଦନ୍ତ ଜାରି**

ମୁସଲିମ୍ ଯୁବକମାନଙ୍କୁ କଠୋରପନ୍ଥୀରେ ପରିଣତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ବେଆଇନ ସଂଗଠନ ହିଜ୍‌ବୁତ୍-ତହରିର୍‌ର ଆତଙ୍କବାଦ ଷଡ଼ଯନ୍ତ୍ରର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ଏନ୍‌ଆଇଏ ଟିମ୍ ଜବତ କରିଥିବା ଡିଜିଟାଲ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଅନୁଧାନ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ଆଜିଠୁ ପ୍ରଧାନମନ୍ତ୍ରୀଙ୍କ କାନାଡା, ସାଇପ୍ରସ୍, କ୍ରୋଏସିଆ ଗସ୍ତ



ନୂଆଦିଲ୍ଲୀ,୧୪।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାରଠାରୁ ୩ ରାଷ୍ଟ୍ର ଗସ୍ତରେ ଯିବେ। ସେ କାନାଡାରେ ଅନୁଷ୍ଠିତ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବା ସହ ସାଇପ୍ରସ୍ ଏବଂ କ୍ରୋଏସିଆ ଯାଇ ଉକ୍ତ ଦେଶ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ କରିବେ। କ୍ରୋଏସିଆକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୁଲିଡେସ୍‌ଙ୍କ ଆମନ୍ତ୍ରଣକ୍ରମେ ରବିବାର ପ୍ରଥମେ ପ୍ରଧାନମନ୍ତ୍ରୀ ସେଠାକୁ ଗସ୍ତ କରିବେ। ୨ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସାଇପ୍ରସ ଗସ୍ତ କରୁଛନ୍ତି। ଗସ୍ତର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ ଜୁନ୍ ୧୬-୧୭ରେ କାନାଡାର କନାନାସ୍କିସ୍ ଯାଇ ଜି୭ ସମିଟ୍‌ରେ ଯୋଗଦେବେ। ଏଥିପାଇଁ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମନ୍ତ୍ରଣ କରିଥିଲେ।

### ବିମାନ ଦୁର୍ଘଟଣା ମୃତକଙ୍କ ପରିବାରକୁ ଅତିରିକ୍ତ ୨୫ ଲକ୍ଷ ଦେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୪।୬

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୪୧ ଜଣଙ୍କ ପରିବାର ସମେତ ଏକମାତ୍ର ଜୀବିତ ଯାତ୍ରୀଙ୍କୁ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଅତିରିକ୍ତ ୨୫ ଲକ୍ଷ ଟଙ୍କା ଲେଖାଏ ଆଗୁଆ ସହାୟତା ପ୍ରଦାନ କରିବ ବୋଲି ଶନିବାର ଘୋଷଣା କରିଛି। ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପାଇଁ ଟାଟା ଗ୍ରୁପ୍ ପୂର୍ବରୁ ଘୋଷଣା କରିଥିବାବେଳେ ତ୍ୱରିତ୍ ଆର୍ଥିକ ସହାୟତା ଭାବେ ଏହି ୨୫ ଲକ୍ଷ ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ସିଇଓ କାମ୍‌ବେଲ୍ ୱିଲସନ୍ କହିଛନ୍ତି।

### ବିମାନ ଦୁର୍ଘଟଣାର ଭିଡିଓ କରିଥିବା ନାବାଳକଙ୍କ ବୟାନ ରେକର୍ଡ

ଅହମଦାବାଦ,୧୪।୬

ଅହମଦାବାଦ ବିମାନ ଦୁର୍ଘଟଣା ବେଳର ଭିଡିଓ ଶୁଟିଂ କରିଥିବା ଗୁଜରାଟର ୧୭ ବର୍ଷୀୟ ଆର୍ଯ୍ୟନ ନିଜ ଅଭିଜ୍ଞତା ସମ୍ପର୍କରେ ବୟାନ ରେକର୍ଡ କରାଇଛନ୍ତି। ମୋବାଇଲ୍ ଫୋନ୍‌ରେ ବିମାନ ଉଡ଼ାଣର ଭିଡିଓ କରିବା ତାଙ୍କର ସଉକ। ସେ ଅହମଦାବାଦ ଆସିଥିବାବେଳେ ଏକ ଘର ଛାତ ଉପରେ ଥାଇ ଏଆଇ ୧୭୧ ବିମାନର ଭିଡିଓ ରେକର୍ଡିଂ କରୁଥିଲେ। ମାତ୍ର ୨୪ ସେକେଣ୍ଡର ଶୁଟିଂ ପରେ ବିମାନଟି ତଳକୁ ଖସି ନିକଟବର୍ତ୍ତୀ ମେଡିକାଲ କଲେଜ୍ କ୍ୟାମ୍ପସ୍‌ରେ ଥିବା ଏକ ବିଲ୍ଡିଂକୁ ଧକ୍କାଦେଇ ଜଳିଉଠିଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ବ୍ୟାପକ ପ୍ରସାରିତ ହୋଇଥିବାବେଳେ ବିମାନର ଶେଷ ମୁହୂର୍ତ୍ତକୁ ଧରି ରଖିଥିବାରୁ ତଦନ୍ତର ମୁଖ୍ୟ ଦୃଶ୍ୟ ପ୍ରମାଣ ପାଲଟିଛି। ଶନିବାର ଆର୍ଯ୍ୟନ ତାଙ୍କ ବାପାଙ୍କ ସହ ଆସି ସାକ୍ଷୀ ଭାବେ ଅହମଦାବାଦ କ୍ରାଇମ୍ ବ୍ରାଞ୍ଚରେ ନିଜ ବୟାନ ରେକର୍ଡ କରାଇଛନ୍ତି।

### ମଣିପୁରରୁ ବିପୁଳ ଅସ୍ତ୍ର ଜବତ

ଗୁଆହାଟୀ,୧୪।୬

ମଣିପୁର ପୋଲିସ ଓ ସୁରକ୍ଷା ବଳ ଗୋଇନ୍ଦା ସୂଚନା ପାଇ ତଲାସି ବେଳେ ୩୨୮ ବନ୍ଧୁକ ସମେତ ବିପୁଳ ଗୁଳିଗୋଳା ଜବତ କରିଛି। ଶୁକ୍ରବାର ରାତିରୁ ଇମ୍ଫାଲ ଉପତ୍ୟକାର ୫ ଜିଲାରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଜବତ ବନ୍ଧୁକ ମଧ୍ୟରେ ୧୫୧ଟି ଏସ୍‌ଏଲ୍‌ଆର୍ ଏବଂ ୬୫ଇନ୍‌ସାସ୍ ରାଇଫଲ ରହିଛି। ୭୩ ଅନ୍ୟ ରାଇଫଲ ରହିଥିବାବେଳେ ୫ କାର୍ବାଇନ୍, ୨ ଏମ୍‌ପି୫, ୧୨ଏଲ୍‌ଏମ୍‌ଜି, ୬ଟି ଏକେ ସିରିଜ୍ ରାଇଫଲ ଆଦି ରହିଛି।

# ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ଇସ୍ରାଏଲ୍

ଜେରୁଜେଲମ/ତେହରାନ୍,୧୪।୬

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ବହୁ ବର୍ଷ ଧରି କୁହୁଳୁଥିବା ଧୂଆଁ ଏବେ ନିଆଁର ରୂପ ନେଇ ବ୍ୟାପିବାରେ ଲାଗିଛି। ୨୦୨୩ ଅକ୍ଟୋବର ୭ରୁ ହାମାସ୍ ସହ ଯୁଦ୍ଧରତ ଥିବା ଇସ୍ରାଏଲ୍ ଜୁନ୍ ୧୩ରେ ଇରାନ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିସର ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଇସ୍ରାଏଲ୍ ଆକ୍ରମଣରେ ଆଇଆରଜିସି କମାଣ୍ଡର ହୋସେଇନ୍ ସଲାମି, ଇରାନ୍ ଚିଫ୍ ଅଫ୍ ଷ୍ଟାଫ୍ ମହମ୍ମଦ ବଘେରି, ଡେପୁଟି ଗୋଲାମ ଅଲୀ ରାଶିଦ୍, କୁଦ୍ସ ଫୋର୍ସ ନେତା ଇସ୍‌ମାଇଲ କାନି ଓ ୬ ଜଣ ବରିଷ୍ଠ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଯୁଦ୍ଧବିମାନ ଓ ଡ୍ରୋନ୍ ଷ୍ଟ୍ରାଇକ୍‌ରେ ଇରାନ୍‌ର ୭୮ ନିହତ ହୋଇଥିବାବେଳେ ୩୨୦ରୁ ଅଧିକ ଆହତ ହୋଇଥିବା ଇରାନ୍‌ର ଜାତିସଂଘ ପ୍ରତିନିଧି ସୂଚନା ଦେଇଛନ୍ତି। ଇସ୍ରାଏଲ୍ ଆକ୍ରମଣର ଜବାବ ଦେବାକୁ ଇରାନ୍ ମଧ୍ୟ ପଛାଇନାହିଁ। ଶୁକ୍ରବାର ରାତିରେ ଇରାନୀୟ ସେନାର ଆକ୍ରମଣରେ ଜେରୁଜେଲମ୍ ଓ ତେଲ ଆଭିଭ୍ ଆକାଶ ବିସ୍ଫୋରଣରେ ଝଟକି ଉଠିଥିଲା। ଏହା ପରେ ଶନିବାର ସକାଳେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଇରାନ୍ ବହୁସଂଖ୍ୟକ ଦୂରଗାମୀ କ୍ଷେପଣାସ୍ତ୍ର ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଛି। ଏଥିରେ ଅନ୍ୟୁନ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସେନା ନିଜ ନାଗରିକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି। ଉଭୟ ଇସ୍ରାଏଲ୍ ଓ ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଆକ୍ରମଣ ଜାରି ରହିଲେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପ୍ରତି ଇରାନ୍ ପଟୁ ରହିଥିବା ବିପଦକୁ ଶେଷ କରିବା ହେଉଛି ତାଙ୍କ ଉଦ୍ଦେଶ୍ୟ। ଇରାନ୍ ନାଗରିକମାନେ ସେମାନଙ୍କ ନେତାମାନଙ୍କ ବିରୋଧରେ ବିଦ୍ରୋହ କରନ୍ତୁ ବୋଲି ନେତାନ୍ୟାହୁ ଆହ୍ୱାନ ଦେଇଛନ୍ତି। ଇରାନ୍ ସରକାରଙ୍କୁ ଗାଦିଚ୍ୟୁତ କରାଯାଇପାରିଲେ ଇସ୍ରାଏଲ୍ ସ୍ୱାଗତ କରିବ ବୋଲି ସେ କହିଛନ୍ତି।



ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ଇସ୍ରାଏଲର ରିଶୋନ୍ ସହରରେ ଉଦ୍ଧାରକାରୀ ଦଳ ।



ଆୟାତୋଲ୍ଲା ଅଲୀ ଖାମେନେଇ



ବେଞ୍ଜାମିନ୍ ନେତାନ୍ୟାହୁ

ସେହିପରି ଇରାନୀୟ ମିଶାଇଲ୍ ଆକ୍ରମଣ ଜାରି ରହିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଧମକ ଦେଇଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏୟାଲ ଜମିର, ମୋସାଦ୍ ଡାଇରେକ୍ଟର ଡେଭିଡ୍ ବର୍ନେଆ ଓ ଅନ୍ୟ ଶୀର୍ଷ ସାମରିକ ଅଧିକାରୀମାନଙ୍କ ସହ ସ୍ଥିତି ସମୀକ୍ଷା ବେଳେ କାଟ୍‌ଜ କହିଛନ୍ତି, ଇରାନୀୟ ଏକଚ୍ଛତ୍ରବାଦୀ ତଥା ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିଜ ଦେଶର ନାଗରିକମାନଙ୍କୁ ପଣବନ୍ଦୀ କରିଦେଲେଣି। ଇସ୍ରାଏଲୀ ନାଗରିକଙ୍କ ଉପରେ ଆପରାଧିକ ଆକ୍ରମଣର ବହୁମୂଲ୍ୟ ଦେବାକୁ ପଡ଼ିବ। ଖାମେନେଇ ଯଦି ଇସ୍ରାଏଲ ଉପରେ ଏପରି କ୍ଷେପଣାସ୍ତ୍ର ମାଡ଼ କରିଚାଲନ୍ତି ତେବେ ତେହରାନ୍ ଜଳିଯିବ ବୋଲି ସେ ଖୋଲା ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଇସ୍ରାଏଲ୍ ଇରାନ୍‌ର ସୀମିତ ଆଣବିକ ଓ ସାମରିକ ଘାଟିକୁ ଟାର୍ଗେଟ କରିଛି। ଇରାନ୍ ୨୦୦ ବାଲିଷ୍ଟିକ୍ ମିଶାଇଲ୍ ଇସ୍ରାଏଲ୍ ଉପରେ ଛାଡ଼ିଛି। ସେଗୁଡ଼ିକରୁ ଅଧିକାଂଶ ମିଶାଇଲକୁ ଏୟାର ଡିଫେନ୍ସ ସିଷ୍ଟମ୍ ଆୟତ୍ତ କରି ଖସାଇଦେଇଛି। ତେବେ ୩ ଇସ୍ରାଏଲୀ ପ୍ରାଣ ହରାଇଥିବାବେଳେ ୭୦ ଆହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଜମ୍ମୁ-କଶ୍ମୀରକୁ ପାକିସ୍ତାନର ଅଂଶ ଦର୍ଶାଇ କ୍ଷମା ମାଗିଲା ଇସ୍ରାଏଲ୍

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ତେହରାନ୍‌ର ମିଶାଇଲ୍ ଆକ୍ରମଣରେ କେତେ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇପାରେ ତାହା ଦେଖାଇବାକୁ ଇସ୍ରାଏଲ୍ ଉଦ୍ୟମ କରିଥିଲା। ତେବେ ଏପରି କରିବାକୁ ଯାଇ ଇସ୍ରାଏଲ୍ ଭୁଲ୍‌ବଶତଃ ଜମ୍ମୁ-କଶ୍ମୀରକୁ ଭାରତୀୟ ସୀମାରୁ ବାଦ୍ ଦେଇ ପାକିସ୍ତାନର ଅଂଶ ରୂପେ ଦର୍ଶାଇଥିଲା। ସୋସିଆଲ ମିଡିଆରେ ଏନେଇ ୟୁଜର୍ସ ନାନା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟ୍ୟାଗ୍ କରି ତୁରନ୍ତ ତ୍ରୁଟି ସୁଧାରିବାକୁ ଦାବି କରିଥିଲେ। ଏହାର ୯୦ ମିନିଟ୍ ଭିତରେ ଆଇଡିଏଫ୍ ଏହାକୁ ସୁଧାରି ନୂଆ ମ୍ୟାପ୍ ଜାରି କରିଥିଲା । ଏଥିସହ ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ମାଗିଥିଲା।

### ଯୁଦ୍ଧ ପରିପ୍ରେକ୍ଷୀରେ...

- ଇରାନ୍‌ର ସାଉଥ୍ ପାର୍ସ ଗ୍ୟାସ୍ ଫିଲ୍ଡ ରିଫାଇନାରି ଉପରେ ଇସ୍ରାଏଲ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହା ହେଉଛି ଇସ୍‌ଲାମିକ୍ ରାଷ୍ଟ୍ରର ତୈଳ ଓ ପ୍ରାକୃତିକ ବାଷ୍ପ ଶିଳ୍ପ ଉପରେ ଇସ୍ରାଏଲ୍‌ର ପ୍ରଥମ ଆକ୍ରମଣ।
- ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ ୫୦ ମିନିଟ୍ ଧରି ଟେଲିଫୋନ୍‌ରେ ଆଲୋଚନା କରିଛନ୍ତି। ଉଭୟଙ୍କ ମଧ୍ୟରେ ମଧ୍ୟପ୍ରାଚ୍ୟ ଉତ୍ତେଜନା ଏବଂ ୟୁକ୍ରେନ୍ ଶାନ୍ତି ନେଇ ଆଲୋଚନା ହୋଇଛି। ପୁଟିନ୍ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମଧ୍ୟସ୍ଥତା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି।
- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ପୁଣି ଥରେ ଆଣବିକ ଆଲୋଚନାର ପ୍ରସ୍ତାବ ଦେଇଛନ୍ତି। ଭବିଷ୍ୟତରେ ଉତ୍ତେଜନା ହ୍ରାସ ସକାଶେ ଇରାନ୍ ନେତୃତ୍ୱଙ୍କ ପାଇଁ ଏହା ଦ୍ୱିତୀୟ ସୁଯୋଗ ବୋଲି ଟ୍ରମ୍ପ କହିଛନ୍ତି।
- ଓମାନ୍ ବହିର୍ବ୍ୟାପାର ମନ୍ତ୍ରୀ ବଦର ଅଲ୍-ବୁସାଇଦି କହିଛନ୍ତି, ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ୍ ଓ ଆମେରିକା ମଧ୍ୟରେ ଏବେ ଆଉ ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା ହେବାର ନାହିଁ।
- ଇରାନ୍ ସହ ଲାଗିରହିଥିବା ଯୁଦ୍ଧକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ତେଲ୍ ଆଭିଭ୍ ନିକଟସ୍ଥ ଏହାର ମୁଖ୍ୟ ଅନ୍ତର୍ଜାତୀୟ ବିମାନବନ୍ଦର ବେନ୍ ଗୁରିଓନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିଛି।
- ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଉଭୟ ଦେଶରେ ଥିବା ଭାରତୀୟମାନେ ସୁରକ୍ଷା ପ୍ରୋଟୋକଲ ମାନି ଚଳିବା ସହ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ଭାରତ ପକ୍ଷରୁ ଆଡ୍‌ଭାଇଜରି ଜାରି କରାଯାଇଛି।
- ଗାଜା ଷ୍ଟ୍ରିପ୍‌ର ବିଭିନ୍ନ ସ୍ଥାନରେ ଇସ୍ରାଏଲ୍ ପକ୍ଷରୁ ଗୁଳିମାଡ଼ ଓ ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ଏକ ସହାୟତା ବଣ୍ଟନ କେନ୍ଦ୍ରକୁ ଯାଉଥିବା ଅନ୍ୟୁନ ୫୮ ପାଲେଷ୍ଟିନୀୟ ନିହତ ହୋଇଛନ୍ତି।

## ବିମାନ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି

ନୂଆଦିଲ୍ଲୀ,୧୪।୬

ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି ପାଇଛି। ଗୁରୁବାର ଅପରାହ୍ନରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏଆଇ ୧୭୧ ବିମାନ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ୍ ପରେ ବି.ଜେ. ମେଡିକାଲ କଲେଜ ହଷ୍ଟେଲ୍ ଓ ଏହାର କ୍ୟାଣ୍ଟିନ୍ କମ୍ପ୍ଲେକ୍ସକୁ ଧକ୍କା ଦେଇଥିଲା। ବିମାନର ଜଣେ ମାତ୍ର ଯାତ୍ରୀ ବଞ୍ଚିଥିବାବେଳେ ଅନ୍ୟ ୨୪୧ ଜଣଙ୍କ ଜୀବନ ଯାଇଥିଲା। ଏହା ବ୍ୟତୀତ ବିମାନ ଧକ୍କା ଯୋଗୁ ମେଡିକାଲ ଛାତ୍ରଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ ଶନିବାର ସୁଦ୍ଧା ୫ ଜଣ ଆଖି ବୁଜିବା ଫଳରେ ମୃତ୍ୟୁସଂଖ୍ୟା ୨୭୦ରେ ପହଞ୍ଚିଛି। ସମସ୍ତ ମୃତଦେହ ସିଟି ସିଭିଲ୍ ହସ୍ପିଟାଲରେ ପହଞ୍ଚିଥିବାବେଳେ ଡିଏନ୍ଏ ନମୁନା ମେଳ କରାଯାଇ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ମୃତଦେହଗୁଡ଼ିକୁ ସେମାନଙ୍କୁ ସମ୍ପର୍କୀୟଙ୍କ ହସ୍ତାନ୍ତର କରାଯିବ।

### ପାଇଲଟ୍‌ଙ୍କ ଶେଷ ବାର୍ତ୍ତା 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ, ଫଲିଂ, ମେ'ଡେ



ଲଣ୍ଡନ ଯାଉଥିବା ଏଆଇ ୧୭୧ ବିମାନ ମେଡିକାଲ ହଷ୍ଟେଲରେ ଧକ୍କା ହେବା ପୂର୍ବରୁ ବିପଦର ସମ୍ମୁଖୀନ ହୋଇଥିବା ନେଇ ପାଇଲଟ୍ ଅହମଦାବାଦ ଏୟାରପୋର୍ଟର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ବାର୍ତ୍ତା ଦେଇଥିଲେ। ତାଙ୍କର ଶେଷ ବାର୍ତ୍ତା ଥିଲା, 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ', 'ଫଲିଂ', 'କମ୍ୟୁନିକେଶନ ଲାଇନ୍ ଡିଉରିଂ ଦିସ୍ ଟ୍ରାନ୍ସମିଶନ ଭେରି ୱିକ୍' ଏବଂ 'ମେ'ଡେ'(ବିମାନ ଉପରକୁ ଉଠିବା ଲାଗି ଶକ୍ତି ମିଳୁନାହିଁ, ଖସୁଛି, ଯୋଗାଯୋଗ ଲାଇନ୍ ଅତ୍ୟନ୍ତ ଦୁର୍ବଳ ରହିଛି ଏବଂ ବିପଦରେ ଅଛି)। ଗୁରୁବାର ଅପରାହ୍ନ ୧ଟା ୩୭ ମିନିଟ୍ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ବିମାନରେ କୌଣସି ସମସ୍ୟା ଦେଖାଦେଇଥିବା ପାଇଲଟ୍‌ଙ୍କ ଏହି ବାର୍ତ୍ତାରୁ ସ୍ପଷ୍ଟ ହେଉଛି। ବିମାନରେ ୨୩୦ ଯାତ୍ରୀ, ୨ ପାଇଲଟ୍ ଏବଂ ୧୦ କ୍ରିଉ ସଦସ୍ୟ ଥିଲେ। ୨୦୧୧ରେ ବ୍ୟବସାୟିକ ଉଡ଼ାଣରେ ସାମିଲ ହେବା ପରେ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ଏହା ଥିଲା ପ୍ରଥମ ଘାତକ ଦୁର୍ଘଟଣା। ଦୁର୍ଘଟଣାସ୍ଥଳରୁ ଶୁକ୍ରବାର ମିଳିଥିବା ବିମାନର ବ୍ଲାକ୍‌ବକ୍ସର ଡିକୋଡିଂ କରାଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। ଦୁର୍ଘଟଣା ପୂର୍ବରୁ ବିମାନରେ କ'ଣ ଘଟିଥିଲା ଓ କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହା ଡିକୋଡିଂ ପରେ ଜଣାପଡ଼ିବ। ଏହା ବ୍ୟତୀତ ଦୁର୍ଘଟଣାର କାରଣ ଜାଣିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିବାବେଳେ ତଦନ୍ତ କାର୍ଯ୍ୟ ଆଗେଇ ଚାଲିଛି। ଦେଶରେ ଅତ୍ୟନ୍ତ କଠୋର ବିମାନ ଚଳାଚଳ ନିରାପତ୍ତା ମାନଦଣ୍ଡ ଏବଂ ଦୃଢ଼ ପ୍ରୋଟୋକଲ୍ ରହିଛି। ଏହାକୁ ଆହୁରି ସୁରକ୍ଷିତ କରିବା ପାଇଁ ସବୁକିଛି କରାଯିବ ବୋଲଇ ମନ୍ତ୍ରୀ ନାଇଡୁ କହିଛନ୍ତି।

## ରହସ୍ୟମୟ ୧୧ଏ ସିଟ୍

ନୂଆଦିଲ୍ଲୀ,୧୪।୬

୩ ଦଶନ୍ଧି ଅନ୍ତରରେ ଘଟିଥିବା ୨ଟି ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ୨ ଯାତ୍ରୀଙ୍କ ସିଟ୍ ନମ୍ବର ୧୧ଏ ରହିଥିବା ଜଣାପଡ଼ିଛି। ପ୍ରଥମ ଦୁର୍ଘଟଣା ୧୯୯୮ରେ ଥାଇଲାଣ୍ଡରେ ଘଟିଥିବାବେଳେ ଦ୍ୱିତୀୟଟି ୨୦୨୫ ଜୁନ୍ ୧୨ରେ ଭାରତର ଅହମଦାବାଦରେ ଘଟିଛି। ଉଭୟ ଦୁର୍ଘଟଣାରେ ରହସ୍ୟମୟ ୧୧ଏ ସିଟ୍‌ର ଯାତ୍ରୀ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଏୟାର ଇଣ୍ଡିଆ ବିମାନ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହେବାରୁ ବିମାନର ୨୪୧ ଜଣ ପ୍ରାଣ ହରାଇଥିବାବେଳେ ୧୧ଏ ସିଟ୍‌ରେ ବସିଥିବା ଏକମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶ ଜୀବିତ ରହିଛନ୍ତି। ୨୭ ବର୍ଷ ପୂର୍ବେ ଘଟିଥିବା ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ଥାଇଲାଣ୍ଡର ଅଭିନେତା ତଥା ଗାୟକ ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ୍‌ଙ୍କର ସିଟ୍ ନମ୍ବର ୧୧ଏ ଥିଲା, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ସେ କହିଛନ୍ତି। ୧୯୯୮ରେ ଲୟଚୁସାକ୍ ଥାଇଲାଣ୍ଡ ଏୟାରୱେଜ୍‌ର ଟିଜି୨୬୧ ନମ୍ବର ବିମାନରେ ଯାତ୍ରା କରୁଥିବାବେଳେ ସେଠାର ସୁରଟ୍ ଥାନି ସହରରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ମୋଟ ୧୪୬ ଜଣ ଥିଲାବେଳେ ସେମାନଙ୍କ ମଧ୍ୟରୁ ୧୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଜୀବିତଙ୍କ ମଧ୍ୟରେ ଲୟଚୁସାକ୍ ଅନ୍ୟତମ ଥିଲେ।

### ୨ ବିମାନ ଦୁର୍ଘଟଣାରୁ ୨ ଜଣଙ୍କୁ ବଞ୍ଚାଇଛି



ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ



ବିଶ୍ୱାସ କୁମାର ରମେଶ

## ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା: ୩୮ ଗିରଫ

ଗୁଆହାଟୀ,୧୪।୬

ଆସାମର ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା ବଢ଼ିବା ପରେ ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର ରାତିରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସେଠାରୁ ୩୮ ଜଣଙ୍କୁ ଗିରଫ କରାଗଲାଣି। ରାଜ୍ୟ ସରକାର ଧୁବ୍ରୀ ଜିଲାର ବରିଷ୍ଠ ଏସ୍‌ପି ନବୀନ ସିଂଙ୍କୁ ବଦଳି କରି ତାଙ୍କ ସ୍ଥାନରେ ହୈଲାକାଣ୍ଡି ଏସ୍‌ଏସ୍‌ପି ଲୀନା ଡୋଲିଙ୍କୁ ନିଯୁକ୍ତ କରିଛନ୍ତି। ବାଂଲାଦେଶ ସୀମାକୁ ଲାଗିଥିବା ଏହି ମୁସଲମାନବହୁଳ ଜିଲାରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ସିଆର୍‌ପିଏଫ୍ ସମେତ ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବାଂଲାଦେଶ ସପକ୍ଷ ପୋଷ୍ଟର ଅଭିଯାନ ଏବଂ ଧୁବ୍ରୀ ସହରର ଏକ ହନୁମାନ ମନ୍ଦିର ସମ୍ମୁଖରୁ ଗତ ୭ ତାରିଖରେ ଗୋରୁମୁଣ୍ଡ ମିଳିବାକୁ ନେଇ ଉତ୍ତେଜନା ବଢ଼ିବା ସହ ସଂଘର୍ଷ ଘଟିଥିଲା। ୯ ତାରିଖରେ ଜିଲା ପ୍ରଶାସନ ସହରରେ ନିଷେଧାଦେଶ ଲଗାଇଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆସିବା ପରେ ପରଦିନ ଏହାକୁ ଉଠାଇ ନେଇଥିଲେ। ନବୀନ ବାଙ୍ଗଲା ନାମକ ସଂଗଠନ ଜିଲାରେ ଅସ୍ଥିରତା ସୃଷ୍ଟି କରିବା ସହ ଏହାକୁ ବାଂଲାଦେଶ ସହ ମିଶାଇବାକୁ ଉଦ୍ୟମ ଚଳାଇଥିବା ବିଶ୍ୱଶର୍ମା କହିଛନ୍ତି।



## ଆମିରଙ୍କ ସିକ୍ରେଟ୍

ମୁମ୍ବାଇ

ପ୍ରତିବର୍ଷ ଅଭିନେତାମାନେ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ସେଭଳି ଜଣେ ହେଲେ ସୁପରଷ୍ଟାର ଆମିର ଖାନ। ତାଙ୍କ ରୋଜଗାର ମଧ୍ୟ କୋଟିରେ। ଏହି ଟଙ୍କାକୁ ସେ ନିଜେ କିମ୍ବା ତାଙ୍କ ପତ୍ନୀ ପରିଚାଳନା କରି ନ ଥାନ୍ତି। ଜଣେ ବ୍ୟକ୍ତି ଅଛନ୍ତି ସେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେ ଯଦି ଚାହିଁବେ ଆମିର କିଛି ସେକେଣ୍ଡରେ ଦେବାଳିଆ ହୋଇଯିବେ। ଆମିର ନିକଟରେ ଏକ ସାକ୍ଷାତକାର ସମୟରେ ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ବିମଲ ପାରେଖ। ଅଭିନେତା ଆରମ୍ଭରୁ ସୃଜନଶୀଳତା ଉପରେ ଧ୍ୟାନ ଦେଉଥିଲେ। ତାଙ୍କର କେବେବି ଟଙ୍କା ପ୍ରତି ଆଗ୍ରହ ନ ଥିଲା। ସେବେଠାରୁ ସେ ତାଙ୍କ ଟଙ୍କାର ହିସାବ ନିକାଶ ବିମଲଙ୍କୁ ଦେଇଛନ୍ତି। ସବୁକିଛିର ସେ ହିସାବ ରଖି ଆସୁଛନ୍ତି। ଯଦି ସେ ଚାହିଁବେ, ତେବେ ଆମିରଙ୍କୁ ଗୋଟିଏ ମୁହୂର୍ତ୍ତରେ ଦେବାଳିଆ କରିପାରନ୍ତି। ତେବେ ବିମଲ ହେଉଛନ୍ତି ବଲିଉଡର ପ୍ରିୟ ଚାର୍ଟର୍ଡ ଆକାଉଣ୍ଟାଣ୍ଟ। ସେ ଜଣେ ଆର୍ଥିକ ପରାମର୍ଶଦାତା ମଧ୍ୟ। ସେ କେବଳ ଆମିର ନୁହନ୍ତି, ରଣବୀର କପୁର, କ୍ୟାଟ୍ରିନା କୈଫ, ଜୁହି ଚାୱଲା ଏବଂ କପିଲ ଶର୍ମାଙ୍କ ସିଏ। ସେ ଅନେକ ପ୍ରଡକ୍ସନ ହାଉସକୁ ଆର୍ଥିକ ମାର୍ଗଦର୍ଶନ ମଧ୍ୟ ଦେଇଛନ୍ତି। ଯେଉଁଥିରେ ଫରହାନ ଅଖତର-ରିତେଶ ସିଧୱାନୀଙ୍କ ଏକ୍ସେଲ ଏଣ୍ଟରଟେନମେଣ୍ଟ, ଜୋୟା ଅଖତର-ରୀମାଙ୍କ ଟାଇଗର ବେବି, ଭଂସାଲି ଏବଂ ଆଶୁତୋଷ ଗୋୱାରିକରଙ୍କ ପ୍ରଡକ୍ସନ ହାଉସ ଅନ୍ତର୍ଭୁକ୍ତ।

# ୨୭ ବର୍ଷ ପ୍ରତୀକ୍ଷାର ଅବସାନ



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ ପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଦଳ।

**ଲଣ୍ଡନ, ୧୪।୬**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାପରେ ୨୦୨୩ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ, ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତ ଏବଂ ୨୦୨୪ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରି ନିରାଶ ହୋଇଥିଲା। ଲର୍ଡ୍ସରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୮ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୦୭ ରନ କରିବାକୁ ସକ୍ଷମ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଦଳ ୮୩.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଡେନ ମାରକ୍ରମ ୧୩୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବାବେଳେ ଅଧିନାୟକ ଟେମ୍ବା ବଭୁମା ୬୬ ରନର ଉପଯୋଗୀ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଏହି ଐତିହାସିକ ସଫଳତା ଦେଇଥିଲେ। ତୃତୀୟ ଉଇକେଟରେ ଦୁହିଁଙ୍କ ୧୪୭ ରନର ଭାଗୀଦାରି ଦକ୍ଷିଣ ଆଫ୍ରିକାକୁ ବିଜୟ ପଥରେ ଅଗ୍ରସର କରାଇଥିଲା। ୨ଟି ଉଇକେଟ ନେବା ସହ ଶତକୀୟ ଇନିଂସ ଖେଳିଥିବା ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଆଇସିସି ସିନିୟର ଟୁର୍ନାମେଣ୍ଟ ଫାଇନାଲରେ ଦକ୍ଷିଣ ଆଫ୍ରିକା**

- ୧୯୯୮ ଚାମ୍ପିୟନ୍ସ ଟ୍ରଫି: ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟୀ
- ୨୦୨୩ ମହିଳା ଟି୨୦ ବିଶ୍ୱକପ: ଅଷ୍ଟ୍ରେଲିଆଠାରୁ ପରାସ୍ତ
- ୨୦୨୪ ପୁରୁଷ ଟି୨୦ ବିଶ୍ୱକପ: ଭାରତଠାରୁ ପରାସ୍ତ
- ୨୦୨୪ ମହିଳା ଟି୨୦ ବିଶ୍ୱକପ: ନ୍ୟୁଜିଲାଣ୍ଡଠାରୁ ପରାସ୍ତ
- ୨୦୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍: ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ

**ଲର୍ଡ୍ସରେ ସର୍ବାଧିକ ରନ୍ ଚେଜ୍**

- ୩୪୨: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ୧୯୮୪
- ୨୮୨: ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ୨୦୨୫
- ୨୮୨: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୦୪
- ୨୭୭: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୨୨

## ଦକ୍ଷିଣ ଆଫ୍ରିକାକୁ ଆଇସିସି ଟ୍ରଫି

ଏଥିସହ ବଭୁମାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୧୦ ଟେଷ୍ଟରେ ଅପରାଜେୟ ରହିଛି। ଏହା ମଧ୍ୟରୁ ୯ଟି ଜିତିଥିବାବେଳେ ଗୋଟିଏ ଡ୍ର ରଖିଛି। କେବଳ ଇଂଲଣ୍ଡର ପେର୍ସି ଚାପ୍‌ମାନ ଅଧିନାୟକ ହେବାପରେ ପ୍ରଥମ ୧୦ ଟେଷ୍ଟରୁ ୯ଟିରେ ବିଜୟୀ ହୋଇଥିଲେ। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ୨୦୧୯-୨୦୨୧ ସିଜନ ଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ୨୦୨୧-୨୦୨୩ ଫାଇନାଲରେ ଭାରତକୁ ପରାସ୍ତ କରି ଅଷ୍ଟ୍ରେଲିଆ ଟାଇଟଲ ହାସଲ କରିଥିଲା। ୨୦୨୩-୨୦୨୫ ସିଜନ ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୮୨/୫ (ଏଡେନ ମାରକ୍ରମ-୧୩୬, ଟେମ୍ବା ବଭୁମା-୬୬, ମିଚେଲ ଷ୍ଟାର୍କ-୩/୬୬, ପ୍ୟାଟ୍ କମିନ୍ସ-୧/୫୯, ଜୋଶ ହାଜେଲଉଡ-୧/୫୮)।

# ବାଉଣ୍ଡ୍ରି ଲାଇନ୍ କ୍ୟାଚ୍ ଲାଗି ନୂଆ ନିୟମ

## ଚଳିତ ମାସରୁ କାର୍ଯ୍ୟକାରୀ ହେବ

**ଲଣ୍ଡନ,୧୪।୬(ପି.ଟି.)**

ବାଉଣ୍ଡ୍ରି ଲାଇନ୍ ଡେଇଁ କିମ୍ବା ବାଉଣ୍ଡ୍ରି ବାହାରେ ବଲକୁ ବହୁବାର ଟଚ୍ କରି ନିଆଯାଉଥିବା କ୍ୟାଚ୍‌କୁ କ୍ରିକେଟ୍‌ରେ ପ୍ରଚଳିତ ନିୟମର ତଦାରଖ କରୁଥିବା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ପକ୍ଷରୁ ଅସିଦ୍ଧ କରାଯାଇଛି। ଏହି ନୂଆ ନିୟମ ଚଳିତ ମାସରୁ ଆଇସିସିର ପ୍ଲେଇଂ କଣ୍ଡିଶନରେ ସାମିଲ କରାଯିବ। ଏହି ନିୟମ କାର୍ଯ୍ୟକାରୀ ହେବା ପରେ ୨୦୨୩ ବିବିଏଲ୍‌ରେ ମାଇକେଲ ନେସର ଓ ୨୦୨୦ରେ ମ୍ୟାଟ ରେନଶଙ୍କ ସହାୟତାରେ ଟମ୍ ବାଣ୍ଟନ ନେଇଥିବା କ୍ୟାଚ୍‌କୁ ବେଆଇନ ଦର୍ଶାଯିବ।

ଆଇସିସି ଦ୍ୱାରା ସଦସ୍ୟ ବୋର୍ଡମାନଙ୍କୁ ପଠାଯାଇଥିବା ଏମ୍‌ସିସି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଚଳିତ ନିୟମ ଯୋଗୁ କିଛି ଦର୍ଶନୀୟ କ୍ୟାଚ୍ ଦେଖିବାକୁ ମିଳୁଛି। ହେଲେ ଏହା ଫିଲ୍ଡରଙ୍କୁ ଅସାଧାରଣ କ୍ୟାଚ୍ ନେବାକୁ ଅନୁମତି ଦେଉଛି, ଯାହାକି ଅଧିକାଂଶ ପ୍ରଶଂସକଙ୍କ ମତରେ ଅନୁଚିତ। ବ୍ରିସବେନ ହିଟ୍ ପାଇଁ ଜୋର୍ଡାନ ସିଲ୍କଙ୍କୁ ଆଉଟ୍ କରିବା ଲାଗି ନେସର ନେଇଥିବା କ୍ୟାଚ୍ ସମ୍ପର୍କରେ ପ୍ରକାଶ କରାଯାଇଛି, ବାଉଣ୍ଡ୍ରି ଲାଇନ ମଧ୍ୟରେ କ୍ୟାଚ୍ ନେବା ପୂର୍ବରୁ ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ଅତିକ୍ରମ କରିଥିଲେ। ଫିଲ୍ଡର କ୍ୟାଚ୍ ନେବା ପାଇଁ ଅଧିକ ଦୂରକୁ ଚାଲିଯାଇଥିବା ଅନୁଭବ ହେଉଛି।

ବିବିଏଲ୍‌ରେ ନିଆଯାଇଥିବା ଉକ୍ତ ଦୁଇଟି କ୍ୟାଚ୍ ଯୋଗୁ ପ୍ରବଳ ଚର୍ଚ୍ଚା ହୋଇଥିଲା, ଯାହା ଫଳରେ ଆଇସିସି ଓ ଏମ୍‌ସିସିକୁ ନିୟମ ୧୯.୫.୨ରେ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ଅନ୍ତିମ ଥର ୨୦୧୦ରେ ଏହାକୁ ଅପଡେଟ୍ କରାଯାଇଥିଲା। ପରିବର୍ତ୍ତିତ ନିୟମ ମୁତାବକ, କୌଣସି ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ବାହାରକୁ ଡେଇଁ ଦ୍ୱିତୀୟ ଥର ବଲ ସମ୍ପର୍କରେ ଆସିବା ପରେ ତାଙ୍କୁ ଫିଲ୍ଡ ମଧ୍ୟରେ ଲ୍ୟାଣ୍ଡ କରିବାକୁ ପଡ଼ିବ, ନ ହେଲେ ଏହାକୁ ବାଉଣ୍ଡ୍ରି ବୋଲି ଧରାଯିବ। କିନ୍ତୁ ଫିଲ୍ଡ ଭିତରେ ଥାଇ ବଲକୁ ଉପରକୁ ଫୋପାଡ଼ି ବାଉଣ୍ଡ୍ରି ବାହାରକୁ ଯାଆନ୍ତି ଏବଂ ପରେ ଡାଇଭ୍ କରି ଫିଲ୍ଡରେ କ୍ୟାଚ୍ ଧରନ୍ତି, ଏଭଳି କ୍ଷେତ୍ରରେ ଆଉଟ୍ ଦିଆଯିବ। ବାଉଣ୍ଡ୍ରି ବାହାରକୁ ଯାଇଥିବା ଫିଲ୍ଡର ପବନରେ ଥାଇ ବଲକୁ କେବଳ ଥରେ ହିଁ ସ୍ପର୍ଶ କରିପାରିବେ ଏବଂ ପରେ ତାଙ୍କୁ ବାଉଣ୍ଡ୍ରି ଭିତରରେ କ୍ୟାଚ୍ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଏହି ନିୟମ ରିଲେ କ୍ୟାଚ୍ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଯଦି ଜଣେ ଫିଲ୍ଡର ପବନରେ ଥାଇ ବାଉଣ୍ଡ୍ରି ବାହାରୁ ବଲକୁ ପଡ଼ିଆ ଭିତରକୁ ଫୋପାଡନ୍ତି, ତେବେ ତାଙ୍କ ସାଥି ଖେଳାଳି କ୍ୟାଚ୍ ଧରିବା ପୂର୍ବରୁ ତାଙ୍କୁ ଫିଲ୍ଡକୁ ଫେରିବାକୁ ପଡ଼ିବ। ନ ହେଲେ ଏହାକୁ ବାଉଣ୍ଡ୍ରି ଧରାଯିବ। ଏପରି କି ଯଦି ଜଣେ ଫିଲ୍ଡର ଫିଲ୍ଡ ମଧ୍ୟରେ ଥାଇ ବଲକୁ ଅନ୍ୟ ଫିଲ୍ଡରଙ୍କ ଆଡ଼କୁ ଫୋପାଡ଼ିବା ପରେ ବାଉଣ୍ଡ୍ରି ବାହାରକୁ ଚାଲି ଯାଆନ୍ତି, ତେବେ ମଧ୍ୟ ଏହାକୁ ବାଉଣ୍ଡ୍ରି ଗଣନା କରାଯିବ। ଏହାର ଅର୍ଥ ଫିଲ୍ଡରଙ୍କୁ ବାଉଣ୍ଡ୍ରି ବାହାରୁ ଭିତରକୁ ଡେଇଁଲା ବେଳେ ବଲକୁ ସ୍ପର୍ଶ କରିବା ପାଇଁ ଥରେ ହିଁ ସୁଯୋଗ ମିଳିବ। ସ୍ପର୍ଶ କରିବା ପରେ ତାଙ୍କୁ ଯେମିତି ବି ହେଲେ ଫିଲ୍ଡ ମଧ୍ୟରେ ରହିବା ଦରକାର। ଏହି ପରିବର୍ତ୍ତିତ ନିୟମ ଆସନ୍ତା ୧୭ ତାରିଖରୁ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେଠାରେ ହେବାକୁ ଥିବା ଟେଷ୍ଟ ମ୍ୟାଚ୍‌ରୁ କାର୍ଯ୍ୟକାରୀ ହେବ। ଏହି ମ୍ୟାଚ୍ ସହ ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆରମ୍ଭ ହେବ।

# ଅଭିଜିତ୍ ଗୁପ୍ତାଙ୍କୁ ଦିଲ୍ଲୀ ଓପନ ଟାଇଟଲ



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ନୂଆଦିଲ୍ଲୀ, ୧୪।୬**

ଭାରତୀୟ ଗ୍ରାଣ୍ଡମାଷ୍ଟର (ଜିଏମ୍) ଅଭିଜିତ୍ ଗୁପ୍ତା ତାଙ୍କର ଚତୁର୍ଥ ଦିଲ୍ଲୀ ଗ୍ରାଣ୍ଡମାଷ୍ଟର୍ସ ଓପନ ଟାଇଟଲ ଜିତିଛନ୍ତି। ଏସିଆର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟରେ ସେ ୧୦ରୁ ୮.୫ ପଏଣ୍ଟ ସ୍କୋର କରିଥିଲେ। ୩୬ ବର୍ଷୀୟ ଗୁପ୍ତା ୧୦ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତ୍ରୁଟିହୀନ ଅଭିଯାନ କରି ଶେଷ ପର୍ଯ୍ୟନ୍ତ ଅପରାଜେୟ ରହିଥିଲେ। ୯ମ ରାଉଣ୍ଡରେ ବେଲାରୁଷର ଗ୍ରାଣ୍ଡମାଷ୍ଟର ମିହେଲ ନିକିଟେଙ୍କୋଙ୍କ ବିପକ୍ଷରେ ବିଜୟ ତାଙ୍କ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଫାଇନାଲ ରାଉଣ୍ଡରେ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଆରୋଣ୍ୟକ ଘୋଷଙ୍କ ବିପକ୍ଷରେ ଡ୍ର ରଖି ସେ ଟାଇଟଲ ହାସଲ କରିଥିଲେ। ନିକିଟେଙ୍କୋ (୨୫୨୦ ବେଲାରୁଷ) ଟାଇବ୍ରେକରରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତିୟାନ ଘୋଷ (୨୫୭୩)ଙ୍କୁ ପରାସ୍ତ କରି ୮ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଘୋଷ ଫାଇନାଲ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର କାର୍ତ୍ତିକ ଭେଙ୍କଟରମଣଙ୍କ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ସମାନ ୮ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ମଧ୍ୟ ଆଇଏମ୍ ଆରୋଣ୍ୟକ ଘୋଷ ଓ ଜିଏମ୍ ଆଦିତ୍ୟ ଏସ୍. ସାମନ୍ତ ଟାଇବ୍ରେକର ସହିତ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଟପ୍ ଟେନ୍‌ରେ ପୁରୁଖା ପ୍ରଫେଶନାଲ ଓ ଉଦୀୟମାନ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଭିଏତ୍‌ନାମର ଜିଏମ୍ ଏନ୍‌ଗୁୟେନ ଡକ୍ ହୋଆ ୭.୫ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ଭାରତର ଟପ୍ ସିଡ୍ ଗ୍ରାଣ୍ଡମାଷ୍ଟର ଏସ୍‌ଏଲ୍ ନାରାୟଣନ ୭ମ ହୋଇଥିଲେ। ଆର୍ମେନିଆର ଦୁଇ ଗ୍ରାଣ୍ଡ ମାଷ୍ଟର ମାମିକନ ଘାରିବ୍ୟାନ ଓ ମାନୁଏଲ୍ ପେଟ୍ରୋସ୍ୟାନ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ଅଧିକାର କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଟ୍ଟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତ ପୁଣି ପରାସ୍ତ

**ଆଣ୍ଟ୍ୱେର୍ପ (ବେଲଜିୟମ),୧୪।୬ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଜାରି ରହିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକଙ୍କ ଡବଲ ଗୋଲ୍ ବଳରେ ଭାରତ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ପରେ ଅଷ୍ଟ୍ରେଲିଆ ତିନୋଟି ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୩-୨ ଗୋଲ୍‌ରେ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ୫ମ ପରାଜୟ। ଦଳ ପୂର୍ବରୁ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନାଠାରୁ ଦୁଇଥର ଲେଖାଏଁ ପରାସ୍ତ ହୋଇ ସାରିଛି। ଶନିବାର ଅଭିଷେକ (୮ମ ଓ ୩୫ତମ ମିନିଟ)ଙ୍କ ଡବଲ ଗୋଲ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୪୨ତମ ମିନିଟ୍‌ରେ ନାଥାନ ଏଫ୍ରାମସ୍ ସ୍କୋର କରିଥିଲେ। ପରେ ଜୋଏଲ ରିଣ୍ଟାଲା (୫୬ତମ) ଓ ଟମ୍ କ୍ରେଗ୍ (୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

# ସ୍କୁଲ୍ସ ଓପନ ଚେସ୍: ପ୍ରାଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)**


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ତ୍ରିନାଥ ଦାସ ମେମୋରିଆଲ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରାଂଶୁ ଦାଶ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସତ୍ୟ ମାଧବ ଶତପଥୀ, ଆୟାଭନ୍ତ ମହାନ୍ତି, ସାରାଂଶ ମିଶ୍ର ଓ ରେୟାଂଶ ଦାସ ଟପ୍-୫ରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନେଭି କ୍ୟାପ୍‌ଟେନ ଅମିତ ପଟ୍ଟନାୟକ, ସ୍ୱର୍ଗତ ତ୍ରିନାଥ ଦାସଙ୍କ ଝିଅ ସବିତା ଦାସ ଏବଂ ସମ୍ପର୍କୀୟ ଦେବବ୍ରତ ପଟ୍ଟନାୟକ ଓ ଦେବାଂଶି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




# ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ରେଫରି କର୍ମଶାଳା



କର୍ମଶାଳା ଅବସରରେ କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଦେଶର ସର୍ବପ୍ରଥମ ବ୍ୟାଡ୍‌ମିଣ୍ଟନ ରେଫରି (ଟେକ୍ନିକାଲ ଅଫିସିଆଲ) କର୍ମଶାଳା ଆରମ୍ଭ ହୋଇଛି। ବିଭିନ୍ନ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ମ୍ୟାଚଗୁଡିକ ପରିଚାଳନା ସମୟରେ ତ୍ରୁଟିଶୂନ୍ୟ ଭାବେ ମ୍ୟାଚ ଯେପରି ସମାପ୍ତ ହେବ ତା’ ଉପରେ ଅଡିଓ ଓ ଭିଡିଓ ମାଧ୍ୟମକୁ ଉପଯୋଗ କରି ରାଜ୍ୟ ସଂଘର ୧୦୫ ଟେକ୍ନିକାଲ ଅଫିସିଆଲଙ୍କୁ ଏହି କର୍ମଶାଳାରେ ଶିକ୍ଷା ଦିଆଯାଉଛି। ଏଥି ସହ ରାଜ୍ୟ ଅଫିସିଆଲମାନଙ୍କ ଖେଳ ପରିଚାଳନା ପଦ୍ଧତିରେ ଆହୁରି ଉତ୍କର୍ଷତା ଆଣି ତାଙ୍କର ଦକ୍ଷତାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ଯେପରି ଆଗାମୀ ଦିନରେ ପହଞ୍ଚାଯାଇପାରିବ ତାହା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ପ୍ରକାଶ କରିଛନ୍ତି। ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ବ୍ୟାଡ୍‌ମିଣ୍ଟନ ଏସିଆ ରେଫରି ବାଲା ରାମ ମୂର୍ତ୍ତିଙ୍କ ସହ ଓସବା ଉପସଭାପତି ତଥା କମିଟି ଅଧ୍ୟକ୍ଷ କାର୍ତ୍ତିକ ଦାସ, ସହ ଅଧ୍ୟକ୍ଷ ମନୋରଞ୍ଜନ ଦାସ, ସମ୍ପାଦକ ନିଲିନ କୁମାର କର୍ମଶାଳା ପରିଚାଳନା କରୁଥିବା ବେଳେ ଉପସଭାପତି ପ୍ରଦୀପ ପଟ୍ଟନାୟକ, ସନ୍ଦୀପ ମିଶ୍ର, ସମୀର ଦାସ, ଜୟପ୍ରକାଶ ଜେନା, ଶୁଭମ୍ ନାୟକ ଓ ଅବଦୁଲ ହାକିମ ସହଯୋଗ କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୫/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 15/2025 Page 16 ₹ 7.00

୫୧ଶ ଭାଗ ୨୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 200 ମୂଲ୍ୟ₹୭/-





# ରଥରେ ଅଣସେବାୟତ, ମୋବାଇଲ ମନା

**ଛଦ୍ମବେଶଧାରୀ ଚିହ୍ନଟ ହେଲେ ମକଦ୍ଦମା**

■ଶୃଙ୍ଖଳିତ ଭାବେ ଘୋଷଯାତ୍ରା ସମ୍ପାଦନ ଉପରେ ଗୁରୁତ୍ୱ

■ପହଣ୍ଡି ସମୟରେ କେବଳ ପ୍ରାଧିକୃତ ସେବାୟତ ରହିବେ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)


ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ରଥ ଉପରକୁ ଅଣସେବାୟତ ଚଢ଼ିବା ଓ ମୋବାଇଲ ଫୋନ୍ ନେବା ପାଇଁ ବାରଣ କରାଯାଇଥିବାବେଳେ ଶୃଙ୍ଖଳିତ ଭାବେ ପହଣ୍ଡି, ନୀତିକାନ୍ତି, ରଥଟଣା ଓ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟରେ ଦଇତାପତି ସେବକଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ନୀତିକାନ୍ତି ଓ ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା ହୋଇଛି। ବିଶେଷକରି ପହଣ୍ଡି ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଦଇତାପତି ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି। ଛତିଶା ନିଯୋଗରେ ସମର୍ଥନ ମିଳିଥିବା ବ୍ୟବସ୍ଥାବଳୀ ସମ୍ପର୍କରେ ଦଇତାପତି ନିଯୋଗ ସହ ଆଲୋଚନା ହୋଇଛି। ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ଗୃହୀତ ନିଷ୍ପତ୍ତି ସମ୍ପର୍କରେ ଦଇତାପତି ସେବକମାନଙ୍କୁ ଅବଗତ କରାଇଥିଲୁ। ପୂର୍ବବର୍ଷ ଆଡ଼ପ ବିଜେ ବେଳେ ଶ୍ରୀବଳଭଦ୍ରଙ୍କ ପହଣ୍ଡି ସମୟରେ ଯେଭଳି ଘଟଣା ଘଟିଲା, ତା'ର ଯେପରି ପୁନରାବୃତ୍ତି ନ ହୁଏ ସେନେଇ ୩ ଜଣିଆ କମିଟି ପରାମର୍ଶରେ ଆସିଥିବା ନିର୍ଦ୍ଦେଶାବଳୀକୁ ମାନିବା ପାଇଁ କୁହାଯାଇଥିଲା। କେବଳ ପ୍ରାଧିକୃତ ସେବକଙ୍କ ଉପସ୍ଥିତିରେ ପହଣ୍ଡି ହେବ। ପ୍ରାଧିକୃତ ସେବାୟତଙ୍କ ବ୍ୟତୀତ ଅନ୍ୟ କେହି ରହିବେ ନାହିଁ। ସହାୟକମାନେ ମଧ୍ୟ ସେବା ନ ଥିଲେ ଠାକୁରଙ୍କ ନିକଟରେ ରହିପାରିବେ ନାହିଁ। ତିନି ରଥ ପାଇଁ ବରିଷ୍ଠ ଅଧିକାରୀ ନିୟୋଜିତ ହେବେ। କୌଣସି ସେବକ ରଥ ଉପରେ ମୋବାଇଲ୍ ଫୋନ ବ୍ୟବହାର କରିପାରିବେ ନାହିଁ। ଛଦ୍ମବେଶରେ ତଥା ସେବକ ବେଶରେ ଯଦି କେହି ରଥ ଉପରକୁ ଚଢ଼ନ୍ତି, ତା'ହେଲେ ତାଙ୍କ ବିରୋଧରେ ଏତଲା ଦିଆଯିବା ସହ ଫୌଜଦାରି ମାମଲା ଦାଏର କରାଯିବ।

ସେହିପରି ନବଯୌବନ ଦର୍ଶନ ଓ ନେତ୍ର ଉତ୍ସବ ଗୋଟିଏ ଦିନରେ ପଡୁଛି। ଏଥର ଉଭା ନାହିଁ। ତେଣୁ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପାଦନ ସହ ଦର୍ଶନ ବ୍ୟବସ୍ଥିତ କରିବା ପାଇଁ ଦଇତାପତି ସେବକଙ୍କ ସହ ଆଲୋଚନା ହୋଇଛି। ପହଣ୍ଡି ସମେତ ରଥ ଉପରେ ମହାପ୍ରଭୁ ଅବସ୍ଥାନ କରିବା ପରେ ମଧ୍ୟ ସେବା ସମ୍ପୃକ୍ତ ସେବକ ରହିବେ। ସହାୟକ ସେବକମାନେ କେବଳ ଆବଶ୍ୟକ ସମୟରେ ଠାକୁରଙ୍କ ନିକଟରେ ରହିବେ। ଏହାକୁ ଅବମାନନା କଲେ ସ୍ୱତନ୍ତ୍ର ଅଧିକାରୀ ଦଳ ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସ୍ନାନଯାତ୍ରା ଭଳି ରଥଯାତ୍ରା ପହଣ୍ଡିରେ ଅତିରିକ୍ତ ସୁରକ୍ଷା ବଳୟ କରି ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢୀ ସୂଚନା ଦେଇଛନ୍ତି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ହାତୀବେଶ ଦର୍ଶନ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଭକ୍ତମାନେ ହାତୀବେଶ ଭଲତଭାବେ ଦର୍ଶନ କରିଛନ୍ତି। ୧୦୦ ବର୍ଷ ଭିତରେ ପ୍ରଥମଥର ପାଇଁ ଏପରି ହୋଇଛି। ଶୃଙ୍ଖଳିତ ଭାବେ ରଥଯାତ୍ରା ସମ୍ପାଦନ କରିବା ନିମନ୍ତେ ଏହି ବୈଠକ ହୋଇଥିଲା। ସ୍ୱତ୍ୱଲିପି ଅନୁଯାୟୀ, କେଉଁମାନେ ପହଣ୍ଡିରେ ରହିବେ ସେ ତାଲିକା ପ୍ରଶାସନ ପ୍ରସ୍ତୁତ କରିବ। ତେବେ ଦଇତାପତି ନିଯୋଗ ପକ୍ଷରୁ ପହଣ୍ଡିରେ ନିୟୋଜିତ ସେବକଙ୍କ ତାଲିକା ତଥା ଖସଡ଼ା ପ୍ରସ୍ତୁତ କରିଛୁ। ଅଣସେବାୟତ ଓ ମୋବାଇଲ କଟକଣାକୁ ଗୁରୁତ୍ୱ ଦେବୁ ବୋଲି ଦାସମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଗୋଟି ପହଣ୍ଡି ଥିବାରୁ ଦଇତାପତି ସେବକଙ୍କୁ ୪ ଦଳରେ ବିଭକ୍ତ କରାଯାଇଛି। ଶ୍ରୀସୁଦର୍ଶନଙ୍କ ବାଡ଼ଗ୍ରାହୀ ନବକିଶୋର ପତିମହାପାତ୍ର, ଶ୍ରୀବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହପାତ୍ର, ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଦଇତାପତି ନିଯୋଗ ସଭାପତି ଗଣେଶ ଦାସମହାପାତ୍ର, ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଗୋଷ୍ଠୀଗତ ସେବାକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ମାର୍ଗଦର୍ଶନ କରାଯାଇଥିବା ସୂଚନା ମିଳିଛି।



ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଡକାୟତି ଯୋଜନାବେଳେ ୬ ଗିରଫ

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଡକାୟତି ଯୋଜନା କରୁଥିବାବେଳେ ଏକ ଡକାୟତି ଦଳକୁ ନନ୍ଦନକାନନ ଥାନା ପୋଲିସ ଧରିବା ସହ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଲ୍ୟାଣପୁର ଗ୍ରାମର ସୁଶୀଲ କୁମାର ସାହୁ ଓରଫ ଗଣେଶ (୩୪), ସନ୍ତୋଷ ବେହେରା ଓରଫ ସନ୍ତୁ (୩୨), ଜିତେନ୍ଦ୍ର ସ୍ୱାଇଁ ଓରଫ ଜିତୁ(୩୫), ମନୋଜ ସ୍ୱାଇଁ ଓରଫ ମୁନା (୨୮), ପ୍ରତାପ ସ୍ୱାଇଁ (୪୫) ଓ ଫତେଗଡ଼ ବାଣପୁରର ଗଣେଶ ଜେନା (୨୩)। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ ଗୁଳି ଏବଂ ୪ଟି କାର୍ଟ୍ରିଜ, ଗୋଟିଏ ଖଣ୍ଡା, ତେଲେଙ୍ଗା କଟୁରୀ, ଲୁହାରଡ, ସ୍କପିଓ(ଓଡ଼ି ୦୨ ସିଏମ୍ ୯୧୭୯), ୨ଟି ବାଇକ୍ (ଓଡ଼ି ୩୩ଏ ଏଫ୍ ୪୮୯୬, ଓଡ଼ି ୩୩ ଏଏ ୧୫୬୧) ୬ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ପୋଲିସ ୨୨୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ରଜ ପାଇଁ ଶୁକ୍ରବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲା। ଏହି ସମୟରେ କଲ୍ୟାଣପୁର ନଦୀପଠାରେ କେତେଜଣ ଏକାଠି ହୋଇଥିବା ଖବର ମିଳିବା ପରେ ଥାନା ଅଧିକାରିଣୀ ସମୀତା ମିଶ୍ରଙ୍କ ନେତୃତ୍ୱରେ ବ୍ରହ୍ମରାଜ ପଟେଲ, ଆର୍ତବଲ୍ଲଭ କର, ଶୁଚିତ୍ର କୁମାର ବେହେରା, ମମତା ବସ୍ତିଆ ପ୍ରମୁଖଙ୍କୁ ନେଇ ଏକ ଟିମ୍ ସେଠାରେ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିଥିଲା। ଏମାନେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଡକାୟତି କରିବାକୁ ଯୋଜନା କରି ଏକାଠି ହୋଇଥିଲେ। ସୁଶୀଲଙ୍କ ନାମରେ ନନ୍ଦନକାନନ ଥାନାରେ ୪ଟି କେସ୍ ଓ ପ୍ରତାପଙ୍କ ନାମରେ ୫ଟି ଡକାୟତି କେସ୍ ରହିଥିବା ରହିଥିବା ଖବରଦାତା ସମ୍ମିଳନୀରେ ଜୋନ-୬ ଏସିପି ଦାୟିତ୍ୱରେ ଥିବା ଆଇପିଏସ୍ ଅଫିସର ସୋନାଲି ସିଂ ପ ରମାର ସୂଚନା ଦେଇଛନ୍ତି।

## ମାନବାଧିକାର ସୁରକ୍ଷା ପାଇଁ ଅନ୍ତର୍ଜାତୀୟ ସଂସ୍ଥାମାନେ ଆଗେଇ ଆସନ୍ତୁ: ଜଷ୍ଟିସ ଷଡ଼ଙ୍ଗୀ

କଟକ, ୧୪।୬ (କାର୍ତ୍ତିକ ସାହୁ)

**ୱାଇଜମ୍ୟାନ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ**

ମାନବାଧିକାର ସୁରକ୍ଷା ଏକ ଅନ୍ତର୍ଜାତୀୟ ପ୍ରସଙ୍ଗ, ଏ କ୍ଷେତ୍ରରେ ଜନ ସଚେତନତା ଆବଶ୍ୟକ, ଏ ଦିଗରେ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୱାଇଜମ୍ୟାନ ଇଣ୍ଟରନ୍ୟାଶନାଲ ଉତ୍ତର-ପୂର୍ବ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଉତ୍ସବ ଉଦଘାଟନ କରି ସେ କହିଲେ, ବିଶ୍ୱ ଭ୍ରାତୃତ୍ୱର ନେତୃତ୍ୱ ନେଇଥିବା ଭାରତ ବସୁଧୈବ କୁଟୁମ୍ବକମ ମାଧ୍ୟମରେ ହଜାର ହଜାର ବର୍ଷ ତଳୁ ମାନବିକତାର ବାର୍ତ୍ତା ପ୍ରେରଣ କରିଥିଲା। ୱାଇଜମ୍ୟାନ ଇଣ୍ଟରନ୍ୟାଶନାଲ ଉତ୍ତର-ପୂର୍ବ ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ପୌରୋହତ୍ୟରେ ଅନୁଷ୍ଠିତ ଏହି ଜାତୀୟ ଉତ୍ସବରେ ଭାରତ ଏରିଆ ସଭାପତି ବାବୁ ଜର୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଦୁବାଇ, ଗୁଆହାଟୀ, ଦିଲ୍ଲୀ, ରାଞ୍ଚି, କେରଳ ଓ ହାଇଦ୍ରାବାଦ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧିମାନେ ଯୋଗଦେଇ ୱାଇଜମ୍ୟାନ ପକ୍ଷରୁ ଆୟୋଜିତ ବିଭିନ୍ନ ସେବା ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ଓଡ଼ିଶା ଜିଲା ଗଭର୍ନର ସୁଜିତ ପାଣି, ନୂତନ ଗଭର୍ନର ସତ୍ୟ ଗୋପାଳ ପରିଜାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ଡା. ପ୍ରଭାତ ମିଶ୍ର ନୂତନ ଏଲଆରଡି ଦୀପକ କୁମାର ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସମ୍ମିଳନୀରେ ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତ୍ତା ତଥା ଡ ସୁରାଜିତ ସାହୁ, ଆଞ୍ଚଳିକ ନିର୍ଦ୍ଦେଶକ ଓ ଡ ରାଜ ବଲ୍ଲଭ ମହାନ୍ତି ଜିଲା ଗଭର୍ନର ଭାବେ ନିର୍ବାଚିତ ହୋଇଥିଲେ। ସଭାରେ ଏକ ସ୍ୱତନ୍ତ୍ର ପତ୍ରିକା ମୁଖ୍ୟ ଅତିଥି ଉନ୍ମୋଚନ କରିଥିବାବେଳେ ଉନ୍ନତମାନର କାର୍ଯ୍ୟ କରିଥିବା କ୍ଲବ ଓ କର୍ମକର୍ତ୍ତାମାନଙ୍କୁ ପୁରସ୍କୃତ, ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ ରଜଗୀତ, ରଜପିଠା ଓ ରଜପାନକୁ ଓଡ଼ିଶା ବାହାରୁ ଆସିଥିବା କର୍ମକର୍ତ୍ତାମାନେ ଉପଭୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀୟୂଷ ମହାନ୍ତି, ସିଦ୍ଧାର୍ଥ ପ୍ରସାଦ ମିଶ୍ର, ସନ୍ଦୀପ ହଜାରୀ, ଡ. ଶୁଭ ସୁଦ୍ଧା ପ୍ରିୟଦର୍ଶିନୀ, ଇପ୍ସିତା ମହାନ୍ତି, ସୁଚେତନା ପାଣି, ପ୍ରଶାନ୍ତ ମହାପାତ୍ର, ଉଦୀପ୍ତ ଫୁଲ୍ଲଷନ, ଆଲୋକ ସାହୁ, ସୁଧାନନ୍ଦ ବିହାରୀ, ତୃପ୍ତିମୟୀ ମିଶ୍ର, ନଳିନୀ ମହାପାତ୍ର, ଜ୍ୟୋତିରଞ୍ଜନ ସିଂ, ବିଦ୍ୟୁତ୍ ଲାଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ମିଳନୀକୁ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

## 'କାର୍ଯ୍ୟାନୁଷ୍ଠାନ ପାଇଁ ଭିଡିଓ ଫୁଟେଜ ଯାଞ୍ଚ ଚାଲିଛି'

ପୁରୀ,୧୪।୬ (ଅଜିତ୍ କୁମାର ମହାନ୍ତି)

**ସ୍ନାନମଣ୍ଡପରେ ଦାରୁଦିଅଁଙ୍କୁ ସ୍ପର୍ଶ ଘଟଣା**

ଗତ ୧୧ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ତେବେ ସ୍ନାନମଣ୍ଡପରେ ସାହାଣମେଲା ଦର୍ଶନ ବେଳେ ଭକ୍ତମାନେ ଦାରୁଦିଅଁଙ୍କୁ ସ୍ପର୍ଶ କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ ନ କରିବା ନିମନ୍ତେ ନିର୍ଦ୍ଦେଶ ରହିଥିବାବେଳେ କିପରି ତାହାର ବ୍ୟତିକ୍ରମ ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗରେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କୁ ଭକ୍ତମାନେ ସ୍ପର୍ଶ କରିବା ନେଇ ଯେଉଁ ଅଭିଯୋଗ ଆସୁଛି, ସେ ସଂକ୍ରାନ୍ତ ଭିଡିଓ ଫୁଟେଜ ଯାଞ୍ଚ କରାଯାଉଛି। ଅନଧିକୃତ ବ୍ୟକ୍ତି କିମ୍ବା ଅଣସେବାୟତ କେହି ଯଦି ମହାପ୍ରଭୁଙ୍କୁ ସ୍ପର୍ଶ କରିଥିବାର ପ୍ରମାଣ ମିଳିବ, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜିସୁ


@ ପ୍ରକାଶ


@ ମନୋରଞ୍ଜନ


@ ନୀହାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତାରେ ରାତି ବିତାଇଲେ ଆନ୍ଧ୍ର ଭକ୍ତ

■ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସିଥିଲେ

■ଯାତ୍ରୀନିବାସ ସୁବିଧା ନ ଥିବାରୁ ହଇରାଣ ହେଲେ

ସାକ୍ଷୀଗୋପାଳ,୧୪।୬(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)


ରାସ୍ତା ଉପରେ ଭକ୍ତମାନେ ଶୋଇଛନ୍ତି।

ସାକ୍ଷୀଗୋପାଳଙ୍କ ଦର୍ଶନ ନିମନ୍ତେ ଆନ୍ଧ୍ରପ୍ରଦେଶରୁ ଆସି କେତେଜଣ ଭକ୍ତଙ୍କୁ ହଇରାଣ ହେବାକୁ ପଡ଼ିଛି। ଶନିବାର ଠାକୁରଙ୍କ ଦର୍ଶନ କରିବା ପରେ ସେମାନଙ୍କୁ ଯାତ୍ରୀନିବାସ ସୁବିଧା ନ ମିଳିବାରୁ ଶେଷରେ ରାସ୍ତାରେ ରାତି ବିତାଇଥିବା ଦେଖିବାକୁ ମିଳିଛି। ସାକ୍ଷୀଗୋପାଳ ମନ୍ଦିରର ଯାତ୍ରୀନିବାସ ସମ୍ପ୍ରତି ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିବାରୁ ଭକ୍ତଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଏକ ବସ୍ (ଏପି ୨୮ ଟିଡି ୨୨୨୬) ଯୋଗେ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତ ଆନ୍ଧ୍ରପ୍ରଦେଶରୁ ସାକ୍ଷୀଗୋପାଳକୁ ତୀର୍ଥଯାତ୍ରାରେ ଆସିଥିଲେ। ସେମାନେ ଏଠାରେ ଶନିବାର ପହଞ୍ଚିବା ପରେ ପ୍ରଭୁ ସାକ୍ଷୀଗୋପାଳଙ୍କ ଦର୍ଶନ କରିଥିଲେ। ପରେ ରାତିରେ ରହିବାକୁ ସୁଲଭ ଅର୍ଥରେ ଉତ୍ତମ ସ୍ଥାନ ଖୋଜିଥିଲେ। ଯାତ୍ରୀନିବାସ ସୁବିଧା ଅଛି କି ନାହିଁ ସ୍ଥାନୀୟ ଲୋକଙ୍କୁ ପଚାରିଥିଲେ। ତେବେ ଯାତ୍ରୀନିବାସଟି ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨ ବର୍ଷରୁ ଅଧିକ ହେବ ରହିଥିବାରୁ ସେମାନେ ସେଥିରେ ରହଣି ସୁବିଧା ପାଇପାରିବେନାହିଁ ବୋଲି ଜାଣିବାକୁ ପାଇଥିଲେ। ଫଳରେ ସେମାନେ ନିରାଶ ହୋଇ ମନ୍ଦିର ଦୋଳବେଦି ନିକଟ ମୁଖ୍ୟରାସ୍ତାରେ ଶୋଇଥିଲେ। ରାସ୍ତାରେ ଶୋଇବା ସମୟରେ କୌଣସି ବଡ଼ ଅଘଟଣର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଭଳି ସମସ୍ୟା ନିତିଦିନିଆ ହେଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଅନ୍ୟପଟେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଠାକୁରଙ୍କ ନୀତି ପାଇଁ ଉଦ୍ଦିଷ୍ଟ କେତକୀଝର ପୋଖରୀକୁ ନିଜ ପରିସରକୁ ନେଇଥିଲା, ପରେ ସେବାୟତଙ୍କ ନିମନ୍ତେ ଥିବା ବହୁ ପୁରାତନ ଏକମାତ୍ର ଶ୍ମଶାନକୁ ଭାଙ୍ଗି ସେଠାରେ ପ୍ରାଚୀର ନିର୍ମାଣ କରିଥିଲା। ଏପଟେ ପାନ୍ଥନିବାସ ଓ କଲ୍ୟାଣ ମଣ୍ଡପକୁ ୨ ବର୍ଷରୁ ଉର୍ଦ୍ଧ୍ୱସମୟ ଓଡ଼ିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବ୍ୟବହାର କରୁଥିବାରୁ ତାହା ଭକ୍ତଙ୍କ ବ୍ୟବହାରରେ ଆସିପାରୁନାହିଁ। ସ୍ଥାନୀୟ ବାସିନ୍ଦା ପ୍ରତାପ ମହାଭୋଇ କିଛିଦିନ ତଳେ ତାଙ୍କ ସମ୍ପର୍କୀୟଙ୍କ ବାହାଘର ନିର୍ବନ୍ଧ ମନ୍ଦିର କଲ୍ୟାଣମଣ୍ଡପରେ କରିବାକୁ ଆସି ନିରାଶ ହୋଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାନ୍ଥନିବାସକୁ ଅଧିକ ଅର୍ଥରେ ଭଡ଼ା ଲଗାଉଥିବା ସେ ଅଭିଯୋଗ କରିଥିଲେ। ସତ୍ୟବାଦୀ ବିକାଶ ପରିଷଦ ସଭାପତି ତଥା ଆଇନଜୀବୀ ଗୁଣ୍ଡିଚା ବରାଳ ଏବଂ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା କହିଛନ୍ତି, ବିଶ୍ୱବିଦ୍ୟାଳୟ ଯୋଗୁ ସତ୍ୟବାଦୀବାସୀଙ୍କ ସମସ୍ୟା ସୃଷ୍ଟିହେଲେ ଆନ୍ଦୋଳନ କରାଯିବ। ଅନ୍ୟପକ୍ଷରେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ପ୍ରଶାସକ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି, ପାନ୍ଥନିବାସ ଓ ଯାତ୍ରୀନିବାସ ଉଭୟ ଅନୁଷ୍ଠାନକୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ତା' ଅଧୀନରେ ରଖିଛି, ଯଦ୍ୱାରା ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ ନିମନ୍ତେ ଆସୁଥିବା ଯାତ୍ରୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନେ ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି। ଏହି ୨ଟି ଅନୁଷ୍ଠାନ କିପରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖରୁ ମନ୍ଦିର ପ୍ରଶାସନ ଫେରିପାଇବ ସେନେଇ ପଦକ୍ଷେପ ନିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି।




୮.୫ ଲକ୍ଷ+ ସରକାରୀ ଚାକିରି

୩.୭୫ ଲକ୍ଷ+ ଚୁକ୍ତିଭିତ୍ତିକ ଚାକିରି

୨ କୋଟି+ ବେସରକାରୀ କ୍ଷେତ୍ର/ ଏମ୍‌ଏସ୍‌ଏମ୍‌ଇରେ କର୍ମନିଯୁକ୍ତି

MISSION ROZGAR

# ନିଯୁକ୍ତି ପତ୍ର ବଣ୍ଟନ

ଉତ୍ତରପ୍ରଦେଶ ପୋଲିସ ନିଯୁକ୍ତି ଓ ପ୍ରସାର ବୋର୍ଡ ଦ୍ୱାରା ସଞ୍ଚାଳିତ ନିରପେକ୍ଷ ଏବଂ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଜରିଆରେ ମନୋନୀତ ହୋଇଥିବା

## ୬୦,୨୪୪

## ସିଭିଲ ପୋଲିସ କନ୍‌ଷ୍ଟେବଲ

କୁ

# ଅମିତ ଶାହା

ସ୍ୱରାଷ୍ଟ୍ର ବ୍ୟାପାର ଏବଂ ସମନ୍ୱୟ ମନ୍ତ୍ରୀ
ଭାରତ ସରକାର

— ଙ୍କ ଦ୍ୱାରା —



ଗରିମାମୟ ଉପସ୍ଥିତି

# ଯୋଗୀ ଆଦିତ୍ୟନାଥ

ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ



**କେଶବ ପ୍ରସାଦ ମୌର୍ଯ୍ୟ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ବ୍ରଜେଶ ପାଠକ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

ତଥା ଅନ୍ୟ ମାନ୍ୟଗଣ୍ୟ ଅତିଥିବୃନ୍ଦ

**ତାରିଖ:** ୧୫ ଜୁନ୍, ୨୦୨୫ । **ସମୟ:** ଅପରାହ୍ନ ୧୨.୩୦ ଘଟିକା
**ସ୍ଥାନ:** ଡିଫେନ୍ସ ଏକ୍ସପୋ ଗ୍ରାଉଣ୍ଡ, ସେକ୍ଟର-୧୮, ବୃନ୍ଦାବନ କଲୋନୀ, ଲକ୍ଷ୍ନୌ

## ଅପରାଧମୁକ୍ତ ସମାଜ ଏବଂ ସୁଦୃଢ଼ ଆଇନ ଶୃଙ୍ଖଳା ପାଇଁ ପ୍ରତିବଦ୍ଧ ସରକାର

ରାଜ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସଫଳତାପୂର୍ବକ ଲାଗୁ

ଉତ୍ତରପ୍ରଦେଶ ରାଜ୍ୟ ଫରେନ୍ସିକ୍ ବିଜ୍ଞାନ ଅନୁଷ୍ଠାନ, ଲକ୍ଷ୍ନୌ ସ୍ଥାପିତ

ବର୍ଷ ୨୦୧୭ ପରେ ୮ଟି ନୂଆ ଫରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ସ୍ଥାପିତ ହୋଇଛି, ୬ଟିର ନିର୍ମାଣ କାର୍ଯ୍ୟ ପ୍ରଗତି ପଥରେ

ବଦାୟୁଁ, ଲକ୍ଷ୍ନୌ ଏବଂ ଗୋରଖପୁରରେ ଯଥାକ୍ରମେ ବୀରାଙ୍ଗନା ଅବନ୍ତୀବାଈ, ବୀରାଙ୍ଗନା ଉଦା ଦେବୀ ଏବଂ ବୀରାଙ୍ଗନା ଝଲକାରୀ ବାଇ ମହିଳା ପିଏସି ବାଟାଲିୟନ୍‌ର ସ୍ଥାପନା

୧,୫୯୬ ମହିଳା ହେଲ୍‌ପ ଡେସ୍କର ସ୍ଥାପନା

ରାଜ୍ୟରେ ୪.୨୧ ଲକ୍ଷରୁ ଅଧିକ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି

ବିଗତ ୮ ବର୍ଷରେ ୨.୧୬ ଲକ୍ଷ ପୋଲିସକର୍ମୀଙ୍କୁ ନିଯୁକ୍ତି

୧୩୧ ନୂଆ ଜିଲ୍ଲା ଥାନା, ୮୨ ଦମକଳ କେନ୍ଦ୍ର, ୭୫ ସାଇବର ଅପରାଧ ଥାନା, ୧୦ ଭିଜିଲାନ୍ସ ଷ୍ଟେଶନ, ୬ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଥାନାକୁ ମଞ୍ଜୁରୀ

ମହତ୍ତ୍ୱପୂର୍ଣ୍ଣ ସଂସ୍ଥାପନାଗୁଡ଼ିକର ସୁରକ୍ଷା ପାଇଁ 'ଉତ୍ତରପ୍ରଦେଶ ସ୍ୱତନ୍ତ୍ର ସୁରକ୍ଷା ବଳ'ର ଗଠନ

## କାମ ଦମ୍‌ଦାର-ଡବଲ ଇଞ୍ଜିନ ସରକାର

ସିଧା ପ୍ରସାରଣ DD NEWS ଓ Youtube.com/DDNEWS Youtube.com/dduttarpradesh ଏବଂ UPGovtOfficial CMOUttarpradesh CMOfficeUP

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ



ରାଜ୍ୟ ସଂଗ୍ରହାଳୟ ପରିସରରେ ଆୟୋଜିତ ରଜ ଉତ୍ସବରେ ଯୁବତୀମାନେ ସଜେଇ ହୋଇ ଦୋଳି ଖେଳୁଛନ୍ତି।



ଝାରପଡ଼ାସ୍ଥିତ ମଧୁରମୟୀ ଶିକ୍ଷାନିକେତନରେ ଜେଲ ଅନ୍ତେବାସୀଙ୍କ ପିଲାଙ୍କ ପାଇଁ ଆୟୋଜିତ ରଜ ଉତ୍ସବ। (ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର)

# ରଜପାନ, ରଜଦୋଳି, ଝୁଲାଝୁଲି

ଭୁବନେଶ୍ୱର, ୧୪।୬ (ସୌମ୍ୟରଞ୍ଜନ ରାଉତ) – ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ନିଆରା ଉତ୍ସବ ହେଉଛି 'ରଜ'। ଧରିତ୍ରୀ ମାଆର ଆକର୍ଷଣକୁ ପାଥେୟ କରି କାହିଁ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଛି ଏହି ଗଣପର୍ବ। ପୂର୍ବ କାଳରେ କର୍ମବ୍ୟସ୍ତ ମଣିଷ ପାଇଁ ରଜ ଉତ୍ସବ ଥିଲା ବିଶ୍ରାମ ଓ ମନୋରଞ୍ଜନଭିତ୍ତିକ ପର୍ବ। ଗ୍ରୀଷ୍ମର ବିଦାୟ ଓ ଆଷାଢ଼ର ପହିଲି ସ୍ପର୍ଶରେ ଧରିତ୍ରୀ ହୋଇଉଠେ ଋତୁମତୀ। ଏହି ଅବସରରେ ପ୍ରତ୍ୟେକ ଓଡ଼ିଆ ଘରେ ପାଳିତ ହେଉଥିବା ଏହି ପର୍ବକୁ ସମସ୍ତେ ଆନନ୍ଦ ଉଲ୍ଲାସରେ ସ୍ୱାଗତ କରିଥାନ୍ତି। ଏହାର ଆଗମନରେ ସମସ୍ତଙ୍କ ମନରେ ଖେଳିଯାଏ ଅଫୁରନ୍ତ ଆନନ୍ଦ। ଘରେ ଘରେ ପିଠାପଣାର ବାସ୍ନା ସାଙ୍ଗକୁ ନୂଆ ବସ୍ତ୍ର ପରିଧାନ, ରଜଦୋଳି, ରଜପାନ ଏମିତି ଅନେକ କିଛି ଘଟଣା ଏହାର ସ୍ମୃତିକୁ ମନେ ପକାଇଦିଏ। ଘଷିଚୁଲିରେ ପ୍ରସ୍ତୁତ ପୋଡ଼ପିଠାର ସ୍ୱାଦ ବାସ୍ତବରେ ରଜପର୍ବକୁ ଉଜ୍ଜୀବିତ କରି ରଖିଥାଏ ସମସ୍ତଙ୍କ ହୃଦୟରେ। ତଥାପି ଓଡ଼ିଆ ଘରର ଓଡ଼ିଆ ଜାତିର ଏହି ମହାନ ପର୍ବକୁ ରାଜଧାନୀ ଭୁବନେଶ୍ୱରରେ କିପରି ପାଳନ କରାଯାଉଛି ସେ ନେଇ 'ଧରିତ୍ରୀ' ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।



## ପୋଡ଼ପିଠା ବାସ୍ନାରେ ମହକିଲା ଜାଗମରା ପଡ଼ିଆ

ଶନିବାର ସନ୍ଧ୍ୟାରେ ଖଣ୍ଡଗିରି ପାଦଦେଶରେ ଭୁବନେଶ୍ୱର ସାଉଥ୍ ୱେଲ୍‌ଫେୟାର୍ ଜାଗମରା ପକ୍ଷରୁ ଆରମ୍ଭ ହୋଇଛି 'ରଜ ମହୋତ୍ସବ'। ଏହି ଅବସରରେ ଆୟୋଜିତ ହୋଇଥିଲା ପିଠାପଣା ପ୍ରତିଯୋଗିତା। ପାରମ୍ପରିକ ପୋଡ଼ପିଠା, ମଣ୍ଡା ଓ ଆରିଶା ପିଠାପଣାର ମହକରେ ମହକି ଉଠିଥିଲା ଜାଗମରା ପଡ଼ିଆ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ବିଶେଷ ଆକର୍ଷଣ ସାଜିଥିଲା। ବିଭିନ୍ନ ଗ୍ରୁପ୍ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ବହୁ ନୂଆପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଗୀତ ଶୁଣିବାକୁ ମିଳିଥିଲା ଏଥିରେ। ଶେଷରେ ପରିବେଷିତ ହୋଇଥିଲା ବନସ୍ତେ ଡ଼ାକିଲା ଗଜ...ବରଷକେ ଥରେ ଆସିଛି ରଜ...। ପାରମ୍ପାରିକ ପୋଷାକରେ ପିଲାମାନେ କହିଥିଲେ, ଓଡ଼ିଆ ମାଟିର କଥା। ରଜରେ ହେଉଥିବା ଅଚ୍ଚାତାମ୍‌ସାଠାରୁ ଆରମ୍ଭ କରି ବାଗୁଡ଼ି ଖେଳ ପର୍ଯ୍ୟନ୍ତ ନାଚ ମାଧ୍ୟମରେ ଦେଖାଇଥିଲେ ଶିଳ୍ପୀ।

## ପହିଲି ରଜରେ ଦୋଳି ଖେଳିଲେ ରାଧାମାଧବ

ପହିଲି ରଜ ଅବସରରେ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏଶନ୍ ଓ ଭଗବାନ୍‌ପୁର ଯୁବ ବାହିନୀ ପକ୍ଷରୁ ୧୫ତମ ରଜ ମହୋତ୍ସବ ଆୟୋଜନ କରାଯାଇଛି। ତିନିଦିନ ଧରି ରଜ ପାନ, ରଙ୍ଗୋଲି, ମୁରୁଜ, ହୁଳହୁଳି ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆସୋସିଏଶନ ସଦସ୍ୟ ରବୀନ୍ଦ୍ରନାଥ ସାହୁ କହିଛନ୍ତି। ଏଥିସହ ପହିଲି ରଜରେ ପ୍ରଥମେ ଦୋଳି ଖେଳିଲେ ରାଧାମଧବ। ପ୍ରତିବର୍ଷ ରଜରେ ଏହି ଦୁଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ରଜ ମହୋତ୍ସବରେ ରାଧାମାଧବ ଦୋଳି ଖେଳିବା ପରେ ସମସ୍ତେ ଦୋଳି ଖେଳିଥାନ୍ତି ବୋଲି ଯୁବ ବାହିନୀର ସଦସ୍ୟ କହିଛନ୍ତି। ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଇଶାଣୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



## ଶଙ୍ଖ ଧ୍ୱନି ପ୍ରତିଯୋଗିତା, ପୁଚି ଖେଳ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ନୟାପଲ୍ଲୀ କଳିଙ୍ଗ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ରଜ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ କର୍ପୋରେଟର୍ ବନ୍ଦିତା ପାଲ୍, ସାମାଜିକ କର୍ମୀ ଅର୍ଜୁନ ବେହେରାଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ପ୍ରଥମ ଦିନରେ ଛୋଟ ପିଲାଙ୍କ ନାଚ ଗୀତ ସହ ଗୃହିଣୀମାନଙ୍କ ଶଙ୍ଖ ଧ୍ୱନି ପ୍ରତିଯୋଗିତା, ରଜ ଦୋଳି, ପୁଚି ଖେଳ ଆକର୍ଷଣ ସାଜିଥିଲା। ଏଥିସହ ଏସ୍ଏସ୍‌ଜି ମହିଳା ତିଆରି କରିଥିବା ପିଠାପଣା ଖାଇ ଲୋକମାନେ ଖୁବ୍ ମଜା ଉଠାଇଥିଲେ। ସେହିଭଳି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଖୁବ୍ ଝୁମିଥିଲେ।



ଲକ୍ଷ୍ମୀସାଗର ମେଳଣପଡ଼ିଆରେ ପିଲାମାନେ ଦୋଳିର ମଜା ନେଉଛନ୍ତି।



କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ ଏବଂ ମା'ଦକ୍ଷିଣ ଚଣ୍ଡୀ ମହିଳା ମହାସଂଘ ପକ୍ଷରୁ ଧଉଳି ନିକଟ ଗୋପୀନାଥପୁର ପାଟଣା ପଡ଼ିଆରେ ଆରମ୍ଭ ହୋଇଥିବା ନବମ ରଜ ମହୋତ୍ସବ।

## ରାଜ୍ୟ ସଂଗ୍ରହାଳୟରେ ରଜ ଉତ୍ସବ
## ଦୋଳି ଖେଳିଲେ ବାଚସ୍ପତି

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ରାଜ୍ୟ ସଂଗ୍ରହାଳୟଠାରେ ନିଆରା ଢଙ୍ଗରେ ରଜ ଉତ୍ସବ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶା ମାଟିର ଗୌରବମୟ ପରମ୍ପରାର ବାର୍ତ୍ତାବହ ରଜ ଉତ୍ସବ। ମାଆ, ମାଟି ଓ କୃଷିର ଅପୂର୍ବ ପରମ୍ପରା ବୋଲି ମତ ପ୍ରକାଶ କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଉତ୍ସବ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି କହିଲେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଏଠାରେ ଆୟୋଜିତ ରଜ ଉତ୍ସବରେ ରଜଦୋଳି, ପିଠା, ପାନ, ଚିତା, ମେହେନ୍ଦିର ମଜା ସମସ୍ତେ ନେଇ ପାରିବେ। ସମ୍ମାନିତ ଅତିଥି ଭାବେ ଭାଜପା ନେତା ସମୀର ମହାନ୍ତି, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଚସ୍ପତିଙ୍କ ସହ ଅନ୍ୟ ଅତିଥିମାନେ ଦୋଳି ଖେଳିବା ସହ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ।



ରାଜ୍ୟ ସଂଗ୍ରହାଳୟଠାରେ ବାଚସ୍ପତି ସୁରମା ପାଢ଼ୀ ଓ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଦୋଳି ଖେଳୁଛନ୍ତି।

## ସ୍ନେହ ପକ୍ଷରୁ ସାଲିଆସାହିରେ ରଜ ଉତ୍ସବ

ସ୍ନେହ ପକ୍ଷରୁ ସାଲିଆସାହିରେ 'ରଜ ଉତ୍ସବ' ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ କିଶୋରୀ କିଶୋର ଓ ମହିଳା ଅଂଶ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଭିନେତ୍ରୀ ଉଷଶ୍ରୀ ମିଶ୍ର, ଦୀପା ମିଶ୍ର, ଏନଜି ରେଡ଼ି, ସାମାଜିକ କର୍ମୀ ତଥା ସାମ୍ବାଦିକା ସୁପ୍ରିୟା ଓ କର୍ପୋରେଟର ଯୋଗଦେଇଥିଲେ। ପିଠା ତିଆରି, ରଜ ସଜବାଜ, ମେହେନ୍ଦି, ପ୍ରତିଭା, ଡମସର ଆର୍ଟ ଆଦିର ଆୟୋଜନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉକ୍ତ ଉତ୍ସବକୁ ଅଧିକ ଜୀବନ୍ତ ଓ ଆନନ୍ଦ ମୁଖର କରିଥିଲା। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଭୁବନେଶ୍ୱର ରଜ ମହୋତ୍ସବ: ୪୦୦ରୁ ଊର୍ଦ୍ଧ୍ୱ ଦୋଳି

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ରଜ ମହୋତ୍ସବ ପରିଷଦ ଅନୁକୂଲ୍ୟରେ କଲ୍ୟାଣପୁରସ୍ଥିତ ସ୍ୱସ୍ତିବନଠାରେ ଅଷ୍ଟମତମ ରଜ ମଉଜ ଶନିବାର ଆରମ୍ଭ ହୋଇଛି। ଏହାକୁ ଭୁବନେଶର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଛନ୍ତି। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଦୋଳି ଲାଗିଥିବାବେଳେ ଦୋଳି ଖେଳିବାକୁ ପ୍ରବଳ ଭିଡ଼ ହୋଇଛି। ୧୪ରୁ ୧୭ ତାରଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ଚାଲିବ। ସବୁ ବର୍ଗୀୟ ଲୋକଙ୍କ ପାଇଁ ପାରମ୍ପାରିକ ଖେଳ ଝୋଟି, ରଙ୍ଗୋଲି, ପୁଚିଖେଳ, ଦଉଡ଼ିଡିଆଁ, ମ୍ୟୁଜିକଚେୟାର, ସାଧାରଣଜ୍ଞାନ, କୁଇଜ ପ୍ରତିଯୋଗିତା, ସଙ୍ଗୀତ, ନୃତ୍ୟ, ଶଙ୍ଖ, ହୁଳହୁଳି, ରଜପାନ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ପ୍ରତିଦିନ ୫୦୦୦ ଲୋକଙ୍କ ପାଇଁ ମାଗଣା ଖାଇବା ସହ ରଜକୁଇନ ବଛା ଯିବାକୁ ବ୍ୟବସ୍ଥା ହୋଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ଭଲ୍ୟୁଣ୍ଟର ନିଯୁକ୍ତି ସହ ନନ୍ଦନକାନନ ଥାନା ପୋଲିସ ମୁତୟନ ଅଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ମହୋତ୍ସବ ପରିଷଦର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ର, ଗାନ୍ଧୀବାଦି ନେତା ପ୍ରତାପ ଚନ୍ଦ୍ର ରାଉତ, ଜିଲା ପରିଷଦ ସଭ୍ୟା ବବିତା ରାଉତ, ଜ୍ଞାନ ରଞ୍ଜନ ରାଉତ, ସନ୍ତୋଷ ନାଥ, ସମିତି ସଭ୍ୟ ନିହାରକାନ୍ତ ପଢ଼ିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନ ପରେ ଅତିଥିମାନେ ପ୍ରଥମେ ଦୋଳି ଖେଳି ଦୋଳି ଖେଳର ଆରମ୍ଭ କରିଥିଲେ।



## ପ୍ରଥମ ରଜ ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୧୪।୬
(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ବିକାଶ ମଞ୍ଚ ଆନୁକୂଲ୍ୟରେ ଧଉଳିଗିରି ପାଦଦେଶରେ ପ୍ରଥମ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଧଉଳି ଇତିହାସ, ଉତ୍କଳୀୟ ପରମ୍ପରା ରଜ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଧଉଳି ବିକାଶ ମଞ୍ଚ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଆବାହକ ଚିନ୍ମୟ ରଞ୍ଜନ ପ୍ରଧାନ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରବୀନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବିଶ୍ୱରଞ୍ଜନ ବଡ଼ଜେନା, ରଞ୍ଜିତ ଦାସ, ମାନସ ରଞ୍ଜନ ପଣ୍ଡା, ଅଶୋକ ବରାଳ, ରଞ୍ଜିତ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୋଟ ୩୦ଟି ଦୋଳି, ରଜପାନ, ପୋଡପିଠା ଆଦି ବ୍ୟବସ୍ଥା କରାଯାଇଥିବା ବେଳେ ସାଂସ୍କୃତିକ ସନ୍ଧ୍ୟାରେ ଶକ୍ତି ମିଶ୍ର, ସୁଜ୍ଞାନି ମହାପାତ୍ର ଏବଂ ଅନ୍ୟାନ୍ୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

## ମଶାଲ ପାଳିଲା ୨୫ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ

ଭୁବନେଶ୍ୱର, ୧୪।୬ (ସୌମ୍ୟରଞ୍ଜନ ରାଉତ) –ମଶାଲ ପକ୍ଷରୁ ଶନିବାର ଉତ୍କଳ ମଣ୍ଡପଠାରେ ୨୫ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳିତ ହୋଇଯାଇଛି। ରଜ ଦୋଳି ଓ ରଜ ପାନ ମୁଖ୍ୟ ଆକର୍ଷଣ ପାଲଟିଥିବାବେଳେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଉତ୍ସବରେ ଖାଦ୍ୟ ମେଳା, ପାନ ଷ୍ଟଲ, ଦୋଳି, ପିଠା, ପଣାର ସମ୍ଭାର ଦେଖିବାକୁ ମିଳିଥିଲା। ଏଥିସହ କଣ୍ଢେଇ ନାଚ, ଘୋଡ଼ା ନାଚ, ରଣ ହୋଲୀ, ଶ୍ରେଷ୍ଠ ଓଡ଼ିଆଣୀ କାର୍ଯ୍ୟକ୍ରମ, ଓଡ଼ିଆ ଗୀତ, ପିଠା, ଚିତା ଓ ପୁଚି ଖେଳ ପ୍ରତିଯୋଗିତା, ପଶାଖେଳ, ତେଲିଙ୍ଗି ବାଜା ଓ ମହୁରି ଆଦି କାର୍ଯ୍ୟକ୍ରମ ରଜ ମାହୋଲକୁ ଆହୁରି ଦ୍ୱିଗୁଣିତ କରିଥିଲା।

## ଫିକି ଫ୍ଲୋ ଭୁବନେଶ୍ୱରର 'ରଜସଜ'

ଭୁବନେଶ୍ୱର,୧୪।୬



ଫିକି ଫ୍ଲୋ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଜସଜ– ୨୦୨୫' ଶନିବାର ସ୍ଥାନୀୟ ମେ ଫେୟାର ହୋଟେଲରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ (ଶୁଭାରମ୍ଭ) କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋସ୍‌ଙ୍କ ସମେତ ଫିକି ଫ୍ଲୋ ଭୁବନେଶ୍ୱରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷା ସିଏସ୍ ସୁନିତା ମହାନ୍ତି, ପୁନମ ମହାପାତ୍ର, ଡ.ନମ୍ରିତା ଚହଲ ଏବଂ ବରିଷ୍ଠ ଉପାଧ୍ୟକ୍ଷା ପି.ଏମ୍.ଉକିଲୀ, ଉପାଧ୍ୟକ୍ଷା ବି. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱରର ଅଧ୍ୟକ୍ଷା ଡା. ପ୍ରଜ୍ଞାପାରମିତା ମିଶ୍ର ସ୍ୱାଗତ ଅଭିଭାଷଣ ସହ ରଜସଜର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଡା. ଗାରିମା ସାରଓ୍ୱଙ୍ଗୀ ଏବଂ ଡା. ଲୋପାମୁଦ୍ରା ପାତ୍ର ଯୋଗଦେଇ ବର୍ତ୍ତମାନ ସମୟରେ ମହିଳାଙ୍କ ନିକଟରେ ଦେଖାଦେଉଥିବା ମାସିକ ବିଭିନ୍ନ ଲକ୍ଷଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ। ସେହିଭଳି ଏର୍‌ବିଟିର ସାମାଜିକ କର୍ମୀ ଦୀପାଞ୍ଜଳି ସ୍ୱାଇଁ ମାନସିକ ଚିନ୍ତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡା. ଚହଲ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ପରିଶେଷରେ ଫିକି ଫ୍ଲୋ ଭୁବନେଶ୍ୱରର ସଦସ୍ୟ ଓ ଉଦ୍ୟୋଗୀସାଥୀଙ୍କ ଦ୍ୱାରା ଆୟୋଜିତ ମିନି ବଜାର ଏବଂ ରଜ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଜିଠୁ ବରୁଣେଇ ରଜ ମହୋତ୍ସବ

ଖୋର୍ଦ୍ଧା୧୪।୬(ପ୍ରଭାତ ପାଣିଗ୍ରାହୀ)

ପହିଲି ରଜ ଅବସରରେ ଶନିବାର ଖୋର୍ଦ୍ଧା ଉପକଣ୍ଠ ବରୁଣେଇ ପୀଠ ଚଳଚଞ୍ଚଳ ହୋଇଉଠିଛି। ଏଠାରେ ୩ଦିନ ବ୍ୟାପୀ ରଜ ଉତ୍ସବ ପାଳନ ସହ ଠାକୁରାଣୀଙ୍କ ସ୍ୱତନ୍ତ୍ର ନୀତି ହୋଇଥାଏ। ଖୋର୍ଦ୍ଧା ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ଭାବେ ପରିଚିତ ମା'ବରୁଣେଇ ଓ କରୁଣେଇ ପୂଜା ପାଉଛନ୍ତି। ରଜପର୍ବ ସହିତ ପୀଠରେ ବରୁଣେଇ ମେଳା ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ସବୁଠୁ ବଡ଼ ମେଳା କୁହାଯାଉଥିବା ଏହି ମେଳା ତିନିଦିନ ଧରି ଚାଲିଥାଏ। ସେହିପରି ରବିବାରଠାରୁ ଏଠାରେ ମହୋତ୍ସବ ଆରମ୍ଭ ହେବ।

## ଏଣ୍ଡୁରି ପିଠା, ଖିରି ନିଆରା



ପୀଠରେ ଦେବୀଙ୍କୁ ନୈବେଦ୍ୟ ଅର୍ପଣର ଏକ ବିଶେଷତା ରହିଛି। ପଣସପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡ଼ିଆ ଗୁଡ଼ରେ ପୂର ଦିଆ ଏଣ୍ଡୁରି ପିଠା ଭୋଗଲାଗି କରାଯାଏ। ମା'ଙ୍କ ଦର୍ଶନ ସହ ଏହି ଭୋଗ ପାଇଁ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗ୍ରହ ରହିଥାଏ। ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଖିରି ଓ ଏଣ୍ଡୁରି ପିଠା ଖାଇବାକୁ ଭୁଲିନଥାନ୍ତି।

## ଦେବୀଙ୍କ ସ୍ୱତନ୍ତ୍ର ରୀତିନୀତି

ପହିଲି ରଜ ଅବସରରେ ମା'ଙ୍କ ସ୍ୱତନ୍ତ୍ର ନୀତି ସମ୍ପନ୍ନ ପରେ ସକାଳ ୭ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରୀତିନୀତି ଅନୁଯାୟୀ ଦେବୀଙ୍କ ମାଜଣା ପରେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦନଲାଗି ବେଶ ହୋଇଥାଏ। ଏହି ବେଶରେ ଦେବୀ ରଜ ତିନିଦିନ ଧରି ଦେବୀ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ପୀଠରେ ବିଭିନ୍ନ ସମୟର ବହୁ ପର୍ବ ପାଳନ ହେଉଥିଲେ ମଧ୍ୟ ରଜ ପର୍ବ ନିଆରା ଢଙ୍ଗରେ ପାଳନ ହୋଇଥାଏ।

## ମେଳାରେ ଖାଦ୍ୟ ଷ୍ଟଲ୍ ସହ ବିଭିନ୍ନ ପସରା

ପୀଠରେ କେଉଁ ଆବହନ କାଳରୁ ରଜମେଳା ଅନୁଷ୍ଠିତ ହୋଇଆସୁଛି।



ପହିଲି ରଜ ଅବସରରେ ବରୁଣେଇ ପୀଠରେ ଲୋକଙ୍କ ଗହଳି।

ସ୍ଥାନୀୟ ଅଞ୍ଚଳର ସବୁଠୁ ବଡ଼ ମେଳା କୁହାଯାଉଥିବା ଏହି ମେଳା ତିନି ଦିନ ଧରି ଚାଲିଥାଏ। ପାଦଦେଶରୁ ପାର୍କ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଭଳିକି ଭଳି ପସରା ମେଲାଇଛନ୍ତି ବ୍ୟବସାୟୀ। ଘରକରଣା ସାମଗ୍ରୀ ସହିତ, ଟେରାକୋଟା, ପିଲାଙ୍କ ଖେଳଣା, ଘରୋଇ ସାଜସଜ୍ଜା ଆଦି ସାମଗ୍ରୀ ବିକ୍ରି ହେଉଛି। ବରୁଣେଇ ବୁଲାବୁଲି ସହ ମେଳାର ମଜା ନେଇଥାନ୍ତି ଶ୍ରଦ୍ଧାଳୁ। ଏଥିସହିତ ରଜପାନ, ଫାଷ୍ଟଫୁଡ, ଦହିବରା, ଗୁପଚୁପ, ଆଳୁଦମ ଚାଟ୍ ଆଦି ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି।

## ସଂକ୍ରାନ୍ତିଠାରୁ ମହୋତ୍ସବ ଆରମ୍ଭ

ରଜ ସଂକ୍ରାନ୍ତିଠାରୁ ତିନି ଦିନ ବ୍ୟାପୀ ଆରମ୍ଭ ହେବ ୧୭ତମ ବରୁଣେଇ ରଜ ମହୋତ୍ସବ। ସାଂସ୍କୃତିକ ଅନୁଷ୍ଠାନ 'ଦିଶାନ୍ତ' ଏବଂ ଜିଲା ପ୍ରଶାସନର ସହଭାଗିତାରେ ଆୟୋଜିତ ଏହି ମହୋତ୍ସବରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଏବଂ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପିଲାଙ୍କ ମଧ୍ୟରେ ରଜଦୋଳି, ରଜପାନ ଭଙ୍ଗା, ହୁଳହୁଳି, ପୁଚି, କବାଡ଼ି ଆଦି ପ୍ରତିଯୋଗିତା ହେବ। ସାଂସ୍କୃତିକ ସନ୍ଧ୍ୟାରେ ନୃତ୍ୟ, ଆଧୁନିକ ନୃତ୍ୟ, ଭଜନ ସମାରୋହ, ମେଲୋଡି, ଛଉ ଓ ଗୋଟିପୁଅ, ଓଡ଼ିଶୀ, ପାଇକ ଆଖଡ଼ା ଆଦି ପରିବେଷଣ କରାଯିବ। ଏଥିସହିତ ସଙ୍ଗୀତ ସମାରୋହ, ମେଲୋଡି ଗ୍ରୁପ୍, ରକ୍ ବ୍ୟାଣ୍ଡ ଆଦି କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ବରୁଣେଇ ରଜ ମହୋତ୍ସବ ଶତାଧିକ ଜନସମାଗମ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି 'ଦିଶାନ୍ତ' ସମ୍ପାଦକ ଦିଲୀପ ପରିଡ଼ା କହିଛନ୍ତି।

## ୨ ପ୍ଲାଟୁନ ଫୋର୍ସ ମୁତୟନ

ରଜ ପାଇଁ ବରୁଣେଇ ପୀଠରେ ତିନି ଦିନଧରି ପ୍ରବଳ ଜନସମାଗମ ହେବା ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ, ୮ଜଣ ଅଫିସର ନିୟୋଜିତ ହୋଇଛନ୍ତି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପାଦଦେଶରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯାଇଛି ବୋଲି ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ବଡ଼କୁଳ ପାନ୍ଥନିବାସରେ ରଜ ଉତ୍ସବ



ରଜ ଉତ୍ସବ ପାଳନ ଅବସରରେ ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ଅନ୍ୟ ଅତିଥି।

ବାଲୁଗାଁ, ୧୪।୬(ସଂଗ୍ରାମ ପାଇକରାୟ)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବଡ଼କୁଳ ପାନ୍ଥନିବାସରେ ରଜ ଉତ୍ସବ ପାଳନ କରାଯାଇଛି। ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପାନ୍ଥନିବାସ ପରିଚାଳକ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୋଡ଼ପିଠା, ଛେନାପୋଡ଼, ଆରିସା, କାକରା , ମଣ୍ଡା, ଦହିବରା ଆଦି ଅନେକ ପିଠା ପରିବେଷଣ କରାଯାଇଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଥିଲା। ଛୋଟ ପିଲାମାନେ ଦୋଳି ଖେଳି ମଜା ଉଠାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପାନ୍ଥନିବାସ କର୍ମଚାରୀମାନେ ପରିଚାଳନା କରିଥିଲେ। ୧୬ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ ବୋଲି ପରିଚାଳକ କହିଛନ୍ତି। ସେହିପରି ବାଲୁଗାଁ ଉତ୍ତରାୟଣୀ ମନ୍ଦିର ଓ ମାମୁଁଭଣଜା ପାହାଡ଼ ପାଦଦେଶରେ ରଜଯାତ୍ରା ଆଡ଼ମ୍ବରରେ ପାଳନ କରାଯାଉଛି ।

# ମା' ତାରା ଦେବୀଙ୍କ ପୀଠରେ ରଜ ମଉଜ ଉଦ୍‌ଘାଟିତ

ନିରାକାରପୁର,୧୪।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୋଳ ପଞ୍ଚାୟତରେ ଥିବା ମା'ତାରା ଦେବୀଙ୍କ ମନ୍ଦିର ପରିସରରେ ରଜ ମଉଜ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କମାଗୁରୁ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଟାଙ୍ଗୋଳ ସରପଞ୍ଚ ବୀରେଶ କୁମାର ରାଜଗୁରୁ, ସୋମନାଥ ବେହେରା, ଗଙ୍ଗାଧର ସାହୁ, ଅରକ୍ଷିତ ନାୟକ, ବୁଦ୍ଧଦେବ ବିଶୋଇ, ପ୍ରଭାକର ଜୟସିଂହ, ସାମାଜିକ କର୍ମୀ ଟଙ୍କଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ବକ୍ତବ୍ୟ ରଖିଥିଲେ। ଭାଗୀରଥି ବେହେରା ମଞ୍ଚ ପରିଚାଳନା କରିଥିଲେ। ଗନ୍ଧର୍ବସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି ପିଲାମାନେ ଏବଂ ବନ୍ଦନା ନାଚ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଦିବସରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ରଜ ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ



ରଜ ମହୋତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୪।୬(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ଦଧିବାମନ ଦେବଙ୍କ ଆମ୍ର କାନନ ପରିସରରେ ଶନିବାର ରଜ ମହୋତ୍ସବ- ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ଶିକ୍ଷାବିତ୍ ଭାଗୀରଥି ପରିଡା ଏବଂ ସମ୍ମାନିତ ଅତିଥିଭାବେ ପ୍ରଦୀପ କୁମାର ଦାଶ ଉପସ୍ଥିତ ଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଗଙ୍ଗାଧର ମାର୍ଥା ବିବରଣୀ ପାଠ କରିଥିଲେ। ରଜ ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ ବୋଲି ମତପ୍ରକାଶ ପାଇଥିଲା। ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମହୋତ୍ସବ ଆୟୋଜନ ପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୂଜାପାଠ ପରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଶ୍ରଦ୍ଧାଳୁଙ୍କର ମିଳିତ ଶୋଭାଯାତ୍ରା ମା'ଲକ୍ଷ୍ମୀ, ବିମଳା ଦେବୀ ଏବଂ ହନୁମାନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପଡ଼ିଆରେ ରଜ ମଉଜର ସ୍ୱର୍ଶ ଦେଖିବାକୁ ମିଳିଥିଲା। ଦୋଳି ପୂଜନ ଓ ପ୍ରତିଯୋଗିତା, ବେଲୁନ ଫୁଟା, ଅନ୍ତାକ୍ଷରୀ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସ୍ୱର୍ଗତ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ଆନୁକୂଲ୍ୟରେ କୁଇଜ ପ୍ରତିଯୋଗିତା ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗଞ୍ଜାମର ମା'ବ୍ରାହ୍ମଣୀ ଦେବୀ ନାଟ୍ୟ ସଂସଦ ପକ୍ଷରୁ 'ଭାରତ ଲୀଳା' ଦର୍ଶକଙ୍କ ମନ ମୋହିଥିଲା।

# ରଜଦୋଳିର ମଜା ଉଠାଇଲେ ପିଲା

ଟାଙ୍ଗୀ,୧୪।୬(ରଘୁନାଥ ସାହୁ)

**ଟାଙ୍ଗୀ ରଜ ମହୋତ୍ସବ**

ମା'ରତ୍ନମାଳୀ ମନ୍ଦିର ପରିସରରେ ଟାଙ୍ଗୀ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବରିଷ୍ଠ ଡାକ୍ତର ମଧୁସୂଦନ ସେନାପତି, ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ପ୍ରମୁଖ ଯୋଗଦେଇ କୃଷିଭିତ୍ତିକ ଗଣପର୍ବ ରଜର ମହକ ଏବେ ବି ରହିଛି ବୋଲି କହିଥିଲେ। କମିଟି ସମ୍ପାଦକ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବାଳିକା ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବାଳିକାମାନଙ୍କ ନୃତ୍ୟ ପ୍ରତିଯୋଗିତାରେ ମଧୁସ୍ମିତା ପ୍ରଥମ, ପୁଣ୍ୟତୋୟା ମହାପାତ୍ର ଦ୍ୱିତୀୟ, ଜ୍ୟୋତିର୍ମୟୀ ତୃତୀୟ, ପୁଚି ପ୍ରତିଯୋଗିତାରେ ସ୍ନିଗ୍ଧା ସରିତା ପ୍ରଧାନ ପ୍ରଥମ, ସମୀକ୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ, ପ୍ରିୟଙ୍କା ଜେନା ତୃତୀୟ ସ୍ଥାନ, ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଲୋପାମୁଦ୍ରା ରଥ ପ୍ରଥମ, ସ୍ନିଗ୍ଧା ସରିତା ପ୍ରଧାନ ଦ୍ୱିତୀୟ, ମଧୁସ୍ମିତା ଲେଙ୍କା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳାମାନଙ୍କ ମଧ୍ୟରେ ହୋଇଥିବା ହୁଳହୁଳି ପ୍ରତିଯୋଗିତାରେ ରଶ୍ମିତା ମହାପାତ୍ର ପ୍ରଥମ, ଅନୁପମା ଚହଟରାୟ ଦ୍ୱିତୀୟ, ରୁପାଲି ପଟ୍ଟନାୟକ ତୃତୀୟ ସ୍ଥାନ, କୁଇଜ ପ୍ରତିଯୋଗିତାରେ ପ୍ରିୟଙ୍କା ନାୟକ ପ୍ରଥମ, ସୁମିତ୍ରା ଜଗଦେବ ଦ୍ୱିତୀୟ, ଅନୁପମା ଚହଟରାୟ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ଉମେଶ ପ୍ରସାଦ ଧଳ, ଶିବ ପ୍ରସାଦ ସାହୁ, ବୀରେନ ସାହୁ, ମଞ୍ଜୁଲତା ଇନ୍ଦ୍ରଜିତ, ବି. ସଂଘମିତ୍ରା, ପ୍ରଫୁଲ୍ଲ କୁମାର ଜେନା, ମନୋଜ ପଟ୍ଟନାୟକ, ତାରା ପ୍ରସାଦ ପଟ୍ଟନାୟକ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ବଡ଼ପାରୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଚ୍ଛେଦ ଜୟ ସିଂ ଧନ୍ୟବାଦ ଦେଇଥିଲେ।



ରଜ ମହୋତ୍ସବରେ ପିଲାମାନେ ଦୋଳି ଖେଳୁଛନ୍ତି।

# ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ।

ଖୋର୍ଦ୍ଧା,୧୪।୬(ପ୍ରଭାତ ପାଣିଗ୍ରାହୀ)

ପହିଲି ରଜ ଅବସରରେ ଶନିବାର କ୍ରିଏଟିଭ ଆର୍ଟ ମେକରର୍ସ ପକ୍ଷରୁ ପିଲାମାନଙ୍କୁ ନେଇ ରଙ୍ଗୋଲି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ କୋଣାର୍କ ନଗର କାଳୀ ମନ୍ଦିର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୃଥିବୀକୁ ବଞ୍ଚାଅ, ବିବିଧତାର ସଂରକ୍ଷଣ ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ଥିଲା। ସଞ୍ଜୟ କୁମାର ମହାରଣା, ଲକ୍ଷ୍ମୀପ୍ରିୟା ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ବୃକ୍ଷ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଅନନ୍ତ କୁମାର ଦାସ, ସୁବ୍ରତ ମିଶ୍ର, ନୀଳମାଧବ ରାଣା, ବୈଷ୍ଣବୀ ପ୍ରସାଦ ମହାପାତ୍ର, ଶଶିକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଗୋମୁଣ୍ଡିଆରେ ରଜ ମଉଜ

କୃଷ୍ଣପ୍ରସାଦ,୧୪।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଗୋମୁଣ୍ଡିଆରେ ଆରମ୍ଭ ହୋଇଛି ରଜ ମଉଜ। ଏହି ଅବସରରେ ମା'ସଞ୍ଜୀବ ଦୁର୍ଗା ଯୁବ ସଂସଦ ଆନୁକୂଲ୍ୟରେ ଗୋମୁଣ୍ଡିଆ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ମା'ସଞ୍ଜୀବ ଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ରଜ ମହୋତ୍ସବକୁ ଗ୍ରାମର ବରିଷ୍ଠ ଶିକ୍ଷାବିତ ଗଣେଶ୍ୱର ନାୟକ ଏବଂ ଅନୁଷ୍ଠାନର ମାର୍ଗଦର୍ଶକ ସାଧୁ ଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଗ୍ରାମର ୪ଟି ଟିମର ସମସ୍ତ ଖେଳାଳି ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅପରାହ୍ନରେ ଦୋଳି, ପୁଚି, ସମରକଳା ପାଇକଆଖଡ଼ା ଆଦି ପ୍ରଦର୍ଶନ ହୋଇଥିଲା। ବିଷ୍ଣୁ ଚରଣ ବେହେରାଙ୍କ ସମେତ ମା' ସଞ୍ଜୀବ ଦୁର୍ଗା ଯୁବ ସଂସଦର କର୍ମକର୍ତ୍ତା ଓ ଗୋମୁଣ୍ଡିଆ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈ, ଗୁରୁବାଇସ୍ଥିତ ମା'ଚର୍ଚ୍ଚିକା, ପାଟପୁର ମା' ଚଣ୍ଡୀ ଠାକୁରାଣୀ, ପିଟିଶାଳସ୍ଥିତ ମା'ଜଗତ ଜନନୀଙ୍କ ପୀଠରେ ରଜପର୍ବ ଆରମ୍ଭ ହୋଇଛି। ସେହିଭଳି ଗ୍ରୀନ ପାରିକୁଦ ପକ୍ଷରୁ ଅମିତା ତରେଇଙ୍କ ନେତୃତ୍ୱରେ ମିନାରାଣୀ ସାହୁ, ପ୍ରଭାତୀ ପାହାଣ ପ୍ରମୁଖ ଅଞ୍ଚଳର ବିଭିନ୍ନ ଗ୍ରାମରେ ମହିଳା ଓ ଯୁବତୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

# କୁହୁଡ଼ିରେ ରଜ ମହୋତ୍ସବ



ରଜ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ଟାଙ୍ଗୀ,୧୪।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତ ସମ୍ମୁଖରେ ଥିବା ରଜ ପଡିଆଠାରେ ମା'ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ହୋଇଥିଲା। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଅନ୍ନପୂର୍ଣ୍ଣା ପାଇନାନ୍ସର ସିଇଓ ଡ.ସଞ୍ଜୟ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ୧୦ନମ୍ବର ଜିଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ରଜ କମିଟି ବରିଷ୍ଠ ସଭ୍ୟ ପବିତ୍ର କୁମାର ହରିଚନ୍ଦନ, କୁହୁଡ଼ି ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ବେହେରା, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂ, ବରିଷ୍ଠ ସଭ୍ୟ ମନୋଜ କୁମାର ମାନସିଂହ ଉପସ୍ଥିତ ଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟରାଜ ଡ୍ୟାନ୍ସ ଏକାଡେମୀ କଟକ କଳାକାର ଏବଂ ଜଗତ୍‌ସିଂହପୁର ବଗବାନପୁରସ୍ଥିତ ମା'ଜୟଦୁର୍ଗା ମ୍ୟାଜିକ ଷ୍ଟାର ଆଣ୍ଡ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରାତିରେ ରାଜ୍ୟସ୍ତରୀୟ ମୁକ୍ତ ନାଟକର ପ୍ରଥମ ଦିବସରେ ଜଗତ୍‌ସିଂହପୁର ମଞ୍ଚ ମଞ୍ଜୁଳ କଳା ସଙ୍ଗଠନ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ'। ଅନ୍ୟପଟେ ଦର୍ଶକ ରଜ ପଡିଆରେ କାର୍ଯ୍ୟକ୍ରମ ସହିତ ମୀନବଜାର ଓ ସେଲ୍ଫି ପଏଣ୍ଟର ମଜା ନେଇଥିଲେ। ପାରମ୍ପରିକ ପ୍ରତିଯୋଗିତାକୁ ଅର୍ଣ୍ଣପୂର୍ଣ୍ଣା ପାଇନାନ୍ସର ଗ୍ରୁପ ପକ୍ଷରୁ ପରିଚାଳନା କରାଯାଇଥିଲା।

# ରଜରେ ବଢୁଛି ବନାରସୀ, ଫାଏର ପାନର ଚାହିଦା

**ସାରୁଅ ବଜାରରେ ଭିଡ଼**

ଖୋର୍ଦ୍ଧା,୧୪।୬(ପ୍ରଭାତ ପାଣିଗ୍ରାହୀ)

ରଜରେ ପାନର ରହିଛି ଏକ ସ୍ୱତନ୍ତ୍ରତା। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ସେହିପରି ପାନ ବିନା ସବୁ କିଛି ଫିକା। ରଜପାନ ଲାଗି ସମସ୍ତଙ୍କ ରହିଥାଏ ଆଶା। ବର୍ଷସାରା ପାନଠାରୁ ଦୂରେଇ ରହିଥିବା ବ୍ୟକ୍ତିଟିଏ ରଜ ତିନିଦିନ ପାନ ଖଣ୍ଡିଏ ଖାଇବା ପାଇଁ ମନ ବଳାଇଥାଏ। ତେଣୁ ଗାଁଠୁ ସହର ସବୁଠି ରଜପାନ ପସରା ମେଲିଥାଏ। ତେବେ ରଜ ଆସିଲେ ସାରୁଅ ବଜାର ଚଳଚଞ୍ଚଳ ହୋଇଉଠିଥାଏ। ଏହି ବଜାର ରଜପାନ ଲାଗି ବେଶ୍ ଜଣାଶୁଣା। ତିନିଦିନ ବ୍ୟାପୀ ଏଠାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ଖୋର୍ଦ୍ଧାରୁ ନୟାଗଡ଼ ଏବଂ ନୟାଗଡ଼ରୁ ଭୁବନେଶ୍ୱର ଦେଇ ଯାଉଥିବା ଲୋକେ ସାରୁଅରେ ଅଟକି ଏଠାରୁ ପରିବାର ଲୋକଙ୍କ ପାଇଁ ରଜପାନ ନେଇଥାନ୍ତି। ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳର ଗ୍ରାହକଙ୍କ ମଧ୍ୟ ଏଠାରେ ଭିଡ଼ ଜମିଥାଏ। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସାରୁଅ ବଜାରରେ ୧୫ରୁ ଊର୍ଦ୍ଧ୍ୱ ଦୋକାନରେ ରଜପାନର ଷ୍ଟଲ୍ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟବସାୟୀମାନେ ଦୋକାନକୁ ସୁସଜ୍ଜିତ କରିଛନ୍ତି। ୧୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମିଠା ପାନ ମିଳିଥାଏ। ଗ୍ରାହକଙ୍କ ଚାହିଦା ଅନୁସାରେ ୧୫ପ୍ରକାର ପାନ ଭଙ୍ଗାଯାଇଥାଏ। ବନାରସୀ ମିଠାପତ୍ର ପାନ, ପ୍ରଜାପତି, ସିଙ୍ଗଡ଼ା, କୋନ୍, କୁଲଫି, କାକରା ଏବଂ ଫାଏର ପାନର ବେଶ୍ ଚାହିଦା ରହିଛି। ବିଶେଷକରି ବନାରସୀ ଓ ଫାଏର ପାନ ଗ୍ରାହକଙ୍କ ଅଧିକ ପସନ୍ଦ।

ଏନେଇ ବ୍ୟବସାୟୀ ସୁକାନ୍ତ ସୁବୁଦ୍ଧି କୁହନ୍ତି, ରଜ ଆସିବାର ଏକ ମାସ ପୂର୍ବରୁ କୋଲକାତା, ଭୁବନେଶ୍ୱର, ବ୍ରହ୍ମପୁରରୁ କଞ୍ଚାମାଲ ସଂଗ୍ରହ କରାଯାଏ।





ଚଳିତବର୍ଷ ବନାରସୀ ପାନପତ୍ର ସହିତ ଅନ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଛି। ପାନରେ ସାଧାରଣତଃ ଖଜୁରି, ନଛା, ସିମାଇ ବିଭିନ୍ନ ରଙ୍ଗର ୩ପ୍ରକାର, ଛୁଂଚିଗୁଆ, ନଡ଼ିଆ(ଭଜା,ପାତି, ଗୁଣ୍ଡ,ପାଉଡର), ମିକ୍ସର(ପାନମଧୁରୀ ଏବଂ ଅନ୍ୟାନ୍ୟ) ୩ରୁ ପ୍ରକାର ସହିତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ସେହିପରି ଚଳିତବର୍ଷ ବେପାର ଭଲ ହେବ ଆଶା ରଖିଛନ୍ତି ବ୍ୟବସାୟୀ ସରୋଜ ଗିରି। ସେ କୁହନ୍ତି, ଏହି ୩ଦିନ ସକାଳଠାରୁ ରାତି ପର୍ଯ୍ୟନ୍ତ ବେପାର ଜମିଥାଏ। ବିଶେଷତଃ ଚକୋଲେଟ, ଫାଏର ପାନର ଚାହିଦା ରହିଛି। ୧୦ପ୍ରକାର ପାନ ଭେରାଇଟି ରହିଛି। ଗ୍ରାହକଙ୍କ ଚାହିଦା ଅନୁସାରେ ପାନ ପ୍ରସ୍ତୁତ କରାଯାଉଛି। ବ୍ୟବସାୟୀ ଜ୍ୟୋତିରଞ୍ଜନ ସାହୁ କୁହନ୍ତି, ୧୦ରୁ ୫୦ଟଙ୍କା ପର୍ଯ୍ୟନ୍ତ ପାନ ବିକ୍ରି ହେଉଛି। ବିଶେଷକରି ବନାରସୀ ପାନର ଚାହିଦା ରହିଛି। ସେହିପରି ଗତ ୧୦ବର୍ଷ ଧରି ରଜପାନ ବିକ୍ରି କରି ଆସୁଥିବା ପ୍ରକାଶ କୁମାର ଦାଶ କୁହନ୍ତି, ପ୍ରାୟ ୧୫ପ୍ରକାର ପାନ ଏଠାରେ ବିକ୍ରି କରାଯାଏ। କୋଲକାତା, ବନାରସୀ, ଫାଏର ପାନକୁ ଗ୍ରାହକ ବେଶ ପସନ୍ଦ କରୁଛନ୍ତି। ବ୍ୟବସାୟୀ ମନୋଜ ରଞ୍ଜନ ସାହୁ କୁହନ୍ତି, ୧୫ବର୍ଷ ଧରି ବେପାର କରିଆସୁଛି। ରଜ ତିନଦିନ ଫୁରସତ ନ ଥାଏ। ପୂର୍ବଦିନରୁ ଗ୍ରାହକଙ୍କ ଅର୍ଡର ଆସିଥାଏ। ବିଭିନ୍ନ ସ୍ଥାନରୁ ଲୋକେ ଆସି ଏଠାରୁ ପାନ ନେଇଯାଉଛନ୍ତି। ଗ୍ରାହକଙ୍କ ଆଗ୍ରହ ଅନୁସାରେ ପାନ ଭଙ୍ଗା ଯାଇଥାଏ। ଚକୋଲେଟ ପାନର ଚାହିଦା ରହିଛି। ସେହିପରି ବ୍ୟବସାୟୀ ଭାସ୍କର ଚନ୍ଦ୍ର ସାହୁ ଏବଂ ସୁଦର୍ଶନ ସାହୁ କୁହନ୍ତି, ବନାରସୀ ମିଠାପତ୍ର, ବଟର ଫ୍ଲାଏ, ଷ୍ଟବେରି, ସ୍ୱତନ୍ତ୍ର ବନାରସୀ ପାନ ଗ୍ରାହକଙ୍କ ବେଶ ପସନ୍ଦ ରହିଛି। ଖୋର୍ଦ୍ଧା ଗୁରୁଜଙ୍ଗର ସିବୁନା ସିଂ କୁହନ୍ତି, ପ୍ରତିବର୍ଷ ରଜ ଆସିଲେ ସାରୁଅ ପାନ ପାଇଁ ସକାଳୁ ପହଞ୍ଚିଯାଉ। ସାରୁଅ ରଜପାନ ପ୍ରତି ରହିଥିବା ଆଗ୍ରହ ଏଠାକୁ ଟାଣି ଆଣିଥାଏ।

# ଭିଆଇପି ପାସ୍ ନାମରେ ଭକ୍ତଙ୍କୁ ଶୋଷଣ

## ଅଲାରନାଥଙ୍କ ଅନବସର ଦର୍ଶନ

ବ୍ରହ୍ମଗିରି,୧୪।୬(ସ୍ୱାଧୀନ ଚମ୍ପତିରାୟ):

ଦାରୁଦିଅଁ ଅନବସର ପିଣ୍ଡିରେ ଗୁପ୍ତପୂଜା ପାଉଥିବାବେଳେ ଗୁରୁବାରଠାରୁ ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଅନବସର ଦର୍ଶନ ଆରମ୍ଭ ହୋଇଛି। ଶନିବାର ଏହା ତୃତୀୟ ଦିନରେ ପହଞ୍ଚିଛି। ପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ ପାଇଁ ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ଜମୁଛି। ମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିବାରୁ ଭକ୍ତଙ୍କୁ ଲମ୍ବାଧାଡ଼ିରେ ଆସିବାକୁ ପଡୁଛି। ଭକ୍ତମାନେ ଖରାରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ କେତେଜଣ ଧୂଳିଆ ସେବକ ଫାଇଦା ଉଠାଇ ଭିଆଇପି ପାସ୍ ଦେବା ନାମରେ ଭକ୍ତଙ୍କୁ ଶୋଷଣ କରାଯାଉଛି। ପୋଲିସ କର୍ମଚାରୀ ମଧ୍ୟ ଏ କ୍ଷେତ୍ରରେ ସହଯୋଗ କରୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀ ଜିଲାପାଳ, ସେବାୟତ ଓ ସ୍ଥାନୀୟ ପ୍ରଶାସନର ମିଳିତ ବୈଠକରେ ଭକ୍ତମାନେ ଧାଡ଼ିରେ ଆସି ଦର୍ଶନ କରିବେ ବୋଲି ସ୍ଥିର ହୋଇଥିଲା। ୩୦ ସେବାୟତ ପରିବାରଙ୍କୁ ପ୍ରତିଦିନ ୧୦ଟି ଲେଖାଏ ପାସ୍ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେବାୟତମାନେ ଏହି ପାସ୍‌ରେ ତାଙ୍କ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କୁ ଦର୍ଶନ କରାଇବେ। ତେବେ ଭିଆଇପି ଧାଡ଼ିରେ ମନଇଚ୍ଛା ଭକ୍ତମାନେ ଯାଉଛନ୍ତି। ସହସ୍ରାଧିକ ଭକ୍ତ ଭିଆଇପି ପାସ୍‌ରେ କିପରି ମନ୍ଦିରକୁ ପଶୁଛନ୍ତି ତାହା ପ୍ରଶ୍ନ ପାଲଟିଛି। ମନ୍ଦିର ବାହାରେ ଭକ୍ତଙ୍କୁ ପାସ୍ ଗୋଟିକୁ ଏକଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଏଭଳିକି ପାସ୍ ଚେକ୍ କରି ଛାଡୁଥିବା ପୋଲିସ କର୍ମଚାରୀମାନେ ସେବାୟତମାନଙ୍କ ସହ ସମ୍ପର୍କ ରଖି ଗୋଟିଏ ପାସ୍‌ରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗଳାବାଟରେ ଛାଡ଼ି ଦେଉଛନ୍ତି। ଏଥିଯୋଗୁ ଧାଡ଼ିରେ ଆସୁଥିବା ଭକ୍ତଙ୍କୁ ହଇରାଣ ହେବାକୁ ପଡୁଛି। ଏପଟେ ପୋଲିସ ପାସ ନ ଚିରି ସେବାୟତଙ୍କୁ ଫେରାଇ ଦେଉଥିବାରୁ ମନ୍ଦିର ଭିତରେ ପାସ୍‌ଧାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ଶଶିଭୂଷଣ ମିଶ୍ର କହିଛନ୍ତି, ଦର୍ଶନ ନିମନ୍ତେ କୌଣସି ଭିଆଇପି ବ୍ୟବସ୍ଥା କରାଯାଇନାହିଁ। କେବଳ ସେବାୟତମାନଙ୍କ ପାଇଁ ୩୦୦ ପାସ୍ ଦିଆଯାଇଛି। ଯେଉଁ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି, ସେଥିପ୍ରତି ଦୃଷ୍ଟି ଦିଆଯିବା ସହ ରବିବାରଠାରୁ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ସେହିପରି ବ୍ରହ୍ମଗିରି ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି କହିଛନ୍ତି, ଗୋଟିଏ ପାସ୍‌ରେ ୪/୫ ଜଣ ଭକ୍ତ ମନ୍ଦିରରେ ପ୍ରବେଶ କରିବାର ନଜର ଆସିଛି। କାଲିଠାରୁ ଏହାକୁ କଡ଼ାକଡ଼ି କରାଯିବ।


ପ୍ରଭୁ ଅଲାରନାଥ ।


ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୬।୨୦୨୫

| | |
|---|---|
| ୧,୪୭,୬୦୫ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୧୭୧.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ମିନି ଯୁକୋ ବ୍ୟାଙ୍କରୁ ସାମଗ୍ରୀ ଚୋରି

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଡେଣ୍ଡୁଅଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଥିବା ମିନି ଯୁକୋ ବ୍ୟାଙ୍କରୁ ଗତ ୧୨ ତାରିଖ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ମୁଖ୍ୟ ଫାଟକର ତାଲା ଭାଙ୍ଗି ବ୍ୟାଙ୍କ ଭିତରେ ପଶି ଇନ୍‌ଭର୍ଟର ମେଶିନ ବ୍ୟାଟେରି, ଗୋଟିଏ ଲାପଟପ ଚୋରି କରି ନେଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବ୍ୟାଙ୍କ ବି.ସି. ସଞ୍ଜୀବ ନାୟକ କହିଛନ୍ତି। ଏ ସମ୍ପର୍କରେ ମିନି ଯୁକୋ ବ୍ୟାଙ୍କର ବି. ସି. ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ୧୭୩/୨୫ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଏନ୍‌ଏସିରେ ସଫେଇ କର୍ମଚାରୀଙ୍କ ଧର୍ମଘଟ

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିର ୨୦/୨୫ ଜଣ ସଫେଇ କର୍ମଚାରୀ ଗତ ମାସରେ ଦରମା ପାଇ ନ ଥିବା ପ୍ରତିବାଦରେ ଶନିବାର କାମକୁ ନ ଯାଇ କାର୍ଯ୍ୟାଳୟଠାରେ ଧର୍ମଘଟ କରିଥିଲେ। ଖବର ପାଇ ଏନ୍‌ଏସି ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ ଓ ରୟାଲ ସିକ୍ୟୁରିଟି ଏଜେନ୍ସିର ମ୍ୟାନେଜର ଅନିଲ କୁମାର ଜାଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏନ୍‌ଏସିର ମ୍ୟାନେଜର ସମସ୍ତ ସଫେଇ କର୍ମଚାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଅବଶିଷ୍ଟ ଦରମା ଟଙ୍କା ଛୁଟି ପରେ ସୋମବାର କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ କର୍ମଚାରୀ ସଫେଇ କରି ଅଳିଆ ହଟାଇଥିଲେ। କର୍ମଚାରୀ ଧର୍ମଘଟ ଚଳାଇ ସଫେଇ କାର୍ଯ୍ୟକୁ ଯାଇ ନ ଥିବାରୁ ପରିଷଦ ଅଞ୍ଚଳର ବିଭିନ୍ନ ୱାର୍ଡରେ କୁଢ଼ କୁଢ଼ ଅଳିଆ ସଫା ନ ହୋଇ ରାସ୍ତାରେ ଗଦା ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କୁ ପଚାରିବାରେ, ବ୍ୟାଙ୍କରେ ଲିଙ୍କ ଫେଲ ହୋଇଥିବା କାରଣରୁ ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନରେ ସାମାନ୍ୟ ବିଳମ୍ବ ଘଟିଥିବା ସେ କହିଛନ୍ତି।

# ପାଦ ପ୍ରକ୍ଷାଳନ ଅଚଳ, ସୁଧୁରୁନି ଟ୍ରାଫିକ୍ ସମସ୍ୟା

## ଅଲାରନାଥଙ୍କ ପୀଠରେ ଅବ୍ୟବସ୍ଥା

ବ୍ରହ୍ମଗିରି,୧୪।୬(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଅନବସର ଦର୍ଶନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଅଲାରନାଥ ପୀଠକୁ ଆସୁଛନ୍ତି। ସୁପରିଚାଳନା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବ ବୋଲି ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ତେବେ ମନ୍ଦିରକୁ ଯିବା ପାଇଁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପାଦପ୍ରକ୍ଷାଳନ ଏବେ ଅଚଳ ହୋଇପଡ଼ିଛି। ଫଳରେ ବହୁ ଦୂରରୁ ଲମ୍ବାଧାଡ଼ିରେ ଆସୁଥିବା ଭକ୍ତମାନେ ପାଦ ନ ଧୋଇ ମନ୍ଦିରକୁ ପ୍ରବେଶ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଟ୍ରାଫିକ ସମସ୍ୟା ବିଗୁଡୁଛି। ପୁରୀ-ସାତପଡ଼ା ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ବ୍ରହ୍ମଗିରି ବଜାର। ଏହି ବଜାର ଗୋପ ଛକଠାରୁ ଅଲାରନାଥ ମନ୍ଦିର ପର୍ଯ୍ୟନ୍ତ ଲମ୍ବିଯାଇଛି। ମହାପ୍ରଭୁଙ୍କ ଦର୍ଶନ ସହିତ ସାତପଡ଼ା ପର୍ଯ୍ୟଟନ ସ୍ଥଳକୁ ଏହି ବଜାର ଦେଇ ଯିବାକୁ ପଡ଼ିଥାଏ । ଉକ୍ତ ବଜାର ଉପରେ ବ୍ରହ୍ମଗିରି ବ୍ଲକର ୨୫ଟି ପଞ୍ଚାୟତ ଓ କୃଷ୍ଣପ୍ରସାଦ ବ୍ଲକର ୧୧ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଏହି ରାସ୍ତା ଜାମ୍ ହେବା ସହ ପାର୍କିଂ ସମସ୍ୟା ଦେଖାଦେଉଛି। ବହୁ ପର୍ଯ୍ୟଟକ ଓ ଭକ୍ତ ଅଲାରନାଥ ପୀଠକୁ ଆସୁଥିବାରୁ ସେମାନଙ୍କ ଯାନବାହନ ପାର୍କିଂ ସମସ୍ୟା ଉପୁଜୁଛି। ଘଣ୍ଟା ଘଣ୍ଟା ଧରି ଗାଡ଼ି ମୋଟର ରାସ୍ତା ଉପରେ ଛିଡାହୋଇ ରହୁଛି। ଅନବସର ଦର୍ଶନ ସମୟରେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ନେଇ ବ୍ୟବସ୍ଥା କରାଯାଇଥିଲେ ବି ସୁଫଳ ମିଳୁନାହିଁ। ଫଳରେ ଭକ୍ତମାନେ ହଇରାଣ ହେଉଛନ୍ତି।

## ଅଲାରନାଥଙ୍କ ଅନବସର ଦର୍ଶନ ବେଳେ ଲୁଟ୍ ଉଦ୍ୟମ

ବ୍ରହ୍ମଗିରି,୧୪।୬(ସ୍ୱାଧୀନ ଚମ୍ପତିରାୟ)

ଅଲାରନାଥଙ୍କ ଅନବସର ଦର୍ଶନ ଅବସରରେ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ଉଦ୍ୟମ ହୋଇଛି। ପୋଲିସ ସମ୍ପୃକ୍ତ ଲୁଟେରାଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୁରୀରୁ ଗୋପାଳ ମହାନ୍ତି ପରିବାର ସହ ଅଲାରନାଥ ମନ୍ଦିରକୁ ଆସିଥିଲେ। ମନ୍ଦିର ବେଢାରେ ଗୋପାଳଙ୍କ ମା' ସୌଦାମିନୀ ମହାନ୍ତି ଧାଡ଼ିରେ ଛିଡ଼ାହୋଇଥିବାବେଳେ ୨ଜଣ ମହିଳା ତାଙ୍କ ବେକରୁ ସୁନାଚେନ ଲୁଟ୍ କରୁଥିଲେ। ଏହି ସମୟରେ ଅନ୍ୟ ଭକ୍ତମାନେ ଉଭୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ତେବେ ଏନେଇ ଗୋପାଳଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇ ନାହିଁ।

## ସାର ଟ୍ରକ୍‌ରୁ ଶ୍ରମିକଙ୍କ ମୃତଦେହ ଜବତ, ଟ୍ରକ୍ ମାଲିକ ଅଟକ

ଅସ୍ତରଙ୍ଗ,୧୪।୬ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଉପକଣ୍ଠ ଅଞ୍ଚଳରେ ଶନିବାର ଏକ ସାର ବୋଝେଇ ଟ୍ରକ୍‌ରୁ କାକଟପୁର ଥାନା ପୋଲିସ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଅସ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତ ବେଣୀପୁର ଗ୍ରାମର ମିଟୁ ଦାସ। ତେବେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ଟ୍ରକ୍ ମାଲିକଙ୍କୁ ପୋଲିସ ଅଟକ ରଖିଛି। ଖବର ମୁତାବକ, ଶନିବାର ସନ୍ଧ୍ୟା ସମୟରେ ଏକ ସାର ବୋଝେଇ ଟ୍ରକ୍(ଓଆର୍ ୦୯ ଏଫ୍ ୯୭୧୯) ଜଟଣୀରୁ ଅସ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତ ଖଣ୍ଡାସାହିରେ ଆସି ପହଞ୍ଚିଥିଲା। ଟ୍ରକ୍‌ରୁ ୩ ଜଣ ଶ୍ରମିକଙ୍କ ମଧ୍ୟରେ ଖଣ୍ଡାସାହି ଗ୍ରାମର ଭଗବାନ ଦାସ, ବେଣୀପୁର ଗ୍ରାମର ଦୀପକ କାଣ୍ଡି, ମିଟୁ ଦାସ ୧୬୦ବସ୍ତା ସାର କାଢ଼ିଥିଲେ। ଅବଶିଷ୍ଟ କିଛି ବସ୍ତା ସାର ସହ ଜଣେ ଟ୍ରକ ଆଗରେ, ଜଣେ ପଛରେ ଓ ଅନ୍ୟ ଜଣେ ବାଇକ୍‌ରେ ଆସିଥିଲେ। ହେଲେ କାହାଳ ଗାଁରେ ପହଞ୍ଚି ସାର କାଢିବା ସମୟରେ ମିଟୁଙ୍କ ମୃତଦେହ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ରଥଖଳାରୁ...

### ରଥରେ ସ୍ଥାପନହେଲା ପୋଟଳ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ତିନି ରଥରେ ଅଗ ଭୂଇଁ ବା ତୃତୀୟ ଭୂଇଁ ସମେତ ବଡଥଳ ପୋଟଳ ସ୍ଥାପନ ହୋଇଛି। ଶନିବାର ପୂର୍ବାହ୍ନରେ ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନେ ମିଶି ତିନି ରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଉଠି ମଝି ଭୂଇଁ ଉପରେ ସଂଯୋଗ ହେବାସହ ଏକ ନମ୍ବର (ବଡଥଳ ବଡ ଧରା) ପୋଟଳ ତୃତୀୟ ଭୂଇଁ ଉପରେ ସ୍ଥାପନ କରାଯାଇଛି। ପରେ ବାକି ପୋଟଳ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ। ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶ୍ରୀଶ ଭାଗ ଅଂଶ ପରି ଦୃଶ୍ୟମାନ ହୋଇଥାଏ। ଏଥିସହ ତିନିରଥ ପଛ ଆଣି ଡ଼ମକ ଚାରି ନାହାକାକୁ ଲାଗି କଣ୍ଟାବାଡିଆ ଶେଷ ହୋଇଛି। ତିନିରଥର ଦୁଇଟି ଲେଖାଏଁ ଆଗ ଆଣି (ସମ୍ମୁଖ ଭାଗ) ଚାର ପରିଛା ସଂଯୋଗ ହେବା ସହ କଣ୍ଟା ପଡ଼ିବା ସରିଛି। ସେହିପରି ତିନିରଥ ସମ୍ମୁଖ ଭାଗ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ କତରା ସଂଯୋଗ ଶେଷ ହୋଇଛି। ତିନି ରଥର ଚାରିନାହକାକୁ ମଜବୁତ୍ କରିବା ପାଇଁ ଚାରି ନାହାକାର ଉଭୟ ପାର୍ଶ୍ୱରେ ମୂଳ କଇଞ୍ଚି ବାଡିଆ ଯିବ ସେଥିପାଇଁ ପାଇଁ ତିନିରଥ ର ମହାରଣା ସେବକ ମାନେ ୨୦ ଫୁଟିଆ କାଠ ପାଳି କୁ ଚଉପଟ ସହ ସେଥିରେ ମାପ ପ୍ରକାରେ କାପ କାର୍ଯ୍ୟ ଶେଷ କରିଛନ୍ତି। ରବିବାର ରଥରେ କଇଞ୍ଚିକୁ କ୍ରସ୍ କରି ବାଡ଼ିଆଜିବ। ରଥ ଉପର ଭାଗ ଚାରିପାର୍ଶ୍ୱରେ ତାଗ ବା ବଟନ୍ ଗାଡ଼ିଆ ଆରମ୍ଭ ହୋଇଛି। ପରେ ପଟା ବାଡିଆ ଆରମ୍ଭ ହେବ। ତିନି ରଥର ସମ୍ମୁଖ ଭାଗ ଚକଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱ ପଇ, ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ ମାନ ନଟ ବୋଇଲ୍ଟ ଦେଇ ମହାରଣା ସେବକମାନେ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ରୂପକାର ସେବକମାନେ ତିନିରଥ ଦୁଆର ବେଢ଼ାରେ ଲାଗିବା ପାଇଁ ଚାରିଟି ଲେଖାଏଁ ନାଟଗୋଡ଼ରେ ରାହୁରୁପ ଖୋଦେଇ ଶେଷ କରିଛନ୍ତି। ଚିତ୍ରକାର ସେବକମାନେ ତିନି ରଥର ଚକ ତଥା ବାହ୍ୟ ଅଂଶ ଗୁଡ଼ିକରେ ଧଳା ପ୍ରାଇମର ଦେବାସକ ରଙ୍ଗ କାର୍ଯ୍ୟ ସହ ରଥ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ, ଓଲଟ ଶୁଆ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ କଣ୍ଟା ନିର୍ମାଣ କରୁଛନ୍ତି। ପାହି ମହାରଣାମାନେ ରଥଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଏବଂ ଦରଜିସେବକମାନେ ତିନିରଥର କନା କଟିଙ୍ଗ ପରେ ବତା କନାରେ ଲେସ ପକା କାର୍ଯ୍ୟ ଜାରି ରଖିଛନ୍ତି।



## ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିରରେ ନିର୍ମାଣ ହେବ ର୍ୟାମ୍ପ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ଚଳିତ ମାସ ୨୭ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ କରାଯିବା ସହ ଚାରିପାଖର କାର୍ଯ୍ୟ କରାଯାଉଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଗୁଣ୍ଡିଚା ମନ୍ଦିରର ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବରୁ ଗୋଟିଏ ସୂଚନାକେନ୍ଦ୍ର ଥିବାବେଳେ ଏବେ ଦୁଇଟି ସୂଚନା କେନ୍ଦ୍ର କରାଯାଇଛି। ଫଳରେ ଭକ୍ତମାନେ ସୂଚନା ପାଇ ପାରିବେ। ସମ୍ମୁଖରେ ଲ୍ୟାଣ୍ଡ ସ୍କିପିଙ୍ଗ କରାଯାଇଛି। ଉଭୟ ନାକଚଣା ଦ୍ୱାର ଓ ସିଂହଦ୍ୱାରରେ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏଲ୍‌ଇଡି ସ୍କ୍ରିନ ଲଗାଯାଇଛି। ଭକ୍ତମାନେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ସୂଚନା ପାଇପାରିବେ। ଅପରପକ୍ଷରେ ଶ୍ରୀମନ୍ଦିର ଉତ୍ତରଦ୍ୱାର ପଟେ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ନିର୍ମାଣ କରାଯାଉଛି। ତେବେ ରଥଯାତ୍ରା ପରେ ଏନେଇ ସେବା ସଂପୃକ୍ତ ସେବାୟତମାନଙ୍କ ସହ ଆଲୋଚନା କରାଯାଇ ପରାମର୍ଶ ନିଆଯିବ। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହ୍ୱିଲ ଚେୟାର କିମ୍ବା ଅନ୍ୟ ବ୍ୟବସ୍ଥା କରାଯିବ। ଯେପରି ପରମ୍ପରା ବିରୋଧୀ ନ ହେବ ସେ ନେଇ ଆଲୋଚନା କରାଯିବ। ଏଥିପାଇଁ ଆବଶ୍ୟକ ସ୍ଥଳେ ସ୍ୱେଚ୍ଛାସେବୀଙ୍କୁ ନିୟୋଜନ କରାଯିବ।

# ପୁରୀ ପାନ୍ଥନିବାସରେ ରଜ ପର୍ବ ପାଳିତ


ପାନ୍ଥନିବାସ ପରିସରରେ ରଜ ଉତ୍ସବ ଉଦ୍‌ଘାଟନ ଅବସରରେ ଅତିଥି ଏବଂ ଅନ୍ୟମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ପୁରୀ ପାନ୍ଥନିବାସରେ ଶନିବାର ରଜପର୍ବ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ପର୍ବକୁ ଉଦଘାଟନ କରିଥିଲେ। ଆମ ସଂସ୍କୃତି ଓ ପରମ୍ପରାରେ ଓଡ଼ିଆ ପର୍ବ ରଜର ଏକ ସ୍ୱତନ୍ତ୍ର ମହକ ରହିଛି। ରଜପର୍ବ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଆନନ୍ଦ ଦେଇଥାଏ ବୋଲି ସେମାନେ କହିବା ସହ ଏହାକୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାନ୍ଥନିବାସର ମ୍ୟାନେଜର ଚନ୍ଦ୍ରକାନ୍ତ ଦାସ, ସହକାରୀ ମ୍ୟାନେଜର ବ୍ୟୋମକେଶ ତ୍ରିପାଠୀ, ଦିଲୀପ ବାରିକ ଏବଂ ପାନ୍ଥନିବାସର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଭାରତୀୟ ମଜଦୁର ସଂଘ, ପୁରୀ ଜିଲା ଶାଖା ପକ୍ଷରୁ ରଜ ଉତ୍ସବ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ଭାରତୀୟ ମଜଦୁର ସଂଘ, ପୁରୀ ଜିଲା ଶାଖା ପକ୍ଷରୁ 'ରଜ ଉତ୍ସବ- ୨୦୨୫' ବଡ଼ଦାଣ୍ଡ ଟାଉନ ଥାନା ନିକଟବର୍ତ୍ତୀ ଜିଲା କାର୍ଯ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଦୋଳି ଖେଳ ସହିତ ଅନୁଷ୍ଠାନ ସଭ୍ୟାଙ୍କୁ ନେଇ ମ୍ୟୁଜିକ୍ ଚେୟାର ଓ ରୁମାଲ୍ ଚୋରି ପ୍ରତିଯୋଗିତା ହୋଇଥିଲା। ଜିଲା ସଭାପତି ରାଜକୁମାର ମିଶ୍ର ଏବଂ ସମ୍ପାଦକ ବିଶ୍ୱନାରାୟଣ ଦାଶ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ସ୍ନେହ, ଶ୍ରଦ୍ଧା ଓ ଏକତାର ବାତାବରଣ ଦେଖିବାକୁ ମିଳିଥିଲା। ଅନେକ ପ୍ରକାରର ପିଠା, ମିଠା, ରଜପାନ ଖାଇ ଆନନ୍ଦ ଉତ୍ସାହର ସହିତ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମରେ ସରସ୍ୱତୀ ଜେନା, ଜୟନ୍ତୀ ପ୍ରଧାନ, ରୀତା ମାଝୀ, ରଞ୍ଜିତା ଦାଶ, ସରିତା ପଣ୍ଡା, ମଧୁସ୍ମିତା ପରିଡ଼ା, ବିଜୟଲକ୍ଷ୍ମୀ ମିଶ୍ର, ମାନସୀ ସାହୁ, ଜୟଶ୍ରୀ ଦୋରା, ନିର୍ଝରିଣୀ ମିଶ୍ର, ନିହାରିକା ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ ।

# ପଞ୍ଚାୟତସ୍ତରୀୟ ୮ମ ରଜ ମହୋତ୍ସବ ଉଦ୍‌ଘାଟିତ

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଭିଲିଗ୍ରାମ ଗ୍ରାମପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ ଅଷ୍ଟମ ରଜ ମହୋତ୍ସବ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବରଗଡ଼ ଧନୁଯାତ୍ରାର ନାଟ୍ୟଶ୍ରୀ କଂସ ମହାରାଜ ଦେବରାଜ ଛତ୍ରିଆ, ବିଶିଷ୍ଟ କବି, ଶିଶୁ ସାହିତ୍ୟିକା ସଙ୍ଗୀତା ଦାଶ, ୨୦୨୪ରେ ମିସ୍ ଇଣ୍ଡିଆ ବିଜେତା ପ୍ରତିଭା ସ୍ମୃତି ସଞ୍ଚିତା ଦାଶ, ରଜ ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୀମାନ୍ତ ଶେଖର ରଥ, ସମ୍ପାଦକ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ, ଭିଲିଗ୍ରାମ ସରପଞ୍ଚ ଅରବିନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ କାମନା କରିଥିଲେ। ଏହି ଅବସରରେ ଶଙ୍ଖ ବାଦନ, ହୁଳହୁଳି, ପୁଚି ଖେଳ, ଏକକ ଅଭିନୟ, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକ ସୁସଜ୍ଜିତ ଗାଡ଼ିରେ ଅତିଥିଙ୍କୁ ଶୋଭାଯାତ୍ରାରେ ବିଷ୍ଣୁପୁର ଗୋଲେଇ ଛଠାରୁ ରଜ ମହୋତ୍ସବ ସ୍ଥଳକୁ ଅଣା ଯାଇଥିଲା।


କଂସ ମହାରାଜଙ୍କ ଗହଣରେ ଅନ୍ୟାନ୍ୟ ଅତିଥି ବୃନ୍ଦ ଓ ରଜ କମିଟିର କର୍ମକର୍ତ୍ତା ।

# ଶିକ୍ଷା ଆମକୁ ଚରିତ୍ର ଗଠନ, ଶୃଙ୍ଖଳିତ ହେବାକୁ ବାଟ ଦେଖାଏ

## ୮୦ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଗୋପ,୧୪।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଆମମାନଙ୍କୁ ଚରିତ୍ର, ଶୃଙ୍ଖଳିତ ସହ ଜଣେ ଜଣେ ଭଲ ମଣିଷ ହେବାକୁ ବାଟ ଦେଖାଇଥାଏ। ଆମେମାନେ ଏହା ସହିତ ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିପାରିଲେ ଦେଶ ଓ ସମାଜ ଗଠନରେ ସହାୟକ ହୋଇ ପାରିବା। ଗୋପ ଜାମା ମସଜିଦ ପରିସରରେ ମୁସଲିମ ସଂଖ୍ୟାଲଘୁ କଲ୍ୟାଣ ସଙ୍ଗଠନ ଦ୍ୱାରା ଦ୍ୱିତୀୟ ବାର୍ଷିକ ଉତ୍ସବରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଗଠନର ସ୍ଥାୟୀ ସଭାପତି ଜନାବ ହାଜି ସୋରବ ଅଲ୍ଲୀ ଖାଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଉସୀମ ଉଦ୍ଦିନ ଅହେମଦ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏପରି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନାବ ମିର୍ ନାସିର ଅଲ୍ଲୀ, ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ସତାପୁଦ୍ଦିନ, ଅହେମଦଙ୍କ ସମେତ ଗୋପ ଜୋନ୍‌ର ସମ୍ପାଦକ ଜନାବ ଶେଖ ନଜିମି ଉଦ୍ଦିନ, ସଭାପତି ମୋହସିନ ଖାଁ ଉପସ୍ଥିତ ଥିଲେ। ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀ, ଏସ୍‌ଆଇ ବୁଦ୍ଧ ରାୟ ମାଝୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ପୁରୀ ଓ ଖୋର୍ଦ୍ଧା ଜିଲା ଅଞ୍ଚଳରେ ଥିବା ୩୩ଟି ବସ୍ତିର ୮୦ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ନେଇ ସମ୍ମାନିତ କରାଯାଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଗୋପ ବସ୍ତିର ଯୁବକଙ୍କ ସହିତ ମୁରବିମାନେ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

**ଗଛରେ ଓଢ଼ଣି ଲଗାଇ ମହିଳାଙ୍କ ଆତ୍ମହତ୍ୟା**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ଅନ୍ତର୍ଗତ ଡିହସରି ତୁଆଁ ଗ୍ରାମ ନିକଟରେ ଥିବା ଏକ ସାହାଡ଼ା ଗଛରେ ଓଢଣି ଲଗାଇ ଶନିବାର ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଛନ୍ତି। ରାସ୍ତା କଡ଼ରେ ମୃତଦେହ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ମହିଳାଙ୍କ ନାମ ଗୀତ ସିଂ (୨୩) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘର ବାଲେଶ୍ୱର ଜିଲାରେ ହୋଇଥିବା ବେଳେ ସେ ସ୍ଥାନୀୟ ଏକ ଇଟା ଭାଟିରେ କାମ କରୁ ଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛି।




କଟକ ବଳଭଦ୍ରପୁରରେ ଅନୁଷ୍ଠିତ ରଜ ଉତ୍ସବରେ ଯୁବତୀମାନେ ପରସ୍ପରକୁ ରଜପାନ ଖୁଆଇ ଦେଉଛନ୍ତି ଏବଂ ଝିଅମାନେ ସେଲ୍ଫି ନେଉଛନ୍ତି।

# ପିଠା, ପାନରେ ମହକିଲା ସହର

**କଟକ,୧୪।୬(ଶିକ୍ଷା ପ୍ରିୟଦର୍ଶିନୀ)**

କଟକ ସହରରେ ଶନିବାର ବେଶ ଧୁମଧାମରେ ପାଳନ ହୋଇଯାଇଛି ପହିଲି ରଜ। ସକାଳୁ ଯୁବତୀମାନେ ନୂଆ ପୋଷାକ ପିନ୍ଧି ପାଦରେ ଅଳତା ସହ ଦୋଳି ଖେଳି ପିଠା, ପାନ ଖାଇ ବେଶ ଧୁମ୍‌ରେ ପହିଲି ରଜକୁ ପାଳନ କରିଛନ୍ତି। ଏହାସହ କଟକ ସିଲ୍‌ଭରସିଟି ବୋଟି କ୍ଲବଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ରଜ ଉତ୍ସବ ପାଳନ କରାଯାଇଛି। ରଜ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ କହିଛନ୍ତି, କଟକ ସହରରେ ସବୁ ପର୍ବକୁ ଧୁମଧାମରେ



**ଦୋଳି ଖେଳ, ଝୁଲାଝୁଲିରେ ପାଳିଲେ ପହିଲି ରଜ**

ପାଳନ କରାଯାଏ। ସେଥିମଧ୍ୟରୁ ରଜପର୍ବ ଅନ୍ୟତମ । ବୋଟିଂ କ୍ଲବଠାରେ ରଜ ଦୋଳି, ପାନ, ପିଠା, ଅଳତା ଲଗାଇବାର ବ୍ୟବସ୍ଥା କରାଯାଇଛି। ଏହାସହ ପିଠାର ପସରା ଖୋଲା ଯାଇଛି। ଯେଉଁଥିରେ ପୋଡ ପିଠା, ଛେନା ମଣ୍ଡା, ସିଜା ମଣ୍ଡା, ଆରିସା, ଚକୁଳି ଆଦି ରହିଛି। ଏହାକୁ ଗ୍ରାହକ ଖାଇବା ସହ ଘରକୁ ନେବାର ବ୍ୟବସ୍ଥା କରାଯାଇଛି। ଏହାବ୍ୟତିତ କଟକ କ୍ଲବଠାରେ ବେଶ ଧୁମଧାମରେ ରଜ ପର୍ବ ପାଳନ କରାଯାଇଛି। ସେହିପରି କଟକର ପ୍ରମୁଖ ସ୍ଥାନ ମଧ୍ୟରେ ଶଙ୍କରପୁର, ବଳଭଦ୍ରପୁର, ଖାନନଗର ଆଦି ଅଞ୍ଚଳରେ ଯୁବତୀମାନେ ରଜ ବେଶ ଧୁମଧାମରେ ପାଳନ କରିଛନ୍ତି। ଏପରିକି ଉକ୍ତ ଅଞ୍ଚଳରେ ରଜ ଦୋଳି ଖେଳ, ପାନ ପିଠା ଓ ଭଳି କି ଭଳି ପ୍ରତିଯୋଗିତା ମାନ କରାଯାଇଛି। ସେହିପରି ପହିଲି ରଜରେ ଓଡ଼ିଆ ଚଳଚିତ୍ର ବୋଉ ବୁଟୁ ଭୁତ, ଅନନ୍ତା ବଡ଼ ପରଦାରେ ଆସିଥିବାରୁ ସିନେମା ହଲରେ ଦର୍ଶକଙ୍କ ନାହିଁ ନ ଥିବା ଭିଡ଼ ହୋଇଛି। ସହରରେ ଥିବା ସଙ୍ଗମ ସିନେମା ହଲ, ବୃନ୍ଦାବନ ସିନେମା ହଲ, ଆଏନକ୍ସ ଆଦିଗୁଡିକରେ ଲୋକଙ୍କ ଭିଡ଼ ବେଶ ଜମିଛି। ସେହିପରି ପହିଲି ରଜ ଶନିବାର ଛୁଟିଦିନରେ ପଡିଥିବାରୁ ପାର୍କଗୁଡ଼ିକରେ ବେଶ ଭିଡ଼ ପରିଲକ୍ଷିତ ହୋଇଛି।

## ସର୍ପେଶ୍ୱର ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ

**ଖୁଣ୍ଟୁଣୀ,୧୪।୬(ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ କଟକିଆ ସାହି ପଞ୍ଚାୟତ ବଉଳପଦାଠାରେ ସର୍ପେଶ୍ୱର ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ରଜ ମହୋତ୍ସବ-୨୦୨୫ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକର ବିଶିଷ୍ଟ ସାମାଜିକ କର୍ମୀ ସରୋଜ ସିଂ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ବିଦ୍ୟାଳୟ ସଭାପତି କବିରାଜ ଉଲ୍ଲାସ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୋଲକ ବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ଆଠଗଡ଼ର ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଡ. ଦିଲୀପ କୁମାର ରାମ, ଅଜୟ କୁମାର ପାତ୍ର, ନୃସିଂହ ସାହୁ, କଟକ ମହାନଗର ନିଗମ ତୈଳିକ ବୈଶ୍ୟ ସମାଜ ସମ୍ପାଦିକା ବିଦ୍ୟୁଲତା ସାହୁ, କଟକ ଅନନ୍ତ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ଦୁଷ୍ମନ୍ତ କୁମାର ଦତ୍ତ, ସମ୍ପାଦକ ଦୀପକ କୁମାର ରାଉତ, ଏବଂ ବଉଳପଦା ଗ୍ରାମ ମୁରବୀ ରାଜକିଶୋର ପଣ୍ଡା, ନିରଞ୍ଜନ ପାଣି ଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ସଙ୍ଗୀତ ବିଦ୍ୟାଳୟର କୁନି ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର କୁନିକୁନି ପିଲାମାନଙ୍କ ମନୋମୁଗ୍ଧ କର ନୃତ୍ୟ, ଗୀତରେ ସର୍ପେଶ୍ୱର ରଙ୍ଗମଞ୍ଚ ରଙ୍ଗୀନ ହୋଇ ଉଠିଥିଲା। ସଭାପତି ଉଲ୍ଲାସ କୁମାର ପଣ୍ଡା ଅତିଥି ପରିଚୟ ଓ ଦୁଷ୍ମନ୍ତ ଦତ୍ତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପାଦକ ଦୀପକ ରାଉତ ପରିଚାଳନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଚାଲିଥିବା ନୃତ୍ୟ କାର୍ଯ୍ୟକ୍ରମକୁ ଶହଶହ ଦର୍ଶକ ଉପଭୋଗ କରିଥିଲେ।

## ଚୌଦ୍ୱାରରେ କୋନ ପାନର ଚାହିଦା



ଚୌଦ୍ୱାର ଅଞ୍ଚଳରେ ମହିଳାମାନେ କୋନ ପାନ ଦେଖାଉଛନ୍ତି।

**ଚୌଦ୍ୱାର,୧୪।୬(ଆଶୁତୋଷ ଦାସ)**

ଚୌଦ୍ୱାର ଅଞ୍ଚଳରେ ରଜପର୍ବ ଧୁମଧାମରେ ପାଳନ କରାଯାଉଛି। ଲୋକେ ଆନନ୍ଦ ଉଲ୍ଲାସରେ ଘରେ ଘରେ ପିଠାପଣା ସାଙ୍ଗକୁ ତାସ୍, ବାଗୁଡ଼ି, କବାଡ଼ି ଭଳି ନାନା ରକମର ଖେଳରେ ଯୁବବର୍ଗ ମାତିଥିବାବେଳେ ଝିଅମାନେ ନୂଆଲୁଗା ପିନ୍ଧି, ପାଦରେ ଅଳତା ଲଗାଇ ପୁଚି ଓ ଦୋଳି ଖେଳରେ ଭାଗ ନେଉଛନ୍ତି। ଚଳିତବର୍ଷ ମିଠା ପାନ ଓ କୋନ ପାନର ଚାହିଦା ବେଶ୍ ବଢିଥିବା ଦେଖିବାକୁ ମିଳିଛି। ଚୌଦ୍ୱାର ସହର ଓ ସ୍ଥାନୀୟ ଗ୍ରାମାଞ୍ଚଳରେ ବହୁ ଅସ୍ଥାୟୀ ମିଠାପାନ ଦୋକାନ ଖୋଲିଛି। ପାନ ଖଣ୍ଡିକ ୧୦ଟଙ୍କାରୁ ଆରମ୍ଭ କରି କୋନ ପାନ ଖଣ୍ଡକୁ ୫୦ଟଙ୍କାରେ ବିକ୍ରି କରାଯାଉଛି ଏବଂ ପାନର ମଧ୍ୟ ଭଲ ବିକ୍ରି ଥିବା ଜଣେ ବ୍ୟବସାୟୀ କହିଛନ୍ତି। ସନ୍ଧ୍ୟାରେ ଅଞ୍ଚଳରେ ଥିବା ମନ୍ଦିର ଓ ପାର୍କଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାଜ୍ୟ ବାହାରେ ବିଭିନ୍ନ କର୍ମ ସଂସ୍ଥାନରେ ଥିବା ଲୋକେ ଗାଁକୁ ଫେରି ପରିବାର ସହିତ ରଜପର୍ବ ପାଳନରେ ଆତ୍ମୀୟମାନଙ୍କ ସହିତ ସାମିଲ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ପିଠା ତିଆରି, ପୁଚିଖେଳ, ପିଠାଖିଆ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଆଉ ଗୋଟିଏ ଦିନ ପରେ ରଜ ଶେଷ ହେଉଥିବା ଦୃଷ୍ଟିରୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ, କୁଆଁରୀଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ରଜପର୍ବକୁ ମନଭରି ଉପଭୋଗ କରିବାରେ ଲାଗି ପଡ଼ିଛନ୍ତି।

## ରଜ ମହୋତ୍ସବ ଉଦ୍‌ଘାଟିତ



କଳପଡ଼ାସ୍ଥିତ କଦମ୍ବେଶର୍ ମନ୍ଦିର ଯାତ୍ରା ପଡ଼ିଆରେ ଅନୁଷ୍ଠିତ ରଜ ଉତ୍ସବ କାର୍ଯ୍ୟକ୍ରମ।

**କଟକ ସଦର,୧୪।୬(ସୁଶାନ୍ତ କୁମାର ଜେନା)**

ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ତିନି ଦିନିଆ ରଜ ମହୋତ୍ସବ-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୪୨ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶର୍ ମନ୍ଦିର ଯାତ୍ରା ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୋରନ୍ଦା ମହିମା ଆଶ୍ରମର ସଭାପତି ବାବା ଶୁକଦେବ ଦାସ ଉଦଘାଟନ କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୟୁନିୟନ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ, କଟକ ସଦର ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, କଳପଡ଼ା ସରପଞ୍ଚ ସବିତା ମାଝୀ, ସମିତି ସଭ୍ୟା ପିଙ୍କି ଭୋଇ, ପୂର୍ବତନ ସରପଞ୍ଚ ସରୋଜ ନାୟକ, କଦମ୍ବେଶର ଯଜ୍ଞ କମିଟି ସଭାପତି ରାଜ କିଶୋର ପତି, ୟୁନିୟନର ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର, ମିହିର କୁମାର ପତି, ସୁନୀଲ ମୁଦୁଲି, ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କୁନିପିଲାଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଝୋଟି ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାଟି, ମେଘର ମହାମିଳନ ଗଣପର୍ବ ରଜ

**ଫୁଲନଖରା,୧୪।୬(ସତ୍ୟରଞ୍ଜନ ଦାସମହାପାତ୍ର)**

ଫୁଲନଖରା ଅଞ୍ଚଳର ମର୍ଣ୍ଣିଂ ଫେଷ୍ଟ ଓ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସହଯୋଗ-ଓଡ଼ିଶା ପକ୍ଷରୁ ଉତ୍କଳୀୟ ପରମ୍ପରାରର ଗଣପର୍ବ 'ରଜ ଉତ୍ସବ' ଅବସରରେ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସହଯୋଗ-ଓଡ଼ିଶା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବେ ଶିକ୍ଷାବିତ୍ ତଥା ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ସମ୍ପାଦକ ଡାକ୍ତର ଶରତ କୁମାର ରଥ ଯୋଗଦେଇ ଆଧୁନିକତା ଭିତରେ ରଜ ଗ୍ରାମୀଣ ପରିବେଶରୁ ହଜି ଯାଉଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ପରିଣତ ବୟସରେ ଆମମାନଙ୍କୁ ପୁଣି ରଜ ମନେ କରାଇବାରେ ସାହାଯ୍ୟ କରୁଛି ବୋଲି କହିଥିଲେ। ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାଟି ଓ ମେଘର ମହାମିଳନ ହେଉଛି ଗଣପର୍ବ ରଜ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ସ୍ୱାଧୀନ ଚେତା ମହାନ୍ତି ଓ ଖବରଦାତା ତଥା ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଶିକ୍ଷାବିତ ଆରତୀ ପଣ୍ଡା, ଆଇନଜୀବୀ ଦିଲୀପ ମହାରଣା ଓ ଖବରଦାତା ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରାରେ ରଜ ଉତ୍ସବର ମହତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରେମ, ପ୍ରୀତି ଓ ବନ୍ଧନର ସରୂପ 'ରଜପାନ'କୁ ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇ ବନ୍ଧୁର ସଦ୍ଭାବନା ସୃଷ୍ଟି କରାଯାଇଥିଲା। ଚଳିତବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ଏ-୧ ଗ୍ରେଡ ପାଇଥିବା ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ସର୍ମିଷ୍ଠା ବେହେରା ଓ ସଇନ୍ଧା ନୋଡାଲ ହାଇସ୍କୁଲର ଛାତ୍ରୀ ଅଙ୍କିତା ଦାସଙ୍କୁ ମେଧା ସମ୍ମାନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା କାନନ ବିହାରୀ ନାୟକ ଉତ୍ସବର ଆଭିମୁଖ୍ୟ ବର୍ଣନା କରିଥିବା ବେଳେ ଅନୁଷ୍ଠାନ ବରିଷ୍ଠ ସଦସ୍ୟ ମନୋରଞ୍ଜନ ମହାନ୍ତି, ସୁକାନ୍ତ କୁମାର ସାହୁ, ପ୍ରଭାତ ସାହୁ, ଟୁନା ଜେନା, କୃଷ୍ଣ ଚନ୍ଦ୍ର ଭୋଇ, ବାବାଜି ସାହୁ, ରାଜକିଶୋର ବେହେରା, ନରେଶ ମହାନ୍ତି ଓ ବୈକୁଣ୍ଠ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଫିକି ଫ୍ଲୋ ଭୁବନେଶ୍ୱରର 'ରଜସଜ'



ରଜସଜ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ସୋଫିଆ ଫିର୍ଦ୍ଦୋସ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୪।୬**

ଫିକି ଫ୍ଲୋ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଜସଜ- ୨୦୨୫' ଶନିବାର ସ୍ଥାନୀୟ ମେ ଫେୟାର ହୋଟେଲରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ (ଶୁଭାରମ୍ଭ) କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋସ୍‌ଙ୍କ ସମେତ ଫିକି ଫ୍ଲୋ ଭୁବନେଶ୍ୱରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷା ସିଏସ୍ ସୁନିତା ମହାନ୍ତି, ପୁନମ ମହାପାତ୍ର, ଡ.ନମ୍ରିତା ଚହଲ ଏବଂ ବରିଷ୍ଠ ଉପାଧ୍ୟକ୍ଷା ପି.ଏମ୍.ଉକିଲୀ, ଉପାଧ୍ୟକ୍ଷା ବି. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱରର ଅଧ୍ୟକ୍ଷା ଡା. ପ୍ରଜ୍ଞାପାରମିତା ମିଶ୍ର ସ୍ୱାଗତ ଅଭିଭାଷଣ ସହ ରଜସଜର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଡା. ଗାରିମା ସାରଙ୍ଗୀ ଏବଂ ଡା. ଲୋପାମୁଦ୍ରା ପାତ୍ର ଯୋଗଦେଇ ବର୍ତ୍ତମାନ ସମୟରେ ମହିଳାଙ୍କ ନିକଟରେ ଦେଖାଦେଉଥିବା ମାସିକ ବିଭିନ୍ନ ଲକ୍ଷଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ। ସେହିଭଳି ଏଚ୍‌ବିଟିର ସାମାଜିକ କର୍ମୀ ଦୀପାଞ୍ଜଳି ସ୍ୱାଇଁ ମାନସିକ ଚିନ୍ତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡା. ଚହଲ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ପରିଶେଷରେ ଫିକି ଫ୍ଲୋ ଭୁବନେଶ୍ୱରର ସଦସ୍ୟ ଓ ଉଦ୍ୟୋଗୀସାଥୀଙ୍କ ଦ୍ୱାରା ଆୟୋଜିତ ମିନି ବଜାର ଏବଂ ରଜ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶଙ୍କରପୁର ଅଧିକାରୀ ସୁରେଶ ଚନ୍ଦ୍ର ବାରିକଙ୍କ ପରଲୋକ

**କଟକ,୧୪।୬(କାର୍ତ୍ତିକ ସାହୁ)**

ଶଙ୍କରପୁର ଅଧିକାରୀ ସୁରେଶ ଚନ୍ଦ୍ର ବାରିକ(୭୫)ଙ୍କ ଶନିବାର ଭୋର ପ୍ରାୟ ୪ଟାରେ ଶଙ୍କରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଶେଷ ଶଯ୍ୟା ନିକଟରେ ସ୍ତ୍ରୀ ଚମ୍ପକଲତା, କନିଷ୍ଠ ଭ୍ରାତା ସୁକାନ୍ତ, ସୁଧାଂଶୁ, ସୁଜ୍ଞାନୀ, ସୁବ୍ରତ, କନ୍ୟା ଡାକ୍ତର ପିଙ୍କି ଏବଂ ପୁତ୍ର ବାବି, ବାପି, ବାଚି ଓ ବାଖଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ନିଉ ଏଲ୍ଆଇସି କଲୋନୀ ନିକଟ କଂସାରୀକୁଦ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ବାବି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବାରିକ ଦୀର୍ଘ ୩୦ ବର୍ଷ ହେବ ଶଙ୍କରପୁର ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସର୍ବଦା ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ କରି ଅଞ୍ଚଳବାସୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ସେ ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି ସଭାପତି, ପୂର୍ବାଞ୍ଚଳ ଶାନ୍ତି କମିଟି ଉପଦେଷ୍ଟା ଓ ଶଙ୍କରପୁର-ବାଦାମବାଡ଼ି ପୂଜା କମିଟିରମୁଖ୍ୟ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ମଧ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅବିଭକ୍ତ କଟକ ଜିଲା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ କେନ୍ଦ୍ର ପ୍ରତିନିଧି ମଣ୍ଡଳୀରେ ଯୋଗଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ସିଏମ୍‌ସି ମେୟର ସୁବାସ ସିଂହ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ନୟନ କିଶୋର ମହାନ୍ତି, କମ୍ରେଡ୍ ଆଶିଷ କାନୁନଗୋ, ନାରାୟଣ ରେଣ୍ଟୀ, କିଶୋର ଜେନା, ପ୍ରସନ୍ନ ଦାସ, କମଳପୁର ଅଧିକାରୀ ଅଜୟ ବେହେରା, ଶଗଡ଼ିଆସାହି ଅଧିକାରୀ ନଗେନ୍ ସାମନ୍ତରାୟ, ମାଳିସାହି ଅଧିକାରୀ ଗୌତମ ପରିଜା, ସାମନ୍ତସାହି ଅଧିକାରୀ ଧୀରେନ୍ଦ୍ର ପ୍ରଧାନ, ଚାଉଳିଆଗଞ୍ଜ ଅଧିକାରୀ ପ୍ରଦୀପ ସାହୁ, ଶିଖରପୁର ଅଧିକାରୀ ଗଣେଶ ରାଉତ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ତାଙ୍କ ଶେଷକୃତ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ସମ୍ମାନାର୍ଥେ ଶଙ୍କରପୁର, ଛତ୍ରବଜାର, ବାଦାମବାଡ଼ି, ଗଣେଶବଜାର, ତ୍ରିନାଥଜୀଉ ଯୁବକ ସଂଘ ବଜାରର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରଖାଯାଇଥିଲା।



ସୁରେଶ ଚନ୍ଦ୍ର ବାରିକ

## ସୁରମନ୍ଦିର ରଜ ମହୋତ୍ସବରେ ମୁଗ୍ଧ କଲା ଓଡ଼ିଶୀ ନୃତ୍ୟ



କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଅନୁଷ୍ଠିତ ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କଟକ,୧୪।୬(କାର୍ତ୍ତିକ ସାହୁ)**

**ଗୁରୁ ଆଶିଷ ଦାସଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ, ଶିଳ୍ପୋଦ୍ୟୋଗୀ ସଙ୍ଗୀତା ସାହୁଙ୍କୁ ପ୍ରିୟ ଓଡ଼ିଆଣୀ ସମ୍ମାନ**

ସୁର ମନ୍ଦିର ପକ୍ଷରୁ ଦୁଇଦିନିଆ ୨୭ତମ ରଜ ମହୋତ୍ସବ କଳାବିକାଶ କେନ୍ଦ୍ରଠାରେ ଶନିବାର ଆରମ୍ଭ ହୋଇଛି। ଓଡ଼ିଆ ପରମ୍ପରା ଓ ସଂସ୍କୃତିର ମହାନ୍ ପର୍ବ ରଜକୁ ନୃତ୍ୟ, ସଙ୍ଗୀତର ଝଙ୍କାରରେ ଉପଲବ୍ଧ କରି ଦର୍ଶକ ଅଭିଭୂତ ହୋଇଥିଲେ। ସୁରମନ୍ଦିରର କଳାକାରମାନେ ସମବେତ ପହିଲି ରଜ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ଏକକ ନୃତ୍ୟ, ନୂପୁର ଅନୁଷ୍ଠାନ ନୃତ୍ୟଶିଳ୍ପୀଙ୍କ ଦ୍ୱୈତ ନୃତ୍ୟ ଏବଂ ତ୍ରିଧାରା ଅନୁଷ୍ଠାନର କଳାକାରଙ୍କ ଦଳଗତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ପୂର୍ବତନ ବିଚାରପତି ଡି.ପି. ଚୌଧୁରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏକ କମ୍ପାନୀର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି, ଅନ୍ୟ ଏକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ଶିକ୍ଷାବିତ୍ ଆର. ଏନ୍ ମହାନ୍ତି ଓ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ମହାନ୍ ଓଡ଼ିଆ ପର୍ବ ରଜ ପାଳନର ମହନୀୟତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ଆଶିଷ ଦାସଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଓ ଶିଳ୍ପୋଦ୍ୟୋଗୀ ସଙ୍ଗୀତା ସାହୁଙ୍କୁ ପ୍ରିୟ ଓଡ଼ିଆଣୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଚଣ୍ଡୀ ପରିଜା ଧନ୍ୟବାଦ ଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ପାଳିତ

**କଟକ ସଦର,୧୪।୬(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ବେଣ୍ଟକାରଠାରେ ରଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ମଣ୍ଡଳ ପ୍ରତିନିଧି ପ୍ରବେଶ କୁମାର ରାଉତ, ମଣ୍ଡଳ ସଧାରଣ ସମ୍ପାଦକ ସତ୍ୟଦୀପ ସାହୁ, ସଦର ମଣ୍ଡଳ ସଂଯୋଜକ ସୁରେଶ ଜେନା, ୪୨ ମୌଜା ଭାଜପା ସଚେତକ ସମୀର ରଞ୍ଜନ ପଣ୍ଡା, ସୁଶାନ୍ତ ରାଉଳ, ନିରଞ୍ଜନ ରାଉଳ, ମଣ୍ଡଳ ଉପସଭାପତି ପ୍ରିୟ ରଞ୍ଜନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋର ନଗରଠାରେ ଅନୁଷ୍ଠିତ ମହୋତ୍ସବରେ ଅତିଥି ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ହିମାଂଶୁ ମହାନ୍ତି, ତନ୍ମୟ ଦାସ, ସୁଜାତା ସେଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଡିଏଚ୍‌ଏଚ୍‌କୁ ସ୍ଥାନାନ୍ତର ହେବ ରକ୍ତଭଣ୍ଡାର

**ବିଶ୍ୱ ରକ୍ତଦାତା ଦିବସ**

■ ୧୬ ରକ୍ତଦାତା ସମ୍ବର୍ଦ୍ଧିତ

ଖୋର୍ଦ୍ଧା୧୪।୬(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ରକ୍ତଦାତା ଏବଂ ଅନ୍ୟମାନେ।

ରକ୍ତଦାନ ମହତ ଦାନ। ସମାଜରେ ଯେତେପ୍ରକାର ଦାନ ରହିଛି, ତାହାଠୁ ଅମୂଲ୍ୟ ଦାନ ହେଉଛି ରକ୍ତଦାନ। ଏନେଇ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜୁନ ୧୪ରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଥାଏ ବୋଲି ଡା.ଜୟରାମ ପାଢ଼ୀ କହିଛନ୍ତି। ଚଳିତ ବର୍ଷର ବାର୍ତ୍ତା ରହିଛି 'ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣରକ୍ଷା କରିବା'। ଏହି ଅବସରରେ ଶନିବାର ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରକ୍ତଦାତା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତ ଭଣ୍ଡାର ଡା.ସୌଭାଗ୍ୟ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡା.ପାଢୀ କହିଥିଲେ ଯେ, ରକ୍ତଦାନର ମହତ୍ୱ ଉପରେ ଲୋକମାନଙ୍କୁ ଏହି ଦିବସରେ ସଚେତନ କରାଯାଏ। ରକ୍ତଦାନ ଦ୍ୱାରା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କାରିପାରିବା। ବିଶ୍ୱ ତଥା ଭାରତବର୍ଷରେ କୋଟି କୋଟି ରକ୍ତଦାତା ଅଛନ୍ତି, ଯେଉଁମାନେ ଏଭଳି ମହତ କାମ ପାଇଁ ହାତ ବଢ଼ାଇଥାନ୍ତି। ସେମାନଙ୍କ ଏହି ମହତ କାମକୁ ଅନୁସରଣ କରିବା ଦରକାର। ଆଗାମୀ ଦିନରେ ଖୋର୍ଦ୍ଧା ରକ୍ତଭଣ୍ଡାରରେ ବର୍ଷକକୁ ପ୍ରାୟ ୧୦ହଜାର ୟୁନିଟ ସଂଗ୍ରହ କରାଯାଇପାରିବ, ସେଥିଲାଗି ସହଯୋଗ, ସହଭାଗିତା ଜରୁରୀ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମିତ କୋଠାକୁ ରକ୍ତଭଣ୍ଡାର ସ୍ଥାନାନ୍ତର ପାଇଁ ପ୍ରୟାସ ଜାରି ରହିଛି, ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ସମାପନ ହେବ। ଏହି ଅବସରରେ ୨ ଦିବ୍ୟାଙ୍ଗଙ୍କ ସମେତ ୧୬ଜଣ ନିୟମିତ ରକ୍ତଦାତାଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିପିଏଚ୍‌ଓ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଡିପିଏଚ୍‌ଓ ରବୀନ୍ଦ୍ର କୁମାର ପାରମାଣିକ, ରକ୍ତଭଣ୍ଡାରର ବରିଷ୍ଠ ଟେକ୍ନିସିଆନ ଅରୁଣ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ରକ୍ତଦାତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରକ୍ତଭଣ୍ଡାରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସବୁଠି ପହିଲି ରଜର ମଜା

ଜଟଣୀ,୧୪।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ପହିଲି ରଜ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ସାଂସ୍କୃତିକ ଅନୁଷ୍ଠାନ ଉତ୍ତରାୟଣୀ କ୍ଲବ ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ପରିସରରେ ରଜ ଉତ୍ସବ ଆୟୋଜିତ ହୋଇଥିଲା। ରଜ ଦୋଳି, ରଜ ପାନ, ପିଠାଠାରୁ ଆରମ୍ଭକରି ବିଭିନ୍ନ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯୁବତୀ ଏବଂ ମହିଳାମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ସେହିପରି ମଦନପୁରଠାରେ ଚତୁର୍ଥ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କମିଟିର ଛେନୁ ପଟ୍ଟନାୟକ ଏବଂ ଆୟୋଜକ କମିଟିର ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ରଜ ପାଇଁ ଗାଁ ଉତ୍ସବମୁଖର


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୪।୬(ଦେବବ୍ରତ ହୋତା)

ରଜ ପର୍ବ ପାଇଁ ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ଅସରଳା ଗ୍ରାମରେ ଦଧିବାମନ ଦେବଙ୍କୁ ପଟୁଆରରେ ଗ୍ରାମ ପରିକ୍ରମା ସହ ବିଭିନ୍ନ ସାହି ପକ୍ଷରୁ ନାଟକ ପ୍ରଦର୍ଶନ କାର୍ଯ୍ୟକ୍ରମ ପହିଲି ରଜରେ ଆରମ୍ଭ ହୋଇଛି। ଧଳାପଥରଠାରେ ୪ଦିନ ଅନୁଷ୍ଠିତ ହେବାକୁ ଥିବା ରଜ ମହୋତ୍ସବକୁ ଶନିବାର ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଉଦ୍‌ଘାଟନ କରିବା ସହ ଦୋଳି ଖେଳିଥିଲେ। ମହୋତ୍ସବ କମିଟି ସମ୍ପାଦକ ରମେଶ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ପ୍ରଦୀପ ସାହୁ, ପ୍ରଫୁଲ୍ଲ ପ୍ରଧାନ, ରୁପଶ୍ରୀ ରାଣୀ ଗୁମାନସିଂ, ସୁବାସ ରାୟଗୁରୁ, ପ୍ରଦୀପ୍ତ ଛୋଟରାୟ ଏବଂ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୃତ୍ୟଗୀତର ଆସର ଜମିଥିଲା। ମାଣିବନ୍ଧ ପଞ୍ଚାୟତ ବଡ଼ନୟାପଲ୍ଲୀ ଗ୍ରାମରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁନନ୍ଦା ବରାଳଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଧବ ଚନ୍ଦ୍ର ବଳବନ୍ତରାୟଙ୍କ ଅଧ୍ୟକ୍ଷତା, ବାପି ମହାପାତ୍ର ସଂଯୋଜନା କରିଥିବା ବେଳେ ବିଧାୟକ ପ୍ରଦୀପ ସାହୁ, ପ୍ରଫୁଲ୍ଲ ପ୍ରଧାନ, ବାସୁଦେବ ମହାପାତ୍ର, ମନୋଜ ଜୟସିଂହ, ସୁଶାନ୍ତ ମଲ୍ଲିକ, ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୋପାଳପୁର ପଞ୍ଚାୟତ ତାଳତୁମ୍ବ ମା' ମହିଷାଶୁଣିଙ୍କ ପୀଠରେ ପହିଲି ରଜ ଉତ୍ସବ ପାଳିତ ହୋଇଯାଇଛି। ସୁଧୀର ନାୟକଙ୍କ ଉଦ୍ୟମରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ, ବିଜୟ ନାୟକ, ଅଧ୍ୟାପକ ତ୍ରିଲୋଚନ ସାହୁ ଓ ପ୍ରଦୀପ ସାହୁ, ଶ୍ରୀଧର ସାହୁ, ପଞ୍ଚାନନ ରଥ, ହାଡ଼ିବନ୍ଧୁ ଲେଙ୍କା, ବୁଦ୍ଧିବାମନ ସେନାପତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରଗତି ମହାନ୍ତି ରଜ କୁଇନ -୨୦୨୫ ହୋଇଥିଲେ। ସେହିପରି ଆରିକିମାସ୍ଥିତ ମା'କୋଶଳାଶୁଣୀ, ରାସୋଳର କୁଣ୍ଡାଖାଇ ଠାକୁରାଣୀଙ୍କ ପୀଠ ସମେତ କପାସିଆ ଚୁଡ଼ା, ବାଙ୍କୋଇ,ପିଚୁକୁଳି ଓ ଅନ୍ୟାନ୍ୟ ଗ୍ରାମରେ ରଜ ଉତ୍ସବ ଆରମ୍ଭ ହୋଇଯାଇଛି।

## ରକ୍ତଦାନ କରି ଜୀବନ ବଞ୍ଚାଇବାକୁ ଆହ୍ୱାନ

ବେଗୁନିଆ,୧୪।୬(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ରକ୍ତଦାତା ଦିବସ ଅବସରରେ ବ୍ରାହ୍ମସେନା ଯୁବପରିଷଦ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସଂଯୋଜନାରେ ଅତିଥିଭାବେ ଡ.ହରିପ୍ରସାଦ ଦାସ ଯୋଗଦେଇଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତା ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାନ କରି ଅନ୍ୟର ମୂଲ୍ୟବାନ ଜୀବନକୁ ସୁଖମୟ କରିବା ମାନବିକତାର ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ ମୋଟ୍ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ସୌରଭ ସୁନ୍ଦରାୟ, ଲାବ ଟେକ୍ନିସିଆନ ଅରୁଣ କୁମାର ସାହୁ, ଝୁନୁଲତା ସାହୁ ଓ ସହାୟିକା ଅମିତା ନାୟକ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏହି ଅବସରରେ ରକ୍ତଦାନ ଗଁପୁର ଗ୍ରାମର ତପନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାନସ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଜ୍ୟୋତିକୃଷ୍ଣ ପ୍ରଧାନ, ସାମାଜିକକର୍ମୀ ଅଶ୍ୱିନୀ କୁମାର ପଟ୍ଟନାୟକ, ସଭ୍ୟ ରମାକାନ୍ତ ରଣା, ସୁଧାଂଶୁ ଶେଖର ରଣା, ପ୍ରଭୁ ପ୍ରସାଦ ମହାପାତ୍ର, କବୟିତ୍ରୀ ମାନସୀ ଦାସ, ପ୍ରଭାତ କୁମାର ରଣା ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

### ଚୋରା ମଦ ଜବତ, ଜଣେ ଗିରଫ

ଟାଙ୍ଗୀ,୧୪।୬(ରଘୁନାଥ ସାହୁ): ଟାଙ୍ଗୀ ଥାନା ପକ୍ଷରୁ କୁହୁଡ଼ି ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରତ୍ୟୁଷ ନାୟକ। ସୂଚନା ମୁତାବକ, କୁହୁଡି ଷ୍ଟେଶନ ରାସ୍ତାପାର୍ଶ୍ୱରେ ଥିବା ପ୍ରତ୍ୟୁଷଙ୍କ ଘରେ ପୋଲିସ ଅତର୍କିତ ଭାବେ ଚଢ଼ାଉ କରିଥିଲା। ତାଙ୍କ ଘରୁ ବହୁପରିମାଣର ଚୋରା ମଦ ଜବତ ହୋଇଥିବା ବେଳେ ପ୍ରତ୍ୟୁଷଙ୍କୁ ଗିରଫ କରାଯାଇଥିବା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି।

### ବାଦୀପାଲା ଆରମ୍ଭ

ଟାଙ୍ଗୀ,୧୪।୬ (ରଘୁନାଥ ସାହୁ): ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରେ କୈବର୍ତ୍ତ ସଂଘ ଆନୁକୁଲ୍ୟରେ ବାଦୀପାଲା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ସମୟରେ ମାନବ ସମାଜ ପାଲା ସଂସ୍କୃତି, ଓଡ଼ିଆ ପରମ୍ପରାକୁ ଭୁଲିଯିବାକୁ ବସିଥିବା ବେଳେ କୈବର୍ତ୍ତ ସଂଘର ଏହି ବାଦୀପାଲା ଆୟୋଜନକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ୫ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ବାଦି ପାଲା ଆୟୋଜନ ହେଉଛି। ଟାଙ୍ଗୀ ଏବଂ ଏହାର ଆଖପାଖ ଅଂଚଳର ବହୁ ଲୋକେ ରହି ପାଲା ଉପଭୋଗ କରୁଥିବା ଦେଖାଯାଉଛି। ଚଳିତ ବର୍ଷ ଗାୟକ ବେଦ ବିଶାରଦ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ଗାୟକ ମଂଜୁଳ ବିଶାରଦ ସୌରଭ ଶିଶିର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିବା ଜଣାପଡ଼ିଛି। କୈବର୍ତ୍ତ ସଂଘର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଘାଟିତ

କଳାପଥର,୧୪।୬(ଗଙ୍ଗାଧର ସାହୁ): ସାଂସ୍କୃତିକ ଅନୁଷ୍ଠାନ 'ପରଦା' ଆନୁକୂଲ୍ୟରେ ଆଞ୍ଚଳିକ ରଜ ମହୋତ୍ସବ ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ସକାଳେ କପିଳେଶ୍ୱର ଏବଂ ଧବଳେଶ୍ୱରଙ୍କ ପୀଠରୁ ଜ୍ୟୋତି ଆସିବା ପରେ ମଞ୍ଚ ପୂଜା ହୋଇଥିଲା। ସନ୍ଧ୍ୟାରେ ଉଦ୍‌ଘାଟନ ଉତ୍ସବରେ ଅତିଥିଭାବେ ଶୁଭ୍ରାଂଶୁ ଶେଖର ପାଢ଼ୀ, ବିଭୂତି ଭୂଷଣ କର, ପବିତ୍ର ମହରଥା, ସୁଶାନ୍ତ କୁମାର ନାଥ, ଦୁର୍ଯ୍ୟୋଧନ ସ୍ୱାଇଁ, ଦୀପକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ହୁଳହୁଳି, ଝୋଟି, ଚୁଟି, କୁଇଜ ଆଦି ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସ୍କୁଲ ପିଲାଙ୍କ ଦ୍ୱାରା ରଜ ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

# ପାଇକ ଆଖଡ଼ା, ଭଜନ ସମାରୋହ ସାଜିଲା ଆକର୍ଷଣ


ଖୋର୍ଦ୍ଧା ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ସନ୍ଧ୍ୟାରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

**ଜିଲାସ୍ତରୀୟ ବିକାଶ ମେଳାର ୩ୟ ସନ୍ଧ୍ୟା**

ଖୋର୍ଦ୍ଧା,୧୪।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପରିକ ଖାଦ୍ୟମେଳାର ତୃତୀୟ ଦିବସ ଅବସରରେ ଶନିବାର ପାଇକ ଆଖଡା, ଭଜନ, ଓଡିଆ ଚଳଚ୍ଚିତ୍ରର ସଙ୍ଗୀତ ପରିବେଷଣ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମିବା ସହ ପହିଲି ରଜର ମଜା ଉଠାଇଥିଲେ। ବିଭୁ ପ୍ରସାଦ ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା (ପାଇକ ବିଦ୍ରୋହ ସ୍ମୃତି) ପ୍ରଦର୍ଶନ ହୋଇଥିଲା। ସଙ୍ଗୀତ ବିଶାରଦ ଜଳଧର ପ୍ରଧାନ ଓ ସାଥୀ କଳାକାର ଓଡ଼ିଆ ଚଳଚ୍ଚିତ୍ର କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଓଡ଼ିଆ ପରିବାର ଚାଲିଚଳନ, ପିତାମାତାଙ୍କ ପ୍ରତି ପୁଅଝିଅଙ୍କ ସମ୍ମାନ, ଭାଇ ଓ ଭଉଣୀ ମଧ୍ୟରେ ସ୍ନେହ ଶ୍ରଦ୍ଧା ତଥା ଆଦର୍ଶ ପାରିବାରିକ କାହାଣୀ ଉପରେ ପରିବେଷିତ ଏହି ଚଳଚ୍ଚିତ୍ରକୁ ଦର୍ଶକ ଉପଭୋଗ କରିଥିଲେ। ସେହିପରି ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ଷ୍ଟଲରେ ଦର୍ଶକମାନେ ଖାଦ୍ୟ ପସରା ମଜା ଉଠାଇଥିଲେ। ଓରମାସ ପକ୍ଷରୁ ବିଭିନ୍ନ ବିଭାଗୀୟ ୩୦ଟି ଷ୍ଟଲରେ ଭାଜପା ସରକାରଙ୍କ ଏକ ବର୍ଷ ଉପଲବ୍ଧି ଅନେକର ସଫଳତା ପ୍ରଦର୍ଶନ କରାଯାଉଛି। ବିକାଶ ମେଳାରେ ଆମ ଗାଁ ଆମ୍ଭ ପସରା ଗ୍ରାହକଙ୍କ ଚାହିଦା ରହିଛି। ଏହି କାର୍ଯ୍ୟକ୍ରମରେ ହିମାଂଶୁ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# କଣ୍ଟାରେ ଗଡ଼ିଲେ ମାନସିକଧାରୀ



ଯାଁଳା,୧୪।୬(ବୁଲା ବାରିକ)

**ଓଗାଳପଡ଼ାରେ ଝାମୁଯାତ୍ରା**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଅନ୍ତର୍ଗତ ଓଗାଳପଡ଼ାସ୍ଥିତ ମୃଗେଶ୍ୱର ମହାଦେବଙ୍କ ପୀଠରେ ରଜରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ତଥା ପାଟୁଆମାନେ ମାନସିକ କରି ମୃଗେଶ୍ୱରଙ୍କ ପୀଠରେ ୫ଦିନ ପୂର୍ବରୁ ରହିଥାନ୍ତି। ଏହି ପୀଠରେ ରହି ଝାମୁ ଚାଲିଲେ ନିଜର ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ନିଆଁରା ଝାମୁଯାତ୍ରା ପ୍ରାୟ ୭୦ବର୍ଷ ଧରି ଏଠାରେ ପାଳିତ ହୋଇଆସୁଛି। ଶନିବାର ଥିଲା ଅଘୋରତପ ପର୍ବ। ଚଳିତ ବର୍ଷ ଆଖପାଖ ଅଞ୍ଚଳର ପ୍ରାୟ ୩୦ଜଣ ପାଟୁଆ ୫ଦିନ ପୂର୍ବରୁ ବ୍ରତ ଧାରଣ କରି ନିଷ୍ଠାର ସହ ରହିଥିଲେ। ପହିଲି ରଜ ଅବସରରେ ମାନସିକଧାରୀମାନେ ସ୍ନାନକରି ମନ୍ଦିର ବେଢ଼ାରେ କଣ୍ଟାରେ ଗଡ଼ିଥିଲେ। ପରେ ବେଢ଼ା ପରିସରରେ କରାଯାଇଥିବା ଅଘୋରତପ କୁଣ୍ଡରେ ଜଣେ ମାନସିକଧାରୀ ନିଆଁରେ ଝୁଲିଥିଲେ। ରବିବାର ରଜ ସଂକ୍ରାନ୍ତି ଅବସରରେ ମାନସିକଧାରୀମାନେ ନିଆଁରେ ଝାମୁ ଚାଲିବା ପରେ ବ୍ରତ ସମାପନ କରିବେ।

# ଟ୍ୟାପ୍‌କୁ ଆସୁନି ପାନୀୟଜଳ, ସରପଞ୍ଚଙ୍କୁ ଘେରିଲେ ଗ୍ରାମବାସୀ



ବୋଲଗଡ଼,୧୪।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଦର ମହକୁମାରେ ସ୍ୱଜଳଧାରା ଯୋଜନାରେ ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ନବେ ଦଶକରେ ହୋଇଥିବା ବ୍ୟବସ୍ଥା ଏବେ ସଙ୍କଟରେ ପଡ଼ିଛି। ପମ୍ପହାଉସଠାରୁ ଜଳଯୋଗାଣ ପାଇଁ ଯାଇଥିବା ମୁଖ୍ୟ ପାଣି ପାଇପରେ ବେଆଇନ ଭାବେ ଟ୍ୟାପ ସଂଯୋଗ କରି ପାଣି ନେବା ଏବଂ ଅନ୍ୟ କେତେଜଣ ପରିବାର ଏହି ମୁଖ୍ୟ ପାଇପରୁ ପାଣିମୋଟର ଲଗାଇ ପାଣି ଚୋରି କରିବା ଦ୍ୱାରା ତଳମୁଣ୍ଡରେ ଥିବା ଟ୍ୟାପକୁ ପାଣି ଆସୁ ନ ଥିବା ଅଭିଯୋଗ ହେଉଛି। ଏନେଇ ଗ୍ରାମର ବହୁ ପରିବାର ଟ୍ୟାପ ପାଣି ପାଇବାରୁ ବଞ୍ଚିତ ହେବା ସହ ଅନ୍ୟସ୍ଥାନରୁ ପାଣି ଆଣିବା ପାଇଁ ଧାଡ଼ିରେ ଛିଡ଼ାହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପାନୀୟଜଳ ପାଇବାରୁ ବଞ୍ଚିତ ହେଇଥିବା ପରିବାର ସଦସ୍ୟମାନେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରପଞ୍ଚ ଜଳଧର ମହାନ୍ତିଙ୍କୁ ଘେରାଉ କରିଥିଲେ। ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ମାଧ୍ୟମରେ ତଦନ୍ତ କରି ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସହଯୋଗ କରିବାକୁ ଦାବି କରିଥିଲେ। ତେବେ ସରପଞ୍ଚ ମହାନ୍ତି ଗ୍ରାମବାସୀମାନେ ଆପୋଷ ବୁଝାମଣା ମାଧ୍ୟମରେ ଏହି ବେଆଇନ ସଂଯୋଗ ଓ ମଟର ଦ୍ୱାରା ପାଣି ଚୋରି ରୋକିବାକୁ କହିଥିଲେ। ଏହି ସମସ୍ୟା ସମାଧାନ ପାଇଁ ଗ୍ରାମସଭାରେ ନିଷ୍ପତି ନିଆଯିବ ବୋଲି ସୂଚନା ମିଳିଛି।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

| | |
|---|---|
| ଷ୍ଟେସନ ଏବଂ ସ୍ଥାନ: | ସୋମ୍‌ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)। |
| ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: | ତା. 24.06.2025 ରିଖ 1100 ଘଣ୍ଟା। |
| ନିଲାମ ଶେଷ ତାରିଖ ଓ ସମୟ: | ତା. 24.06.2025 ରିଖ 1130 ଘଣ୍ଟା। |

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-237/Q/25-26



**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5259



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com

**Bid Identification No. S.E.E.C. (R&B) 05/2025-26**

No. 2012 Date: 06.06.2025

No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0036/2526



**STATE INSTITUTE OF HOTEL MANAGEMENT**
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)

**SPOT ADMISSION** NCHMCT
**FOR HOTEL MANAGEMENT COURSES**

FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
**DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN**
Age: No age limit
Duration - 03 Years

FOR 10+2 PASSOUT CANDIDATES
**DIPLOMA IN HOTEL MANAGEMENT**
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months

FOR CLASS 10 PASSOUT CANDIDATES
**CERTIFICATE COURSE IN FOOD PRODUCTION/VEGETARIAN**
Age: No age limit
Duration - 1 Year & 6 Months
&
**CERTIFICATE COURSE IN FOOD & BEVERAGE SERVICE**
Age: No age limit
Duration - 6 Months

FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031



**PUBLIC NOTICE**

All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**

The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.

The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.

They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.

**Schedule of the Property**

**Land:** All that piece and parcel of Plot Nos. 1744 and 1746, Mouza- Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;

**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.

**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in

## ଧୁମ୍‌ଧାମ୍‌ରେ ପାଳିତ ହେଲା ପହିଲି ରଜ

**କଣାସ,୧୪।୬(ବିଭୂତି ଭୂଷଣ ତ୍ରିପାଠୀ)**

ଓଡ଼ିଆଙ୍କ ଗଣପର୍ବ ରଜକୁ ନିଆରା ଢଙ୍ଗରେ କଣାସର ବିଭିନ୍ନ ଗ୍ରାମାଞ୍ଚଳରେ ପାଳନ କରାଯାଇଛି। କଣାସ ବ୍ଲକର ସିରେଇ ଗ୍ରାମପଞ୍ଚାୟତର ସିରେଇ, ଦେଓିଆପଡ଼ା ଗ୍ରାମର କୁଆଁରୀ ଝିଅମାନେ ସକାଳୁ ନୂଆଡ୍ରେସ୍ ପିନ୍ଧି, ସଜବାଜ ହୋଇ ରଜର ପ୍ରଥମ ଦିନରେ ନାଚ, ଗୀତ, ଖେଳକୁଦ ସହ ରଜ ଦୋଳି ଖେଳି ଦିନଟିକୁ ଉପଭୋଗ କରିଥିଲେ। ଏହାସହ ରଜପାନ, ପୋଡ଼ପିଠା ଖାଇ ବିଭିନ୍ନ ପ୍ରକାର ଖେଳକୁଦରେ ଝିଅମାନେ ମାତିଥିଲେ। ପୂର୍ବପରି ଆଉ ପୁରାତନ ବୃକ୍ଷମାନ ନ ଥିବାରୁ ବଡ଼ ରଜ ଦୋଳି ଦେଖିବାକୁ ମିଳୁନାହିଁ କି କୁଆଁରୀ ଝିଅମାନଙ୍କ ବନସ୍ତେ ଡାକିଲା ଗଜ, ଆଜିତ ପହିଲି ରଜ ଗୀତ ବାଟୋଇଙ୍କୁ ଆକର୍ଷଣ କରିପାରୁନାହିଁ। ଦେଓିଆପଡ଼ା ଗ୍ରାମର କୁଆଁରୀ ଝିଅମାନେ ଦିନତମାମ ପହିଲି ରଜ ଉପଲକ୍ଷେ ପୁଚି, ଦଉଡି ଡିଆଁ, ଦୋଳି, ତାସ ଖେଳୁଥିବାବେଳେ ଯୁବକମାନେ କବାଡ଼ି ଏବଂ ବରିଷ୍ଠ ନାଗରିକମାନେ ତାସ, ପଶା ଖେଳରେ ମଜି ରହିଥିଲେ।

# ରଜ ମହୋତ୍ସବ ଉଦ୍‌ଘାଟିତ

### ଦୋଳି ଖେଳିଲେ ଏମ୍‌ପି

**ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ୩ ଦିନିଆ ରଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁକ୍ତାକାଶ ମଞ୍ଚଠାରେ ଆୟୋଜିତ ଏଗି ରଜ ମହୋତ୍ସବକୁ ଏମ୍‌ପି ବିଭୁ ପ୍ରସାଦ ତରାଇ ଉଦ୍‌ଘାଟନ କରିବା ସହ ନିଜେ ଦୋଳି ଖେଳିଥିଲେ। ଏଥିସହ ପିଠା, ପାନ ବଜାର ଓ ବିଭିନ୍ନ ଷ୍ଟଲ ବୁଲି ପରିଦର୍ଶନ କରିଥିଲେ। ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ସାମାଜିକ କର୍ମୀ ମହେନ୍ଦ୍ର ସିଂ ଭାଟିଆ



ରଜ ମହୋତ୍ସବରେ ମଞ୍ଚାସୀନ ଅତିଥି।

ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ସଫଳ କାମନା କରିଥିଲେ। ଉତ୍ସବର ଉଦ୍‌ଘାଟନ ଦିବସରେ ପାନ ଭଙ୍ଗା, ସଙ୍ଗୀତ, ଝୋଟି, ଢଗଢମାଳି, ଟଙ୍ଗ୍‌ଟ୍ୱିଷ୍ଟର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହୋତ୍ସବ ସ୍ଥଳରେ ଏସ୍‌ଏଚ୍‌ଜି ଗ୍ରୁପ୍ ପକ୍ଷରୁ ୩୦ଟି ଷ୍ଟଲ ଖୋଲାଯାଇଥିଲା। ଉତ୍ସବ ମଣ୍ଡପଠାରେ ଆୟୋଜିତ ପିଠା ଓ ରଜପାନ ବଜାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ନୟାସବେରା ସମ୍ପାଦକନିର୍ମଳ ପରିଜା, ଉପଦେଷ୍ଟା ପ୍ରତାପ ସାବ୍ରତ, ଜୀବନଜ୍ୟୋତି ଶତପଥି, ବନୀତା ଜେନା, ସୁଲଗ୍ନା ସାହୁ, ପ୍ରିୟଦର୍ଶିନୀ ପତି, ଶ୍ରଦ୍ଧାଞ୍ଜଳି ଓଝା, ଟି. ମୁନି, ଅନୁପମା ରାଉତ ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ଅସ୍ତରଙ୍ଗରେ ଝାଡ଼ାବାନ୍ତି: ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଅସ୍ତରଙ୍ଗ, ୧୪।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଶ୍ୱଭାରତ ମହାଲିକଙ୍କ କହିବା ଅନୁଯାୟୀ,ଗତ୨୪ଘଣ୍ଟାମଧ୍ୟରେ୨୦ରୁଉର୍ଦ୍ଧ୍ୱଝାଡ଼ାବାନ୍ତିରୋଗୀଚିକିତ୍ସାଧୀନଅଛନ୍ତି।

ଗ୍ରାମାଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ନୂଆଗଡ଼ ଗ୍ରାମର ପ୍ରମୋଦ ମହାନ୍ତି (୬୨), ଅସନ କଳ୍ପନା ନାୟକ (୨୪)ଙ୍କ ସମେତ ୨୦ଜଣ ଚିକିତ୍ସା ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଶିଶୁ, ମହିଳା ଓ ବୟସ୍କ ଅଛନ୍ତି। ଝାଡାବାନ୍ତିର କାରଣ ଦୂଷିତ ଜଳ ବ୍ୟବହାର ବୋଲି କୁହାଯାଉଛି। ତେବେ ପ୍ରକୃତ କାରଣ ଖୋଜା ଚାଲିଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ମହାଲିକ କହିଛନ୍ତି, ଖାଦ୍ୟ ବିଷକ୍ରିୟା କିମ୍ବା ଦୂଷିତ ଜଳ ଯୋଗୁ ରୋଗ ବ୍ୟାପୁଥିବା ସନ୍ଦେହ କରାଯାଉଛି। ନଚେତ ହଠାତ ପାଗ ପରିବର୍ତ୍ତନ ଯୋଗୁ ଏପରି ହୋଇଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ଲୋକଙ୍କୁ ସଚେତନ ରହିବା ସହ ସ୍ୱଚ୍ଛ ବିଶୁଦ୍ଧ ପାଣି ପିଇବା ଏବଂ ଭୋଜିଭାତରେ ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି।


ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

## ବିକାଶ ମେଳାରେ ଫଟୋ ପ୍ରଦର୍ଶନୀ

**ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)**

ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଶରଧାବାଲିରେ ଆୟୋଜିତ ବିକାଶ ମେଳାରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ସହ ଫୁଡ୍ ଷ୍ଟଲ ଲାଗିଛି। 'ବର୍ଷ ଏକ ଉପଲବ୍ଧି ଅନେକ' ନାମରେ ଆୟୋଜିତ ଏହି ବିକାଶ ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକୁ ୨୫ଟି ଷ୍ଟଲ ମାଧ୍ୟମରେ ଏଥିରେ ପ୍ରଦର୍ଶିତ ହେଉଛି। ସେହିପରି ୨୫ଟି ଫୁଡ୍ ଷ୍ଟଲ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଦ୍ୱାରା କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଧ୍ୟ ଗୋଟିଏ ପ୍ରଦର୍ଶନୀ ମଣ୍ଡପ କରାଯାଇଛି, ଯେଉଁଥିରେ ବିଭିନ୍ନ କାର୍ଯ୍ୟକ୍ରମ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ ସମ୍ବଳିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଉଦ୍‌ଘାଟନୀ ଦିବସରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦର୍ଶନୀ ମଣ୍ଡପକୁ ପରିଦର୍ଶନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ଏହା ପରିଚାଳିତ ହେବା ସହ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ବିକ୍ରୟ ମଧ୍ୟ କରାଯାଉଛି।

## ନରସିଂହପୁର ହାଟରେ ରଜ ମହୋତ୍ସବ



ରଜ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଯୋଗେଶ୍ୱରପୁର,୧୪।୬(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଧୂମାଳ ପଞ୍ଚାୟତର ନରସିଂହପୁର ହାଟ ମା' ଚାଟଖାଇ ଠାକୁରାଣୀଙ୍କ ନିକଟରେ ରଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାକଟପୁର ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ବା ବିଶ୍ୱଭୂଷଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ଧୂମାଳ। ପୂର୍ବତନ ସରପଞ୍ଚ ମାନସ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ତରାଇ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପରିଡ଼ା ଓ ସମାଜିକ କର୍ମୀ ତ୍ରୀର୍ଥବାସୀ ଦାସ ପ୍ରମୁଖ ଯୋଗଦେଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ଆୟୋଜକ ସମ୍ପଦ ମହାନ୍ତି ଫାର୍ମ ହାଉସ ପକ୍ଷରୁ ୩ ଦିନ ଧରି ରଜ ଉତ୍ସବ ପାଳନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଶେଷରେ କୁନି କୁନି କଳାକାରଙ୍କୁ ଅତିଥିମାନେ ମାନପତ୍ର ସହ ସନ୍ତନାମୂଳକ ପୁରସ୍କାର ପ୍ରଦାନ କରିଥିଲେ।

## ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଘରେ ଭାଜପା ଅଫିସକୁ ବିରୋଧ

**କାକଟପୁର/ଅସ୍ତରଙ୍ଗ,୧୪।୬(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପୁରୀ ଜିଲା ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଞ୍ଚାୟତରେ କିଛିବର୍ଷ ପୂର୍ବେ ଦୁଗ୍ଧ ଉତ୍ପାଦନ ସମବାୟ କେନ୍ଦ୍ର ଥିବାବେଳେ କିଛି ଦିନ ହେବ ତାହା ବନ୍ଦ ହୋଇଯାଇଛି। ସେହି ଜରାଜୀର୍ଣ୍ଣ ଘରକୁ ମରାମତି କରି ପାଟଳଦା ପଞ୍ଚାୟତ ଭାଜପା ପାର୍ଟି ଅଫିସ କରିବାକୁ କର୍ମକର୍ତ୍ତା ପ୍ରସ୍ତୁତ ହେଉଛନ୍ତି। ତେବେ ଦୁଗ୍ଧ ସମବାୟ ଘରେ କିପରି ଭାବେ ପାର୍ଟି ଅଫିସ କରାଯିବ ନେଇ ପାଟଳଦା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ସମେତ ଚାଷୀ ଅଭିଯୋଗ ଆଣିଛନ୍ତି। ଉକ୍ତ ଦୁଗ୍ଧ ସମବାୟ ସମିତି ଥିବା ଘରଟି ଜନବସତି ନିକଟରେ ଥିବାରୁ ତାହା ପାର୍ଟି ଅଫିସ ହେବା ଅନୁଚିତ ମନେକରାଯାଉଛି। ଏଥିସହ ଦୁଗ୍ଧ ସମବାୟ ସମିତି ଗୃହକୁ କାହିଁକି କିପରି ଭାବେ କିଏ ଏକ ରାଜନୈତିକ ଦଳର ପାର୍ଟି ଅଫିସ ପାଇଁ ଅନୁମତି ଦେଲା, ତାକୁ ନେଇ ପୂର୍ବତନ ସରପଞ୍ଚ ପ୍ରଶ୍ନ କରିଛନ୍ତି। ଏନେଇ ଏକ ଲିଖିତ ଅଭିଯୋଗ ଅସ୍ତରଙ୍ଗ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହାକୁ ଖଣ୍ଡନ କରି ପାଟଳଦା ପଞ୍ଚାୟତ ଭାଜପା ସଭାପତି ଅର୍ଜୁନ ମଲ୍ଲିକ କହିଛନ୍ତି, ଉକ୍ତ ଘରକୁ ଜଣେ ବ୍ୟକ୍ତି ଭଡ଼ା ସୂତ୍ରରେ ଦେଇଛନ୍ତି। ପାର୍ଟି ଅଫିସ କରିବାକୁ ସ୍ଥାନୀୟ ପ୍ରଶାସନ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବାକୁ ଅଞ୍ଚଳରେ ଦାବି ହୋଇଛି।

## କୋଣାର୍କ ଯାତ୍ରୀ ନିବାସରେ ରଜ ଉତ୍ସବ ଶୁଭାରମ୍ଭ

**କୋଣାର୍କ,୧୪।୬(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଯାତ୍ରୀ ନିବାସଠାରେ ଓଡ଼ିଶାର କୃଷି, ଗଣପର୍ବ ଓ ପ୍ରାଚୀନ ପରମ୍ପରାର ପର୍ବ ରଜ ପାଳିତ ହୋଇଯାଇଛି। ତ୍ରିଦିବସୀୟ ରଜ ପର୍ବର ପହିଲି ରଜ ଅବସରରେ ଯାତ୍ରୀ ନିବାସ ପକ୍ଷରୁ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ପୋଡ଼ପିଠା, ମଣ୍ଡା ପିଠା, ଚକୁଳି ପିଠା, କାକରା ପିଠା, ମୁଆଁ ପିଠା ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏକ ନିଆରା ଢଙ୍ଗରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ରଞ୍ଜନ ସେଠୀ, ଯାତ୍ରୀ ନିବାସ ପରିଚାଳକ ବାପି ରଞ୍ଜନ ସାହୁ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କୋଣାର୍କ ଯାତ୍ରୀ ନିବାସ ପକ୍ଷରୁ ପ୍ରସ୍ତୁତ ସମସ୍ତ ଓଡ଼ିଆ ପିଠା ଓ ଖାଦ୍ୟ ସମେତ ରଜ ପାନ ଏବଂ ରଜଦୋଳି ବିଦେଶୀ ଓ ଦେଶୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ଏହି ଏହି କାର୍ଯ୍ୟକ୍ରମକୁ କୋଣାର୍କ ଯାତ୍ରୀ ନିବାସର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।


ରଜ ଉତ୍ସବକୁ ଉଦ୍‌ଘାଟନ କରାଯାଉଛି।

## ରଜ ମହୋତ୍ସବ ଉଦ୍‌ଘାଟିତ

**ଅସ୍ତରଙ୍ଗ,୧୪।୬(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ କେରେଣ୍ଡିଆପାଳ ଗ୍ରାମରେ ଓଡ଼ିଶାର ଜନ ଜୀବନର ପ୍ରମୁଖ ପର୍ବ ରଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ ବିଶ୍ୱାଳ, ଅନ୍ନଦା ବେହେରା, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କିଶୋର ପୃଷ୍ଟି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଆଚାର୍ଯ୍ୟା ସୁଶ୍ରୀ ପ୍ରତିଭା ବିଶ୍ୱାଳ, ଗ୍ରାମ୍ୟ କମିଟି ସଭାପତି ତଥା ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର ମାଣିକ, ଆଇନଜୀବୀ ବିରେନ ମହାନ୍ତି, କ୍ଷେତ୍ର ମୋହନ ଗିରି ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ଗ୍ରାମୀଣ କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ଏହି ମହାନ୍ ପର୍ବରେ ଶଙ୍ଖଧ୍ୱନି, ହୁଳହୁଳି, ରଜ ପୋଡ଼ ପିଠା, ପୁଚି ଖେଳ, ଦଉଡି ଡିଆଁ, ଜଣା ଅଜଣା, ଅନ୍ତାକ୍ଷରୀ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ସୁଶ୍ରୀ ସୁମନ ସରିତା ମାଣିକ, ଦିବ୍ୟା ଦିବ୍ୟଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ।

STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM
SPOT ADMISSION
NCHMCT
FOR HOTEL MANAGEMENT COURSES
FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN
Age: No age limit
Duration - 03 Years
FOR 10+2 PASSOUT CANDIDATES
DIPLOMA IN HOTEL MANAGEMENT
Trade: 1. Food Production (only vegetarian option available)
2. Housekeeping Operation 3. Food & Beverage Service
4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031

# 'ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବି'

### ଅସଦାଚରଣ ମାମଲା ନେଇ ମହିଳା ଆର୍‌ଆଇଙ୍କ ଚେତାବନୀ

**ପିପିଲି,୧୪।୬ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)**

ପିପିଲିର ଅତିରିକ୍ତ ତହସିଲଦାର ଜଣେ ମହିଳା ଆର୍‌ଆଇଙ୍କ ପ୍ରତି ଦେଖାଇଥିବା ଅସଦାଚରଣ ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ମହିଳା ଆର୍‌ଆଇ ତାଙ୍କ ପରିବାରଙ୍କ ଉପସ୍ଥିତିରେ ପିପିଲି ଥାନା ଅଧିକାରୀଙ୍କ ନିକଟରେ କହିଛନ୍ତି। ଅନ୍ୟପଟେ ଅତିରିକ୍ତ ତହସିଲଦାରଙ୍କୁ ପୋଲିସ ପାଉ ନ ଥିବା କହୁଛି। ତେବେ ତାଙ୍କର ବ୍ରହ୍ମଗିରି ତହସିଲ ଅଫିସକୁ ବଦଳି ହେବା ପରେ ସେଠାରେ ସେ କାର୍ଯ୍ୟ କରୁଥିବା ପରିବାର ଲୋକ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରେ ଯୋଗଦେଇ ବିଭିନ୍ନ ଇଙ୍ଗିତ କରୁଥିବା ସହ ତାଙ୍କ ନାମରେ ହୋଇଥିବା ମାମଲା କିଛି ହେବନାହିଁ ବୋଲି ରୋକଠୋକ କହୁଥିବା ମହିଳା ଆର୍‌ଆଇ ଜାଣିବାକୁ ପାଇ ପୋଲିସ ଆଗରେ କହିଥିଲେ। ତେବେ ଏହି ଘଟଣାକୁ ୨୧ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିବାକୁ ନେଇ ମହିଳା ଆର୍‌ଆଇଙ୍କ ସମେତ ପୂରା ପରିବାର ଶନିବାର ଥାନା ଅଧିକାରୀଙ୍କୁ ଭେଟିଛନ୍ତି। ଏଥିସହ ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଥାନା ଅଧିକାରୀ ଏହିଘଟଣାରେ ତଦନ୍ତ ଚାଲିଥିବା କହି ପରିବାର ଲୋକଙ୍କୁ ବୁଝାଇଥିବା ଜଣାପଡ଼ିଛି। ଏହି ମାମଲାରୁ ଅତିରିକ୍ତ ତହସିଲଦାରଙ୍କୁ ଖସାଇ ଦେବାକୁ ବିଭିନ୍ନ ମହଲରୁ ଉଦ୍ୟମ ଜାରି ରହିଥିବା ଆର୍‌ଆଇ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ପିପିଲି ତହସିଲଦାର ଘଟଣାକୁ ନେଇ ଏକ ତଦନ୍ତ କମିଟି ଗଠନ କରିଥିଲେ ମଧ୍ୟ ଅତିରିକ୍ତ ତହସିଲଦାର ହାଜର ହେଉ ନ ଥିବାରୁ ଘଟଣାକୁ ବୁଦ୍ଧିଜୀବୀ ମହଲରେ ସନ୍ଦେହ ବଢ଼ାଇଛି। ମହିଳା ଆର୍‌ଆଇ ନ୍ୟାୟ ପାଇବା ଆଶାରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ତାଙ୍କର କେସ୍‌ର ସ୍ଥିତି ଜାଣିବାକୁ ପିପିଲି ଥାନା ଅଧିକାରୀଙ୍କୁ ଏକ ଲିଖିତ ଦରଖାସ୍ତ ଦେଇଥିବା ଜଣାପଡ଼ିଛି।

ପୂର୍ବ ତଟ ରେଳପଥ
ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ: ସୋମ୍ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ ପାର୍କରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଟିକା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଙ୍ଗ ଟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-237/Q/25-26

## ରଜ ମହୋତ୍ସବ, ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ

**ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)**

ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପରିଚୟ ଉପରେ ପୁରୀ ମ୍ୟୁନିସିପାଲିଟି ଅଧୀନରେ ଥିବା ୮୦ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ କିଶୋରୀ ଓ କିଶୋରଙ୍କୁ ନେଇ ସ୍ଥାନୀୟ ବୁଢୀମା ତୋଟା, ମାର୍କଣ୍ଡେଶ୍ୱର ସାହିଠାରେ ରଜ ମହୋତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା, ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ ଓ ସୁହାଗୀ ହେମ୍ବ୍ରମ ଯୋଗ ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୋଦିନୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ, ସହାୟିକା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କିଶୋରୀ ବାଳିକାଙ୍କ ମଧ୍ୟରେ ପୁଚି, ମ୍ୟୁଜିକ ଚେୟାର, ରାମ୍ପ ଶୋ, ରିଲ୍ସ, ରଜ ମୁକୁଟ ତିଆରି ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ପରେ ପ୍ରସ୍ତୁତ ପିଠା ପଣା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତେ ଉତ୍ସାହିତ ସହକାରେ ପାଳନ କରିଥିଲେ।


ପୁରୀ ବୁଢୀମା ତୋଟାରେ ଆୟୋଜିତ ରଜ ମହୋତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5259

OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 05/2025-26
No. 2012 Date: 06.06.2025
No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
OIPR-34006/11/0036/2526 Electrical Circle (R&B), Odisha, BBSR

PUBLIC NOTICE
All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**
The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.
The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.
They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.
Schedule of the Property
**Land:** All that piece and parcel of Plot Nos. 1744 and 1746, Mouza- Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;
**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.
**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in

## ସଂକ୍ଷେପରେ

# ୨ଜଣଙ୍କୁ ଗୋଡ଼ାଇ ଆକ୍ରମଣ, ୪ ଗିରଫ

**ତେଲେଙ୍ଗା କଟୁରି, ଚାପଡ଼ ଜବତ**

ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ସୁଭାଷନଗର ବସ୍ତିର ହନୁମାନ ମନ୍ଦିର ନିକଟରେ ୨ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏହି ଘଟଣାରେ ଖଣ୍ଡଗିରି ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ୍‌କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଭାଷନଗର ଅଞ୍ଚଳର ଗୌର ମହାପାତ୍ର ଓରଫ ଗୌରା(୨୦), ଡୁମ୍‌ଡୁମା ଅଞ୍ଚଳର ରଞ୍ଜିତ ପ୍ରଧାନ ଓରଫ ମାଟି(୨୦), ରଘୁନାଥପୁର ଅଞ୍ଚଳର ଗୁଣ୍ଡିଚ ନାହାକ ଓରଫ ଗୁଣ୍ଡି ଏବଂ ରାଜେଶ ସ୍ୱାଇଁ ଓରଫ ରାଜା(୨୧)। ସେମାନଙ୍କଠାରୁ ଏକ ତେଲେଙ୍ଗା କଟୁରି, ଲୁହାଛଡ଼ ଏବଂ ଗୋଟିଏ ଚାପଡ୍ ଜବତ କରାଯାଇଛି। ଅଲେଖ ମହାରଣାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲେଖ ତାଙ୍କ ବନ୍ଧୁ ସୋମନାଥ ଓଝାଙ୍କ ସହ ଅପରାହ୍ନରେ କାମରୁ ଫେରୁଥିଲେ। ଏହି ସମୟରେ ସୁଭାଷନଗର ବସ୍ତିର ହନୁମାନ ମନ୍ଦିର ନିକଟରେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଅଲେଖଙ୍କ ମୁଣ୍ଡକୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସୋମନାଥ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇଥିଲେ। ଭୟରେ ଦୁହେଁ ଘଟଣାସ୍ଥଳରୁ ପଳାଉଥିବାବେଳେ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସୋମନାଥଙ୍କ ହାତରେ ଆଘାତ ଲାଗିଥିଲା। ଏନେଇ ଅଲେଖ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଗୌରା ପୂର୍ବରୁ ଖଣ୍ଡଗିରି, ଭରତପୁର ଓ ଇନ୍‌ଫୋସିଟି ଥାନାରେ ୩ଟି ମାମଲାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି।

# ବୁଢ଼ା ଅମରନାଥଙ୍କ ଦର୍ଶନ କରାଇବ ବଜରଙ୍ଗ ଦଳ

ଭୁବନେଶ୍ୱର, ୧୪।୬ (ବନ୍ଦନା ସେଠୀ)

ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଂଗଠନ ବଜରଙ୍ଗ ଦଳ ପୂର୍ବ ଶାଖା ପକ୍ଷରୁ ଅମରନାଥ ଯାତ୍ରାର ଆୟୋଜନ କରାଯାଉଛି। ଏହି ଯାତ୍ରା ଜୁଲାଇ ୩୧ରୁ ଆରମ୍ଭ ହୋଇ ଅଗଷ୍ଟ ୭ରେ ସମାପନ ହେବ। ଏଥିରେ ଓଡ଼ିଶାର ଯାତ୍ରୀମାନେ ଅତି ସ୍ୱଳ୍ପ ଖର୍ଚ୍ଚରେ ଯିବା ଆସିବା କରିବା ସହିତ ରହିବା ଓ ଖାଇବା ଭଳି ସୁବିଧା ପାଇବେ। ଯାତ୍ରା ସମ୍ପର୍କରେ ଅଧିକ ସୂଚନା ପାଇଁ ୮୩୩୯୯୯୯୯୨୪ ଓ ୮୨୪୯୦୩୩୫୯୪ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ସଂଗଠନ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବଜରଙ୍ଗ ଦଳର ପ୍ରାନ୍ତ ଅଧିକାରୀ ତଥା ବୁଢ଼ା ଅମରନାଥ ଯାତ୍ରାର ଓଡ଼ିଶା (ପୂର୍ବ) ସଂଯୋଜକ ରାଜୀବ ନେତ୍ର ଖାଡେଙ୍ଗା କହିଛନ୍ତି, ଓଡ଼ିଶାର ଜନସାଧାରଣ କିପରି ଶୃଙ୍ଖଳିତ ଭାବରେ ହିନ୍ଦୁ ଆସ୍ଥାର ପ୍ରାଣକେନ୍ଦ୍ର ବୁଢ଼ା ଅମରନାଥଙ୍କ ଦର୍ଶନ କରିବେ ଏବଂ କଶ୍ମୀର ଭଉଣୀଭାଇଙ୍କ ଭିତରେ 'ଆମେ ଭାରତୀୟ ଆମେ ଏକ, ଆମ ଦେଶ ଏକ'ର ଭାବନା ସୃଷ୍ଟି ହେବ ସେନେଇ ପ୍ରଚେଷ୍ଟା କରାଯାଉଛି। ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା (ପୂର୍ବ)ର ପ୍ରାନ୍ତ ସଭାପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ପ୍ରାନ୍ତ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ୍ କୁମାର ନାୟକ, ପ୍ରାନ୍ତ ସେବା ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ପାଇଁ ପଦଯାତ୍ରା ଜରିଆରେ ସଚେତନତା

ଭୁବନେଶ୍ୱର,୧୪।୬( ଅଭୟ ଦାଶ)



ହାଇଟେକ୍ ଗ୍ରୁପ୍ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ

ହାଇଟେକ୍ ଗ୍ରୁପ୍ ପକ୍ଷରୁ ଶନିବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହାଇଟେକ୍ ଗ୍ରୁପ୍ ପକ୍ଷରୁ ଶନିବାର ଭୁବନେଶ୍ୱରର ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଏକ ବିଶାଳ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ହାଇଟେକ୍ ଶିକ୍ଷା ସମୂହ (ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ହାଇଟେକ୍ ଡେଣ୍ଟାଲ କଲେଜ, ହାଇଟେକ୍ ଫିଜିଓଥେରାପି କଲେଜ, ହାଇଟେକ୍ ନର୍ସିଂ କଲେଜ ଏବଂ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟ) ର ୨୫୦ ବିଦ୍ୟାର୍ଥୀ ସାମିଲହୋଇ ଯାତାୟାତ କରୁଥିବା ପଥିକଙ୍କୁ ରକ୍ତଦାନର ଆବଶ୍ୟକତା, ରକ୍ତଦାନ ମହାପୁଣ୍ୟ ଓ ରକ୍ତଦାନ କରି ଅନ୍ୟର ଜୀବନ ରକ୍ଷା କରିବା ପାଇଁ ବୁଝାଇବା ସହ ପ୍ରତ୍ୟେକ ମଣିଷ ନିଜ ଜୀବନ କାଳ ମଧ୍ୟରେ ଅନ୍ୟୂନ ଗୋଟିଏ ଥର ରକ୍ତଦାନ କରିବାକୁ ନିବେଦନ କରିଥିଲେ। ସେହିଭଳି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ଆହ୍ୱାନରେ ହାଇଟେକ୍ ଶିକ୍ଷା ସମୂହର ବିଦ୍ୟାର୍ଥୀମାନେ ପଦଯାତ୍ରାରେ ପୋଷ୍ଟର ଓ ବ୍ୟାନର ସହ ସବୁ ବର୍ଗର ଲୋକଙ୍କୁ ରକ୍ତଦାନ ଓ ରକ୍ତର ମହତ୍ତ୍ୱ ବିଷୟରେ ଅବଗତ କରାଇବା ସହ ସଚେତନ କରାଉଥିଲେ। ଏହି ସଚେତନତା ପଦଯାତ୍ରାରେ ହାଇଟେକ୍ ଫାର୍ମାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରସନ୍ନ କୁମାର କର, ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହାଣୀ, କ୍ରୀଡ଼ା ଅଧିକାରୀ ସୁରେଶ କୁମାର ନାୟକ ଏବଂ ସତ୍ୟ ବିପ୍ଳବ ମିଶ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ହାଇଟେକ୍ ବ୍ଲଡ୍ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରଫେସର ଡ. ଜ୍ୟୋତି ମିତ୍ର, ଡ. ପ୍ରତ୍ୟୁଷ ବେହେରା, ଡ. ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ, ଅଖିଳ କୁମାର ପାଣିଗ୍ରାହୀଙ୍କ ଉଦ୍ୟମରେ ଶତାଧିକ ବିଦ୍ୟାର୍ଥୀ ରକ୍ତଦାନକରି ବିଶ୍ୱ ରକ୍ତଦାତା ଦିବସରେ ଗରିମାମୟ ଅଧ୍ୟାୟ ସୃଷ୍ଟି କରିଛନ୍ତି।

# ବୀରତ୍ୱର ବାର୍ତ୍ତା ଦେଲା 'ବୀର ସୁରେନ୍ଦ୍ର ସାଏ'


ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ପରିବେଶିତ ନାଟକ 'ବୀର ସୁରେନ୍ଦ୍ର ସାଏ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୧୪।୬ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ନାଟକ 'ବୀର ସୁରେନ୍ଦ୍ର ସାଏ' ମଞ୍ଚସ୍ଥ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ବୀରତ୍ୱର ବାର୍ତ୍ତା ଦେଇଥିଲା ଏହି ନାଟକ। ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ଏହାକୁ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ସତ୍ୟ ରଞ୍ଜନ ବେହେରା।

# ଯୋଗ ଦିବସ ପାଇଁ ପତଞ୍ଜଳିର ଜନସମ୍ପର୍କ ଅଭିଯାନ

ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ଯୋଗଗୁରୁ ରାମଦେବ ବାବାଙ୍କ ତତ୍ତ୍ୱାବଧାନରେ ହରିୟାଣା ଯୋଗ ଆୟୋଗ ପକ୍ଷରୁ ୧୧ତମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ନେଇ ଜନ ସମ୍ପର୍କ ଅଭିଯାନ ଜାରି ରହିଛି। ଏନେଇ ପତଞ୍ଜଳି ପକ୍ଷରୁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଥିବାବେଳେ ହରିୟାଣା କୁରୁକ୍ଷେତ୍ର ବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପତଞ୍ଜଳି ଯୋଗ ସମିତିର କେନ୍ଦ୍ରୀୟ ପ୍ରଭାରୀ ରାକେଶ କୁମାର ଯୋଗ ଦିବସ ପାଳନ ସମ୍ପର୍କରେ ଆୟୋଜିକ କର୍ମକର୍ତ୍ତା ବୈଠକରେ ବିସ୍ତୃତ ସୂଚନା ଦେଇଛନ୍ତି। ନିଶାମୁକ୍ତ, ଚିନ୍ତାମୁକ୍ତ ଏବଂ ସ୍ୱସ୍ଥ ଜୀବନଶୈଳୀ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସିରସା ଜିଲା ପ୍ରଭାରୀ ଜୟ ପ୍ରକାଶ ଏବଂ ସୋସିଆଲ ମିଡିଆ ସହ ପ୍ରଭାରୀ ହେମରାଜ ସପେରା ଲାଡବା ତହସିଲ ଖରକାଳୀ ଗ୍ରାମବାସୀଙ୍କୁ ଯୋଗ ଦିବସ ପାଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଲାଡବାଠାରେ ଯୋଗଶିକ୍ଷକ ଓମ୍‌ପ୍ରକାଶ ମାଲହୋତ୍ରା ଏବଂ ସୁନୀଲ ଗର୍ଗ ଯୋଗ ପ୍ରୋଟୋକଲର ଅଭ୍ୟାସ କରାଇଥିଲେ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ଗାଁ ଗାଁରେ ପ୍ରଚାର ଅଭିଯାନ ଜାରି ରହିଥିବା ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ଓଜେଇଇରେ ଚତୁର୍ଥ ସ୍ଥାନରେ ସୁଧାଂଶୁ

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ନରାଜମାର୍ଥାପୁର ପଞ୍ଚାୟତ ନରାଜ ଗ୍ରାମର ଛାତ୍ର ସୁଧାଂଶୁ ସାହୁ ଓଜେଇଇରେ ଚତୁର୍ଥ ର୍‍ୟାଙ୍କ ରଖି କଲେଜ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ସୁଧାଂଶୁ ତାଙ୍କ ମାଉସୀ ବୁମୁକି ବେହେରାଙ୍କ ଘର ମାଲକାନଗିରି ଜିଲାରେ ରହି ପଲିଟେକ୍ନିକ୍ କଲେଜ ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ଅଧ୍ୟୟନ କରୁଛନ୍ତି। ଚଳିତ ଓଜେଇଇ ଏସ୍‌ସି ବର୍ଗରେ ଚତୁର୍ଥ ର୍‍ୟାଙ୍କରେ ଥିବାବେଳେ ସାଧାରଣ ବର୍ଗରେ ୮୨ ର୍‍ୟାଙ୍କରେ ଅଛନ୍ତି। ଆଗାମୀ ଦିନରେ ଜଣେ ଭଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବାକୁ ସେ ଆଶା ରଖିଥିବା କହିଛନ୍ତି। ସୁଧାଂଶୁଙ୍କ ବାପା ସୁବାସ ସାହୁ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଓ ସେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ମା' ପ୍ରମିଳା ଛୋଟପିଲାଙ୍କୁ ଟ୍ୟୁଶନ କରି ପରିବାର ଚଳାଉଛନ୍ତି। ଘରେ ଅସୁବିଧା ହେତୁ ମାଉସୀଙ୍କ ଘରେ ରହି ସୁଧାଂଶୁ ପାଠ ପଢୁଛନ୍ତି। ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ସେ କୋଚିଂ ନ ନେଇ କେବଳ ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବ ଦେଖି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନନ୍ଦନକାନନ: ଏବର୍ଷ ପହିଲି ରଜରେ ପର୍ଯ୍ୟଟକ ବଢ଼ିଲେ

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଶନିବାର ପହିଲି ରଜରେ ୨୩,୦୮୦ ପର୍ଯ୍ୟଟକ ନନ୍ଦନକାନନ ବୁଲିଛନ୍ତି। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୧୭୭୬ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଉଭୟ ପାର୍କକୁ ସମୁଦାୟ ୨୪ ହଜାରେ ୮୫୬ ଜଣ ପର୍ଯ୍ୟଟକ ଆସିଥିଲେ। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ପ୍ରଥମ ରଜରେ ୧୭,୪୪୬ ପର୍ଯ୍ୟଟକ ନନ୍ଦନକାନନ ବୁଲିଥିଲେ। ଗତବର୍ଷ ପହିଲି ରଜଠାରୁ ଚଳିତବର୍ଷ ୫,୬୩୪ ଜଣ ଅଧିକ ପର୍ଯ୍ୟଟକ ଆସିଛନ୍ତି। ପହିଲି ରଜ ପାଇଁ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ହେବାର ଆଶଙ୍କା କରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶେଷ ସୁବିଧା କରାଯାଇଥିଲା। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପାର୍କ କର୍ତ୍ତୃପକ୍ଷ ବ୍ୟାପକ ବ୍ୟବସ୍ଥା କରିଥିଲେ। ସୁରକ୍ଷା ବଜାୟ ରଖିବା ଏବଂ ପରିଦର୍ଶକଙ୍କୁ ସହାୟତା କରିବାକୁ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ଏବଂ ପୂର୍ବତନ ସେନା କର୍ମଚାରୀଙ୍କ ସମେତ ମୋଟ ୧୦୬ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଖରା ଓ ଗୁଳୁଗୁଳିକୁ ଆଖି ଆଗରେ ରଖି ୧୨ଟି ସ୍ଥାୟୀ ଏବଂ ୨୦ଟି ଅତିରିକ୍ତ ଅସ୍ଥାୟୀ ବିଶ୍ରାମ ଘର, ୩୨ଟି ପାନୀୟ ଜଳ ପଏଣ୍ଟର ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ଦିନସାରା ଭିଡ଼କୁ ପରିଚାଳନା କରିବାକୁ ୩୨ ଜଣ ଚିଡ଼ିଆଖାନା ସ୍ୱେଚ୍ଛାସେବୀ, ଏନ୍‌ଡିଆର୍‌ଏଫ୍ ଦଳ ଏବଂ ଡାକ୍ତରୀ ଦଳ ଉପସ୍ଥିତ ଥିଲେ।

# ଆଧୁନିକ ଏଣ୍ଡୋସ୍କୋପିକ୍ ପଦ୍ଧତି ଲୋକାଭିମୁଖୀ ଲକ୍ଷ୍ୟ

ଭୁବନେଶ୍ୱର,୧୪।୬(ବନ୍ଦନା ସେଠୀ)

**୬ଷ୍ଠ ଏସ୍‌ଫିକନ୍, ୧୩ତମ ୱେସ୍‌କନ୍ ସମ୍ମିଳନୀ**

ଏଣ୍ଡୋସ୍କୋପିକ୍ ସ୍ପାଇନ୍ ଫାଉଣ୍ଡେଶନ (ଇଣ୍ଡିଆ) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସର୍ଜରି ବିଷୟବସ୍ତୁ ଉପରେ ୬ଷ୍ଠ ଏସ୍‌ଫିକନ ଓ ୧୩ତମ ୱେସ୍‌କନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜକ ଡା. ଶଙ୍କର ଆଚାର୍ଯ୍ୟ କହିଛନ୍ତି, ଏହି ସମ୍ମିଳନୀ ଅନ୍ତର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ୍ ଚିକିତ୍ସା ପାଇଁ ଭାରତରେ ବଢୁଥିବା ଚାହିଦା ସହ ଏକତ୍ରିତ କରିଛି। ଆଧୁନିକ ଏଣ୍ଡୋସ୍କୋପିକ୍ ପଦ୍ଧତିଗୁଡିକୁ ଗଣତାନ୍ତ୍ରିକ କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। 'ଏଣ୍ଡୋସ୍କୋପିକ୍ ରିଡିଫାଇନିଂ ସ୍ପାଇନ୍ ବାଉଣ୍ଡରିଜ୍' ବିଷୟବସ୍ତୁ ସମ୍ପର୍କିତ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲ ଇନ୍‌ଭାସିଭ୍ ସ୍ପାଇନ୍ କେୟାରର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଅନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଲାଇଭ ସର୍ଜିକାଲ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ରହିଥିଲା। ଏଥିରେ ୟୁବିଇ ଓ ଟ୍ରାନ୍ସଫର୍ମିନାଲ ଏଣ୍ଡୋସ୍କୋପିକ୍ ଆପ୍ରୋଚେସ୍ ଭଳି ୫ଟି ଆଡ୍‌ଭାନ୍ସଡ ଟେକ୍ନିକ୍‌କୁ ପ୍ରଦର୍ଶିତ କରାଯାଇଥିଲା। ଏହାବ୍ୟତୀତ ଏକ ହ୍ୟୁମାନ କାଡାଭର ୱାର୍କଶପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ନିଜ ଦକ୍ଷତାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ସର୍ଜନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ହୋଇଥିଲା। ଡବ୍ଲ୍ୟୁଇଏସ୍ଏସ୍ ୱାର୍ଲ୍ଡ ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସୋସାଇଟି ଅଧ୍ୟକ୍ଷ ଓ ଆୟୋଜକ ସମ୍ପାଦକ ଡା. ପରେଶ ସି. ଦେ ଯୋଗଦେଇ କାଡାଭରିକ ୱାର୍କଶପ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ଡାକ୍ତରମାନେ ଅନ୍ତର୍ଜାତୀୟ ଓ ଜାତୀୟ ବିଶେଷଜ୍ଞମାନଙ୍କ ତାଲିମରୁ ବହୁମାତ୍ରାରେ ଉପକୃତ ହେବେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମର ସହ ଆୟୋଜକ ଡା. ଆମ୍ବରନ ଦାସ, ଡା. ଶ୍ରୀନିବାସ ରୋହିଦାସ, ଡା. ପ୍ରଜ୍ଞାପାରମିତା ସାମନ୍ତ, ଡା. ଦେବାଶିଷ ମିଶ୍ର ଓ ଡା. ତନ୍ମୟ ମହାନ୍ତିଙ୍କ ସହ ବିଭିନ୍ନ ଦେଶରୁ ଡା. ମାର୍‌ଜୋରି, ଡା. ପରନପାଭିଟ ଶ୍ରୀଫ୍ରିରୋମ, ଡା. ଅଜୱା ମହମ୍ମଦ ନୁର ପ୍ରମୁଖ ଯୋଗଦେଇଥିଲେ।

# ବାଲି ଗାଡ଼ିକୁ ଜବତ କଲେ ଆଠଗଡ଼ ମାଜିଷ୍ଟ୍ରେଟ

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ଆଠଗଡ଼ ସବ୍-କଲେକ୍ଟର ପ୍ରହ୍ଲାଦ ନାରାୟଣ ଶର୍ମା ଶୁକ୍ରବାର ବିଳମ୍ବିତ ରାତିରେ ସରକାରୀ ଗାଡ଼ି ଯୋଗେ ଫେରୁଥିଲେ। ଏହି ସମୟରେ ଆଠଗଡ଼ ଅଞ୍ଚଳରୁ ଏକ ହାଇୱା (ଓଡି ୦୫ ଏସ୍ ୪୮୫୮) ଦ୍ରୁତ ଗତିରେ ବେଆଇନ ଭାବେ ବାଲି ନେଇ ମୁଣ୍ଡଳି ଆଡ଼େ ଆସୁଥିବାବେଳେ ତାକୁ ଅଟକାଇ ଥିଲେ। କିନ୍ତୁ ଗାଡ଼ିଟି ନ ଅଟକିବାରୁ ସେ ଗାଡ଼ିକୁ ପିଛା କରିଥିଲେ। ମୁଣ୍ଡଳି ଗ୍ରାମ ନିକଟରୁ ଗାଡ଼ି ଚାଳକ କୌଶଳକ୍ରମେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ପରେ ଶର୍ମା ଗାଡ଼ିକୁ ଜବତ କରି ବାରଙ୍ଗ ଥାନା ପୋଲିସ ଜିମା ଦେଇଥିଲେ। ତେବେ ବାରଙ୍ଗ ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ହେଉଥିବାବେଳେ ବିଭାଗୀୟ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଚୋରା ବେପାର ବଢ଼ିବାରେ ଲାଗୁଛି।

# ବେଦାନ୍ତ ଆଲୁମିନିୟମର ମେଗା ଚାରାରୋପଣ ଅଭିଯାନ



ଭୁବନେଶ୍ୱର,୧୪।୬(ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ମେଗା ଚାରାରୋପଣ ଅଭିଯାନ 'ମୋ ଗଛ, ମୋ ପରିବାର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନ କମ୍ପାନୀର ପରିବେଶଗତ ସ୍ଥିରତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଶେଷକରି ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ 'ମୋ ଗଛ ମୋ ପରିବାର' ଶୀର୍ଷକ ଚାରାରୋପଣ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ୧,୦୦,୦୦୦ ରୁ ଅଧିକ ଫଳ ଚାରା କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ ରୋପଣ କରାଯିବ, ଯାହାର ଲକ୍ଷ୍ୟ ଓଡ଼ିଶାର ୩୦,୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା, ଯେଉଁଥିରେ ଆମ୍ବ, ଗୁଆ, ପଣସ ଏବଂ ମୋରିଙ୍ଗା ଭଳି ପ୍ରଜାତି ରହିଛି। ଏପରିକି ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଏସବୁ ଚାରା ଚୟନ କରାଯାଇଛି। ସେହିଭଳି ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ-ନେତୃତ୍ୱାଧୀନ ରୋପଣ ଅଭିଯାନ ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ ସ୍ଥାୟିତ୍ୱ କେବଳ ଏକ ଦାୟିତ୍ୱ ନୁହେଁ, ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆଗାମୀ ବର୍ଷକ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ କରିବୁ। ଏହି ଅଭିଯାନ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାର ବେଦାନ୍ତର ବ୍ୟାପକ ମିଶନ ସହ କାର୍ଯ୍ୟ କରିଛୁ ବୋଲି ଭଟ୍ଟାଚାର୍ଯ୍ୟ ମତପ୍ରକାଶ କରିଥିଲେ।

**STATE INSTITUTE OF HOTEL MANAGEMENT**
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM **SPOT ADMISSION** NCHMCT
**FOR HOTEL MANAGEMENT COURSES**
FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
**DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN**
Age: No age limit
Duration - 03 Years
FOR 10+2 PASSOUT CANDIDATES
**DIPLOMA IN HOTEL MANAGEMENT**
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031

**ପୂର୍ବ ତଟ ରେଳପଥ**
ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ: ସୋମ୍‌ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଣ୍ଟିକା।
ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଣ୍ଟିକା।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼
PR-237/Q/25-26

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5259

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 05/2025-26
No. 2012 Date: 06.06.2025
No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
OIPR-34006/11/0036/2526 Electrical Circle (R&B), Odisha, BBSR

**PUBLIC NOTICE**
All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**
The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.
The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.
They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.
**Schedule of the Property**
**Land:** All that piece and parcel of Plot Nos. 1744 and 1746, Mouza-Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;
**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.
**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in

## ସଂକ୍ଷେପରେ

### କପିଳେଶ୍ୱର ରକ୍ଷ୍ଟାର, ବଜରଙ୍ଗୀ ଷ୍ଟାର ବିଜୟୀ
#### ଚତୁର୍ଥ ଗଦାଧରପୁର ପ୍ରିମିୟର ଲିଗ୍:

ଟିଗିରିଆ,୧୪।୬(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଶନିବାର ଗଦାଧରପୁର ପ୍ରିମିୟର ଲିଗ୍‌ର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କପିଳେଶ୍ୱର ରକ୍ଷ୍ଟାର ଓ ବଜରଙ୍ଗୀ ଷ୍ଟାର ବିଜୟୀ ହୋଇଛି। ସକାଳେ ଅନୁଷ୍ଠିତ ପ୍ରଥମ ମ୍ୟାଚ କପିଳେଶ୍ୱର ରକ୍ଷ୍ଟାର ଏବଂ ଜୟଶ୍ରୀରାମ ମଧ୍ୟରେ ଖେଳାଯାଇଥିଲା। କପିଳେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ଜୟ ଶ୍ରୀରାମ ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୮୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ରକ୍ଷ୍ଟାର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଖେଳାଳି ମୁନା ବାରିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଗଜେନ୍ଦ୍ର ଦଳେଇ ତାଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ ଜଗଦୀଶ ୱାରିୟର ଓ ବଜରଙ୍ଗୀ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଜଗଦୀଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ମାତ୍ର ୧୦ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସ କରି ନେଇଥିଲା। ମ୍ୟାଚକୁ ରଶ୍ମିରଞ୍ଜନ ରାଉତ ଓ ଦୁର୍ଗାଶଙ୍କର ରାଉତ ପରିଚାଳନା କରିଥିଲେ।

# ଝାଡ଼ାବାନ୍ତିରେ ୨୬ ଆକ୍ରାନ୍ତ

- ପାନୀୟ ଜଳ ନମୁନା ସଂଗ୍ରହ
- ଆଠଗଡ଼, ଟିଗିରିଆ, କଟକ ବଡ଼ ଡାକ୍ତରଖାନାରେ ରୋଗୀ ଭର୍ତ୍ତି

ବାଙ୍କୀ , ୧୪।୬( ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର) :

ବାଙ୍କୀ ବ୍ଲକ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଳପୁର ଗ୍ରାମରେ ଝାଡ଼ାବାନ୍ତିରେ ୨୬ଜଣ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ସୁବର୍ଣ୍ଣପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଡାକ୍ତରୀ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରୋଗୀମାନଙ୍କୁ ଟିଗିରିଆ, ଆଠଗଡ଼ ଓ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି।

କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଳପୁର ଗ୍ରାମ ତଳ ସାହିରେ ଶୁକ୍ରବାର ଝାଡ଼ା ବାନ୍ତିରେ ୨ ଜଣ ପୁରୁଷ ଓ ଜଣେ ମହିଳା ଆକ୍ରାନ୍ତ ହୋଇଥିଲେ।

ସେମାନଙ୍କୁ ଟିଗିରିଆ ଓ ଆଠଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଶନିବାର ସକାଳୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଡା. ମିଲନ ତ୍ରିପାଠୀ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାନଭଞ୍ଜନ ଦଳେଇ, ସିଏଚ୍‌ଓ ବୁଲବୁଲ ବେଗମ, ମୋହନ ଚରଣ ସାହୁ, ଜୟ ପ୍ରକାଶ ଖଟୁଆ, ସାବିତ୍ରୀ ପଣ୍ଡା ଓ ଆଶାକର୍ମୀମାନେ ପହଞ୍ଚି ଘରଘର ବୁଲି ଓଆର୍‌ଏସ୍, ଝାଡ଼ା ଔଷଧ ଆଦି ବଣ୍ଟନ କରିଛନ୍ତି। ଏଥିସହ ନଳକୂପ ଓ ଖୋଲା କୂଅରେ ବ୍ଲିଚିଂ ପାଉଡର ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୟକ୍ରମେ ଝାଡ଼ା ବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା। ଗ୍ରାମର ୨୩ ଜଣ ପୁରୁଷ ଓ ଜଣେ ମହିଳା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିବା ପରେ କଟକ ଜଳ ମାଇକ୍ରୋ ବାୟୋଲୋଜିଷ୍ଟ ଏବଂ ଏପିଡମିଓଲୋଜିଷ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।



ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ପାଣି ନମୁନା ସଂଗ୍ରହ କରାଯାଉଛି ।

ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ଟିଗିରିଆ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର, ୨ ଜଣ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ଜଣେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ଅନ୍ୟମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି। ଦୂଷିତ ପାନୀୟଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବୃଦ୍ଧି ପାଉଥିବା ଆଶଙ୍କା କରାଯାଉଛି।

ଏ ସମ୍ପର୍କରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ କହିଛନ୍ତି, ଦୂଷିତ ପାନୀୟଜଳ ବ୍ୟବହାର ଯୋଗୁ ଏପରି ହୋଇଥିବା ଆଶଙ୍କା କରାଯାଉଛି। ପାନୀୟ ଜଳ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ, ୨୦୨୪ରେ କନ୍ତପହଁରା ଗ୍ରାମରେ ଏଭଳି ଦୂଷିତ ଓ ଲୌହ ଯୁକ୍ତ ପାନୀୟ ଜଳ ବ୍ୟବହାର ଯୋଗୁ ବହୁ ପୁରୁଷ, ମହିଳା ଓ ଛୋଟ ପିଲା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟରେ ଲାଗିଲା ରୋକ୍

ନିଶ୍ଚିନ୍ତକୋଇଲି,୧୪।୬ (ଅଶୋକ କୁମାର ମହାପାତ୍ର) :

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତରେ ଥିବା ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟରେ ରୋକ ଲାଗିଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି ରଖିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ପୀଠ ପୁରୁଷାନୁକ୍ରମିକ ଭାବେ ମହନ୍ତଙ୍କ ପରିଚାଳନାରେ ରହିଆସିଥିଲା। ସମୟ କ୍ରମେ ସରକାର ପୀଠକୁ ହାତକୁ ନେବା ସହ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକ ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟବୋର୍ଡ ଗଠନ କରି ପୀଠର ଉନ୍ନତୀକରଣ କରିଥିଲେ। ନିକଟରେ ପୀଠର ନବୀକରଣ ପାଇଁ ୨୪ କୋଟି ଟଙ୍କା ସରକାର ବ୍ୟୟବରାଦ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବାବେଳେ ପୀଠର ଚତୁଃପାର୍ଶ୍ୱ ଖୋଳାଯାଇ ପିଲର ଉଠାଯାଉଛି। ସମାଧିପୀଠରେ ଖନନ ଓ ଉନ୍ନୟନମୂଳକ କାର୍ଯ୍ୟ ନ କରିବା ପାଇଁ ଅରୂପାନନ୍ଦ ଗୋସ୍ୱାମୀ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ନଂ.୧୬୧୫୧/୨୫ ଦାଏର କରିଛନ୍ତି। ଗୋସ୍ୱାମୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ପାମୀ ରଥ ଓ ଶୁଭଙ୍କର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୫ ଜୁନ୍ ୨୩ରେ ହେବ। ଉକ୍ତ ଶୁଣାଣି ପର୍ଯ୍ୟନ୍ତ ପୀଠରେ ଉନ୍ନୟନମୂଳକ କାର୍ଯ୍ୟ ନ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ବିଚାରପତି ଏ.କେ. ମହାପାତ୍ର ଓ ଏମ୍‌ଏସ୍ ରମଣ ଆଦେଶ ଦେଇଛନ୍ତି। ଉକ୍ତ ଶୁଣାଣି ବେଳେ ପୀଠ ଉନ୍ନତୀକରଣ କାର୍ଯ୍ୟର ତ୍ୱରାନ୍ୱିତ ହେବ କି ନାହିଁ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କହିଛନ୍ତି କୋର୍ଟର ଆଦେଶନାମା ତାଙ୍କୁ ମିଳିନାହିଁ। ତାହା ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଯୋଗାଭ୍ୟାସ ଶିବିର

ବାଙ୍କୀ,୧୪।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଶନିବାର ମୁଣ୍ଡଳିସ୍ଥ ସିଆଇଏସ୍‌ଏଫ୍ ଆନୁକୂଲ୍ୟରେ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସିଆଇଏସ୍‌ଏଫ୍‌ର ସହକାରୀ କମାଣ୍ଡାଣ୍ଟ ରାକେଶ କୁମାର, ଅନ୍ୟତମ କମାଣ୍ଡାଣ୍ଟ ନରଭିଣ୍ଡର ସିନି ଓ ଇନ୍ସପେକ୍ଟର ଜୟଦେବ ଗାଙ୍ଗୁଲି ପରିଚାଳନା କରିଥିଲେ। ଏଥିରେ ସମସ୍ତ ସିଆଇଏସ୍‌ଏଫ୍ ସଦସ୍ୟ ଯୋଗଦେଇଥିଲେ।

# ରଜପର୍ବ କଳା, ସଂସ୍କୃତି, ଐତିହ୍ୟର ଅନନ୍ୟ ନିଦର୍ଶନ

**ବଡ଼ମ୍ବା, ୧୪।୬(ମାୟାଧର ମଲ୍ଲିକ) :**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମ ଖେଳ ପଡିଆରେ ରଜ ମହୋତ୍ସବ ୨୦୨୫ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ଅଜୟ କୁମାର ପାଣି ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଗୋପମଥୁରାର କଳା,ଐତିହ୍ୟ ଓ ସଂସ୍କୃତି ରଜ ମହୋତ୍ସବର ଅନନ୍ୟ ନିଦର୍ଶନ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅମିୟ ପାଣ୍ଡବ ଓ ନିମନ୍ତ୍ରିତ ଅତିଥି ଭାବେ ଆଲୋକ କୁମାର ଦାଶ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋପମଥୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବ, ସାମାଜିକ କର୍ମୀ ଅକ୍ଷୟ କୁମାର ପ୍ରମୁଖ ଯୋଗଦେଇଥିଲେ।

**ଆଠଗଡ଼,( ସତ୍ୟ ପ୍ରକାଶ ରଥ)**

ଆଠଗଡ଼ର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ଟାଉନ କ୍ଲବ ଆନୁକୂଲ୍ୟରେ ଶନିବାର ରଜ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପହିଲି ରଜ ଉପଲକ୍ଷେ ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ମଣିପାଲ ବିଶ୍ୱବିଦ୍ୟାଳୟ, ଇଟାନଗରର ରାଜନୀତି ବିଜ୍ଞାନର ପ୍ରଫେସର ରେବତୀ ବଲ୍ଲଭ ତ୍ରିପାଠୀ ଯୋଗଦେଇ ଆଠଗଡ଼ର ଐତିହାସିକ ପୃଷ୍ଠଭୂମି ସହ କଳା ସାହିତ୍ୟ ସଂସ୍କୃତିର ଦିଗ ଉପରେ ଆଲୋକପାତ କରିଥିଲେ। କ୍ଲବର ସଭାପତି ରାମ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରଞ୍ଜନ କୁମାର ଦାସ, ସହସମ୍ପାଦକ ସୋମନାଥ ବକ୍ତା ବକ୍ତବ୍ୟ ରଖିଥିଲେ।

**ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର):**

ନିଶ୍ଚିନ୍ତକୋଇଲି ସଦର ମହକୁମାରେ ବେଲେଶ୍ୱରୀ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟଗୀତ ସାଙ୍ଗକୁ ରଜଦୋଳିର ମଜା ନେଇଥିଲେ ଦର୍ଶକ। କାର୍ଯ୍ୟକ୍ରମକୁ ସଭାପତି ରଞ୍ଜନ କୁମାର ଚାନ୍ଦ ସଂଯୋଜନା କରିଥିଲେ। ସେହିଭଳି ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମରେ ମା' ଭବବତୀଙ୍କ ପୀଠରେ ଗୋପପୁର ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ରଙ୍ଗାରଙ୍ଗ ଡ୍ୟାନ୍ସ ପ୍ରତିଯୋଗିତା କରାଯାଇଥିଲା। ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ, ଫିଲ୍ମ କଳାକାର ଶୁଭମ୍ ପହିଲି ରଜର ପହିଲି ରାତିକୁ ଉତ୍ସବମୁଖର କରିଥିଲେ।

**ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ରମୋହନ ମିଶ୍ର)**

ବାଙ୍କୀ ଉପଖଣ୍ଡ ମା' ରୁଚିକା ବାସିନୀରେ ଶନିବାର ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇଥିଲେ। ନଗରପାଳିକା ମାଣିକ ସାହୁ, ପ୍ରତିଷ୍ଠାତା ସଦସ୍ୟ ପ୍ରୀତିଲତା ଗିରି, ସଭାପତି ନକୁଳ ବେହେରା, ସମ୍ପାଦକ ଯାମିନୀକାନ୍ତ ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, କାର୍ଯ୍ୟକାରୀ ସଭାପତି ସନାତନ ବେହେରା, ବାଙ୍କୀ କେନ୍ଦ୍ର ସମବାୟ ସମିତି ସଭାପତି ସୁବାସ ପାଢ଼ୀ, ଆର୍ତ୍ତତ୍ରାଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳା ଓ ଯୁବତୀମାନେ ବିଭିନ୍ନ ପ୍ରକାର ଝୋଟି ଚିତା ପକାଇବା ସହ ପୋଡ଼ପିଠା ଅତିଥିମାନଙ୍କୁ ଖୁଆଇଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ ):**

ସାଲେପୁର ବ୍ଲକ ଭାତପଡ଼ାସ୍ଥିତ ଏକ ଫିଲିଂ ଷ୍ଟେଶନ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାମାଜିକ କର୍ମୀ ହରିବନ୍ଧୁ ଶତପଥୀ ଯୋଗଦେଇଥିଲେ । ଏହି ଅବରରେ ପ୍ରତିଷ୍ଠାନ ପକ୍ଷରୁ ଗ୍ରାହକ, ଯାତ୍ରୀମାନଙ୍କ ନିମନ୍ତେ ରଜ ଦୋଳି ସହ ରଜପାନ, ପୋଡ଼ପିଠା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି।

**ଟିଗିରିଆ,(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଗ୍ରାମର ଈଶାନେଶ୍ୱର ୟୁଥ କ୍ଲବ ପକ୍ଷରୁ ରଜ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କ୍ଲବ ସଭାପତି ସତ୍ୟସୁନ୍ଦର ମିଶ୍ର ସଭାପତିତ୍ୱ ଓ କୋଷାଧ୍ୟକ୍ଷ ଗିରିଶ ନାୟକ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ-ଟିଗିରିଆ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ସମ୍ମାନିତ ଅତିଥି ଭାବେ କ୍ଲବର ସମ୍ପାଦକ ନାରାୟଣ ପ୍ରସାଦ ଦାଶ, ଗ୍ରାମର ବରିଷ୍ଠ ବ୍ୟକ୍ତି ଶ୍ୟାମସୁନ୍ଦର ମିଶ୍ର, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ସ୍ଥାନୀୟ ବ୍ଲକ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ କିରାଣି ରଘୁନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ ,ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।




ଆଠଗଡ଼ରେ ଅନୁଷ୍ଠିତ ରଜ ମହୋତ୍ସବରେ ଉପସ୍ଥିତ ଅତିଥିମାନେ ।



ନିଶ୍ଚିନ୍ତକୋଇଲିରେ ପିଲାମାନେ ପୁଚି ଖେଳୁଛନ୍ତି ।

# ପରିମଳ ବ୍ୟବସ୍ଥା, ସାଜସଜ୍ଜା ଉପରେ ଗୁରୁତ୍ୱାରୋପ

## ବାଙ୍କୀ ମହୋତ୍ସବ-୨୦୨୫ ପ୍ରସ୍ତୁତି

ବାଙ୍କୀ,୧୪।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଶନିବାର ବାଙ୍କୀ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମହୋତ୍ସବ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ମହୋତ୍ସବ ଉପଦେଷ୍ଟା ତଥା ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ଉପସ୍ଥିତ ରହି ମହୋତ୍ସବର ସଫଳତା ନିମନ୍ତେ ସମସ୍ତ ସୁବିଧା ବାଙ୍କୀ ପ୍ରଶାସନ ପକ୍ଷରୁ ଯାଗାଇ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବକୁ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରିମଳ ବ୍ୟବସ୍ଥା ଓ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବିଧାୟକ ଦେବୀ ରଞ୍ଜନଙ୍କୁ ମହୋତ୍ସବ କମିଟି ସଭାପତି ଓ ପ୍ରଭାତଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ଇଂ. ସତ୍ୟବ୍ରତ ରଥ, ଆଇନଜୀବୀ ଶ୍ରୀନିବାସ ମହାପାତ୍ର, ବାରଙ୍ଗ ସମାଜସେବୀ ଅଶୋକ ଜେନା, ମହୋତ୍ସବ କୋଷାଧକ୍ଷ ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର କୁମାର ମିଶ୍ର, ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା, କୁସୁପଙ୍ଗି ସରପଞ୍ଚ ନରେଶ ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ କାଉନ୍‌ସିଲର ତଥା ମହୋତ୍ସବ ଉପସଭାପତି ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ବୈଠକରେ ଯୋଗଦେଇଥିବା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ ।

**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ସୋମପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ ପାର୍ଶ୍ୱରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଟିକା।

ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ: ଏହି ନିଲାମ୍ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-237/Q/25-26

**STATE INSTITUTE OF HOTEL MANAGEMENT**
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM NCHMCT

**SPOT ADMISSION**
**FOR HOTEL MANAGEMENT COURSES**

FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
**DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN**
Age: No age limit
Duration - 03 Years

FOR 10+2 PASSOUT CANDIDATES
**DIPLOMA IN HOTEL MANAGEMENT**
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months

FOR CLASS 10 PASSOUT CANDIDATES
**CERTIFICATE COURSE IN FOOD PRODUCTION/VEGETARIAN**
Age: No age limit
Duration - 1 Year & 6 Months
&
**CERTIFICATE COURSE IN FOOD & BEVERAGE SERVICE**
Age: No age limit
Duration - 6 Months

FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031

**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5259

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 05/2025-26

No. 2012 Date: 06.06.2025

No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.

Sd./- Superintending Engineer
OIPR-34006/11/0036/2526 Electrical Circle (R&B), Odisha, BBSR

**PUBLIC NOTICE**

All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**

The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.

The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.

They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.

**Schedule of the Property**

**Land:** All that piece and parcel of Plot Nos. 1744 and 1746, Mouza- Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;

**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.

**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in

**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍‌: ୨ ମୃତ**

ନୂଆପଡ଼ା,୧୪।୬(ମକାରୁ ବେମାଲ): ନୂଆପଡ଼ା ଜିଲା ଲଖନା ଥାନା ଦଳଦଳି ଗାଁ ଛକ ଏନ୍‌ଏଚ୍ ଉପରେ ଶୁକ୍ରବାର ରାତିରେ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୩୩) ଓ ପୁରେନ୍ଦ୍ର ଧରୁଆ (୪୫)। ଶନିବାର କ୍ଷତିପୂରଣ ଦାବିରେ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣାରେ ବସିଥିଲେ। ଉପଜିଲାପାଳ ଯୋଗେନ୍ଦ୍ର ମାଝି ଓ ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ମୃତ କ୍ଷମାଙ୍କ ପରିବାରକୁ ସହାୟତା ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିସର୍ଜନ ହୁଅନ୍ତି ନାହିଁ ପଟିଦିଅଁ





ଚିତ୍ରକର ସେବକଙ୍କ ହାତରେ ପଟିଦିଅଁ ଅନନ୍ତ ବାସୁଦେବ (ବଳଭଦ୍ର) ଓ ମା'ଭୁବନେଶ୍ୱରୀ (ଦେବୀ ସୁଭଦ୍ରା)। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

ମହାପ୍ରଭୁ ନବଯୌବନରେ ପ୍ରବେଶ କରିବାର ପୂର୍ବ ମୁହୂର୍ତ୍ତରେ ପଟିଦିଅଁ ଉଠିଯାଇ ବିଜେ କରନ୍ତି ମଣ୍ଡଣିଘରେ। ମା' ବିମଳାଙ୍କ ମନ୍ଦିର ପାଖରେ ଥିବା ଶ୍ରୀଗୋପେଶ୍ୱର ମହାଦେବ ଓ ଶ୍ରୀନନ୍ଦବାସୁଦେବ ମନ୍ଦିରକୁ ମଣ୍ଡଣିଘର କୁହାଯାଏ। ଏହା ବି ହର ଓ ହରିଙ୍କ ଆସ୍ଥାନ। ସ୍ଥାନ ପରିବର୍ତ୍ତନ ହେଲେ ବି ଲକ୍ଷ୍ୟ ବଦଳେ ନାହିଁ। ପଟିଦିଅଁ ବିସର୍ଜିତ ହୁଅନ୍ତି ନାହିଁ କି ପୂଜା ବନ୍ଦ ହୁଏ ନାହିଁ। ରୂପ ବିବର୍ଣ୍ଣ ହେଲେ ଜଳରେ ମେଲାଣି ଦିଆଯାଏ। ପ୍ରତିନିଧି ଦେବଦେବୀମାନେ ଦକ୍ଷିଣୀଘରକୁ ଓ ପରେ ରତ୍ନସିଂହାସନକୁ ଯାଆନ୍ତି। ପ୍ରତିବର୍ଷ ଅଣସରରେ ଏହି ରୀତି ଚାଲିଆସୁଛି ଓ ଚାଲିଥିବ। ଲକ୍ଷ୍ୟ କରିବା କଥା ଯେ, ମାହାରୀ ନୃତ୍ୟ ବିକଶିତ ହୋଇ 'ଓଡ଼ିଶୀ' ରୂପରେ ଯେପରି ବିଶ୍ୱକୁ ବିମୋହିତ କରିଛି, ଠିକ୍ ସେହିପରି ପୁରୀର ପାରମ୍ପରିକ ପଟିଦିଅଁ ପରମ୍ପରା ଶିଳ୍ପୀର ତୂଳୀରେ ଆଜି ପଟଚିତ୍ରରେ ପରିଣତ ହୋଇ ଓଡ଼ିଶାର ପଟାନ୍ତରହୀନ ପ୍ରାଚୁର୍ଯ୍ୟର ଗରିମା ଗାଉଛି। କଳାତ୍ମକ ପରମ୍ପରାରେ ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତା ଦେଇ ଚାଲିଛି ଓଡ଼ିଶାର ପ୍ରଣମ୍ୟ ରୂପକାର। ପଟିରେ ସେଥିପାଇଁ ଜଗତମଙ୍ଗଳ କାମନାରେ ଦେବୀ ସୁଭଦ୍ରା ବିଜେ କରନ୍ତି ମା' ଭୁବନେଶ୍ୱରୀ ରୂପରେ, କିନ୍ତୁ ହାତରେ ଭୁବନେଶ୍ୱରୀଙ୍କ ଆୟୁଧ ନ ଥାଏ। ଦୁଇ ହାତରେ ଥାଏ ଦୁଇଟି ପଦ୍ମ, ଅନ୍ୟ ଦୁଇ ହାତରେ ଥାଏ ବର ଅଭୟ ମୁଦ୍ରା। ପଦ୍ମ ହେଉଛି ଚେତନାର ପ୍ରତୀକ। ଯାକୁ ଆପଣ 'ଜ୍ଞାନ' କହିପାରନ୍ତି। ବର ଅଭୟ ହେଉଛି ଶାନ୍ତିର ପ୍ରତୀକ। ଏଇଠି ଶ୍ରୀମନ୍ଦିର ଉପାସନାରେ ଆଗମ-ନିଗମ ଆଡ଼ ହୋଇଯାଇଛନ୍ତି। ଏକ ଅଲିଭା ଅଙ୍ଗୀକାରର ଇସ୍ତାହାର ଅନବଦ୍ୟ ଅନୁଭବ ସୃଷ୍ଟି କରିଛି।

## ପଟିରେ ପ୍ରଣମ୍ୟବାର୍ତ୍ତା

ଲୋକମୁଖରେ ପ୍ରସିଦ୍ଧ ଅଛି ଯେ, ଶ୍ରୀମନ୍ଦିରରେ ପଟିଦିଅଁ ପରମ୍ପରାରେ ଦଶାବତାର ଉପାସିତ ହୁଅନ୍ତି। ପ୍ରକୃତରେ ତ୍ରିବିଗ୍ରହ ପଟିଦିଅଁ ଭାବେ ରହିଥିବାବେଳେ ଶ୍ରୀଦେବୀ, ଭୂଦେବୀ, ଶ୍ରୀନୃସିଂହ, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀମଦନମୋହନ ଧାତୁ ବିଗ୍ରହରେ ସ୍ଥାନ ପାଆନ୍ତି। ପଟିଦିଅଁ ପୂଜାରେ ଏମାନେ ଅବତାର ନୁହନ୍ତି, ମହାପ୍ରଭୁଙ୍କ ପ୍ରତିନିଧି। ବର୍ଷସାରା ଜଗତ ମଙ୍ଗଳ ପାଇଁ, ଆଜ୍ଞାମାଳ ନେଇ କାର୍ଯ୍ୟ ନିର୍ବାହ କରୁଥିବାବେଳେ ଅଣସର ସମୟରେ ପଟିଦିଅଁ ପୂଜାରେ ଯୋଗଦେଇ ଜଗତମଙ୍ଗଳ ଲୀଳା କରନ୍ତି। ଭୁବନର କର୍ତ୍ତା, ଭୁବନର ଧର୍ତ୍ତା ଓ ଭୁବନର ଈଶ୍ୱରୀଙ୍କ ଉପାସନାରେ ନିଜେ ଭୂଦେବୀ ଉପସ୍ଥିତ ରହନ୍ତି। ଐଶ୍ୱର୍ଯ୍ୟର ଅଧିକାରିଣୀ ଶ୍ରୀଦେବୀ, ଆକର୍ଷଣ ତତ୍ତ୍ୱର ପ୍ରତିଭୂ ଶ୍ରୀକୃଷ୍ଣ, ପୁରୁଷରୁ ଉତ୍ତମପୁରୁଷ ଦିଗକୁ ପ୍ରଚୋଦିତ କରିବାର ପ୍ରତୀକ ରୂପେ ଶ୍ରୀରାମ ବିଜେ କରନ୍ତି। ଶ୍ରୀମନ୍ଦିର ଉପାସନା ଧାରାରେ ଶ୍ରୀନୃସିଂହ ହେଉଛନ୍ତି ମହାପ୍ରଭୁଙ୍କ ପ୍ରତିନିଧି। ଏହା ମହାବିଷ୍ଣୁ ପରମ୍ପରା। ମହାବିଷ୍ଣୁ ଶ୍ରୀନୃସିଂହ ଚେତନା ସାମାଜିକ ବାର୍ତ୍ତା ଦିଏ ପଶୁତ୍ୱରୁ ମୁକ୍ତି ହୋଇ ମହାମାନବରେ ପ୍ରବେଶ କରିବା ପାଇଁ। ଶାନ୍ତ ଓ ଉଦାର ନ ହେଲେ ମହାମାନବ ଦିଗକୁ ଆଗେଇବା ସମ୍ଭବ ନୁହେଁ। ସେଥିପାଇଁ ବିଜେ କରନ୍ତି ପାଖରେ ମଦନମୋହନ। ଶାନ୍ତିଦାତା ଶ୍ରୀମଦନମୋହନ ଶାନ୍ତି ପ୍ରଦାନ କରିବା ପରେ ଆନନ୍ଦ ଦିଅନ୍ତି ଶ୍ରୀଦୋଳଗୋବିନ୍ଦ। ସମସ୍ତେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଅଣସର ସମୟରେ ଜଗତ ମଙ୍ଗଳ ଲୀଳା ପାଇଁ ଚଳଚଞ୍ଚଳ ରୁହନ୍ତି।

**- ଡ. ସୁରେନ୍ଦ୍ର କୁମାର ମିଶ୍ର**

### ପଟିଦିଅଁ ପ୍ରସ୍ତୁତିର ପର୍ବ

ଅଣସର ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଇଥାନ୍ତି। ଏହି ପଟିଦିଅଁଙ୍କୁ ଚିତ୍ରକାର ସେବାୟତମାନେ ନିର୍ମାଣ କରିଥାନ୍ତି। ତେବେ ପଟିଦିଅଁ ପ୍ରସ୍ତୁତି ସମୟରେ ଗଭୀର ଭକ୍ତି ଓ ସମର୍ପିତ ଭାବେ କେବଳ ଶିଳ୍ପୀ ନୁହେଁ, ତାଙ୍କ ପରିବାର ବି ହବିଷ୍ୟାନ୍ନରେ ରୁହନ୍ତି। ଆମିଷ କି ଉଷୁନା ଘରେ ପଶେ ନାହିଁ। ଚିତ୍ର ପ୍ରସ୍ତୁତ ହେଉଥିବା ଘରକୁ ମହିଳାମାନେ ଯାଆନ୍ତି ନାହିଁ। ନୂଆ କନା ଓ କଇଥ ଅଠା ବ୍ୟବହାର ହୁଏ। ୫ଟି ଦେଶୀୟ ରଙ୍ଗ ଯଥା-ନାଲି, ହଳଦିଆ, ନୀଳ, କଳା ଓ ଧଳା ବ୍ୟବହାର କରାଯାଇଥାଏ। ଚୂନରୁ ଆସେ- ଧଳାରଙ୍ଗ, ହରିତାଳ ପଥରରୁ- ହଳଦିଆ, ହିଙ୍ଗୁଳରୁ- ନାଲି, ଖଣ୍ଡନୀଳରୁ- ନୀଳରଙ୍ଗ, ଦୀପ ଜଳାଇ କଳାରଙ୍ଗ ସଂଗ୍ରହ କରାଯାଏ। ଏହି ପ୍ରାକୃତିକ ରଙ୍ଗରୁ ପ୍ରସ୍ତୁତ ହୁଏ ପଟଚିତ୍ର।



ପଟିଦିଅଁ ଅନନ୍ତ ନାରାୟଣ (ଶ୍ରୀଜଗନ୍ନାଥ)।

# ପବନ ଶକ୍ତିର ଗୁରୁତ୍ୱ ଜାଣିବା ଜରୁରୀ

**ଆଜି 'ବିଶ୍ୱ ପବନ ଦିବସ'**



ପ୍ରତିବର୍ଷ ଜୁନ ୧୫ରେ ବିଶ୍ୱ ପବନ ଦିବସ ପାଳନ କରାଯାଏ। ଏହି ବିଶେଷ ଦିନଟି ପବନ ଶକ୍ତିର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଏବଂ ସ୍ଥାୟୀ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବାର ଏକ ସୁଯୋଗ ଭାବରେ କାର୍ଯ୍ୟ କରେ। ଉକ୍ତ ଦିନ ଲୋକେ ପବନ ଶକ୍ତିର ସମ୍ଭାବନା ଏବଂ ଗୁରୁତ୍ୱକୁ ପାଳନ କରିବା ଲାଗି ଏକାଠି ହୁଅନ୍ତି। ଏବେ ବୈଶ୍ୱିକ ସମସ୍ୟାଭାବେ ଉଭା ହୋଇଥିବା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ପବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ତଥା କାର୍ବନ ନିର୍ଗମନ ହ୍ରାସ କରିବା ବିଷୟରେ ସଚେତନତା ବୃଦ୍ଧି ପାଇଁ ଏହି ଦିନଟି ଉତ୍ସର୍ଗୀକୃତ। ୨୦୦୭ରେ ୟୁରୋପୀୟ ୱିଣ୍ଡ ଏନର୍ଜି ଆସୋସିଏଶନ ବା ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲ୍ୟୁଇଏ)ଦ୍ୱାରା ପ୍ରଥମେ 'ପବନ ଦିବସ' ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧୮ଟି ୟୁରୋପୀୟ ଦେଶରେ ପହଞ୍ଚିଥିଲା ଏବଂ ପ୍ରାୟ ୩୫,୦୦୦ ବ୍ୟକ୍ତି ଏହାକୁ ପାଳନ କରିଥିଲେ। ୨୦୦୮ରେ ପବନ ଦିବସ ୨୦ଟି ୟୁରୋପୀୟ ଦେଶରୁ ୧୦୦,୦୦୦ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରିଥିଲା। ୨୦୦୯ରେ ଏହାକୁ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ୟୁରୋପୀୟ ପବନ ଶକ୍ତି ସଂଘକୁ ବିଶ୍ୱ ପବନ ଶକ୍ତି ପରିଷଦ(ଜିଡବ୍ଲ୍ୟୁଇସି)ସହଯୋଗ କରିଥିଲେ ଏବଂ ଏହାକୁ 'ବିଶ୍ୱ ପବନ ଦିବସ'ଭାବେ ନାମକରଣ କରିଥିଲେ। ୩୫ଟି ଦେଶରେ ୩୦୦ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏହା ଦଶ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଥିଲା। ପବନ ଶକ୍ତିର ଲାଭ ଏବଂ ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ପବନ ଶକ୍ତିର ସମ୍ଭାବନା ବିଷୟରେ ସଚେତନ କରାଇବାକୁ ଚଳିତ ବର୍ଷ ଗୁରୁତ୍ୱାରୋପ କରାଯାଇଛି।

# ସରକାରୀ ଯୋଜନା ପାଇଁ ଆଧାର ବାଧ୍ୟତାମୂଳକକୁ ନେଇ ରାଜନୀତି

- **ପୂର୍ବ ସରକାର ଭୋଟବ୍ୟାଙ୍କ ପାଇଁ ଅଯୋଗ୍ୟଙ୍କୁ ଯୋଗ୍ୟ କରିଥିଲେ: ମନ୍ତ୍ରୀ ପୂଜାରୀ**
- **ତୃଣମୂଳସ୍ତରରେ ଯୋଜନା ପହଞ୍ଚାଇବାକୁ ବହୁ ବ୍ୟବସ୍ଥା କରିଥିଲା ବିଜେଡି: ପ୍ରଶାନ୍ତ**
- **ପ୍ରଥମେ ଦାଦନଙ୍କ ଆଧାର କାର୍ଡ କରନ୍ତୁ , ପରେ ଯୋଜନା ସହ ଯୋଡ଼ିବେ: ତାରା**

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ସରକାରୀ ଯୋଜନା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ପରେ ଜୋର୍ ଧରିଛି ରାଜନୀତି। ଏଣିକି ସରକାରୀ ଯୋଜନା ଲାଗି ଭିଏଲ୍, ପାସ୍‌ବୁକ୍ କିମ୍ବା ଡ୍ରାଇଭିଂ ଲାଇସେନ୍ସ କାମ ଦେବ ନାହିଁ ବୋଲି ସରକାର ଯୋଜନା କରିଛନ୍ତି। ସରକାରୀ ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ହେଲେ ବିରୋଧୀ ଏଭଳି ନିଷ୍ପତ୍ତିକୁ ଟାର୍ଗେଟ କରିଥିବା ବେଳେ ଅଯୋଗ୍ୟ ବା ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ ପୂଜାରୀ କହିଛନ୍ତି, ସବୁ ଯୋଜନା ସହ ଯଦି ଆଧାରକାର୍ଡ ବାଧ୍ୟତାମୂଳକ ହୋଇଯିବ ତେବେ ଭୂତ ହିତାଧିକାରୀମାନେ ବନ୍ଦହୋଇଯାଆନ୍ତେ। ସୁପ୍ରିମକୋର୍ଟଙ୍କ ନିୟମ ମାନିବାକୁ ସରକାର ବାଧ୍ୟ। ସବୁ ଯୋଗ୍ୟ ହିତାଧିକାରୀଙ୍କୁ କିପରି ସୁବିଧା ମିଳିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଅତୀତର ଯେଉଁ ସରକାର ଥିଲା ସେମାନେ ଭୋଟବ୍ୟାଙ୍କ କରିବା ଲାଗି ଅଯୋଗ୍ୟ ହିତାଧିକାରୀମାନଙ୍କୁ ମଧ୍ୟ ଯୋଗ୍ୟକରି ସବୁ ଯୋଜନା ଦେଉଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିଜେଡି ସରକାର ସମୟରେ କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା। ତୃଣମୂଳସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ସବୁ ପହଞ୍ଚାଇବା ଲାଗି ଅନେକ ବ୍ୟବସ୍ଥା କରାଯାଇଥିଲା। ତେଣୁ ଏବେ ଏହାକୁ ନେଇ ରାଜନୀତି କରିବାର କିଛି ମାନେ ନାହିଁ। ଲୋକମାନଙ୍କ ପାଖରେ ସ୍ୱଚ୍ଛ ଏବଂ ଠିକ୍ ଭାବେ ରାଶନ କାର୍ଡ ପହଞ୍ଚିପାରିବ ଏହି ଦାୟିତ୍ୱ ହେଉଛି ସରକାରଙ୍କର ବୋଲି ମୁଦୁଲି କହିଛନ୍ତି।

କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନେ କେବେ ଫେରିବେ ଆଉ ସେମାନଙ୍କ ଆଧାରକାର୍ଡ କେବେ ସୁଦ୍ଧା ହେବ। ଏହାର ଅର୍ଥ ସରକାର ଯେଉଁ ବ୍ୟବସ୍ଥା କରିବାକୁ ଚାହୁଁଛନ୍ତି ଏହାଦ୍ୱାରା ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନେ ସରକାରଙ୍କ କୌଣସି ସୁବିଧା ସୁଯୋଗ ପାଇବେ ନାହିଁ। ସରକାର ପ୍ରଥମେ ଦାଦନ ଶ୍ରମିକମାନେ କିପରି ଆଧାର କାର୍ଡ କରିପାରିବେ ସେଥିପ୍ରତି କାର୍ଯ୍ୟକ୍ରମ କରିବା କଥା। ତା'ପରେ ଯାଇ ସବୁ ଯୋଜନା ସହ ଆଧାର ସଂଯୋଗ କରିବା ଉପରେ ଗୁରୁତ୍ୱ ଦେଲେ ଭଲ ହେବ ବୋଲି ତାରା କହିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ: ୧୦ ଆହତ



ଆହତଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଉଛି।

ଅସ୍ତରଙ୍ଗ,୧୪।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଲସାହିପଞ୍ଚାୟତର ଅସନ ଗ୍ରାମରେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗାବାଡ଼ି ଓ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ରାଜନୈତିକ ବିବାଦରୁ ଏହି ଘଟଣା ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଆପଦକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟରେ ଅସନ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କରିବାକୁ ବ୍ଲକ ପ୍ରଶାସନ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କୁ ଟେଣ୍ଡର ଦେଇଥିଲା। ଅନ୍ୟପଟେ ସ୍ଥାନୀୟ କମିଟି ସଭାପତି ତଥା ଆଲସାହି ପରେ ସରପଞ୍ଚ ଶ୍ରୀୟା ବରାଳ ଏହି ଦାୟିତ୍ୱ ଜଣେ ୱାର୍ଡସଭ୍ୟାଙ୍କୁ ଦେଇଥିଲେ। ଏହାକୁ ନେଇ କିଛିଦିନ ପୂର୍ବେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହ ଅସ୍ତରଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଥିଲା। ସମ୍ପୃକ୍ତ ୱାର୍ଡସଭ୍ୟା କେତେଜଣ ଶ୍ରମିକଙ୍କ ଦ୍ୱାରା ଶନିବାର ମରାମତି କାର୍ଯ୍ୟ କରୁଥିବା ବେଳେ ସେଠାରେ ଅନ୍ୟ ଏକ ଗୋଷ୍ଠୀ ପହଞ୍ଚି ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅସନ ଗ୍ରାମର ମିଟୁ ଦାସ (୩୫), ବିଦୁ ଦାସ (୪୫), ବାବୁରାମ ମଲ୍ଲିକ (୩୯), କୁଞ୍ଜବିହାରୀ ଦାସ (୪୫), ଅନନ୍ତ ଦାସ (୧୮), ଜଟାଧାରୀ ଦାସ (୩୭) ଏବଂ ପାଟସୁନ୍ଦରପୁର ଗ୍ରାମର ମଣ୍ଟୁ ବେହେରା (୪୮), ମୁନା ଦଳାଇ (୪୫)ଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅସନ ଗ୍ରାମର ୫ଜଣ ଗୁରୁତର ଥିବାରୁ ସେମାନଙ୍କୁ ପରେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଉତ୍ତେଜନା ଦେଖାଦେବା ପରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି। ଏ ସଂକ୍ରାନ୍ତରେ ବିଡିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ପହିଲି ରଜରେ ରାଜ୍ୟ ସଂଗ୍ରହାଳୟ ପରିସରରେ ଶନିବାର ପିଲାମାନେ ରଜଦୋଳି ଗୀତ ଗାଇ ଖୁସି ମନାଉଛନ୍ତି। **(ଫଟୋ: ବିକାଶ ନାୟକ)**

# ବିମାନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଯୁବ କଂଗ୍ରେସର ସମୂହ ପ୍ରାର୍ଥନା

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)



ପ୍ରଦେଶ ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିରଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯାଇଛି। ସେଠାରେ ଯୁବକଂଗ୍ରେସ କର୍ମୀମାନେ ମହମବତି ପ୍ରଜ୍ୱଳନ କରିଥିଲେ। ଯୁବକଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ, ଉଦିତ ପ୍ରଧାନ, ସୁଦୀପ ସାମଲ ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାମୁଦ୍ରିକ କଟକଣା ହଟିଲା

- **ଡଙ୍ଗା ମଙ୍ଗ ପୂଜାର୍ଚ୍ଚନା ପରେ ମତ୍ସ୍ୟଜୀବୀଙ୍କ ସଜବାଜ**
- **ସାଢ଼େ ୭ ମାସ ଥିଲା କଟକଣା**

ମହାକାଳପଡ଼ା,୧୪।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଖରିନାସୀ ମତ୍ସ୍ୟ ଜେଟିଠାରେ ମତ୍ସ୍ୟଜୀବୀମାନେ ଜାଲ ଡଙ୍ଗା ପ୍ରସ୍ତୁତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ସାଢ଼େ ୭ ମାସ ଅର୍ଥାତ୍ ୨୦୨୪ ନଭେମ୍ବର ପହିଲାରୁ ୨୦୨୫ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଥିଲା। ରବିବାର ଏହି କଟକଣା ହଟିବ। ଏଥିପାଇଁ ଶନିବାର ସ୍ଥାନୀୟ ମତ୍ସ୍ୟଜୀବୀମାନେ ଡଙ୍ଗା ମଙ୍ଗ ପୂଜା କରିବା ପରେ ଜାଲ ଧରି ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି କହିଛନ୍ତି। ଏହି ବ୍ଲକ୍ ଅଧୀନ ବଟୀଘର, ଖରିନାସୀ, ରାମନଗର, ପେଟଛେଲା, ଜମ୍ବୁ, ସୁନିତି, ତଣ୍ଡିଆପାଳ, ବଉଳ କଣି ଆଦି ପଞ୍ଚାୟତର ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ର ଉପରେ ନିର୍ଭର କରନ୍ତି। ଗହୀରମଥାରେ ଅଲିଭରିଡ଼ଲେ କଇଁଛଙ୍କ ଅଣ୍ଡାଦାନ ଯୋଗୁ ଏହି କଟକଣା ଜାରି କରାଯାଇଥିଲା। ସେହି କଇଁଛମାନେ ଇତିମଧ୍ୟରେ ସେମାନଙ୍କ ମୂଳସ୍ଥାନକୁ ଫେରୁଛନ୍ତି। ଏଥିପାଇଁ ଗହୀରମଥାରେ ବର୍ଷ ସାରା ପ୍ରବେଶ କଟକଣା ଲାଗୁ କରାଯାଇଥିଲା। କୂଳଠାରୁ ୨୦ କିମି ଦୂର ସମୁଦ୍ର ପର୍ଯ୍ୟନ୍ତ କୋର୍ ଜୋନରେ ପ୍ରବେଶ କଟକଣା ରହିଛି। ୨୦ କିମି ପରେ ବଫର ଜୋନ ରହିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମହାନଦୀ ମୁହାଣଠାରୁ ଧାମରା ମୁହାଣ ୧୪୩୫ ବର୍ଗମାଇଲ ବିସ୍ତାର ହୋଇଛି। ଏହି ନିଷିଦ୍ଧ ଅଞ୍ଚଳରେ ପ୍ରବେଶ ନ କରିବା ପାଇଁ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ କାରିଗରି କୌଶଳରେ ୧୪ଟି ସୀମା ଚିହ୍ନଟ ଭାସମାନ ବଇଁଆ ସ୍ଥାପନ କରାଯାଇଛି। ଏହି ନିଷିଦ୍ଧ ଅଞ୍ଚଳରେ ବର୍ଷସାରା ପ୍ରବେଶ କଟକଣା କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ମୂଲ୍ୟବାନ ମାଛ ପଡୁଥିବାରୁ ଟ୍ରଲର ଓ ବୋଟ୍ ମାଲିକମାନଙ୍କ ଲୋଲୁପ ଦୃଷ୍ଟି ରହିଛି। ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଖାଇ ଟ୍ରଲର ମାଲିକମାନେ ବେଆଇନ ଭାବେ ସେହି ଅଞ୍ଚଳକୁ ପ୍ରବେଶ କରି ମୂଲ୍ୟବାନ ମାଛ ଧରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳ ଚନ୍ଦ୍ର ପ୍ରଧାନ କହିଛନ୍ତି, କଟକଣା ହଟିବା ପରେ କୌଣସି ମତ୍ସ୍ୟଜୀବୀ ବେଆଇନ ଭାବେ ନିଷିଦ୍ଧାଞ୍ଚଳକୁ ପ୍ରବେଶ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ଲାକ୍ ଟାଇଗର୍ସ ପ୍ରଥମେ ହିରୋଜ୍‌କୁ ଭେଟିବ

## ରଗ୍‌ବୀ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୪ା୬ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ରବିବାରଠାରୁ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆରମ୍ଭ ହେବାକୁ ଯାଉଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ଭୁବନେଶ୍ୱର ଭିତ୍ତିକ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦ ହିରୋଜ ବିପକ୍ଷରେ ଖେଳିବ। ଏହି ମ୍ୟାଚ ରାତି ୮ଟା ୩୫ରେ ଆରମ୍ଭ ହେବ। ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୧୫ ଏବଂ ଚେନ୍ନାଇ ବୁଲ୍ସ ଓ ମୁମ୍ବାଇ ଡ୍ରିମର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ୭ଟା ୫୫ରେ ଆରମ୍ଭ ହେବ। ପ୍ରତି ଦଳରେ ୧୩ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ବିଶ୍ୱର ପ୍ରତିଷ୍ଠିତ ରଗ୍‌ବୀ କୋଚ୍ ମାଇକ୍ ଫ୍ରାଇଡେ, ବେନ୍ ଗୋଲିଙ୍ଗ୍ସ, ଡି.ଜେ. ଫୋର୍ବେସ, ଟୋମାସି କାମା, ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ ଓ ଟିମ୍ ୱାଲ୍ସ ୬ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।

ପ୍ରତିଯୋଗିତାରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ। ପ୍ରତି କ୍ୱାର୍ଟର ୪ ମିନିଟ ବିଶିଷ୍ଟ ହେବ। କ୍ୱାର୍ଟର ମଝିରେ ୨ ମିନିଟର ବ୍ରେକ୍ ରହିବ। ଫଳରେ ପ୍ରତି ମ୍ୟାଚ ୨୨ ମିନିଟ ଧରି ଖେଳାଯିବ। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ୨ଟି ସେମିଫାଇନାଲ, ଗୋଟିଏ ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ଇଂଲଣ୍ଡର ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ଆୟର୍ଲାଣ୍ଡର ହ୍ୟାରୀ ମ୍ୟାକ୍‌ନଲ୍ଟି ଅଧିନାୟକ ଦାୟିତ୍ୱ ତୁଲାଇବେ।



ରଗ୍‌ବୀ ପ୍ରିମିୟର ଲିଗ୍‌ରେ ସାମିଲ ୬ ଦଳର ମୁଖ୍ୟ କୋଚ୍।

### ଓଡ଼ିଶାରୁ ୪ ଖେଳାଳି

ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

## ରଗ୍‌ବୀ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ସମୟ | ମ୍ୟାଚ୍ |
|---|---|---|
| ଜୁନ୍ ୧୫ | ସନ୍ଧ୍ୟା ୭.୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଦିଲ୍ଲୀ ରେଜ୍ |
| ଜୁନ୍ ୧୫ | ସନ୍ଧ୍ୟା ୭.୫୫ | ଚେନ୍ନାଇ ବୁଲ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ୍ ୧୫ | ରାତି ୮.୩୫ | ହାଇଦ୍ରାବାଦ ହିରୋଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ୍ ୧୬ | ସନ୍ଧ୍ୟା ୭.୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ୍ ୧୬ | ସନ୍ଧ୍ୟା ୭.୫୫ | ମୁମ୍ବାଇ ଡ୍ରିମର୍ସ-ଚେନ୍ନାଇ ବୁଲ୍ସ |
| ଜୁନ୍ ୧୭ | ସନ୍ଧ୍ୟା ୭.୧୫ | ଦିଲ୍ଲୀ ରେଜ୍-ଚେନ୍ନାଲ ବୁଲ୍ସ |
| ଜୁନ୍ ୧୭ | ସନ୍ଧ୍ୟା ୭.୫୫ | ହାଇଦ୍ରାବାଦ୍ ହିରୋଜ- ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ୍ ୧୮ | ସନ୍ଧ୍ୟା ୭.୧୫ | ଚେନ୍ନାଇ ବୁଲ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ୍ ୧୮ | ସନ୍ଧ୍ୟା ୭.୫୫ | ମୁମ୍ବାଇ ଡ୍ରିମର୍ସ-ଦିଲ୍ଲୀ ରେଜ୍ |
| ଜୁନ୍ ୧୯ | ସନ୍ଧ୍ୟା ୭.୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ୍ ୧୯ | ସନ୍ଧ୍ୟା ୭.୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ୍ ୨୦ | ସନ୍ଧ୍ୟା ୭.୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଚେନ୍ନାଇ ବୁଲ୍ସ |
| ଜୁନ୍ ୨୦ | ସନ୍ଧ୍ୟା ୭.୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଦିଲ୍ଲୀ ରେଜ୍ |
| ଜୁନ୍ ୨୦ | ରାତି ୮.୩୫ | ମୁମ୍ବାଇ ଡ୍ରିମର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ୍ ୨୧ | ସନ୍ଧ୍ୟା ୭.୧୫ | ଚେନ୍ନାଇ ବୁଲ୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ୍ ୨୧ | ସନ୍ଧ୍ୟା ୭.୫୫ | ହାଇଦ୍ରାବାଦ ହିରୋଜ-ମୁମ୍ବାଇ ଡ୍ରିମର୍ସ |
| ଜୁନ୍ ୨୧ | ରାତି ୮.୩୫ | ଦିଲ୍ଲୀ ରେଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ୍ ୨୨ | ସନ୍ଧ୍ୟା ୭.୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ହାଇଦ୍ରାବାଦ ହିରୋଜ |
| ଜୁନ୍ ୨୨ | ସନ୍ଧ୍ୟା ୭.୫୫ | ଚେନ୍ନାଇ ବୁଲ୍ସ-ଦିଲ୍ଲୀ ରେଜ୍ |
| ଜୁନ୍ ୨୨ | ରାତି ୮.୩୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ୍ ୨୩ | ସନ୍ଧ୍ୟା ୭.୧୫ | ଦିଲ୍ଲୀ ରେଜ୍-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ୍ ୨୩ | ସନ୍ଧ୍ୟା ୭.୫୫ | ହାଇଦ୍ରାବାଦ୍ ହିରୋଜ- ଚେନ୍ନାଇ ବୁଲ୍ସ |
| ଜୁନ୍ ୨୪ | ସନ୍ଧ୍ୟା ୭.୧୫ | ମୁମ୍ବାଇ ଡ୍ରିମର୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ୍ ୨୪ | ସନ୍ଧ୍ୟା ୭.୫୫ | ଚେନ୍ନାଇ ବୁଲ୍ସ-ହାଇଦ୍ରାବାଦ୍ ହିରୋଜ |
| ଜୁନ୍ ୨୫ | ସନ୍ଧ୍ୟା ୭.୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ୍ ୨୫ | ସନ୍ଧ୍ୟା ୭.୫୫ | ଦିଲ୍ଲୀ ରେଜ୍-ମୁମ୍ବାଇ ଡ୍ରିମର୍ସ |
| ଜୁନ୍ ୨୬ | ସନ୍ଧ୍ୟା ୭.୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଚେନ୍ନାଇ ବୁଲ୍ସ |
| ଜୁନ୍ ୨୬ | ସନ୍ଧ୍ୟା ୭.୫୫ | ହାଇଦ୍ରାବାଦ୍ ହିରୋଜ-ଦିଲ୍ଲୀ ରେଜ୍ |
| ଜୁନ୍ ୨୭ | ସନ୍ଧ୍ୟା ୭.୧୫ | ଦିଲ୍ଲୀ ରେଜ୍-ହାଇଦ୍ରାବାଦ ହିରୋଜ |
| ଜୁନ୍ ୨୭ | ସନ୍ଧ୍ୟା ୭.୫୫ | ମୁମ୍ବାଇ ଡ୍ରିମର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ୍ ୨୮ | ସନ୍ଧ୍ୟା ୭.୧୫ | ର୍ୟାଙ୍କ ୨-ର୍ୟାଙ୍କ ୩ |
| ଜୁନ୍ ୨୮ | ସନ୍ଧ୍ୟା ୭.୫୫ | ର୍ୟାଙ୍କ ୧-ର୍ୟାଙ୍କ ୪ |
| ଜୁନ୍ ୨୯ | ସନ୍ଧ୍ୟା ୭.୧୫ | ଦୁଇ ସେମିଫାଇନାଲରେ ପରାଜିତ ଦଳ |
| ଜୁନ୍ ୨୯ | ସନ୍ଧ୍ୟା ୭.୫୫ | ଦୁଇ ସେମିଫାଇନାଲର ବିଜେତା ଦଳ |

## ଓଡ଼ିଶା ଏଫ୍‌ସିରେ ଖ୍ୱାଙ୍ଗଟେ

ଭୁବନେଶ୍ୱର,୧୪ା୬(ଅନାଦି କର)

ଓଡ଼ିଶା ଏଫ୍‌ସି ଶନିବାର ମିଡ୍‌ଫିଲ୍ଡର ଲାଲରିନଫେଲା ଖ୍ୱାଙ୍ଗଟେଙ୍କ ସହ ୩ ବର୍ଷ ଲାଗି ଚୁକ୍ତି କରିଛି। ଏହି ଚୁକ୍ତିରେ ଅତିରିକ୍ତ ୧ ବର୍ଷ ବୃଦ୍ଧି କରିବାର ବିକଳ୍ପ ମଧ୍ୟ ରଖାଯାଇଛି। ମିଜୋରାମରେ ଜନ୍ମିତ ୨୫ ବର୍ଷୀୟ ରିନଫେଲା ୨୦୧୫ରେ ମୋହନ ବାଗାନ ଫୁଟବଲ ଏକାଡେମୀ ସହ ଫୁଟବଲ ଅଭିଯାନ ଆରମ୍ଭ କରିଥିଲେ। ୨୦୧୭ରେ ରିନଫେଲା ବେଙ୍ଗାଲୁରୁ ଏଫ୍‌ସି ରିଜର୍ଭ ଦଳରେ ଯୋଗଦେଇଥିଲେ ଏବଂ ସେମାନଙ୍କର ୧୮ ବର୍ଷରୁ କମ୍ ଦଳ ପାଇଁ ଖେଳିଥିଲେ। ପରେ ସେ ୨୦୨୧ ସନ୍ତୋଷ ଟ୍ରଫିରେ ମିଜୋରାମର ପ୍ରତିନିଧିତ୍ୱ କରିଥିଲେ। ୨୦୨୨ରେ ସେ ଆଇଜଲ ଏଫ୍‌ସିରେ ଯୋଗଦେଇଥିଲେ। ୨୦୨୩-୨୪ ଆଇ-ଲିଗ୍ ସିଜନରେ ସେ ୨୨ରୁ ୨୧ ମ୍ୟାଚ୍ ଖେଳିବା ସହ ୨ଟି ଗୋଲ କରିଥିବା ବେଳେ ୪ ଥର ଆସିଷ୍ଟ କରିଥିଲେ। ଗତ ବର୍ଷ ଜୁନରେ ସେ ମହମଡାନ ଏସ୍‌ସିରେ ଯୋଗଦେଇଥିଲେ ଏବଂ ସେପ୍ଟେମ୍ବରରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପଦାର୍ପଣ କରିଥିଲେ।

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜୟୀ କରାଟେକା।

### ଜାତୀୟ ଜୁନିୟର କରାଟେ

ଭୁବନେଶ୍ୱର, ୧୪ା୬ (ବିଜୟ ରଣା)

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ୧୭ ପଦକ ହାସଲ କରିଛି। ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂ ପ୍ରମୁଖ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ଲିନ୍‌ସି ସିଂ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍. ଜିସିକା, ଇଶାନୀ ପଣ୍ଡା, ବଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ ମହାନ୍ତି ଏବଂ ଲିନ୍‌ସିଂ ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂଙ୍କୁ ନେଇ କାଟା ସବ୍ ଜୁନିୟର ମହିଳା ଦଳ ରୌପ୍ୟ ପଦକ ହାସଲ କରିଛନ୍ତି। ସୌମିତା ପାତ୍ର, ପ୍ରିଶା ଦାସ, ଦିବ୍ୟାଂଶୀ ପଟ୍ଟନାୟକ, ଅନନ୍ୟା ସାହ ପ୍ରମୁଖ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରଟେ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କୋଚ୍‌ଙ୍କ ବିରୋଧରେ ଜୁଡୋ ଖେଳାଳିଙ୍କ ଯୌନ ନିର୍ଯାତନା ମାମଲା

### ସୋମବାର ପରବର୍ତ୍ତୀ ଶୁଣାଣି

ନୈନିତାଲ,୧୪ା୬(ପି.ଟି.)

କୋଚ୍‌ଙ୍କ ବିରୋଧରେ ଟ୍ରେନିଂ ବେଳେ ଯୌନ ନିର୍ଯାତନା ଅଭିଯୋଗରେ ୧୯ ବର୍ଷୀୟା ଜୁଡୋ ଖେଳାଳିଙ୍କ ଦ୍ୱାରା ଦାଖଲ କରାଯାଇଥିବା ପିଆଇଏଲ୍‌ର ପରବର୍ତ୍ତୀ ଶୁଣାଣି ସୋମବାର ହେବ ବୋଲି ଉତ୍ତରାଖଣ୍ଡ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଶୁକ୍ରବାର ମନୋଜ କୁମାର ତିୱାରୀ ଓ ସୁଭାଷ ଉପାଧ୍ୟାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ଶୁଣାଣି ଲାଗି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ। ଡେରାଡୁନ ବାସିନ୍ଦା ଦାଖଲ କରିଥିବା ପିଆଇଏଲ୍‌ରେ ଦର୍ଶାଇଛନ୍ତି ଯେ, ସେ ଜଣେ ଜାତୀୟ ସ୍ତରର ଜୁଡୋ-କରାଟେ ଖେଳାଳି ଏବଂ ସେ ଗତ ୭ ବର୍ଷ ହେଲା ଡେରାଡୁନରେ ସବିତା ଗୁରୁଙ୍ଗଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଛନ୍ତି। ୨୦୨୪ରେ ଭୋପାଳରେ ଅନୁଷ୍ଠିତ ଜାତୀୟ ସ୍ତରର ଟ୍ରେନିଂ ଲାଗି ତାଙ୍କୁ ଚୟନ କରାଯାଇଥିଲା। ଭୋପାଳକୁ ଯିବାକୁ ଅନୁମତି ଦେବା ବଦଳରେ କୋଚ୍ ସବିତା ତାଙ୍କୁ କୋଚ୍ ସତିଶ ଶର୍ମାଙ୍କ ନିକଟକୁ ମୋରାଦାବାଦକୁ ପଠାଇଥିଲେ। ସତିଶ ହେଉଛନ୍ତି ସବିତାଙ୍କ କୋଚ୍। ମାର୍ଚ୍ଚ ୧୨ ତାରିଖରେ ଟ୍ରେନିଂ ବେଳେ କୋଚ୍ ସତିଶ ତାଙ୍କୁ ଫାର୍ମହାଉସ୍ ନେଇଯାଇଥିଲେ ଏବଂ ଯୌନ ନିର୍ଯାତନା ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ କୋଚ୍ ସତିଶ ତାଙ୍କ କ୍ୟାରିୟର ନଷ୍ଟ କରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ପାଇଥିବା ମାନସିକ ଆଘାତ ଯୋଗୁ ସେ ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ଏପ୍ରିଲ ୨୮ ତାରିଖରେ ଡେରାଡୁନର ରାଇପୁର ଥାନାରେ ଏଫ୍‌ଆଇଆର ରୁଜୁ କରିବା ପରେ ଡେରାଡୁନ ପୋଲିସ ପକ୍ଷରୁ ମାମଲାକୁ ଭୋଜପୁର ଥାନାକୁ ସ୍ଥାନାନ୍ତର କରାଯାଇଛି। ଏହି ପିଆଇଏଲ୍ ଦ୍ୱାରା ଅଭିଯୋଗକାରୀ ଏକ କମିଟି ଜରିଆରେ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।

## ଅଷ୍ଟ୍ରେଲିଆଠାରୁ ହାରିଲା ମହିଳା ଦଳ

### ପ୍ରୋ-ଲିଗ୍

ଲଣ୍ଡନ, ୧୪ା୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ଅଷ୍ଟ୍ରେଲିଆ କର୍ଟନୀ ସ୍କୋନେଲ (୧୬ତମ ମିନିଟ୍), ଲେକ୍ସି ପିକରିଂ(୨୬ତମ) ଗୋଟିଏ ଲେଖାଏ ଫିଲ୍ଡ ଗୋଲ୍ ଦେଇଥିବା ବେଳେ ଟାଟମ ଷ୍ଟିୱାର୍ଟ (୩୫ତମ) ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିଥିଲେ। ଭାରତ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦୀପିକା ଓ ନେହା ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

**GROOM WANTED**

Fair beautiful Delhi based Working Odia Girl (MA) First Divn. 1997 born 5'5" seeks well settled Delhi/ NCR based boy# csdillip@gmail.com. D-895

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ-48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944



REAL ESTATE

**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Non-Agricultural (KISAM- GHARABARI) Converted land containing 3.75 acre (appx. 94 Gunthas) in Mouza- BILTERUAN, P.S.- TANGI, DIST.- CUTTACK, ODISHA (prime location). Location: Beside NH No.- 16 (previously 5). In front of NIRGUNDI Railway Station, 7 KMs from Cuttack. Only genuine & interested parties to contact: 033-40586666, 9831931994.** D-942

Readymade 5BHK Triplex for sale (land 1500sqft. construction 2700sqft.) at Balian-ta, Price @80/- lakhs, Contact: 9337413323, 9437313522. D-76832

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398




Newly open Jyoti SPA positively health benefits (expert therapist). 8458067955. D-870

Full body massage by Odia therapist in homely atmosphere. 9556498382. D-75390

Newly open SPA positively health benefits (expert therapist). Contact- 7749034655. D-76919

**Relax, Refresh your body, Mind at Saikrupa SPA with best therapies. 7848011468.** D-859

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit before the Notary Public, Jharsuguda, No.24, dated 12.06.25, I, Jai Lamba, S/o- Manoj Kumar Lamba, R/o. At- Jagannathmandir Gali, P.O./P.S.- Brajrajnagar, Dist.- Jharsuguda, Odisha, PIN- 768216 declare that in my Aadhaar Card my father's name has not been mentioned. Now I want to mention my father's name as Manoj Kumar Lamba in my Aadhaar Card and in 10th Marksheet my father's name printed as Manoj Lamba instead of Manoj Kumar Lamba. D-941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kantamal, dated- 10.06.2025, I, Nimain Charan Rana, Address: Village- Landapadar, P.S.- Ghantapada, Dist.- Boudh, PIN- 762018 declare that I have changed my name from Namei Charan Rana to Nimain Charan Rana. Henceforth, I shall be known as Nimain Charan Rana for all purposes.
Nimain charan Rana.
D-940

By virtue of an affidavit sworn before G. Mahapatra, Executive Magistrate Bhubaneswar, dated- 12.06.2025, I, Shubhashree Sahoo, Address: At/P.O.- Bandalo, P.S.- Banki, Dist.- Cuttack declare that I have changed my name from (Shubhashree Behera) to (Shubhashree Sahoo). Henceforth, I shall be known as Shubhashree Sahoo for all purposes.
Shubhashree Sahoo
D-938

**୩୧ତମ ଜନ୍ମବାର୍ଷିକୀ**



**ସ୍ୱର୍ଗତ ସତ୍ୟ ରଞ୍ଜନ ନାୟକ**

ଆବିର୍ଭାବ- ୧୫ା୦୬ା୧୯୯୪
ତିରୋଧାନ- ୦୨ା୦୧ା୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା' ଭଲରେ ଥା'।

ଶୋକସନ୍ତପ୍ତ- ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)

ଧ-୯୩୯

## ବାପା ମୋର ଆଦର୍ଶ

**ଶ୍ରୀରଞ୍ଜନୀ ବେହେରା(ରାୟଗଡ଼ା)**– ସଂଗୀତ ଗୁରୁ, କୁହାଯାଏ, ଗୁରୁ ବିନା ପିଲାଙ୍କ ଭବିଷ୍ୟତ ଅନ୍ଧକାର। ଆଉ ଯେବେ ପିଲାର ଗୁରୁ ଓ ଆଦର୍ଶ ନିଜ ବାପା ହୋଇଥାନ୍ତି ; ସେତେବେଳେ ଏହି ଅନୁଭୂତି ପାଲଟିଯାଏ ସବୁଠୁ ନିଆରା। ସେମିତି ନିଜ ବାପାଙ୍କୁ ପିଲାଟି ଦିନରୁ ଗୀତ ଗାଇବା ଦେଖି ଅନୁପ୍ରାଣିତ ହୋଇ ତାଙ୍କୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ଆଜି ଜଣେ ସଫଳ ସଂଗୀତ ଗୁରୁ ଏବଂ ନୃତ୍ୟଗୁରୁ ଭାବେ ଏକ ପରିଚୟ ସୃଷ୍ଟି କରିପାରିଛି। ମୋ ବାପା (ଲକ୍ଷ୍ମୀ ନାରାୟଣ ବେହେରା) ରାୟଗଡ଼ାରେ ଜଣେ ପ୍ରତିଷ୍ଠିତ ସଂଗୀତ ଗୁରୁ ଭାବେ ବେଶ୍ ଜଣାଶୁଣା।

ବାପାଙ୍କୁ ଦେଖି ସଂଗୀତ ପ୍ରତି ଆଗ୍ରହ ସୃଷ୍ଟି ହେଲା। ମାତ୍ର ୯ ବର୍ଷ ବୟସରୁ ଗାଇବା ଆରମ୍ଭ କରିଥିଲି। ମୋର ଆଗ୍ରହ


ବାପାଙ୍କ ସହ ଶ୍ରୀରଞ୍ଜନୀ

ଦେଖି ବାପା ଜେକେ କମ୍ପାନୀ ପକ୍ଷରୁ କରାଯାଇଥିବା ନୃତ୍ୟ ସଦନ ନାମକ ଅନୁଷ୍ଠାନରେ ଆଡ୍‌ମିଶନ କରାଇଥିଲେ ଏବଂ ସେବେଠୁ ହିନ୍ଦୁସ୍ତାନ ଭୋକାଲ ମ୍ୟୁଜିକରେ ମୁଁ ପରୀକ୍ଷା ଦେବା ଆରମ୍ଭ କଲି। ବାପା ମୋତେ ସବୁବେଳେ ଏ ଦିଗରେ ଶିଖାଇବା ସହିତ ତାଙ୍କ ତତ୍ତ୍ୱାବଧାନରେ ଅନେକ ମଞ୍ଚରେ ମଧ୍ୟ ସଂଗୀତ ଓ ନୃତ୍ୟ ପରିବେଷଣ କରିବା ସହ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଦିଲ୍ଲୀଠାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଲି। ତେଣୁ ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ପାସ୍ କଲେ ବି ସଂଗୀତକୁ ନିଜର ନିଶା ଏବଂ ପେସା ଭାବେ ବାଛିବାକୁ ପସନ୍ଦ କଲି। ବର୍ତ୍ତମାନ ସଂଗୀତ ଏବଂ ନୃତ୍ୟଗୁରୁ ଭାବେ ଏକ ଘରୋଇ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛି। ସଂଗୀତ ଏବଂ ନୃତ୍ୟ ମୋ ପାଇଁ ଖାଲି ଏକ କ୍ୟାରିୟର ନୁହଁ, ଏହା ଦ୍ୱାରା ମୋ' ବାପାଙ୍କ ସ୍ୱପ୍ନ ଆଉ କଳାକୁ ବଞ୍ଚାଇ ପାରୁଥିବାରୁ ବହୁତ ଖୁସି। ମୋ'ଠାରୁ ଶିଖି ଅନେକ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି, ଯାହାର ଶ୍ରେୟ ନିଜ ବାପାଙ୍କୁ ଦେବା ସହ ଆଗକୁ ଏହି କଳାକୁ ସାରା ଜୀବନ ବଜାୟ ରଖିବି ବୋଲି ସେ କହିଛନ୍ତି।




**ବାପାଙ୍କ ଶିକ୍ଷା ଓ ଆକଟ ସନ୍ତାନକୁ ଭଲ ମଣିଷ କରି ଗଢ଼ି ତୋଳେ। ତାଙ୍କ ପ୍ରେରଣା ଓ ମାର୍ଗଦର୍ଶନ ସନ୍ତାନ ପାଇଁ ସଫଳତାର ମାର୍ଗ କଢ଼ାଏ। ଆଉ ଯେଉଁ ସନ୍ତାନ ନିଜ ବାପାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତାଙ୍କୁ ଆଦର୍ଶ ମାନି ସେହି କ୍ଷେତ୍ରରେ ସଫଳ ହେବାକୁ ଲକ୍ଷ୍ୟ ରଖେ, ତା' ପାଇଁ ସଫଳତାର ମାର୍ଗ ହୋଇଯାଏ ଆହୁରି ସହଜ ଓ ସରଳ। ଆଜି ଫାଦର୍ସ ଡେ'(ଜୁନ୍ ୩ୟ ରବିବାର) ଉପଲକ୍ଷେ ନିଜ ବାପାଙ୍କୁ ଆଦର୍ଶ ମାନି ଏକା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେଜଣ ଯୁବତୀ ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...**

## ବାପା ହିଁ ମୋ ମାର୍ଗଦର୍ଶକ

**ଡା. ସୌମ୍ୟା ଶିବାନୀ ସାହୁ** (ସହକାରୀ ପ୍ରାଧ୍ୟାପିକା, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ, କଟକ)– ପିଲା ବେଳୁ ଆମେ ସର୍ବପ୍ରଥମେ ନିଜ ମାଆବାପାଙ୍କୁ ଠାରୁ ସବୁ କିଛି ଶିଖିଥାଉ। ତେଣୁ ସେମାନେ ଆମର ପ୍ରଥମ ଗୁରୁ ହୋଇଥାନ୍ତି। ଆଉ ବିଶେଷ କରି ବାପା ଯେଉଁ ପ୍ରଫେଶନ୍‌ରେ କାର୍ଯ୍ୟ କରନ୍ତି ତାହା ପିଲାଙ୍କୁ ଅଧିକ ଆକୃଷ୍ଟ କରିଥାଏ। ମୋ କ୍ଷେତ୍ରରେ ଏପରି ହିଁ ହୋଇଥିଲା। ବାପାଙ୍କୁ ଡାକ୍ତର ଭାବେ ରୋଗୀ ସେବା କରୁଥିବାରୁ ଦେଖି ପିଲାବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲି। ଜଣେ ଡାକ୍ତର ଭାବେ ମୋର ପରିଚୟ ଏବଂ ସାମାଜିକ ସ୍ଥିତି ପାଇଁ ବାପା (ଅବସରପ୍ରାପ୍ତ ଡାକ୍ତର ବିଷ୍ଣୁ ଚରଣ ସାହୁ)ଙ୍କର କେତେ ଯେ ଅବଦାନ ରହିଛି, ତାକୁ ପରିପ୍ରକାଶ କରିବା ମୋ ପକ୍ଷରେ ଅସମ୍ଭବ। ପିଲାବେଳେ ସେ ମୋତେ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢ଼ିବାର ମାର୍ଗ ଦର୍ଶନ ଯୋଗାଇ ଆସିଛନ୍ତି। ଶ୍ରେଣୀରେ ସର୍ବଦା ଆଗୁଆ ହେବାକୁ କହିଛନ୍ତି। ମନେପଡୁଛି, ପିଲାଦିନେ ପଢ଼ିବା ବେଳେ ପାଠରେ କମା, ପୂର୍ଣ୍ଣଚ୍ଛେଦ ଭୁଲ୍ କଲେ ବି ସେ ଗାଳି ଦିଅନ୍ତି। ଯେଉଁଥିପାଇଁ ନିର୍ଭୁଲ୍ ଭାବେ ଲେଖିବା ଏବଂ ସବୁ ବିଷୟକୁ ଅଗ୍ରାଧିକାର ଦେଇ ପାଠ ପଢ଼ିବା ତାଙ୍କଠାରୁ ଶିଖିଛି। କଠିନ ପରିଶ୍ରମ ସହିତ ସମୟାନୁବର୍ତ୍ତୀ ହେବାକୁ ସବୁବେଳେ ଗୁରୁତ୍ୱ ଦେଇଛନ୍ତି। ସେ ସବୁବେଳେ କୁହନ୍ତି, ଅନ୍ୟମାନଙ୍କ ବିରୋଧରେ କିଛି ନ କହି, କର୍ମ କରି ଚାଲ, ଭଗବାନ୍ ଫଳ ଦେବେ। ନିଷ୍ଠାପର କର୍ମ କେବେ ଅସଫଳ ହେବ ନାହିଁ ବୋଲି ସେ ସବୁବେଳେ କୁହନ୍ତି। ବାପା ଜଣେ ଡାକ୍ତର ହୋଇଥିବା ବେଳେ ମୋର ଡାକ୍ତର ହେବାର ଇଚ୍ଛା ପୂରଣ କରିବାକୁ ସେ ଯଥେଷ୍ଟ ପ୍ରୋତ୍ସାହନ ଓ ପ୍ରେରଣା ଦେଇଥିଲେ। ତାଙ୍କ ଇଚ୍ଛା ପୂରଣ କରିଥିବାରୁ ମୋତେ ବି ଅପାର ଖୁସି ଲାଗୁଛି।


ବାପାଙ୍କ ସହ ସୌମ୍ୟା

## ବାପା ମୋର ଗୁରୁ

**ଆଲୋକ କୁମାର ମହାପାତ୍ର** (ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ)– ମୋ ବାପା ଡ. ଅଶୋକ କୁମାର ମହାପାତ୍ର କେବଳ ମୋର ବାପା ନ ଥିଲେ, ମୋର ଆଇନ ଅଧିବସାୟର ଗୁରୁ ମଧ୍ୟ। ପିଲାଟିଦିନୁ ତାଙ୍କୁ ଦେଖି ଓକିଲାତି କରିବାକୁ ମୋର ଆଗ୍ରହ ବଢିଥିଲା। ଯେବେ ଓକିଲ ଭାବେ ଯୋଗ ଦେଲି, ପ୍ରଥମ ଦିନ ଚ୍ୟାମ୍ବରରେ ମୁଁ ତାଙ୍କୁ ବାପା ବୋଲି ଡାକିଥିଲି। ସେ ମୋତେ କହିଥିଲେ, ଚ୍ୟାମ୍ବର ଭିତରେ ମୁଁ ତମ ବାପା ନୁହଁ, ସାର (ଗୁରୁ)। ଅନ୍ୟ ଜୁନିୟରମାନେ ଯେପରି ତମେ ମଧ୍ୟ ସେପରି। ଏହି ଚ୍ୟାମ୍ବରର ବହିଠାରୁ ଆରମ୍ଭ କରି ସମସ୍ତ ଜିନିଷ ମହକିଲମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କ କେସ୍‌ରେ କିପରି ଜିତିବ ସେଥିପାଇଁ ଏସବୁକୁ ପଢ଼ିବାକୁ ହେବ ଏବଂ କାମରେ ଲଗାଇବାକୁ ହେବ। କେସ୍‌ରେ ହାର୍, ଜିତ୍ ଥାଏ। କିନ୍ତୁ ଯଦି ତମେ ତମର ୨୦୦% କେସ୍ ଜିତିବାରେ କାର୍ଯ୍ୟ କରିଛ, ହେଲେ ବି କେସ୍ ହାରୁଛ ତା'ହେଲେ ତମେ ନିଜକୁ କ୍ଷମା କରିପାରିବ ନାହିଁ। ମହକିଲ ତା'ର ସବୁ ବିଶ୍ୱାସ ତମ ଉପରେ କରିଛି। ଜଣେ ଆଇନଜୀବୀ ତା'ର ଜୀବନ ତମାମ ଜଣେ ଛାତ୍ର ... ଇତ୍ୟାଦି ଅନେକ କଥା ଏବଂ ତାଙ୍କର କାମ ପ୍ରତି ନିଷ୍ଠା, ପଢ଼ିବା ପାଇଁ ଆଗ୍ରହ ଅକଳ୍ପନୀୟ। ସେ ଦିନକୁ ପ୍ରାୟ ୧୦ରୁ ୧୨ ଘଣ୍ଟା ଚାମ୍ବରରେ କଟାନ୍ତି। ଏହିପରି ଅନେକ କଥା ମୋ ବାପାଙ୍କ ପରି ପ୍ରଫେସନ୍‌ରେ ଉତ୍ସର୍ଗୀକୃତ ହେବା ପାଇଁ ମୋତେ ଶିଖାଇଛି।


ବାପାଙ୍କ ସହ ଆଲୋକ

## ସତ କହିବା ଶିଖାଇଛନ୍ତି ବାପା

**ସ୍ମୃତି ସଞ୍ଜିତା ଜେନା**(ପ୍ରଧାନ ଶିକ୍ଷୟିତ୍ରୀ, ହରିପୁର ହାଇସ୍କୁଲ, ବାଲେଶ୍ୱର)– ବାପା ଏମିତି ଜଣେ ମଣିଷ ଯାହାଙ୍କର ତୁଳନା ନାହିଁ। ତାଙ୍କୁ ଠାରୁ ଆମେ ବହୁତ କଥା ଶିଖୁ। ମୋ ବାପା (ନବ କିଶୋର ଜେନା) ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସିନ୍ଧୁକେଶ୍ୱର ସ୍କୁଲରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଛନ୍ତି। ପିଲାବେଳୁ ତାଙ୍କୁ ନିଜ ଆଦର୍ଶ ମାନି ଶିକ୍ଷକତା କରିବାକୁ ଲକ୍ଷ୍ୟ ରଖିଥିଲି। ଆଉ ସେ ମଧ୍ୟ ମୋତେ କେବଳ ଜଣେ ଭଲ ଶିକ୍ଷକ ହେବା ପାଇଁ ପରାମର୍ଶ ଦେଉ ନ ଥିଲେ ବରଂ ସବୁବେଳେ ସତକଥା କହିବାକୁ ଶିଖାଉଥିଲେ। ବାପାଙ୍କ ପଥ ଅନୁସରଣ କରି, ବାପାଙ୍କ ପରାମର୍ଶରେ ଶିକ୍ଷକତା ପାଇଁ ବାଲ୍ୟକାଳରୁ ଲକ୍ଷ୍ୟ ରଖିଥିବା ଆଜି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛି। ବାପା ମଧ୍ୟ ଏଥିପାଇଁ ଖୁବ୍ ଉତ୍ସାହିତ କରିଥିଲେ। +୨ ଏବଂ ପରେ ବି.ଏଡ୍. ପାସ୍ ପରେ ହରିପୁର ହାଇସ୍କୁଲରୁ ୨୦୧୬ରେ ସହକାରୀ ଶିକ୍ଷୟିତ୍ରୀ ଭାବେ ଜୀବନ ଆରମ୍ଭ କଲି। କେବଳ ଜଣେ ଭଲ ଶିକ୍ଷୟିତ୍ରୀ ହେବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ସବୁ କିଛି ନୁହେଁ ବରଂ ସତ କହିବା ଏବଂ ସତ୍ୟପଥରେ ଚାଲିବା ନିହାତି ଦରକାର ବୋଲି ବାପା ସବୁବେଳେ କହୁଥିଲେ । ଯାହା ଆଜି ବାସ୍ତବ ଜୀବନରେ ମୋତେ ଅନେକ ଉପଲବ୍ଧି ଦେଇଛି ଏବଂ ଆଗକୁ ମଧ୍ୟ ଦେବ ବୋଲି ମୋର ବିଶ୍ୱାସ।


ବାପାଙ୍କ ସହ ସ୍ମୃତି ସଞ୍ଜିତା

–ପୌର୍ଣ୍ଣମାସୀ
ଭାଗ୍ୟଶ୍ରୀ ମିଶ୍ର, କାର୍ତ୍ତିକ ସାହୁ, ଉତ୍କଳବନ୍ଧୁ ପଣ୍ଡା

## ଏ ସପ୍ତାହର ପ୍ରଶ୍ନ

୧– ଆଇସ୍ ବ୍ରେକର୍ ମିସାଇଲ ......... ଦେଶ ଦ୍ୱାରା ନିର୍ମାଣ କରାଯାଇଛି ?
୨– ଓ୍ୱାର୍ଲ୍ଡ ଓ୍ୱେଲ୍‌ଥ ରିପୋର୍ଟ ୨୦୨୫ ........ ପକ୍ଷରୁ ପ୍ରକାଶିତ ହୋଇଛି ?
୩– ପ୍ରାଇମ୍ ମିନିଷ୍ଟର ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି)......... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ଫୁଏଗୋ ଆଗ୍ନେୟଗିରି ............... ଦେଶରେ ଅବସ୍ଥିତ ?
୫– ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ଫୁଡ୍ ଆଣ୍ଡ ଏଗ୍ରିକଲ୍ଚର ଅର୍ଗାନାଇଜେଶନ୍
୩ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି
୪ ଦୁବାଇ
୫ ଡେନିସ୍ ପାପିନ୍

## ଉତ୍ତରଦାତା


ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର


ସୁଶାନ୍ତ କୁମାର ଦେହୁରୀ, ସୁକିନ୍ଦା


ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ଲମ୍ବା ସାପ

୧– ଡାନ୍ୟାଙ୍ଗ୍–କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା....................... ୧୬୪.୮୦ କିମି.
୨– ଚାଙ୍ଗୁଆ– କାଓସିଅଙ୍ଗ୍ ଭିଆଡକ୍ଟ, ତାଇଓ୍ୱାନ୍ .................... ୧୫୭.୩୦ କିମି.
୩– ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା.................................... ୧୧୩.୭ କିମି.
୪– କାଙ୍ଗ୍‌ଡେ ଗ୍ରାଣ୍ଡ ବ୍ରିଜ୍, ଚାଇନା ................................ ୧୦୫.୮୮୧ କିମି
୫– ଓ୍ୱିନାନ୍ ଓ୍ୱେହେ ଗ୍ରାଣ୍ଡ ବ୍ରିଜ୍ , ଚାଇନା ............................ ୭୯.୭୩୨ କିମି.
୬– ବ୍ୟାଙ୍ଗ ନା ଏକ୍ସପ୍ରେସ୍‌ଓ୍ୱେ, ଥାଇଲାଣ୍ଡ ................................. ୫୪ କିମି.
୭– ବେଜିଂ ଗ୍ରାଣ୍ଡ ବ୍ରିଜ୍ , ଚାଇନା ........................................ ୪୮.୨ କିମି.
୮– ମେଟ୍ରୋ ମାନିଲା ସ୍କାଏଓ୍ୱେ ସିଷ୍ଟମ୍, ଫିଲିପାଇନ୍ସ .................... ୩୯.୨ କିମି.
୯– ଲେକ୍ ପଞ୍ଚାର୍‌ଟ୍ରେନ୍ କଜ୍‌ଓ୍ୱେ, ଆମେରିକା ...................... ୩୮.୪୪୨ କିମି.
୧୦– ଉହାନ୍ ମେଟ୍ରୋ ବ୍ରିଜ୍, ଚାଇନା............................... ୩୭. ୭୮୮ କିମି.

### ଅଭୁଲା ଅନୁଭୂତି

## ରଜଘରେ ଏକାଠି ରହୁଥିଲୁ ଗାଁସାରା ଝିଅ

ରଜ ଆସିଲେ ଗାଁ ମନେପଡ଼େ। ଭାରି ମନେପଡ଼େ। ଗାଁ ମୁଣ୍ଡରୁ ସତେ କି ଭାସି ଆସେ ଦୋଳି ଗୀତ।

ଦୋଳି ପଟା କଟମଟ,
ମୋ ଭାଇ ମୁଣ୍ଡରେ ସୁନା ମକୁଟ ଲୋ
ଦିଶୁଥାଇ ଝଟଝଟ।

ମନ ପବନ ଯାନରେ ମନଟା ଉଡ଼ିଯାଏ ଗାଁକୁ। ଯେଉଁଠି ବିତିଛି ମୋ ପିଲାଦିନ। ମୋ କିଶୋରୀ ଜୀବନ। ସ୍ମୃତିର କାନ୍‌ଭାସରେ ଚିତ୍ରାୟିତ ହୋଇ ଉଠନ୍ତି ମୋ ସାଙ୍ଗସାଥୀ। ପରିବାର ଲୋକ ଯେଉଁମାନଙ୍କ ସ୍ନେହ, ଶ୍ରଦ୍ଧା ଆଦର ଯତ୍ନରେ ମୋ ପିଲାଦିନ ସ୍ୱର୍ଗୀୟ ଆନନ୍ଦରେ ନିରନ୍ତର ଭିଜୁଥିଲା। କି ସୁନ୍ଦର ଥିଲା ରଜ ପାଳିବାର ବିଭୋର ମୁହୂର୍ତ୍ତଗୁଡିକ! ରଜ ଆସିବାର କେତେ ଦିନ ଆଗରୁ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ରଜସ୍ୱଳା ପୃଥିବୀର ନିରାଦନା ପାଇଁ କୁଆଁରୀ ଝିଅମାନଙ୍କୁ ଆଗାମୀ ଭବିଷ୍ୟତରେ ମା'ଟିଏ କରି ଗଢ଼ିବାର ମାନସିକ ପ୍ରସ୍ତୁତି ପାଇଁ। ସଜବାଜ ଦିନ ସକାଳୁ ଆମେ ବାରି ପଛପଟ ପୋଖରୀରେ ଗାଧୋଇବା ପାଇଁ ସବୁ ଝିଅ ଯାଉ। ନୂଆବୋହୂ ହୋଇ ଗାଁକୁ ଆସିଥିବା ମୋର ଭାଉଜ, ଖୁଡ଼ୀ ଏମିତି କେତେଜଣ ସାଙ୍ଗରେ ଯାଆନ୍ତି। ମୁଣ୍ଡ ଧୋଇ, ହଳଦୀ ଲଗାଇ ଗାଧାଉ। ସମସ୍ତଙ୍କ ଘରେ ପୋଡ଼ପିଠା ଓ ନଡିଆ ରାଇ ହୁଏ। ସଜବାଜ ଦିନରୁ ପ୍ରସ୍ତୁତି ହୋଇଥାଏ ରଜଘର, ଯାହାର ପ୍ରଶସ୍ତ ଘର ଥାଏ ତା'ରି ଘରେ ରଜ ହେଁସ ପକାଯାଏ। ଗାଁର ସବୁଝିଅ ରଜ ସରିବା ଯାଏ ସେଇଠି ରହୁ। ସେଇଠିକୁ ସମସ୍ତଙ୍କ ଘରୁ ପିଠା, ମିଠା, ଫଳ ଆସେ। ସେଠାରୁ ସମସ୍ତେ ଏକାଠି ଦୋଳି ଖେଳିବାକୁ ଯାଉ। ଯାହାର ପରିବାର ଲୋକେ ବାହାରେ ଥାଆନ୍ତି ରଜ ପାଳିବାକୁ ଛୁଟିରେ ଆସନ୍ତି। ଏକାଠି ସଭିଙ୍କ ସହ ଏହି ତିନିଦିନ ସ୍ୱପ୍ନ ପରି ବିତିଯାଏ। ବନ୍ଧୁବାନ୍ଧବଙ୍କ ଯିବାଆସିବା ବି ସେତେବେଳେ ଥିଲା ଏକ ମୁଖ୍ୟ ଆକର୍ଷଣ। ମଧ୍ୟାହ୍ନରେ ରଜବରଣିରେ ଯାଆନ୍ତି ଝିଅ ବୋହୂ ଆଜି ଯା' ଘରେ ତ କାଲି ତା'ଘରେ ଖିଆପିଆ ହୁଏ। ନୂଆ ବାହା ହୋଇଥିବା ବୋହୂ ଘରୁ ଭାର ଆସେ ଓ ଗାଁ ସାରା ବଣ୍ଟା ହୁଏ। ସେତେବେଳେ ବର୍ତ୍ତମାନ ସମୟ ପରି ଦୋକାନରେ ଚିକେନ୍, ମଟନ୍ ମିଳୁ ନ ଥିଲା। ରଜରେ ଗାଁରେ ଛେଳି କଟା ହୋଇ ସମସ୍ତଙ୍କ ଘର ପାଇଁ ଭାଗ ପଡୁଥିଲା। ମନେଅଛି ଆମ ରୋଷେଇ ଘରେ ଆମିଷ ପଶୁ ନ ଥିବାରୁ ବାରିପଟ ଚାଳିଆ କିମ୍ବା ଦାଣ୍ଡପଟ ଉଠାଚୁଲିରେ ରୋଷେଇ ହେଉଥିଲା। ସଂଧ୍ୟା ପୂର୍ବରୁ ବିଲୁଆ ଭୁକିବା ଆଗରୁ ଝିଅମାନଙ୍କୁ ରାତ୍ରଭୋଜନ କରିବାକୁ ପଡୁଥିଲା। ରାତି ୮ଟା ବେଳକୁ ସମସ୍ତେ ପହଞ୍ଚି ଯାଉଥିଲେ ନିକଟରେ ଥିବା ଦକ୍ଷିଣେଶ୍ୱର ମନ୍ଦିର ଯାତ୍ରା ପଡିଆରେ। ଭୋର ୪ଟା ପର୍ଯ୍ୟନ୍ତ ଯାତ୍ରା। ତିନିଦିନ ଧରି ଦୁଇ ଦଳ ଯାତ୍ରା କରନ୍ତି ଏବଂ ପ୍ରତିଯୋଗିତାରେ ଯେଉଁ ଦଳ ଜିତୁଥିଲା ତାକୁ ପୁରସ୍କାର ମିଳୁଥିଲା। ଦିନରେ ସେହି ପଡିଆରେ ବାଗୁଡି ଖେଳ ହୁଏ। ରଜ ତିନ ଦିନ ହଳ ଓ ଚାଷବାସ ବନ୍ଦ ହୁଏ। ମା' ମାଟିକୁ ବିଶ୍ରାମ ଦିଆଯାଏ। ଏହା ମଧ୍ୟ ଏକ କୃଷିଭିତ୍ତିକ ପର୍ବ। ସେତେବେଳେ ଏକାଠି ରଜପର୍ବ ପାଳିବା, ପରସ୍ପର ଘରକୁ ପିଠାପଣା ଦେବା ଭଳି ଯେଉଁ ସୁନ୍ଦର ପରମ୍ପରା ଥିଲା ତାହା ଏବେ ଆଉ ନାହିଁ। ଏ ସେହି ପୁରୁଣା ଦିନର ରଜ ପାଳିବାର ମାଧୁର୍ଯ୍ୟ ବହୁମାତ୍ରାରେ କମି ଗଲାଣି। ସତରେ ଆମ ପିଲାଦିନର ସେ ଅନୁଭୂତି ଏବେବି ଅଭୁଲା।


**ଡ. ସୁଲୋଚନା ଦାସ**, କଥାଶିଳ୍ପୀ

### ଜାଣନ୍ତୁ ଦୁନିଆ

## ସାଙ୍ଘାଇ ପୋର୍ଟ

**ପୃଥିବୀର ସବୁଠାରୁ ବଡ଼ ଏବଂ ବ୍ୟସ୍ତବହୁଳ ବନ୍ଦର ହେଉଛି ଚାଇନାରେ ଥିବା ସାଙ୍ଘାଇ ପୋର୍ଟ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

- ଚାଇନା ଏବଂ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ହୋଇଥିବା ପ୍ରଥମ ଅଫିମ ଯୁଦ୍ଧ ପରେ ଏହି ବନ୍ଦର ୧୮୪୨ରେ ପ୍ରତିଷ୍ଠା କରାଯାଇଥିଲା।





- ଏହି ବନ୍ଦର ପ୍ରାୟ ୩୯୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ, ଯେଉଁଠି ଅନେକ କେନାଲ, ନଦୀ ଏବଂ ଜଳପଥ ସଂଯୋଗ ହୋଇଛି।
- ଏହି ବନ୍ଦରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା– ଦି ୟଙ୍ଗଶାନ୍ ଡିପ୍‌ଓ୍ୱାଟର ପୋର୍ଟ, ଦି ହୁଆଙ୍ଗପୁ ରିଭର ପୋର୍ଟ ଏବଂ ଦି ଚୋଙ୍ଗମିଙ୍ଗ୍ ଆଇସ୍‌ଲାଣ୍ଡ ପୋର୍ଟ। ଦି ୟଙ୍ଗଶାନ୍ ଡିପ୍‌ଓ୍ୱାଟର ପୋର୍ଟ ୨୦୦୫ ମସିହାରେ ଆରମ୍ଭ କରାଯାଇଥିଲା। ଏହା ପୃଥିବୀର ସବୁଠୁ ଗଭୀରତମ ବନ୍ଦର ମଧ୍ୟରେ ଗୋଟିଏ, ଯେଉଁଠି ସବୁଠୁ ବଡ କଣ୍ଟେନରଶିପ୍ ବା ବିମାନ ରହିପାରିବାର କ୍ଷମତା ରହିଛି।
- ଏହି ବନ୍ଦର ପୃଥିବୀର ପ୍ରାୟ ୨୦୦ଟି ଦେଶର ୬୦୦ଟିରୁ ଊର୍ଦ୍ଧ୍ୱ ବନ୍ଦର ସହିତ ସଂଯୋଗ କରିଥାଏ।
- ସାଙ୍ଘାଇ ଇଣ୍ଟରନ୍ୟାଶନାଲ୍ ପୋର୍ଟ ଗ୍ରୁପ୍ ପକ୍ଷରୁ ଏହି ବନ୍ଦରର ମ୍ୟାନେଜମେଣ୍ଟ ଏବଂ ଡେଭେଲପ୍‌ମେଣ୍ଟ କାର୍ଯ୍ୟ ପରିଚାଳନା କରାଯାଇଥାଏ।
- ଏଠାରେ ବଡ଼ ବଡ଼ କଣ୍ଟେନର୍ ଶିପିଙ୍ଗ୍ ପାଇଁ ବିଭିନ୍ନ ପ୍ରକାରର କାର୍ଗୋ ବ୍ୟବହାର ହୋଇଥାଏ। ଯେଉଁଥିରେ ବଲ୍କ କାର୍ଗୋ, ଲିକ୍ୱିଡ୍ ବଲ୍କ କାର୍ଗୋ ଏବଂ ରୋଲ୍ ଅନ୍ କିମ୍ବା ରୋଲ୍ ଅଫ୍ କାର୍ଗୋ ମୁଖ୍ୟତଃ କାର୍ଯ୍ୟ କରିଥାଏ।
- ସିଙ୍ଗାପୋର୍ ଏବଂ ହଙ୍ଗ୍‌କଙ୍ଗ୍ ପୋର୍ଟକୁ ପଛରେ ପକାଇ ୨୦୧୦ ମସିହାରେ ଏହା ପୃଥିବୀର ସର୍ବବୃହତ୍ ଏବଂ ବ୍ୟସ୍ତବହୁଳ ବନ୍ଦରର ମାନ୍ୟତା ପାଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ